୧ ଡିସେମ୍ବର ୨୦୧୮ : ୧୦ଟଙ୍କା

ଉର୍ଜ୍ଜନା

ମାର୍ଗଶୀର ୧୪୨୫

ଉର୍ଜ୍ଜନା

(ଜୀବନ–ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

'ମା ମ୍ରିୟସ୍ୱ ମା ଜହି ଶକ୍ୟତେ ଚେତ୍ ମୃତ୍ୟୁମବଲୋପୟ' ।
ମରନା, ମାରନା, ପାରତ ମୃତ୍ୟୁକୁ ଅବଲୁପ୍ତ କର ।

ସାହସ ବୀର୍ଯ୍ୟ **ଉର୍ଜ୍ଜନା** ଯା'
ପ୍ରୟୋଗ କରି କ୍ରମେ–କ୍ରମେ,
ଏପରିଭାବେ ଉଠ ଛିଡ଼ାହୋଇ
ଧୀ ଓ ବୀର୍ଯ୍ୟର ସୁସଙ୍ଗମେ । ୯୧ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଅସତ୍–ନିରୋଧ)

URJANA
39th Year, 3rd issue
Margashira-1425, December-2018
Anukulabda- 73
Price - Rs.10/-

ପ୍ରଚ୍ଛଦ : ସତ୍‌ସଙ୍ଗ ବିହାର, ଡ଼ାଲଟନଗଞ୍ଜ, ପାଲାମି, ଝାଡ଼ଖଣ୍ଡ
(ଆଲୋକ ଚିତ୍ରଶିଳ୍ପୀ : ଅମିତାନନ୍ଦ ହାଲଦାର)
ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

ଉର୍ଜ୍ଜନା କାର୍ଯ୍ୟାଳୟ
ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ–୧
ଫୋନ୍ : (୦୬୭୧) ୨୩୦୪୧୪୦
visit us to : www.urjana.net
E-mail: mail@satsang.org.in

ସମ୍ପାଦକ : ଡା୫. ବିନାୟକ ମହାପାତ୍ର

ଉର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ ରିଖ ଓ ତା୧୫ ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍‌ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।

୬. ଟଙ୍କା ପଠାଇବାର ଠିକଣା–**ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡ଼ଖଣ୍ଡ), Pin. : 814116**

୭. ଏଜେନ୍‌ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

ଉର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧. ଉର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚନାର **ଡ଼ି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ। ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ। ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।

୨. ରଚନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।

୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।

୪. ଲେଖା ଓ ସମ୍ବାଦ — **ସଂପାଦକ (Editor) , ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର (ଝାଡ଼ଖଣ୍ଡ),**
Pin. : 814116 ଠିକଣାରେ ପଠାଇବାକୁ ହେବ ।

ମୂଲ୍ୟ : ଟ୧୦.୦୦ପ.

ସୂଚୀପତ୍ର

ମାର୍ଗଶୀର – ୧୪୨୫ ସାଲ

- **ପ୍ରେଷ–ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ** – ୧୫୬
- **ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଣୀ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି** – ୧୫୭
- **ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ** – **ଆଲୋଚନା–ପ୍ରସଙ୍ଗ :** *ଶ୍ରୀପ୍ରଫୁଲ୍ଲ କୁମାର ଦାସ* – ୧୫୯
  - **ନାନା–ପ୍ରସଙ୍ଗ :** *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* – ୧୬୪
  - **ପ୍ରତୁଳଦୀପ୍ତି :** *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* – ୧୬୬
- **ଦୀପରକ୍ଷୀରୁ..... :** ଅମରତ୍ୱ ଲାଭ କରାଯାଏ କିପରି ? – ୧୬୮
- **ଜୀବନଦ୍ୟୁତିରୁ.... :** ସ୍ୱସ୍ତ୍ୟୟନୀର ଉଦ୍‌ବୃତ୍ତ ପ୍ରସଙ୍ଗରେ – ୧୭୦
- **ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ** – **ଇଷ୍ଟପ୍ରସଙ୍ଗ :** *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* – ୧୭୨
- **ପ୍ରସଙ୍ଗ : ସତ୍ୟାନୁସରଣ** – ସତ୍ୟାନୁସରଣ ବ୍ୟାଖ୍ୟାନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା – ୧୭୪
- **ସାଧନାର ପଥେ** – ସତ୍‌ନାମ– ସୃଷ୍ଟିର ମୂଳ ବୀଜ – ୧୭୬
- **କର୍ମୀ–ଦର୍ପଣ** – ଏକମାତ୍ର ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଛଡ଼ା ଆଉ କିଛି ଚାହିଁବାର ନାହିଁ – ୧୭୮
- **ମାତୃ ଜଗତ** – ବିବାହ : ପବିତ୍ର ସଂସ୍କାର – ୧୮୦
- **ପ୍ରେରିତ–ପ୍ରସଙ୍ଗେ** – ପ୍ରଭୁ ଯୀଶୁଖ୍ରୀଷ୍ଟ କ'ଣ ଅଯୋନିସମ୍ଭୂତ ? – ୧୮୨
- **ଦିବ୍ୟ ଅନୁଭୂତି** – ସଦ୍‌ଗୁରୁଂ ତ୍ୱାଂ ନମାମି : *ଶ୍ରୀବ୍ରଜଗୋପାଳ ଗୁରୁ* – ୧୮୪
- **ଶ୍ରୀଶ୍ରୀବଡ଼ଦା ସ୍ମରଣେ** – ପ୍ରଣମି ତୁୟରେ : *ଡ଼ଃ ଅଜିତ କର* – ୧୮୮
- **ମତ ଓ ମନ୍ତବ୍ୟ** – ଶ୍ରୀଶ୍ରୀଠାକୁରଙ୍କ ମତ ଓ ମନ୍ତବ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି – ୧୯୨
- **ଦିବ୍ୟଲୀଳା** – ଇଷ୍ଟାର୍ଥରେ ଅର୍ଘ୍ୟ ସଂକଳ୍ପୀକୃତ/ଅନ୍ୟେ ଦେଲେ ହେବ ବିପାକଗ୍ରସ୍ତ : *ଡ଼କ୍ଟର ନିରଞ୍ଜନ ମିଶ୍ର* – ୧୯୫
- **ବିବରଣୀ** – ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ୮୬ତମ ଜନ୍ମତିଥି–ଉତ୍ସବ – ୧୯୯
  - ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୮ତମ ଜନ୍ମଦିବସ ଉଦ୍‌ଯାପନ – ୨୦୩
  - ଉତ୍ସୃଜୀ ଆୟୋଜିତ ପ୍ରଦର୍ଶନୀ – ୨୦୪
  - କ୍ରୀଡ଼ା ଓ ଆବୃତ୍ତି ପ୍ରତିଯୋଗିତା – ୨୦୨
  - ଠାକୁରାଣୀ ଛକ ସତ୍‌ସଙ୍ଗ କେନ୍ଦ୍ରର ଶୁଭ ଉଦ୍‌ବୋଧନ – ୨୦୫
  - ବହିର୍ଭାରତରେ ସତ୍‌ସଙ୍ଗ ଉତ୍ସବ – ୨୦୭
- **ଆଶ୍ରମ ସମ୍ବାଦ** – ୨୧୫
- **ସମ୍ପାଦକୀୟ** – ୨୧୬

ପ୍ରଚ୍ଛଦ ପରିଚିତି :

ଆବରଣର ଦ୍ୱିତୀୟ ଓ ଚତୁର୍ଥ ପୃଷ୍ଠା : ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଜନ୍ମତିଥିର ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନର ଦୃଶ୍ୟାବଳୀ ।

ତୃତୀୟ ପୃଷ୍ଠା : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମଦିବସର ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନାଦି ଏବଂ ଉତ୍ସୃଜୀ ପ୍ରଦର୍ଶନୀର ଦୃଶ୍ୟାବଳୀ ।



ପରମପ୍ରେମମୟ
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ

ବ୍ୟବସାୟୀ ହିଁ ହେଉ, ଆଉ, ଯେ କେହି ହିଁ ହେଉ—
ଦେଶ, କାଳ ଓ ପାତ୍ରାନୁଗ
ଉତ୍‌ପାଦନ, ପ୍ରସ୍ତୁତି ଓ ଶ୍ରମନିର୍ବାହୀ
ମୂଲ୍ୟର ବ୍ୟତିକ୍ରମ କରି
ବା ସେଥିରେ ବାଧା, ବିପର୍ଯ୍ୟୟ ସଂଘଟନ କରି
ଯେଉଁମାନେ ଅଧିକ ଅର୍ଥରେ ବିନିମୟ ବା ବିକ୍ରୟ କରନ୍ତି
— ସେମାନେ କୂଟଚୌର୍ଯ୍ୟରେ
ସମଞ୍ଜସା ବିଶ୍ୱମିତିର ବ୍ୟତିକ୍ରମ ସମ୍ପାଦନ କରି
ଅର୍ଥସ୍ଫୀତି ଓ ଆନୁଷଙ୍ଗିକ କୃଚ୍ଛ୍ରତାର ଆବାହନରେ
ଅନର୍ଥକୁହିଁ ଆମନ୍ତ୍ରଣ କରିଥା'ନ୍ତି—
ବିଧି–ବିସ୍ରୋତା ଈଶ୍ୱର ବ୍ୟାହତ ହୁଅନ୍ତି ସେହିଠାରେ—
ଯା'ର ପ୍ରତିକ୍ରିୟାରେ
ଗଣବିକ୍ଷୋଭ ଦୁର୍ଦ୍ଦାନ୍ତ ମୂର୍ତ୍ତି ପରିଗ୍ରହ କରି
ସେହି ଦୁଷ୍କୃତକାରୀମାନଙ୍କୁହିଁ
ବିଶେଷଭାବେ ବିଧ୍ୱସ୍ତ କରିଚାଲେ,
ଏପରିକି, ସେହି ଗଣଦାହୀ କ୍ଷୁଧା
ସେମାନଙ୍କୁ ସର୍ବନାଶର ହିଁ ଆହୂତି କରିଚାଲେ;
ତେଣୁ, ଯାହାହିଁ କରନା କାହିଁକି

ସପରିବେଶ ତୁମର
ସହଜ, ସତ୍ତା–ସଂରକ୍ଷଣୀ ସେବାକୁ ଭିତ୍ତି କରିହିଁ
କରିବାକୁ ଯାଅ,—
ସମୃଦ୍ଧିର ଉପଢ଼ୌକନରେ ନନ୍ଦିତ ହୋଇଉଠିବ,
ଲକ୍ଷ୍ମୀ ତାଙ୍କର ଚିହ୍ନିତ ଜ୍ଞାନ, ଦର୍ଶନ, ଅଙ୍କନ, ଆଲୋଚନ ନେଇ
ଚଞ୍ଚଳ ପାଦରେବି
ତୁମଠାରେ ଅଚଳ ହୋଇ ରହିବେ । ୫୦ ।

କାମିନୀ–କାଞ୍ଚନର ଯୁଗଳ–ଆରାଧନା ଯେ କରେ—
ସେ ନରକରେହିଁ ନଷ୍ଟ ପାଏ,
ନାରାୟଣଙ୍କ ସେବା କର,
ଇଷ୍ଟସେବା କର,—
ଲକ୍ଷ୍ମୀ ତୁମ ପଛେ ପଛେ ରହିବେ । ୮୩ ।

ସୁଧ ନେବାକୁ ବି ଯାଅନା,
ସୁଧ ଲୋଭରେ କାହାକୁ ଅର୍ଥ ସାହାଯ୍ୟ ବି କରିବାକୁ ଯାଅନା,
ଯେଉଁମାନେ ସୁଧର ଯେକୌଣସି ବ୍ୟାପାରରହିଁ
ସମର୍ଥକ ହୁଅନ୍ତୁ ନା କାହିଁକି
ବା ସାହାଯ୍ୟକାରୀ ହୁଅନ୍ତୁ ନା କାହିଁକି
ସମସ୍ତେହିଁ ସମାନ ପାତକୀ;
ସୁଧ ମଣିଷର ଯୋଗ୍ୟତାକୁ ଜୀର୍ଣ୍ଣ କରିତୋଳେ,
ଗଣ–ଅର୍ଥନୀତିକୁ ବ୍ୟାହତ କରିତୋଳେ,—
ସତ୍ତାକୁ ସଙ୍କୁଚିତ କରିତୋଳେ,
ଈଶ୍ୱର ବା ଇଷ୍ଟଙ୍କଠାରୁ ବିକେନ୍ଦ୍ରିକ କରି
ସଙ୍କୀର୍ଣ୍ଣ ସ୍ୱାର୍ଥ–ସନ୍ଧିକ୍ଷୁତାରେ
ଅଭିଭୂତ କରିତୋଳେ,
ସୁଧ ସତ୍ତାଦ୍ୱେଷୀ, ଗଣଦ୍ୱେଷୀ, ଈଶ୍ୱରଦ୍ୱେଷୀ
ଅର୍ଥନୀତିର ଅପଧ୍ୱଂସୀ;
ଯଦି କାହାକୁ ସାହାଯ୍ୟ କରିବାକୁ ହୁଏ
ସାମର୍ଥ୍ୟରେ ଯା' କୁଳାଏ ସେଥିରେ ତ୍ରୁଟି କରନା—
ବଜାୟକୁ ବିପନ୍ନ ନ କରି;
ସେହି ସାହାଯ୍ୟ ଯଦି କାହାକୁ ଉଚ୍ଛଳ କରିତୋଳେ—
ତା'ର ସ୍ୱତଃସ୍ଫୂର୍ତ୍ତ କୃତଜ୍ଞ ଅଭିନନ୍ଦନ–ଅବଦାନ
ଯା' ତୁମେ ଗ୍ରହଣ ନ କରିଲେ ସେ ଦୁଃଖିତ ହୁଏ—
ତାହାହିଁ ନେଇପାର ଯଦି ଉପଯୁକ୍ତ ବିବେଚନା କର,
ତା' ଛଡ଼ା, ସୁଧର ଗୋଟେ ଦାନାକୁ ବି ସ୍ପର୍ଶ କରନା—
ପତିତ ହୋଇ
ପରିବେଶକୁ ବି ପାତକୀ କରିତୋଳନା—
ଲୋକହିତୀ ଲକ୍ଷ୍ମୀ
ଈଶ୍ୱରଙ୍କ ଅନୁଗ୍ରହ ବହନ କରି
ସମୃଦ୍ଧିତ କରିବେ ତୁମକୁ । ୪୮ ।
(ସମାଜ–ସନ୍ଦୀପନା)

ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଣୀ
ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି

ବଡ଼ପୁଅ !
ଆଜି ତୁମର ଜନ୍ମଦିନ,
ଶୁଭକ୍ଷଣରେ
ତୁମେ ଆମ ବଂଶରେ ଆସି
ଆମ୍ଭମାନଙ୍କୁ
ସାର୍ଥକ କରି ତୋଳିଛ,
ଲୋକ ଜୀବନରେ ତୁମେ
ନିଷ୍ଠାସନ୍ଦୀପନୀ ଆଲୋକ ହୋଇ ରୁହ,
ଯହିଁରେ ଅନ୍ୟର ବେଦନାରେ
ତୁମେ ସେମାନଙ୍କର
ବ୍ୟଥାହାରୀ ହୋଇପାର,
ଦେଖ—
ଯତ୍‌ଦ୍ୱାରା ଲୋକଜୀବନ
ଶିଷ୍ଟ ସୁନ୍ଦର କୃତିଦୀପ୍ତ
ଏକସଙ୍ଗତିସମ୍ପନ୍ନ ହୋଇଉଠେ,
ପ୍ରୀତି–ଉତ୍‌ସର୍ଜ୍ଜନାରେ
ସଭିଏଁ ସଭିଙ୍କର ଦରଦୀ ହୋଇ ଉଠନ୍ତି,
ଆଉ, ଅଭାବ–ଅଭିଯୋଗ
ଯା' ବି ହେଉ ନା କାହିଁକି
ତୁମେ କୃତିମାନ୍ ଦରଦୀ ହୋଇ ଉଠି

ଯେଉଁଥିରେ ପ୍ରତ୍ୟେକେହିଁ
କୃତିଦୀପ୍ତ ହୋଇ ଉଠିପାରନ୍ତି,
ତା'ହିଁ କର,
ଆଉ, ତା'ହିଁ ତୁମର ସମ୍ପଦ ହୋଇ ଉଠୁ,
ମୁଁ ବି ସେଇଆ ଚାହେଁ;
ତୁମର ଜୀବନ ଦୀପ୍ତି
ସବୁରି ଅନ୍ତଃକରଣକୁ
ଆଲୋକିତ କରି ତୋଳୁ,
ଦର୍ଶନ
ଶିଷ୍ଟସୁନ୍ଦର ପୁଙ୍ଖାନୁପୁଙ୍ଖ ବିଚାର ସହିତ
ଯେଭଳି କୃତିଜଗତରେ
ସାର୍ଥକତାରେ ସୁଷ୍ଠୁ ହୋଇଉଠେ
ସେଭଳି ଭାବରେ ତା'ହିଁ କର
ଯେ କୃତି–ମୂର୍ଚ୍ଛନା
ଦେଶର ପ୍ରତ୍ୟେକଙ୍କୁ
ଶିଷ୍ଟସୁନ୍ଦର ସଂହତିଶୀଳ
ଓ ପ୍ରୀତିପୂର୍ଣ୍ଣ କରି
ଜୀବନକୁ
ଜ୍ୟୋତିଃ–ଉଚ୍ଛଳ କରି ତୋଳିପାରେ
ବୋଧ୍–ଦୀପାଳୀର ଦୀପ୍ତ ଆଲୋକରେ
କୃତିର ପୁଣ୍ୟ ପରିବେଷଣରେ,
ବୁଝିରଖ—
ସାର୍ଥକତା ତ ତୁମର ସେଠାରେହିଁ;
ତୁମେ ଭାତୃବତ୍ସଳ ହୁଅ,
ଭଗିନୀ–ବତ୍ସଳ ହୁଅ,
କ୍ଷମତାର କ୍ଷେମପ୍ରଭାରେ
ପରିଜନ–ବାତ୍ସଲ୍ୟରେ
ତୁମର ହୃଦୟ
ଉଚ୍ଛଳ ହୋଇ ଚାଲୁ—
ସ୍ମିତ ସମୀକ୍ଷା ନେଇ,
ତୁମର ଜୀବନ
ମଣିଷକୁ ଯେପରି
ଶିଷ୍ଟସୁନ୍ଦର,
କୃତିଦୀପ୍ତ କରିତୋଳେ,
ସାର୍ଥକ କରି ତୋଳେ,
କୃତି–ମୂର୍ଚ୍ଛନାରେ ସମସ୍ତଙ୍କୁ
ଶୁଭସନ୍ଦୀପନୀ ତାତ୍ପର୍ଯ୍ୟରେ
ଉଜ୍ଜ୍ୱଳ କରିତୋଳେ;
ପରମପିତାଙ୍କ ନିକଟରେ ପ୍ରାର୍ଥନା—
ତୁମର ମା'
ସୁଦୀର୍ଘ ଜୀବନ ନେଇ ବଞ୍ଚି ରୁହନ୍ତୁ,
ତୁମେ ଯେଭଳି
ସୁଦୀର୍ଘଜୀବନ ପାଇ
ସଭିଙ୍କୁ
ସୌଷ୍ଠବସୌନ୍ଦର୍ଯ୍ୟରେ
ସ୍ମିତ କରି ତୋଳିପାର
ତାଙ୍କରି ଆଶିସ୍–ଉଚ୍ଛଳ
ସନ୍ଦୀପନୀ ତାତ୍ପର୍ଯ୍ୟରେ,
ତୁମେ ତା'ହିଁ କର
କୃତିଦୀପ୍ତ ଅନୁକମ୍ପା ନେଇ
ପ୍ରତ୍ୟେକଙ୍କ ପ୍ରତି,
ପ୍ରକୃତିର ମଙ୍ଗଳ–ଆଶିଷ
ତୁମକୁ ଯେପରି ଶୁଭସନ୍ଦୀପନାରେ
ସୌଷ୍ଠବମଣ୍ଡିତ କରିତୋଳେ;
ସଭିଏଁ ସାର୍ଥକ ହୁଅନ୍ତୁ
ତୁମକୁ ଦେଇ,
ଆଉ, ସେମାନଙ୍କ ଭିତରେ
ସାର୍ଥକତା ଆଣି ତୁମେ ବି ସାର୍ଥକ ହୋଇଉଠ,
ପରମପିତାଙ୍କର ଆଶିସ୍–ଉଦ୍ଦୀପନା
ପ୍ରୀତି–ପ୍ରଦୀପନାରେ
ମାଙ୍ଗଳିକ ଦୀପଲାସ୍ୟରେ
ସବୁ ଯା'କିଛିକୁ
ସମସ୍ତଙ୍କୁ ସାର୍ଥକ କରିତୋଳୁ;
ଆଉ, ସେଥିରେ ତୁମେ ବି
ସାର୍ଥକତାରେ ସୁଦୀପ୍ତ ହୋଇଉଠ;
ଏଇ ମୋର ଆଶିଷ ।

— ତୁମର ବାପା ।

ପରମପୂଜ୍ୟପାଦ ବଡ଼ଦାଙ୍କର ୫୪ତମ ଜନ୍ମତିଥି–ଉପଲକ୍ଷେ ମାର୍ଗଶୀର–୨୦, ଶନିବାର, ୧୩୭୧ସାଲ (ବ°) (ଆଶୀର୍ବାଣୀ, ପୃ.:୩୪–୩୭)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ଆଲୋଚନା ପ୍ରସଙ୍ଗେ

(ଚତୁର୍ଦ୍ଦଶ ଖଣ୍ଡ)

ସଂକଳୟିତା— **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** *ଏମ୍.ଏ.*

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଭାଦ୍ର–୩, ଗୁରୁବାର, ବଂ୧୩୫୫ସାଲ
(ଇଂ ୧୯.୦୮.୧୯୪୮)

ଶ୍ରୀଶ୍ରୀଠାକୁର ସକାଳେ ବଡ଼ାଲବଙ୍ଗଳାର ବାରଣ୍ଡାରେ ଉପବିଷ୍ଟ । କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ରନେ୍ଶ୍ୱରଭାଇ (ଦାସଶର୍ମା), ନନୀଭାଇ (ଚକ୍ରବର୍ତ୍ତୀ), ଦକ୍ଷିଣାଭାଇ (ସେନଗୁପ୍ତ) ପ୍ରମୁଖ ଉପସ୍ଥିତ ।

ଶ୍ରୀଶ୍ରୀଠାକୁର ବିବାହ ସମ୍ପର୍କରେ ସଦ୍ୟ ଗୋଟେ ବାଣୀ କହିବାକୁ ଆରମ୍ଭ କରିଛନ୍ତି, ଠିକ୍ ଏହି ସମୟରେ ଆଶ୍ରମର ଜନୈକା ମା' ଆସି ସେଥିପ୍ରତି ଲକ୍ଷ୍ୟ ନ କରି ନିଜର ଗୋଟେ ସମସ୍ୟାର କଥା ଉତ୍ଥାପନ କଲେ ।

ଶ୍ରୀଶ୍ରୀଠାକୁରଙ୍କ ବାଣୀ କହିବା ବନ୍ଦ ହୋଇଗଲା । ସେ ଧୈର୍ଯ୍ୟ ସହକାରେ ଉକ୍ତ ମା'ଙ୍କର କଥା ଶୁଣି ତା'ର ସମାଧାନ ଦେଲେ । ମା'ଟି ବିଦାୟ ନେବା ପରେ ଶ୍ରୀଶ୍ରୀଠାକୁର କହିଲେ— ଏହିଭାବେ କେତେ ଦରକାରୀ କଥା ଯେ ମୁଣ୍ଡରୁ ଉଭେଇ ଯାଏ ।

ରନେ୍ଶ୍ୱରଭାଇ— ଆପଣଙ୍କର ରାଗ ହୁଏନା ?

ଶ୍ରୀଶ୍ରୀଠାକୁର— ରାଗ କରି କ'ଣ କରିବି ? ସେମାନଙ୍କର ପ୍ରୟୋଜନଟା ମଧ୍ୟ ଉପେକ୍ଷା କରିବା ଚଳିବନି । ଆପଣମାନେ ଯଦି ଏସବୁ ସମ୍ଭାଳି ନେଇ ପାରନ୍ତେ ତା'ହେଲେ ମୋର ଝମେଲା ଅନେକଟା କମି ଯା'ନ୍ତା ।

କେଷ୍ଟଭାଇ— କାର୍ଯ୍ୟ ମଧ୍ୟରେ ଲଘୁ-ଗୁରୁ ଅଛି ତ ! ତେଣୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଲଘୁ ଜିନିଷଟାକୁ ଉପେକ୍ଷା କରିବାହିଁ ତ ସମୀଚୀନ ।

ଶ୍ରୀଶ୍ରୀଠାକୁର— ଆପଣଙ୍କ ଦୃଷ୍ଟିରୁ ହୁଏତ କଥାଟା ଠିକ୍ । କିନ୍ତୁ କାହାରିକୁ ତ ମୋର ଅପର ବୋଲି ମନେହୁଏନା । ପ୍ରତ୍ୟେକଙ୍କୁହିଁ ଯେପରି ମନେହୁଏ 'ମୁଁ' । ତେଣୁ ନିଜର ସମସ୍ୟା ବୋଲି କୌଣସି ଜିନିଷଟାକୁ ନିଷ୍ପ୍ରୟୋଜନ ଭାବି ପାରେନା । ତେବେ ବଡ଼ଖୋକା (ଶ୍ରୀଶ୍ରୀବଡ଼ଦା) କିନ୍ତୁ ଅନେକଙ୍କର ଅନେକ ଦାୟିତ୍ୱ ସମ୍ଭାଳି ନିଏ । ଅନ୍ୟର ଅସୁବିଧାକୁ ନିଜର ଅସୁବିଧା ବୋଲି ଭାବିବା ଓ ତା' ଦୂର କରିବାର ଅଭ୍ୟାସ ଯେତେ ଆପଣମାନଙ୍କ ମଧ୍ୟରେ ବଢ଼ିବ ସେତେହିଁ ଆପଣମାନଙ୍କ ମଧ୍ୟରେ ଯୋଗ୍ୟତା ଓ ପାରସ୍ପରିକତା ବୃଦ୍ଧି ପାଇବ । ଆଉ ଏପରିଭାବେ ସଂଘଶକ୍ତିବି ବଢ଼ି ଉଠିବ । ସବୁଟାର ମୂଳରେ କିନ୍ତୁ ହେଲା ଇଷ୍ଟାନୁରାଗ । ଇଷ୍ଟପ୍ରୀତ୍ୟର୍ଥେହିଁ ଯାହାକିଛି ।

କଥା କଥାରେ ଶ୍ରୀଶ୍ରୀଠାକୁର କହିଲେ— ଯା' ଭିତରେ ଯେତେ ଧର୍ମବୋଧ ଜାଗେ ତା'ର ସତ୍ତାପ୍ରୀତି ମଧ୍ୟ ସେତେ ବିକଶିତ ହୋଇଉଠେ । ମୋର ତ ମନେହୁଏ ହସ୍ତମୈଥୁନ ବା ଅଗମ୍ୟାଗମନ

ଉପାଦାନ-ସଙ୍ଗତି ଯେପ୍ରକାରର
ଗୁଣସଙ୍ଗତିବି ସେପରି ହୁଏ,
କର୍ମାନୁଗ ବିନାୟନେ
ଚରିତ୍ରେ ତା' ବିକାଶ ପାଏ । ୨ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

କରିବା ମାନେ ଇଚ୍ଛାକୃତଭାବେ କେତେଗୁଡ଼ିଏ ଜୀବଙ୍କୁ ପ୍ରକାରାନ୍ତରେ ମାରି ପକାଇବା । ମଣିଷ spiritually ଓ morally (ଆତ୍ମିକ ଓ ନୈତିକଭାବେ) developed (ଉନ୍ନତ) ହେଲେ ଏସବୁ ଅପକର୍ମର ପ୍ରଶ୍ରୟ ଦେଇପାରେନା ।

ଶ୍ରୀଶ୍ରୀଠାକୁର ଗୋଟାଏ ବାଣୀ ଦେଲେ—

ଅନ୍ୟାୟର ପ୍ରତିଶୋଧ ନେବାକୁ ଯାଅନା,
ବରଂ ଚେଷ୍ଟା କର ତା'କୁ ପ୍ରତିରୋଧ କରିବାକୁ,
ଆଉ, ପ୍ରତିରୋଧ ଜଗାଇ ଡୋଳିବାକୁ ।

କେଷ୍ଟଭାଇ— ପ୍ରତିଶୋଧ ଓ ପ୍ରତିରୋଧ ମଧ୍ୟରେ ପାର୍ଥକ୍ୟ କ'ଣ ?

ଶ୍ରୀଶ୍ରୀଠାକୁର— ପ୍ରତିଶୋଧ ମାନେ ତୁମେ ମତେ ମାରିଛ ମୁଁ ବି ତୁମକୁ ମାରିବି । ପ୍ରତିରୋଧ ମାନେ ଯେପରି ତୁମେ ମାରି ନ ପାର ତାହାହିଁ କରିବା । ମଣିଷ ପ୍ରତି ପ୍ରତିରୋଧ ଥିଲେ ତା' ପ୍ରତି ଅନ୍ୟାୟ ଆଚରଣ କରିବାର ବୁଦ୍ଧି ହୁଏ ନାହିଁ । ଆଉ ତା'ର ଅନ୍ୟାୟ ଆଚରଣ କରିବା ବୁଦ୍ଧିର ଯେପରି ନିରସନ ହୁଏ ସେଥିପ୍ରତି ଲକ୍ଷ୍ୟ ରହେ ।

ସହିଷ୍ଣୁତା ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର— ସହିଷ୍ଣୁତା ଭିତରେ ଶକ୍ତି ଥାଏ, ଭିତ୍ତି ନ ଥାଏ । ଭୟରେ ଚୁପ୍ କରି ରହିବାଟା ସହିଷ୍ଣୁତା ନୁହେଁ, ସେଇଟା ବରଂ ଦୁର୍ବଳତା । Moral courage (ନୈତିକ ସତ୍ ସାହସ) ଥିଲେ ମଣିଷ ପ୍ରୟୋଜନାନୁଯାୟୀ ସଂଯତଭାବେ ଚୁପ୍ କରି ମଧ୍ୟ ରହିପାରେ, ପୁନଶ୍ଚ ଦୃଢ଼ଭାବରେ ମଧ୍ୟ ବାଧା ଦେଇ ପାରେ ।

ସନ୍ଧ୍ୟାବେଳେ ଅଳ୍ପ ଅଳ୍ପ ବୃଷ୍ଟି ହେଉଥିଲା । ଶ୍ରୀଶ୍ରୀଠାକୁରଙ୍କ ପାଖରେ କାଶୀଭାଇ (ରାୟଚୌଧୁରୀ), କାଳୀଦାସଭାଇ (ମଜୁମଦାର), ଗୁରୁଦାସଭାଇ (ବନ୍ଦ୍ୟୋପାଧ୍ୟାୟ), ହରିଦାସଭାଇ (ସିଂହ) ଏବଂ କେତେଜଣ ମା' ତମ୍ବୁରେ ଥିଲେ ।

ଶ୍ରୀଶ୍ରୀଠାକୁର ପୂଜନୀୟ କ୍ଷେପୁଭାଇଙ୍କ ପାଖକୁ ତାଙ୍କରି ଲିଖିତ ବିଶେଷ ଖଣ୍ଡେ ଚିଠି ପୂଜନୀୟା ଅର୍ଣ୍ଣପୂର୍ଣ୍ଣାମା'ଙ୍କୁ ପଢ଼ି ଶୁଣାଇ ଆସିବାକୁ କହିଲେ ପ୍ରଫୁଲ୍ଲକୁ ।

'ରତ୍ୱିକୀ'

ରତ୍ୱିକୀ ବି ତ ଆପଣଙ୍କୁ ଦେବା ।

ଶ୍ରୀଶ୍ରୀଠାକୁର ଦୃଢ଼ତାର ସଙ୍ଗେ କହିଲେ— ରତ୍ୱିକୀରେ double vitamin (ଦ୍ୱିଗୁଣ) ଖାଦ୍ୟପ୍ରାଣ । ଏଇଟା ମୋତେ କେନ୍ଦ୍ର କରି ଆପଣମାନଙ୍କୁ ଦେବା । ରତ୍ୱିକୀରେ automatically (ଆପଣାଛାଏଁ) organisation grow କରେ (ସଂଘ ବଢ଼ିଥାଏ) । ଏହାରି ମଧ୍ୟରେହିଁ ଅଛି ସମସ୍ତଙ୍କର ଉନ୍ନତିର ପଥ । ରତ୍ୱିକୀ ଭଲ ରୂପେ ପ୍ରଚାର କରିଦେଲେ ଆନ୍ଦୋଳନର ଚେହେରା ବଦଳିଯିବ । ଅବଶ୍ୟ ରତ୍ୱିକୀ ବଢ଼ିଛି ବେଶ୍ ।

ପ୍ରଫୁଲ୍ଲ ଚିଠିଟି ପଢ଼ି ଶୁଣାଇ ଆସିବା ପରେ ଶ୍ରୀଶ୍ରୀଠାକୁର ତା'କୁ ପଚାରିଲେ— କ'ଣ କହିଲା ?

ପ୍ରଫୁଲ୍ଲ— ପଚାରି ନାହିଁ । ତେବେ ଚେହେରା ଦେଖି ମନେହେଲା— ବେଶ୍ ଭଲ ଲାଗିଛି ।

ଶ୍ରୀଶ୍ରୀଠାକୁର ଗମ୍ଭୀରଭାବେ କହିଲେ— ଠିକ୍ କରିନୁ, ପଚାରିବା ଉଚିତ୍ ଥିଲା । ସ୍ୱସ୍ତିବାଚନହିଁ ବାଦ ଦେଲୁ, ଯା' ଶୁଣି ଆସ ଯାଇ ।

ପ୍ରଫୁଲ୍ଲ ସେତେବେଳେ ନୂଆ କରି ଶୁଣି ଆସି କହିଲା— ଅର୍ଣ୍ଣପୂର୍ଣ୍ଣା ମା' କହିଲେ— ଖୁବ୍ ଭଲ ହୋଇଛି— ପ୍ରକୃତ କଥା କହିବାକୁ ହେଲେ ଆପଣଙ୍କର କୌଣସି ଜିନିଷ କାହାକୁ ପଢ଼ି ଶୁଣାଇ, କିପରି ହୋଇଛି ପଚାରିବାକୁ ସଙ୍କୋଚ ଲାଗେ ।

ଶ୍ରୀଶ୍ରୀଠାକୁର— ଈଷତ୍ ହସି ଅନ୍ତରଙ୍ଗ ସ୍ୱରରେ କହିଲେ— କଥା କ'ଣ କି ? ଏଇଟା ହେଲା ରସାସ୍ୱାଦନ ।

ଦୁଷ୍ଟମନା ଯିଏ- ସିଏହିଁ
ସନ୍ଦେହଶୀଳ ହୁଏ ହିଁ ହୁଏ,
ଅସତ୍‌ବୁଦ୍ଧିର ସଂକ୍ରମଣାରେ
ଚାଲୁଥାଏ ପ୍ରାୟଃହିଁ ପ୍ରାୟଃ । ୧୨ ।

(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ହୀନ, ନୀଚ ଆଉ ସ୍ୱଳ୍ପମନା-
ବାନ୍ଧବକୁ ସେ ସନ୍ଦେହ କରେ,
ଆଚାର ବ୍ୟବହାର ଜାଣେ ନାହିଁଟି,
ଦୁର୍ବ୍ୟବହାରର ଗୌରବ କରେ । ୧୩ ।

(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ରାମକୃଷ୍ଣଠାକୁର ଏମିତି ପଚାରୁଥିଲେ— ଅମୁକ ଲୋକ ଆମର ଏଠାରୁ ଚାଲିଯାଇ ମୋ କଥା ଶୁଣି କ'ଣ କହିଲା ? ମୋର ବି ସେହି ଅଭ୍ୟାସ ଅଛି । ପଚାରିଥାଏ— କିଏ କ'ଣ କହିଲା ? କାହାକୁ କିପରି ଲାଗିଲା ? ସହଜଭାବେ ଆନନ୍ଦ ଦେବା ଓ ଆନନ୍ଦ ପାଇବାହିଁ ତ ହେଲା ବଡ଼ କଥା । ନହେଲେ କେବଳ ଦାୟିତ୍ୱ ନିଭାଇ ଦେଲେ ସବୁ ନିରସ ହୋଇଯା'ନ୍ତା, ଜୀବନଟା ଗୋଟାଏ ଦୁର୍ବହ ବୋଝ ହୋଇ ଉଠନ୍ତା ।

ପ୍ରଭାତଭାଇ (ଦେ) ତାଙ୍କ ସ୍ତ୍ରୀଙ୍କୁ ଏଠାରେ କେଉଁଠି କାହା ପରିବାର ସହିତ ରଖିଯିବାର ଇଚ୍ଛା ପ୍ରକାଶ କଲେ ।

ଶ୍ରୀଶ୍ରୀଠାକୁର— ସେ ମଣିଷଙ୍କ ସହିତ ଚଳିପାରେ ତ ?

ପ୍ରଭାତଭାଇ— ହଁ ! ତା' ପାରିବ । ପରନିନ୍ଦା, ପରଚର୍ଚ୍ଚାର ଧାର ଧାରେନା ।

ଶ୍ରୀଶ୍ରୀଠାକୁର— ପରନିନ୍ଦା ହୁଏତ ନ କଲା । ତା'ର ନିନ୍ଦା ଅନ୍ୟ କେହି କରିଲେ ସହି ପାରିବ ତ ? ରାଗି ଯାଏନା ତ ? କେତେ ପ୍ରକାର ଲୋକ ଥା'ନ୍ତି ! ସଂସାର କ'ଣ ସହଜ ଜାଗା ?— ଏହି କଥା କହି ଶ୍ରୀଶ୍ରୀଠାକୁର ଶିଶୁ ପରି ହସି ପକାଇଲେ ।

ଶ୍ରୀଶ୍ରୀଠାକୁର କିଛି ସମୟ ପରେ ବଡ଼ାଲ ବଙ୍ଗଳାର ଉତ୍ତରପଟ ବାରଣ୍ଡାରେ ଆସି ବିଛଣାରେ ବସିଲେ । ଆଲୁଅ ଜଳୁଛି । ଶ୍ରୀଶ୍ରୀଠାକୁର ବେଶ୍ ହସ ହସ ଦେଖା ଯାଉଛନ୍ତି । ପୂଜନୀୟ ବଡ଼ଦା ଅଛନ୍ତି । ତାଙ୍କ ସହିତ ନାନା ବିଷୟରେ ବିଶେଷତଃ କର୍ମୀ ସଂଗ୍ରହ ବିଷୟ ସମ୍ବନ୍ଧରେ କଥା ହେଉଛି ।

ଏପରି ସମୟରେ ସୁରେନଭାଇ (ବିଶ୍ୱାସ), ଯତୀନଭାଇ (ଦାସ) ପ୍ରମୁଖ ଆସିଲେ ।

ଶ୍ରୀଶ୍ରୀଠାକୁର କହିଲେ— କର୍ମୀଙ୍କ ସଂଖ୍ୟା ବୃଦ୍ଧି ନ ପାଇଲେ organisation (ସଂଗଠନ) sterile (ବନ୍ଧ୍ୟା) ହୋଇଯାଏ । କାହାରି ଅଭାବ ହେଲେ ତା'ର ସ୍ଥାନ ପୂରଣ କରିବା ପାଇଁ ଲୋକ ନ ଥା'ନ୍ତି । ମଣିଷର ଯେପରି ପିଲାଛୁଆ ହୁଅନ୍ତି ସେଥିରେ ବାପର ଗୋଟାଏ ଆଶା ଥାଏ ଯେ ସନ୍ତାନ ତା'ର ସ୍ଥଳାଭିଷିକ୍ତ ହେବ । ନୋଚେତ୍ continuity (କ୍ରମାଗତି) କେଉଁଠି ? ଆତ୍ମସଂରକ୍ଷଣର urge (ଆକୂତି)ରୁ ଯେପରି ମଣିଷ ଗୁଣିତ ହୋଇଚାଲେ, ସେହିପରି urge (ଆକୂତି) ରହିବା ଦରକାର । ଇଷ୍ଟ ଯେପରି ତୁମର ସତ୍ତା । ତାଙ୍କୁ ଅନେକଙ୍କ ମଧ୍ୟରେ ସଞ୍ଚାରିତ କରି ଦେଇ ନ ପାରିଲେ ତୁମ ନିଜର ସତ୍ତା ଯେପରି ସଙ୍କୁଚିତ ହୋଇପଡ଼େ । ଏପରି ଗୋଟାଏ ବୋଧ ରହିବା ଦରକାର । ଇଷ୍ଟଙ୍କୁ ସଞ୍ଚାରିତ କରିବାର ଗୋଟାଏ ତୀବ୍ର କ୍ଷୁଧା ରହିବା ଦରକାର । ସେହି କ୍ଷୁଧା ଥିଲେ ମଣିଷ ଚୁପ୍ କରି ବସି ରହିପାରେନା । ବୁଦ୍ଧଦେବ କେତେ ପରିଶ୍ରମ କରି କେଉଁଠି କାଶୀ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ଯେଉଁ ପାଞ୍ଚଜଣ ତାଙ୍କୁ ପ୍ରଥମେ ଛାଡ଼ି ଚାଲି ଯାଇଥିଲେ ସେମାନଙ୍କୁ ଧରିଥିଲେ । ପରେ ଅବଶ୍ୟ ସେମାନଙ୍କ ମାଧ୍ୟମରେ ଆଉ କେତେ ଭଲ ଲୋକ ସଂଗ୍ରହ କଲେ ।

ଟିକିଏ ଚୁପ୍ ହୋଇ ଯାଇ କହିଲେ— ଆଉ ମୋତେ ଯା' ଦିଅନ୍ତି, କର୍ମୀମାନେ ସେହିଥିରୁ ଖାଆନ୍ତି । ତଦ୍ଦ୍ୱାରା ଭିଟାମିନ୍ (ଖାଦ୍ୟପ୍ରାଣ) ପାଆନ୍ତି ନାହିଁ । ମୋ ପାଖରୁ ପାଇବାର ପ୍ରତ୍ୟାଶା ରହିବାହିଁ ଭଲ ନୁହେଁ । ସ୍ୱାର୍ଥପ୍ରତ୍ୟାଶା ପ୍ରବଳ ହେଲେ ଦିନେ ତା' ପାଇଁ ହୁଏତ ମୋତେ ମଧ୍ୟ sacrifice (ତ୍ୟାଗ) କରିପାରେ । ମୁଁ କର୍ମୀମାନଙ୍କୁ ରତ୍ୱିକୀ ଉପରେ ଚଳିବାକୁ କହେ । ତା' କଲେ glow (ସ୍ଫୂର୍ତ୍ତି) ବଢ଼ିଯା'ନ୍ତା ।

ଯତୀନଭାଇ— ଗୋଟେ ସମୟରେ ତ ଆପଣ benefaction (ଇଷ୍ଟଭୃତିର ଆଶୀର୍ବାଦୀ)ର କଥା ବେଶ୍ କହୁଥିଲେ ।

ଶ୍ରୀଶ୍ରୀଠାକୁର— Benefaction (ଆଶୀର୍ବାଦୀ) ଆଉ benefaction (ଆଶୀର୍ବାଦୀ) ହୋଇ ରହିଲା ନାହିଁ । ମୋତେ ଦେବାଟାକୁହିଁ ନେବା ହେଲା ।

ଯତୀନଭାଇ— ରତ୍ୱିକୀ ବି ତ ଆପଣଙ୍କୁ ଦେବା ।

ଶ୍ରୀଶ୍ରୀଠାକୁର ଦୃଢ଼ତାର ସଙ୍ଗେ କହିଲେ— ରତ୍ୱିକୀରେ double vitamin (ଦ୍ୱିଗୁଣ) ଖାଦ୍ୟପ୍ରାଣ । ଏଇଟା ମୋତେ କେନ୍ଦ୍ର କରି ଆପଣମାନଙ୍କୁ ଦେବା । ରତ୍ୱିକୀରେ automatically (ଆପଣାଛାଏଁ) organisation grow କରେ (ସଂଘ ବଢ଼ିଥାଏ) । ଏହାରି ମଧ୍ୟରେହିଁ ଅଛି ସମସ୍ତଙ୍କର ଉନ୍ନତିର ପଥ । ରତ୍ୱିକୀ ଭଲ ରୂପେ ପ୍ରଚାର କରିଦେଲେ ଆନ୍ଦୋଳନର ଚେହେରା ବଦଳିଯିବ । ଅବଶ୍ୟ ରତ୍ୱିକୀ ବଢ଼ିଛି ବେଶ୍ ।

ସୁରେନଭାଇ— ଅମାତ୍ୟ ଅର୍ଥାତ୍ ସହକାରୀ ପାଇବାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର— କାଚପୋକ (ସବୁଜ ରଙ୍ଗର ପତଙ୍ଗ ବିଶେଷ— ଡ଼େଣାବାଲା) ଯେପରି ତେଲୁଣିପୋକକୁ ଧରେ ଏମିତି କରି ଇଷ୍ଟାର୍ଥେ ଲୋକଙ୍କୁ ଏକାବେଳକେ ଆପଣାର କରି ପକାଇବାକୁ ହେବ ।

ଯତୀନଭାଇ— କରିଲେ ତ ପୁଣି ଅନ୍ୟ କେହି ଟାଣି ନେଇ

କଥା କଥାରେ ମାନ ଯାଏ ଯା'ର
ବ୍ୟକ୍ତିତ୍ୱ ତା'ର ନୁହେଁଟି ଭାରି,
ଧୃତିଚର୍ଯ୍ୟା ଅମାନୀ ଯେ ଜନ
ମାନର ଓଜନ ଅଛି ତା'ରହିଁ । ୧୪ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ଯା'ନ୍ତି ।

ଶ୍ରୀଶ୍ରୀଠାକୁର— ତା'ହେଲେ ସିଏ ଅମାତ୍ୟ ହୋଇ ନାହିଁ । ଆପଣଙ୍କର ଯେତେ ଦୋଷ ବା ଯେତେ ଗୁଣହିଁ ଥାଉ ସବୁଟା ନେଇ ଆପଣଙ୍କୁ ଏପରି ଭଲ ଲାଗିବା ଦରକାର, ଯେ ଅନ୍ୟ କେହି ଭୟ ଦେଖାଇ ନେଇଗଲା, ତା' ହେବାର ଜୁ ଯେପରି ନଥାଏ ।

ଯତୀନଭାଇ— କେତେ ପରିମାଣରେ ଖଟିବାକୁ ହେବ ତା' ପାଇଁ ?

ଶ୍ରୀଶ୍ରୀଠାକୁର— ଖୁବ୍ ଖଟିଲେ ଯେ ହୁଏ, ପୁଣି ନ ଖଟିଲେ ଯେ ହୁଏନା, ତା' ନୁହେଁ । ଆପଣଙ୍କ ସ୍ୱଭାବଟା ଏପରି ହେବା ଉଚିତ୍ ଯେପରିକି ମଣିଷ ଆପଣଙ୍କ ପ୍ରତି ଆକୃଷ୍ଟ ହୁଏ, ଆପଣଙ୍କ ସଙ୍ଗ ହିଁ ପସନ୍ଦ କରେ । ଆପଣଙ୍କୁ କୌଣସିମତେ ଛାଡ଼ିବାକୁ ଚାହେଁନା । ତା' ମାନେ ଆପଣଙ୍କଠାରୁ ତା'ର ସତ୍ତା ଏପରି ପୋଷଣ ପାଇବା ଦରକାର ଯେପରିକି ସେ ଆପଣଙ୍କ ସଙ୍ଗେ ଅଠା ପରି ଲାଗି ରହେ ।

ଯତୀନଭାଇ— ଏହାର କୌଶଳ କ'ଣ ?

ଶ୍ରୀଶ୍ରୀଠାକୁର— କୌଶଳ ସେହି ଇଷ୍ଟପ୍ରାଣତା ।

ଆଜିର ଗୋଟେ ବାଣୀ ଶ୍ରୀଶ୍ରୀଠାକୁର ପଢ଼ିବାକୁ କହିଲେ । ପଢ଼ା ହେଲା—

ଯେ କୌଣସି ଦାନହିଁ ହେଉ,
ସେ ଯେପରି
ତା'ର ସମଧର୍ମୀ ଅଥଚ ବିପରୀତ ସତ୍ତାର
ସଂଯୋଗ ପାଇଲେହିଁ—
ଯେଉଁଥିରେ ପରସ୍ପରର ଆକୃତି ଅଛି ଏପ୍ରକାର ହେଲେ,
ବଢ଼ିଉଠେ ଓ ପୁଷ୍ଟି ପାଏ
ଜୈବୀଦାନା ବି କିନ୍ତୁ ସେହିପରି ।

ସେହି ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ବିବାହାଦି ବିଷୟରେ ପୁରୁଷ ନାରୀଙ୍କ ମଧ୍ୟରେ ଯେଉଁଠି biological, social, psychological, temperamental, physiochemical (ଜୀବବିଦ୍ୟାଗତ, ସାମାଜିକ, ମନସ୍ତାତ୍ତ୍ୱିକ, ଶାରୀର-ରାସାୟନିକ) ଇତ୍ୟାଦି ବିଭିନ୍ନ ପ୍ରକାରର compatibility (ସାମଞ୍ଜସ୍ୟ) ଯେତେ ବେଶୀ ଥାଏ ସନ୍ତାନ ବି ସେଠାରେ ସେତେ ଭଲ ହେବାର ସମ୍ଭାବନା ଥାଏ ।

ବିବାହାଦି ବିଷୟରେ ପୁରୁଷ ନାରୀଙ୍କ ମଧ୍ୟରେ ଯେଉଁଠି biological, social, psychological, temperamental, physiochemical (ଜୀବବିଦ୍ୟାଗତ, ସାମାଜିକ, ମନସ୍ତାତ୍ତ୍ୱିକ, ଶାରୀର-ରାସାୟନିକ) ଇତ୍ୟାଦି ବିଭିନ୍ନ ପ୍ରକାରର compatibility (ସାମଞ୍ଜସ୍ୟ) ଯେତେ ବେଶୀ ଥାଏ ସନ୍ତାନ ବି ସେଠାରେ ସେତେ ଭଲ ହେବାର ସମ୍ଭାବନା ଥାଏ ।

ଭାଦ୍ର-୪, ଶୁକ୍ରବାର, ବଂ୧୩୫୫ସାଲ
(ଇଂ ୨୦.୦୮.୧୯୪୮)

ଶ୍ରୀଶ୍ରୀଠାକୁର ସକାଳେ ବଡ଼ାଲବଙ୍ଗଳାର ସାମନାପଟ ବାରଣ୍ଡାରେ ତକ୍ତପୋଷରେ ଶୁଭ୍ର ଶଯ୍ୟାରେ ଉତ୍ତରମୁଖୀ ହୋଇ ସୁଖାସୀନ । କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ), ସୁଧାଂଶୁଭାଇ (ମୈତ୍ର), ଶରତଭାଇ (ହାଲଦାର), ରମେଶଭାଇ (ଚକ୍ରବର୍ତ୍ତୀ), ହରିଭାଇ (ଗୋସ୍ୱାମୀ), ପ୍ରକାଶଭାଇ (ବସୁ), ଯୋଗେନଭାଇ (ହାଲଦାର), ନରେନଭାଇ (ମିତ୍ର), ଅମୂଲ୍ୟଭାଇ (ଘୋଷ), କାନୁ (ମିତ୍ର), ପରେଶଭାଇ (ଭୋରା), ଭୂପେଶଭାଇ (ଦତ୍ତ), ଈଷଭାଇ (ବିଶ୍ୱାସ), ବୀରେନଭାଇ (ମିତ୍ର), ମଣିଭାଇ (କର), ବୀରେନଭାଇ (ପାଣ୍ଡେ), ପ୍ୟାରୀଭାଇ (ନନ୍ଦୀ), ବଙ୍କିମଭାଇ (ରାୟ), ନନୀଭାଇ (ଦେ), ନରେଶଭାଇ (ଦାସ), ବଙ୍କିମଭାଇ (ଦାସ) ପ୍ରମୁଖ ଅନେକେହିଁ ଉପସ୍ଥିତ ।

କରିବା ବୋଧ ନାହିଁଟି ଯାହାର,
କରିବି ଯାହାର ଜନ୍ମେନା ବୋଧ,-
ଫାଙ୍କାଡ଼ଙ୍କା ସିଏହିଁ ବଜାଏ,
ମୂର୍ଖତାରେ ହିଁ ତମାମ ଶୋଧ । ୨୮ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ଆମ୍ ପରଖରେ ନୁହେଁଟି ସିଦ୍ଧ,
ଏପରି ଯିଏ, ଠିକ୍ ଜାଣ-
ପରବେଳକୁ ବିଜ୍ଞତାର ଧରଣେ
ସଜାଇ କଥା କୁହେ- ଠିକ୍ ମାନ । ୧୬ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

କଥାପ୍ରସଙ୍ଗରେ କେଷ୍ଟଭାଇ କହିଲେ— ଗୀତାରେ ଅଛି, 'ବିଗତଭୀଃ' ହେବାର କଥା, 'ଭୟୋଦ୍ୱେଗୋନ୍ମୁକ୍ତଃ' ହେବାର କଥା, 'ବୀତରାଗ-ଭୟକ୍ରୋଧଃ' ହେବାର କଥା । ଦୈବାସୁର-ସମ୍ପଦ ବିଭାଗ ଯୋଗରେ ଦୈବଗୁଣର ଉଲ୍ଲେଖ ପ୍ରସଙ୍ଗରେ ସର୍ବପ୍ରଥମ ଉଲ୍ଲିଖିତ ହୋଇଛି 'ଅଭୟ'ର କଥା । ପୁନଶ୍ଚ, ଅର୍ଜୁନ ଯେତେବେଳେ ଯୁଦ୍ଧ ପାଇଁ ଅନିଚ୍ଛା ପ୍ରକାଶ କଲେ ଶ୍ରୀକୃଷ୍ଣ କହିଲେ —

''କ୍ଲୈବଂ ମାସ୍ମ ଗମଃ ପାର୍ଥ ନୈତତ୍ ତ୍ୱଯ୍ୟୁପପଦ୍ୟତେ
କ୍ଷୁଦ୍ରଂ ହୃଦୟ ଦୌର୍ବଲ୍ୟଂ ତ୍ୟକ୍ତ୍ୱୋତିଷ୍ଠ ପରନ୍ତପ ।''

ସମଗ୍ର ଗୀତାର ଅନେକ ସ୍ଥାନରେ ଦେଖାଯାଏ ଭୀରୁତାର ବିରୁଦ୍ଧରେ ଉଗ୍ର ଆପତ୍ତି— ଏହି କଥାର ମୂଳଗତ ତାତ୍ପର୍ଯ୍ୟ କ'ଣ ?

ଶ୍ରୀଶ୍ରୀଠାକୁର — ଆତ୍ମାର ସ୍ୱରୂପ ସମ୍ବନ୍ଧରେ ଯେ ସଚେତନ, ସେ ଅନୁଭବ କରେ ଯେ ସେ ଅବିନଶ୍ୱର ଏବଂ ସର୍ବତ୍ର ଏକ ଅଦ୍ୱିତୀୟ ଆତ୍ମାହିଁ ବିଦ୍ୟମାନ, ସେ ନିତ୍ୟ ବର୍ତ୍ତମାନ । ଅଛନ୍ତି କହିଲେ ଏକମାତ୍ର ସିଏହିଁ ଅଛନ୍ତି । ତେଣୁ, ଏହି ଶାଶ୍ୱତ ସତ୍ୟ ସମ୍ବନ୍ଧରେ ଯା'ର ଅକାଟ୍ୟ ପ୍ରତ୍ୟୟ ଜନ୍ମାଏ, ପ୍ରୀତି ହିଁ ତା'କୁ ଅଧିକାର କରିବସେ । ମଣିଷ ନିଜକୁ ତ ନିଜେ କେବେହେଲେ ଭୟ କରେନା । ବରଂ ନିଜର ଯେଉଁଥିରେ ଭଲ ହୁଏ ତାହାହିଁ କରିବା ହିଁ ତା'ର ଆତ୍ମସ୍ୱାର୍ଥର ଅନ୍ତର୍ଗତ ହୋଇଉଠେ । ସେଇଥିପାଇଁ ସେ ଆତ୍ମଶୁଦ୍ଧି ଓ ଆତ୍ମୋପଲବ୍ଧିର ସାଧନାରେ ରତ ଥାଏ । ଯେପରିକି ସ୍ୱରୂପ-ସାକ୍ଷାତ୍କାର ତ୍ୱରାନ୍ୱିତ ହୁଏ ଏବଂ ସାମାଜିକ ପରିବେଶକୁ ବି ଏପରି କରି ଗଢ଼ିତୋଳିବାକୁ ବଦ୍ଧପରିକର ହୁଏ ଯେପରିକି ପ୍ରତ୍ୟେକର ବଞ୍ଚିବା-ବଢ଼ିବାର ସାଧନା ଓ ଈଶ୍ୱରୋପଲବ୍ଧିର ପଥ ଯଥାସମ୍ଭବ ଅବାଧ ହୁଏ । କୁସ୍ଥିତ-ସ୍ୱଭାବବଶତଃ କେହି ଯଦି ଏହି ମଙ୍ଗଳର ପଥ ରୁଦ୍ଧ କରିବାକୁ ଚାହେଁ ସେତେବେଳେ ତା'ର, ନିଜର ଏବଂ ସମସ୍ତଙ୍କର କଲ୍ୟାଣ ଦୃଷ୍ଟିରୁ ଈଶ୍ୱରପ୍ରୀତ୍ୟର୍ଥେ ନିର୍ଭୀକଭାବେ ବିହିତ ରକମରେ ତା'ର ନିରାକରଣ କରିବାକୁ ହିଁ ପଡ଼େ । ଏହିଟା ଧର୍ମର ଅଙ୍ଗ । ଏଇଟା ଯଦି ନ କରାଯାଏ, ତା'ହେଲେ ଅଧର୍ମ କରାହେବ । ସମସ୍ତଙ୍କର ବଞ୍ଚିବା-ବଢ଼ିବା ବ୍ୟାହତ କରାଯାଏ ।

ମୋତେ ଯା' ଦିଅନ୍ତି, କର୍ମିମାନେ ସେହିଥିରୁ ଖାଆନ୍ତି । ତଦ୍ଦ୍ୱାରା ଭିଟାମିନ୍ (ଖାଦ୍ୟପ୍ରାଣ) ପାଆନ୍ତି ନାହିଁ । ମୋ ପାଖରୁ ପାଇବାର ପ୍ରତ୍ୟାଶା ରହିବାହିଁ ଭଲ ନୁହେଁ । ସ୍ୱାର୍ଥପ୍ରତ୍ୟାଶା ପ୍ରବଳ ହେଲେ ଦିନେ ତା' ପାଇଁ ହୁଏତ ମୋତେ ମଧ୍ୟ sacrifice (ତ୍ୟାଗ) କରିପାରେ । ମୁଁ କର୍ମିମାନଙ୍କୁ ଋତ୍ୱିକୀ ଉପରେ ଚଳିବାକୁ କହେ । ତା' କଲେ glow (ସ୍ଫୂର୍ତ୍ତି) ବଢ଼ିଯା'ନ୍ତା ।

ଅନ୍ୟାୟ ବିରୁଦ୍ଧରେ ଆମେ ଯେତେବେଳେ ଦୃଢ଼ ହୋଇ ଛିଡ଼ା ହେବୁ ସେତେବେଳେ ମଧ୍ୟ ଅନ୍ୟାୟକାରୀ ସମ୍ବନ୍ଧରେ ଯେପରି ଆମେ ଶୁଭ ବୁଦ୍ଧି ପୋଷଣ କରି ଚାଲୁ ସେଥିରେ ହୁଏତ ସେମାନଙ୍କର ଶୁଭ ବୁଦ୍ଧି ଜାଗ୍ରତ ହେବ । ଆଉ ତାହା ଯଦି ନ ହୁଏ, ପ୍ରବଳ ପ୍ରତିରୋଧ ଫଳରେ ଲୋକର କ୍ଷତି କରିବାର କ୍ଷମତା ସେମାନଙ୍କର କ୍ଷୀଣ ହେବ । ସବୁକିଛିର ବିହିତ ସାମଞ୍ଜସ୍ୟ ଯେପରି ହୁଏ ତାହାହିଁ କରିବାକୁ ହେବ ।

କେଷ୍ଟଭାଇ— ଏହି ସାମଞ୍ଜସ୍ୟ ବିଷୟରେ ବଙ୍କିମଚନ୍ଦ୍ରଙ୍କର ଧର୍ମତତ୍ତ୍ୱ ମଧ୍ୟରେ କେତୋଟି କଥା ଅଛି । ଯାହା ଖୁବ୍ ଯୁକ୍ତିଯୁକ୍ତ ଏବଂ ଆପଣଙ୍କ ଭାବଧାରା ସଙ୍ଗେ ମିଳେ ।

ଶ୍ରୀଶ୍ରୀଠାକୁର— ମୁଁ ତ ବହି ଫହି ପଢ଼ି ନାହିଁ । ତେବେ ପରମପିତାଙ୍କ ଦୟାରେ ବିଶ୍ୱସତ୍ୟ ମୋ ପାଖରେ ଯେପରି ଉଦ୍‌ଘାଟିତ ହୋଇଛି ଗୋଟେକଥାରେ ମୁଁ ଯାହା ପ୍ରତ୍ୟକ୍ଷ କରିଛି, ତା'କୁ ହିଁ ଭିତ୍ତି କରି ପରମପିତା ଯେତେବେଳେ ଯେପରି କୁହାନ୍ତି ସେହିପରି କହିଥାଏ । ଯା' ହେଉ ବଙ୍କିମଚନ୍ଦ୍ରଙ୍କ କଥା ଯାହା ଆପଣ କହିଲେ ଯଦି ପଢ଼ି ଶୁଣାନ୍ତି ସମସ୍ତେ ମିଶି ଶୁଣିପାରିବେ । *(କ୍ରମଶଃ)*

ଅନୁବାଦକ : ଶ୍ରୀଯତୀନ୍ଦ୍ର ନାଥ ମହାନ୍ତି

ନିଜର କ୍ଷତ ଚପେଇ ଦେଇ
ଅନ୍ୟର କ୍ଷତ-ସନ୍ଧାନରେ-
ଚରିତ୍ରହୀନ ସିଏହିଁ- ଘୁରେ
ସ୍ୱାର୍ଥସେବାର ଇନ୍ଧନରେ । ୨୦ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ଭାବ-ବ୍ୟବହାର କାର୍ଯ୍ୟ-କଥାରେ
ସ୍ୱର ସହ ଯା'ର ମେଳ ଯେପରି,
ବ୍ୟକ୍ତିତ୍ୱଟାର ଢ଼ଙ୍ଗ ବି କିନ୍ତୁ
ସ୍ୱତଃହିଁ ହୋଇ ଥାଏ ସେପରି । ୧୮ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

କାକା ପ୍ରସଙ୍ଗ

(ଚତୁର୍ଥ ଖଣ୍ଡ)

ସଂକଳୟିତା— **ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ.**

(ପୂର୍ବପ୍ରକାଶିତ ଉତ୍ତାରୁ.....)

୨

ପ୍ରଶ୍ନ । Cult ଓ clan ଯେଉଁମାନଙ୍କର ଠିକ୍ ଅଛି, ସେମାନେ ଯେ Aryan ସେ ସମ୍ବନ୍ଧରେ ତ ଗୋଳ ନାହିଁ, କିନ୍ତୁ cult ଯେଉଁମାନଙ୍କର ଠିକ୍ ନାହିଁ ସେମାନେ ଆର୍ଯ୍ୟ କୋଉ ବର୍ଣ୍ଣର ହେବେ ?

ଶ୍ରୀଶ୍ରୀଠାକୁର । ସେମାନଙ୍କର clan ମାଫିକହିଁ ତ ବର୍ଣ୍ଣ ହେବା ଉଚିତ୍— ଆଉ cultକୁ betray କରିବା ଯୋଗୁଁ ସେହି ଯେଉଁମାନଙ୍କର cult ଓ clan ଠିକ୍ ଅଛି ସେମାନଙ୍କଠାରୁ ନିମ୍ନ ହେବାହିଁ ସ୍ୱାଭାବିକ— ଆଉ ସେମାନଙ୍କର ପୁଅଝିଅମାନଙ୍କର ବିବାହାଦିବି ଆର୍ଯ୍ୟକୃଷ୍ଟି-ନିୟନ୍ତ୍ରଣମାଫିକ ଚାଲିଲେ କୌଣସିପ୍ରକାର ଦୂଷଣୀୟ ହେବ ବୋଲି ମୋର ମନେହୁଏନା— ଅବଶ୍ୟ cultକୁ ଆଲିଙ୍ଗନ କରି ଯଥାପ୍ରାୟଶ୍ଚିତ୍ତରେ ।

ପ୍ରଶ୍ନ । ଆଉ ଯେଉଁମାନଙ୍କର cult ଓ clan ଠିକ୍‌ଭାବେ ଜଣା ଯାଉ ନାହିଁ ଅଥଚ ବୁଝା ଯାଉଛି ସେମାନେ Aryan, ସେମାନେ କୋଉ categoryର ହେବେ ?

ଶ୍ରୀଶ୍ରୀଠାକୁର । ସେମାନଙ୍କର ଅନ୍ତତଃ କ୍ରମାନ୍ୱୟରେ ସାତ ପୁରୁଷର cultureର କ୍ରମ-ପର୍ଯ୍ୟାୟ ଦେଖି— ସେହି cultureଟା ଯେଉଁ ବର୍ଣ୍ଣର instinct— ସେଥିରେ ଗଣ୍ୟ କରି ନେଲେ ଖୁବ୍ ବେଶୀ ଭୁଲ୍ ହେବ ବୋଲି ମନେହୁଏନା— ଯଦିଓ ସେଇ ବର୍ଣ୍ଣର ନିମ୍ନ degreeରେହିଁ ସେମାନଙ୍କର ସ୍ଥାନ ହେବା ସ୍ୱାଭାବିକ, ଯଥାପ୍ରାୟଶ୍ଚିତ୍ତରେ । ଏହି ରକମ ତ ମୋର ମନେ ହୁଏ ।

ପ୍ରଶ୍ନ । ଆଉ ଏହି instinctଗୁଡ଼ିକ accurately determine କରାଯିବ କିପରି ?

ଶ୍ରୀଶ୍ରୀଠାକୁର । ସେହି ଏହିଭଳି ବଂଶାନୁକ୍ରମିକ habits and behaviourର ଭିତର ଦେଇହିଁ ସାଧାରଣତଃ ଦେଖା ଯାଇପାରେ । ପୁଣି, ଏହି habits and behaviour ଭିତର ଦେଇହିଁ ଆନ୍ତରିକ ବୋଧ-ସମ୍ପଦକୁ ଅନେକଟାହିଁ ନିର୍ଣ୍ଣୟ କରା ଯାଇପାରେ, ଆଉ ଏହିଗୁଡ଼ିକ ମିଶି ହିଁ ହେଉଛି ମଣିଷର ସ୍ୱତଃପ୍ରକୃତି । ଆହୁରି କହେ, dealings ଆଉ behaviour କିନ୍ତୁ ଗୋଟେ ଜିନିଷ ନୁହେଁ । Behaviour ହେଉଛି ସତ୍ତାରେ ଅନୁସ୍ୟୂତ instinctମାଫିକ interested libidoର ଅଭିବ୍ୟକ୍ତି— ଆଉ dealings ହେଉଛି ମଣିଷର passion, ପ୍ରବୃତ୍ତି ବା interestର ଚାହିଦା ଯୋଗାଣର manipulating conduct. ତେଣୁ ସେହି dealings ଭିତର ଦେଇ ନଜର କରିଲେବି ମଣିଷର habits and behaviourକୁ infer କରା ଯାଇପାରେ । Enormous educated peopleର ଭିତରେବି ହୁଏତ low instincts active ଦେଖିବାକୁ ମିଳେ— ତା'ର ସେହି habits and behaviourର lens ଭିତର ଦେଇ ଟିକେ ନଜର କରିଲେହିଁ ।

ସାଧାରଣତଃ ଦେଖିବାକୁ ମିଳେ— ଯେତେବେଳେହିଁ ସମାଜରେ uphill eugenic relation ଅର୍ଥାତ୍ ଅନୁଲୋମ ବିବାହ ଯେ କୌଣସି କାରଣରୁହିଁ restricted ହୋଇ ଚାଲିଥାଏ, ତା'ପରଠାରୁହିଁ uplifting eugenic bridge ଭାଙ୍ଗି ଯାଇ

ଚରିତ୍ରହୀନ ଚରିତ୍ରବାନକୁ
କେବେବି କ'ଣ ବୁଝିପାରେ ?
ନିଜ ଚରିତ୍ରର ପ୍ରତିଫଳନେ
ସବୁ ଚରିତ୍ର ବିଚାର କରେ । ୨୧ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ଆଦର୍ଶହରା isolated divisionsରେ ବିଭକ୍ତ ହେଉ ହେଉ ପରସ୍ପର ଭିତରେ ଅବଜ୍ଞାର ପରିବେଶ ସୃଷ୍ଟି କରେ, ଜନସାଧାରଣଙ୍କ ଭିତରେ ପ୍ରତିଲୋମ-ସଂସ୍ପର୍ଶୀ tendency majorityରେ ଖେଳାଉ ଖେଳାଉ ସମାଜ demoralising destructive demolition ଦିଗରେ goaded ହୋଇଥାଏ । ଆଉ ତା'ରିହିଁ ଫଳରେ ଆସେ ପରସ୍ପର ଭିତରେ fellow-feelingହରା ଅକୃତଜ୍ଞ treacherous betrayal. ଆଦର୍ଶ-ଅବଶ ପ୍ରବୃତ୍ତି-ଉଚ୍ଛଳ egoistic ବୃତ୍ତିତାନ୍ତ୍ରିକତା । ଆଉ, ଏହି ପ୍ରତିଲୋମ-ସ୍ପର୍ଶର instinctive characteristic ହେଉଛି— superiorମାନଙ୍କର ଦୋଷ କୁଢ଼େଇ ନେଇ ସେମାନଙ୍କର inner-fulfilling instinctଗୁଡ଼ିକୁ କୌଣସିପ୍ରକାରେ nurture ନ ଦେଇ ତାଚ୍ଛିଲ୍ୟର ସ୍ରୋତରେ ଭସେଇ treacherously ଅବଜ୍ଞାର ସହିତ ସେଗୁଡ଼ିକୁ enjoy କରିବା— ଆଉ ଅନୁଲୋମ ଗୋଟେ heroic ପ୍ରେଷ୍ଟନତିର ସହିତ ସେହିଗୁଡ଼ିକର ଠିକ୍ ଓଲଟା ।

ପ୍ରଶ୍ନ । ଆପଣ ଯେ କହୁଛନ୍ତି, ପାଶ୍ଚାତ୍ୟ ଦେଶରେ ବି ଏହି ବର୍ଣ୍ଣ-ବିଧାନ adopt କରାଯାଇପାରେ । ତା' କରିଲେ କ'ଣ ସେମାନଙ୍କର ଶ୍ରମିକ-ଧନିକ ପ୍ରଭୃତି ନାନାବିଧ ସମସ୍ୟାର କୌଣସିପ୍ରକାର ସମାଧାନ ହୋଇପାରେ ? ସେମାନଙ୍କ ଦେଶରେବି ଆମମାନଙ୍କ ଦେଶ ଭଳି ନାନା ଜାତି ସୃଷ୍ଟି ହେଲେ ସେମାନଙ୍କର ସେହି ସବୁ ସମସ୍ୟା କ'ଣ ଆହୁରିବି ବଢ଼ିହିଁ ଯିବନି ?

ଶ୍ରୀଶ୍ରୀଠାକୁର । ମୁଁ ଆପଣମାନଙ୍କୁ ଯା' ଯା' କହିଛି— ତା' ମଣିଷ ଓ ଦେଶ-ମାତ୍ରେରହିଁ ଉପଯୋଗୀ ମନେକରି; ଅବଶ୍ୟ ଦେଶକାଳ-ପାତ୍ର ହିସାବରେ ସେଗୁଡ଼ିକୁ ଯଥାଯଥ adjust କରି ନେବାକୁ ହେବ— ଏହି ତ କଥା । ମୋର ତ ମନେହୁଏ, ଆର୍ଯ୍ୟବିଧି ଭଳି ଏହିଭଳି ସମାଧାନୀ ବିଧି— ଯା' କେତେ କେତେ କାଳର କେତେ ଛୋଟ, କେତେ ବିରାଟ ରକମର ଭୂୟୋଦର୍ଶନ-ନିଃସୃତ— ତା' ଯେ ବହୁ ସମାଧାନହିଁ ହସ୍ତାମଳକବତ୍ ସମାଧାନ କରି ରଖିଛି,— ସେ ସମ୍ବନ୍ଧରେ ମୁଁ କୌଣସି ଦ୍ୱିଧାହିଁ ତିଷ୍ଠି ରଖି ପାରେନା ।

ପ୍ରଶ୍ନ । ଆପଣ ଯେ ବଙ୍ଗଳାରେ ପତିତ, ପାତିତ୍ୟ, ଅନ୍ତ୍ୟଜ, ଏପରିକି ମ୍ଲେଚ୍ଛାଚାରୀ ପର୍ଯ୍ୟନ୍ତ ସମସ୍ତ ଜାତିକୁହିଁ ଏହି ସନାତନ ଆର୍ଯ୍ୟଧର୍ମରେ ଦୀକ୍ଷିତ କରୁଛନ୍ତି, ଏହା ବି କ'ଣ ଆର୍ଯ୍ୟବିଧାନାନୁସାରେ ? କୋଉ ବିଧାନରେ ଏମାନଙ୍କୁ ସମସ୍ତଙ୍କୁହିଁ ବର୍ଣ୍ଣାଶ୍ରମୀ କରି ତୋଳିଛନ୍ତି ?

ଶ୍ରୀଶ୍ରୀଠାକୁର । ମୁଁ ତ ଗୋଟେ ଅକସ୍ମାତ୍ ଜାତ ନୁହେଁ ? ଯା' କରି ଭଲ ହୁଏ ତା' ଜାଣି ପାରିଲେହିଁ, ଯେଉଁମାନଙ୍କର ଭଲ ହେବା ବା ଭଲ-ପାଇବାର ଆକାଂକ୍ଷା ଅଛି ସେମାନେ ସେହି ପଥରେହିଁ ଚାଲିଥା'ନ୍ତି । ମୁଁବି ତା'ହିଁ ଚାହେଁ— ଆର୍ଯ୍ୟବିଧାନ ଭଳି ବାସ୍ତବ ଉନ୍ନତ-ନିୟନ୍ତ୍ରଣୀ ହଜମୀ ବିଧାନ ମୁଁ ତ ଆଉ କୋଉଠିବି ଦେଖିବାକୁ ପାଏନା । ଆର୍ଯ୍ୟବିଧାନ ସତ୍ତାକୁ ସ୍ୱତଃ କରି ତୋଳି, ତା'କୁ ନିୟନ୍ତ୍ରଣରେ beingର ଆମୂଳ ଉନ୍ନତିରେ ପରିବର୍ତ୍ତିତ କରି ଦିଏ । ସେଥିରେ shallow ବା superficial manipulation ବୋଲି କିଛି ନୁହେଁ । ଏମାନଙ୍କର କଥାହିଁ ହେଉଛି acquisitionକୁ instinctରେ ପରିଣତ କରିବା । ଏପରି କରି ଏମାନେ ଛୋଟକୁ ଆମୂଳ ବଡ଼ କରିତୋଳନ୍ତି । ଏହି ବୈଶିଷ୍ଟ୍ୟ ଯେଉଁଠାରେହିଁ ଦେଖିବେ ଠିକ୍ ବୁଝିବେ, ଏ ଆର୍ଯ୍ୟବିଧି-ନିଃସୃତ— ମୋର ତ ଏହା ବୋଲିହିଁ ମନେହୁଏ ।

ପ୍ରଶ୍ନ । ଆଚ୍ଛା, ଆର୍ଯ୍ୟଋଷିମାନେ ତ ପାତିତ୍ୟ କିପରି କରି ଘଟେ ତା'ରହିଁ ବର୍ଣ୍ଣନା କରିଛନ୍ତି, କିନ୍ତୁ ପ୍ରତ୍ୟେକ ବର୍ଣ୍ଣ, ଏପରିକି ଶୂଦ୍ର ପର୍ଯ୍ୟନ୍ତ, କିପରି ବ୍ରାହ୍ମଣତ୍ୱରେ ଉପନୀତ ହୋଇପାରନ୍ତି, ତା' ତ କାହିଁ କହି ଯାଇନାହାଁନ୍ତି ? ଏହି ଉଠା-ପକା strictly ନ ଥିଲେ ସମାଜ କ'ଣ stagnant ହୋଇଉଠେନା ?

ଶ୍ରୀଶ୍ରୀଠାକୁର । ବିପ୍ର, କ୍ଷତ୍ରିୟ, ବୈଶ୍ୟ ଏହି ଦ୍ୱିଜାତିତ୍ରୟ ଓ ଶୂଦ୍ର କିପରି କରି, କି କି ନିୟମରେ ନିଜର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରିତ ଓ ପରିଚାଳିତ କରିବେ, ସ୍ମୃତିର ବିଧି ଯେତେଦୂର ସମ୍ଭବ ତା' ବର୍ଣ୍ଣନା କରିଛନ୍ତି— ତା' ଛଡ଼ା କେଉଁ କେଉଁଥିରେ ପାତିତ୍ୟ ହୁଏ ତା' ତ କହିଛନ୍ତିହିଁ ।

ମୋଟାମୋଟି ବ୍ୟାପାରଟାହିଁ ହେଉଛି, ଏହି ବିପ୍ର, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଅର୍ଥାତ୍ ଯେଉଁମାନେ ଏହି ଆର୍ଯ୍ୟ ବ୍ରାହ୍ମଣ୍ୟକୃଷ୍ଟିକୁ ଅବଲମ୍ବନ କରିଛନ୍ତି, ସେମାନଙ୍କର ବର୍ଣ୍ଣାନୁପାତିକ କର୍ମରେ ନିୟୋଜିତଠାରୁ ନିଜ ଜୀବନରେ ବାସ୍ତବଭାବେ ସେହି ବ୍ରାହ୍ମଣ-କୃଷ୍ଟିକୁ work out କରି, hereditary specialisationରେ intuitive instinctଗୁଡ଼ିକରେ ସହଜାତ ଆଧିରୂଢ଼ତାରେ ଜୀବନକୁ ଉତ୍କ୍ରମଣଶୀଳ କରି ତୋଳିବାକୁହିଁ ହେବ । ଏହା ହେଉଛି ଆର୍ଯ୍ୟକୃଷ୍ଟିର ଉତ୍ପ୍ରଗତିପନ୍ନ ବିଶେଷ ବାସ୍ତବ ବୈଶିଷ୍ଟ୍ୟ । ଆଉ ଏହାରହିଁ ଅନ୍ତରାୟ ଯା' କିଛି ତା'କୁହିଁ ପାତିତ୍ୟ ବୋଲି ଅଭିହିତ କରାଯାଏ । ଆର୍ଯ୍ୟକୃଷ୍ଟିର ମସ୍ତକ ଓ ମେରୁଦଣ୍ଡହିଁ ହେଉଛି ଇଷ୍ଟାନୁପ୍ରାଣତାରେ ଉଦ୍‌ବୁଦ୍ଧ ସପାରିପାର୍ଶ୍ୱିକ ବ୍ୟଷ୍ଟିକୃଷ୍ଟି— ଏହା ଯେପରି ଅପଘାତପ୍ରାପ୍ତ ହୁଏ, ତା'ହିଁ ଏହି କୃଷ୍ଟିମତେ, ମୋର ମନେହୁଏ, ପାତିତ୍ୟ ବୋଲି ଅଭିହିତ ହୋଇଛି । *(କ୍ରମଶଃ)*

ବ୍ୟଭିଚାରେ ଦୁଷ୍ଟ ଯିଏ
ବ୍ୟତିକ୍ରମେ ପୁଷ୍ଟ,
ଲକ୍ଷେ ପାଣ୍ଡିତ୍ୟ ଥାଉନା ସେଠାରେ
ନିହାତି ହିଁ ନିକୃଷ୍ଟ । ୨୩ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

ପଦୁଳଦୀପ୍ତି

ସଂକଳୟିତା — **ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ**

(ପୂର୍ବପ୍ରକାଶିତ ଉତ୍ତାରୁ.....)

ପୌଷ–୯, ମଙ୍ଗଳବାର, ୧୩୭୫
(ଇଂତା.୨୪.୧୨.୧୯୬୮ରିଖ)

ସକାଳବେଳା ସାତଟା ପନ୍ଦର ମିନିଟ୍ ସମୟରେ ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି । ପୂଜ୍ୟପାଦ ବଡ଼ଦା ଆସି ପ୍ରଣାମ କରି ବସିଲେ । ନିତ୍ୟଦିନହିଁ ବଡ଼ଦା ସକାଳବେଳା ସମବେତ ପ୍ରାର୍ଥନା ପରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଆସି ବସନ୍ତି । ପୂଜ୍ୟପାଦ କାଜଲଦା ଆସି ବସିଲେ । ଆହୁରିବି ଅନେକେ ଉପସ୍ଥିତ ଅଛନ୍ତି ।

ଶ୍ରୀଶ୍ରୀଠାକୁର ବଡ଼ଦାଙ୍କୁ କହିଲେ— ମୋର ସେଠାକୁ ଯିବାକୁ ଇଚ୍ଛା ହୁଏ ।

ବଡ଼ଦା— ବାହାରେ ଭୀଷଣ ଥଣ୍ଡା ।

ଶ୍ରୀଶ୍ରୀଠାକୁର ଗାଡ଼ି କରି ଟିକେ ବୁଲି ଆସିଲେ । ଦ୍ୱିପ୍ରହରେ ଭୋଗ ପରେ ଶ୍ରୀଶ୍ରୀଠାକୁର ଟିକେ ବିଶ୍ରାମ କରନ୍ତି ।

ଉପରବେଳା ଆଡ଼କୁ ତାଙ୍କ ଶରୀରଟା ଖରାପ ହୁଏ । ସିଏ ଖୁବ୍ ଅସ୍ୱସ୍ତି ଅନୁଭବ କରନ୍ତି ।

ପାର୍ଲରର ଦରଜା–ଝରକା ଘର ବନ୍ଦ କରି ଦିଆଗଲା । ସିଏ ଶୋଇଲେ ।

ପୌଷ–୧୦, ବୁଧବାର, ୧୩୭୫
(ଇଂତା.୨୫.୧୨.୧୯୬୮ରିଖ)

ସକାଳବେଳା ୭ଟା ୩୦ମିନିଟ୍ ସମୟରେ ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି ।

୭ଟା ୪୫ମିଃ. ସମୟରେ ସିଏ ଗାଡ଼ି କରି ବୁଲି ଆସିଲେ । ପାର୍ଲରରେ ଆସି ବସିଲେ ।

ପୂଜ୍ୟପାଦ ବଡ଼ଦା, ସରୋଜିନୀମା', ସେବାଦି ଅଛନ୍ତି ।

ଟିକେପରେ ସିଏ ତମାଖୁ ଖାଉଛନ୍ତି । ତାଙ୍କର କାଶଟା ଟିକେ କମିଛି । ଶ୍ରୀଶ୍ରୀଠାକୁର ଗଡ଼ଗଡ଼ାର ନଳଟା ହାତରେ ନେଇ ଆସ୍ତେ ଆସ୍ତେ ଟାଣୁଛନ୍ତି ।

ସରୋଜିନୀମା'— ଆପଣଙ୍କୁ କଷ୍ଟ ହୁଏ ଦେଖି ଗତକାଲି ରାତିରେ ବଡ଼ଖୋକା ଆପଣଙ୍କର ସେହି ଘରେ ଶୋଇଥିଲା । ଆପଣଙ୍କ ପଛରେ । ଆଜି ସକାଳେ ଉଠି ଘରକୁ ଯାଇ (ଷୋଡ଼ଶୀଭବନକୁ) ପୁଣି ଲୁଗାପଟା ବଦଳାଇ ଆସିଛି । ବଡ଼ଖୋକାରବି ଶରୀର ଭଲ ନାହିଁ ।

ଶ୍ରୀଶ୍ରୀଠାକୁର— କାଜଲ କେବେ ଆସିବ ?

ବଡ଼ଦା— ଆଗାମୀକାଲି ।

ସରୋଜିନୀମା'— ବଡ଼ଖୋକା ଏବେ ଘରକୁ ଯାଉଛି ।

ଏବେ ସାଢ଼େ ଆଠଟା ବାଜିଛି । ପୁଣି ଆସିବ ଆପଣଙ୍କ ଭୋଗ ସମୟରେ । ସବୁସମୟରେହିଁ ତ ସେ ଆପଣଙ୍କ ପାଖେ ପାଖେହିଁ ରହେ । ଆପଣଙ୍କୁ ନେଇହିଁ ସବୁ ସମୟରେ ରହେ । ଆପଣଙ୍କ ସ୍ୱସ୍ତି ପାଇଁ ଯା' କରଣୀୟ ତା' ସବୁହିଁ କରୁଛି । ଆପଣଙ୍କ

କର୍ମବିହୀନ ଆଡ୍ଡାବାଜୀର
ଯେତେ ଗୌରବ ବାକ୍ୟରେ,
ଦେଶବିଦେଶର ଖବର ଯୋଗାଏ
ଥାଏ ସେ ସେହି ଲକ୍ଷ୍ୟରେ । ୨୯ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

କଷ୍ଟ ଦେଖି ତା'ରବି ଖୁବ୍ ମନ ଖରାପ । ମୁଁବି ଟିକେ ଘରକୁ ଯିବି ।

ଶ୍ରୀଶ୍ରୀଠାକୁର— ଯାଅ । ବଡ଼ଖୋକାବି ଯାଉ ।

ପୂଜ୍ୟପାଦ ବଡ଼ଦା ଓ ସରୋଜିନୀମା' ଉଭୟେହିଁ ବାହାରକୁ ଆସିଲେ ।

ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି । ପାଖ ତକିଆରେ ଭରା ଦେଇ ଟିକେ ବିଶ୍ରାମ କରୁଛନ୍ତି ।

ପୌଷ–୧୧, ଗୁରୁବାର, ୧୩୭୫
(ଇଂତା.୨୬.୧୨.୧୯୬୮ରିଖ)

ସକାଳେ ପାର୍ଲରରେ ।

ସକାଳବେଳା ୭ଟା ୧୫ମିଃ. ସମୟରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ପାର୍ଲରରେ ଉପବିଷ୍ଟ ଅଛନ୍ତି । ତାଙ୍କ ଶରୀର ଭଲ ନାହିଁ, କଥାବାର୍ତ୍ତା ବିଶେଷ କରୁ ନାହାଁନ୍ତି । ବାହାରେ ଭୀଷଣ କୁହୁଡ଼ି । ଥଣ୍ଡାବି ଅଛି । ଟିକେ ଟିକେ ଝିପ୍ ଝିପ୍ ବର୍ଷା ହେଉଛି । ସକାଳୁହିଁ ପରିବେଶଟା ଭଲ ନାହିଁ । ଏ ମଧ୍ୟରେବି ଶ୍ରୀଶ୍ରୀଠାକୁର ଗାଡ଼ି କରି ଟିକେ ବୁଲି ଆସିଲେ ।

ବଡ଼ଦା ଶ୍ରୀଶ୍ରୀଠାକୁରଙ୍କ ନିକଟରେହିଁ ବସିଛନ୍ତି ।ସିଏ ଶ୍ରୀଶ୍ରୀଠାକୁରଙ୍କୁ ଗଳ୍ପ କରି ଶୁଣାଉଛନ୍ତି । ଟିକେ ସମୟ ହେଲା ପରେ ଶ୍ରୀଶ୍ରୀଠାକୁରଙ୍କ ଭୋଗର ବ୍ୟବସ୍ଥା କରାଯାଏ । ଭୋଗ ପରେ ଶ୍ରୀଶ୍ରୀଠାକୁର ଶୋଇ ପଡ଼ନ୍ତି ।

ଉପରବେଳା ଶ୍ରୀଶ୍ରୀଠାକୁର ପାର୍ଲରରେ ଅଛନ୍ତି । ତାଙ୍କ ଶରୀର ଭଲ ନାହିଁ । ବିଧାନସଭାର ସଦସ୍ୟ ବଙ୍କିମ ଶାସମଲଭାଇ ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ବସିଲେ ।

ଶ୍ରୀଶ୍ରୀଠାକୁର— ଭଲ ?

ବଙ୍କିମ ଶାସମଲଭାଇ— ଆଜ୍ଞା, ଭଲ ଅଛି । ଆପଣଙ୍କ ଆଶୀର୍ବାଦ ନେବାକୁ ଆସିଲି । ଆପଣ ଆଶୀର୍ବାଦ କରିବେ ଯେପରି ସୁଷ୍ଠୁଭାବେ କାମ କରି ଯାଇପାରେ ।

ଶ୍ରୀଶ୍ରୀଠାକୁର— ମୋର ଆଶୀର୍ବାଦ ଅଛିହିଁ । କରିଲେହିଁ ହୁଏ । କର, ନିଷ୍ଠା ନେଇ ଚାଲ ।

ବଙ୍କିମଭାଇ ପ୍ରଣାମ କରି ଚାଲି ଆସିଲେ ।

ରାତିରେ ସାତଟା ସମୟରେ ଶ୍ରୀଶ୍ରୀଠାକୁର ଟିକେ କାତ୍ ହୋଇ ଶୋଇପଡ଼ିଲେ । ସରୋଜିନୀମା' ଶ୍ରୀଶ୍ରୀଠାକୁରଙ୍କ ପାଦରେ ହାତ ବୁଲାଇ ଦେଉଛନ୍ତି ।

> ମହତ୍ତ୍ୱରହିଁ ବଢ଼ିବା-କମିବା
> ଯାହାର ଯେପରି ଯେତେ ହୁଏ,
> ଦୁନିଆରେ ସେ ମଣିଷହିଁ
> ଛୋଟ କିମ୍ବା ବଡ଼ ରହେ । ୩୧ ।
>
> *(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)*

ପୌଷ–୧୨, ଶୁକ୍ରବାର, ୧୩୭୫
(ଇଂତା.୨୭.୧୨.୧୯୬୮ରିଖ)

ସକାଳ ସାଢ଼େ ଆଠଟାରେ ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି । ଆଜିବି ସିଏ ଗାଡ଼ି କରି ବୁଲି ଆସିଲେ । ତାଙ୍କ ଶରୀର ଭଲ ନାହିଁ । ସିଏ ଶୋଇଛନ୍ତି । ସରୋଜିନୀମା' ପାଖରେ ବସି ଶ୍ରୀଶ୍ରୀଠାକୁରଙ୍କ ପିଠିରେ ହାତ ବୁଲାଇ ଦେଉଛନ୍ତି । ଆଜିବି ଆକାଶ ମେଘୁଆ । ଆଜି ପ୍ରାୟଃ ସାଢ଼େ ଏଗାରଟାରେ ଠାକୁରଭୋଗ ହୁଏ ।

ଆଜି ସନ୍ଧ୍ୟା ପରଠାରୁହିଁ ଶ୍ରୀଶ୍ରୀଠାକୁର ଶୋଇ ପଡ଼ିଲେ । ରାତି ସାଢ଼େ ନଅଟାରେ ଉଠନ୍ତି ।

ପୌଷ–୧୩, ଶନିବାର, ୧୩୭୫
(ଇଂତା.୨୮.୧୨.୧୯୬୮ରିଖ)

ସକାଳବେଳା ସମବେତ ପ୍ରାର୍ଥନା ପରେ ଶ୍ରୀଶ୍ରୀଠାକୁର ପାର୍ଲରରେ ବସିଛନ୍ତି । ଏବେ ସମୟ ସାଢ଼େ ସାତଟା । ଶ୍ରୀଶ୍ରୀଠାକୁର ଗାଡ଼ି କରି ବୁଲିବାକୁ ଗଲେ । ପ୍ରାୟଃ ଆଠଟା ସମୟରେ ସିଏ ଫେରି ଆସି ପାର୍ଲରରେ ବସନ୍ତି । ଆଜି ଅନ୍ୟ ଦୁଇଦିନ ତୁଳନାରେ ଟିକେ ଭଲ ଅଛନ୍ତି । ପ୍ରଫୁଲ୍ଲ କୁମାର ଦାସଭାଇ ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ 'ଆଲୋଚନା-ପ୍ରସଙ୍ଗ' ଲେଖି ନେଇ ଆସିଛନ୍ତି । ତା' ପାଠ କରି ଶୁଣାଇବେ ଶ୍ରୀଶ୍ରୀଠାକୁରଙ୍କୁ ।

ପ୍ରଫୁଲ୍ଲଭାଇ— ଆଲୋଚନା ପ୍ରସଙ୍ଗ ପାଠ କରିବି ?

ଶ୍ରୀଶ୍ରୀଠାକୁର— କର ।

ପ୍ରଫୁଲ୍ଲଭାଇ 'ଆଲୋଚନା ପ୍ରସଙ୍ଗ', ଯା' ସତ୍‌ସଙ୍ଗର ମାସିକ ମୁଖପତ୍ର 'ଆଲୋଚନା' ପତ୍ରିକାରେ ଛପା ହେବ ତା' ପଢ଼ି ଶୁଣାଇଲେ । ଅଜିତ ଗାଙ୍ଗୁଲୀଭାଇ, କାଳିଦାସୀମା', ସୁଷମାମା' ଓ ଆହୁରି ଅନେକେ ଉପସ୍ଥିତ ଅଛନ୍ତି ।

ଆଜି ବାୟୁମଣ୍ଡଳ ପରିଷ୍କାର । ମେଘ କଟି ଯାଇଛି । ଖରା ଉଠିଛି । କନକନିଆ ଥଣ୍ଡା ପବନ ଦେଉଛି । ଶୀତବି ଖୁବ୍ ଅଛି ।

(କ୍ରମଶଃ)

ଦୀପରକ୍ଷୀରୁ....

ଅମରତ୍ୱ ଲାଭ କରାଯାଏ କିପରି ?

॥ 'ଷଣ୍ଢ' ପ୍ରସଙ୍ଗରେ ॥

ଶ୍ରୀଶ୍ରୀଠାକୁର— ଦେଖ, bull (ଷଣ୍ଢ)କୁ ଆମେମାନେ ଏବେବି ପୂଜା କରୁ । କାରଣ, ସେ ଶିବଙ୍କୁ ଅର୍ଥାତ୍ କଲ୍ୟାଣକୁ ବହନ କରେ । ପୁଣି, ସେ ବଳଦ, ମାନେ ବଳ ଦାନ କରେ । ସେହି bull (ଷଣ୍ଢ) ହେବା ଭଲ । Five bulls can pull many things (ପାଞ୍ଚଟା ଷଣ୍ଢ ବହୁ ଜିନିଷ ଟାଣି ନେଇପାରନ୍ତି) । Bull (ଷଣ୍ଢ) ଆମମାନଙ୍କର daily friend (ପ୍ରତିଦିନର ବନ୍ଧୁ) । ସେ ଚାଷ କରେ । ତା'କୁ ଦେଇ ଗାଡ଼ି ଟାଣୁ । କେତେ କାମ କରୁ । ଆଗକାଳରେ ଯା'ର bull (ଷଣ୍ଢ) ବେଶୀ ଥିଲା ସେହି ହେଉଥିଲା ବଡ଼ଲୋକ । bull (ଷଣ୍ଢ) ହେଲା ଶିବଙ୍କ ବାହନ, ମାନେ କଲ୍ୟାଣର ବାହନ ।

(ଦୀପରକ୍ଷୀ, ତା୦୨.୦୧.୧୯୫୬ରିଖ)

॥ 'ଦୀକ୍ଷାଦାନ' ପ୍ରସଙ୍ଗରେ ॥

ସୁଶୀଲଭାଇ (ଦାସ)— ଦୀକ୍ଷା ଦେବା ସମୟରେ କୋଉ କୋଉ ବିଷୟ ଉପରେ ବେଶୀ ଜୋର ଦେବା ଦରକାର ?

ଶ୍ରୀଶ୍ରୀଠାକୁର— ଦୀକ୍ଷା ଦେବା ସମୟରେ ସଙ୍କଳ୍ପଗୁଡ଼ିକୁ ଠିକ୍ କରି ବୁଝାଇ ଦେବାକୁ ହୁଏ । ଅସଲ ଜିନିଷ ହିଁ ହେଲା determination (ସଙ୍କଳ୍ପ) । ଦୀକ୍ଷାଘରେ ବସିହିଁ ସେଗୁଡ଼ିକ କରାଇବାକୁ ହୁଏ କେଇ ମିନିଟ୍ । Practice (ଅଭ୍ୟାସ) କରାଇବାକୁ ହୁଏ । ଦୀକ୍ଷାପ୍ରଣାମୀ ଯେଉଁଟା ସେଇଟା ଗୁରୁଙ୍କର । ଆଉ ରତ୍ୱିକ୍-ପ୍ରଣାମୀଟା ତୁମର ।

ସୁଶୀଲଭାଇ— ଅନେକେ କହନ୍ତି, ଦୀକ୍ଷା ସମୟରେ ଯଜମାନର ଦୋଷଗୁଡ଼ିକ ରତ୍ୱିକ୍ ଭିତରେ ଚାଲି ଆସେ, ସତ୍ୟ ନା କ'ଣ ?

ଶ୍ରୀଶ୍ରୀଠାକୁର— ଅନେକ ସମୟରେ ଆସିଯାଏ । ତେଣୁ ନିଜକୁ ଠିକ୍ ରଖି ଚାଲିବା ଦରକାର ।

(ଦୀପରକ୍ଷୀ, ତା୧୬.୦୧.୧୯୫୬ରିଖ)

॥ ଚାକିରୀ କରିଲେ... ॥

ଚାକିରୀ କରିଲେହିଁ ଅନ୍ୟପ୍ରକାର ବୁଦ୍ଧି ଗଜାଏ । ମଣିଷ ସଙ୍ଗେ ବ୍ୟବହାର ଏପରି କରିବା ଦରକାର ଯେ ତୁ ନ ହେଲେ ସେମାନଙ୍କର ଚଳେହିଁ ନାହିଁ । ଛୋଟମୋଟ ଔଷଧ stock (ସଞ୍ଚୟ) କରି ରଖିବା ଦରକାର । ପୁଣି, କେତେଗୁଡ଼ିଏ ଔଷଧ ରଖିବା ଦରକାର ଯା'ର ଦାମ ପଡ଼େନା । ମଣିଷକୁ ଏପରିହିଁ ଦିଆଯାଏ । ସେଥିରେ ମଣିଷ ସହିତ ପରିଚୟର କ୍ଷେତ୍ର ବଢ଼େ, ପଇସା ବଢ଼େ । ଟଙ୍କାପଇସା ଦିଗରେ ଲୋଭ ନ କରି ମଣିଷ ଦିଗରେ ଲୋଭ ବଢ଼ାଇବା ଦରକାର । ହୋମିଓପ୍ୟାଥିକ ଔଷଧର character determine (ଲକ୍ଷଣ ନିର୍ଦ୍ଧାରଣ) କରିବାକୁ ହୁଏ । Character (ଲକ୍ଷଣ) ଅନୁଯାୟୀ ଦେଲେହିଁ ରୋଗ କମିଯାଏ । ସେହି ଯେ ଘୋଷଙ୍କ ଲେଖା ଗୋଟେ ଛୋଟ ମେଟିରିୟା ମେଡ଼ିକା ଅଛି । ସେଇଟା ପାଖରେ ରଖିବା ଭଲ । *(ଦୀପରକ୍ଷୀ, ତା୧୬.୦୧.୧୯୫୬ରିଖ)*

॥ 'ଆଚାର୍ଯ୍ୟ' ଶବ୍ଦର ଅର୍ଥ ॥

ଶରତଭାଇ ଆଚାର୍ଯ୍ୟ ଶବ୍ଦର ଅର୍ଥ ନେଇ କଥା କହୁଥିଲେ ।

ଶ୍ରୀଶ୍ରୀଠାକୁର— ମୋର ସବୁ ଚାହିଁବା, ସବୁ ପାଇବା, ସବୁ ପ୍ରୟୋଜନ transcend (ଅତିକ୍ରମ) କରି ଯେତେବେଳେ ଇଷ୍ଟଙ୍କ ପାଇଁ ମୋର ଅଲଗା ଲାଳସା ଉଦଗ୍ର ହୋଇଉଠେ ସେତେବେଳେ ମୁଁ ଆଚାର୍ଯ୍ୟ ହେବାର ପଥରେ ଠିଆହୁଏ ।

(ଦୀପରକ୍ଷୀ, ତା୧୬.୦୧.୧୯୫୬ରିଖ)

॥ ଅଶୌଚ ହୋଇଥିଲେ.... ?

ସୁରେନଭାଇ (ବିଶ୍ୱାସ)— କୋଉ ଘରେ ଜନ୍ମାଶୌଚ ଥିଲେ ସେଠାରେ ଖାଇହୁଏ ?

ଶ୍ରୀଶ୍ରୀଠାକୁର— ଇଚ୍ଛା କରିଲେ ଖାଇବୁ । ଅଶୌଚ ଚାଲିଗଲେ ଖାଇବାହିଁ ଭଲ ।

ସୁରେନଭାଇ— ଅଶୌଚଘରୁ କ'ଣ ଚାଉଳ-ଡ଼ାଲି ନିଆଯାଏ ?

ଶ୍ରୀଶ୍ରୀଠାକୁର— ନେବାକୁ ଯଦି ଇଚ୍ଛା ନ ହୁଏ ତେବେ ଦୋକାନରୁ କିଣି ନେବୁ । Hygenic purity (ସ୍ୱାସ୍ଥ୍ୟବିଧିର ପବିତ୍ରତା) ଥିଲେହିଁ ହେଲା । Hygene (ସ୍ୱାସ୍ଥ୍ୟ) ଯେପରି ଶରୀରର ଅଛି, ମନର ଅଛି, ସେପରି ଆଧ୍ୟାତ୍ମିକ hygene (ସ୍ୱାସ୍ଥ୍ୟ) ବି ଅଛି । ସେଗୁଡ଼ିକ ବୁଝି ହିସାବ କରି ଚାଲିବୁ ।

ସୁରେନଭାଇ— କିନ୍ତୁ ଅନେକ ସୂକ୍ଷ୍ମ ବ୍ୟାପାର ଅଛି ।

ଶ୍ରୀଶ୍ରୀଠାକୁର— ସୂକ୍ଷ୍ମ ବ୍ୟାପାର ସବୁହିଁ ମନରେ ଧରାପଡ଼େ । *(ଦୀପରକ୍ଷୀ, ତା୧୬.୦୧.୧୯୫୬ରିଖ)*

॥ ଫିଜିକ୍ସ ଓ କେମେଷ୍ଟ୍ରି ॥

ଫିଜିକ୍ସଟା ଭଲ କରି ଠିକ୍ କରି ନେ । ଫିଜିକ୍ସର inner mechanism (ଭିତରର ଗଠନକୌଶଳ) ହେଲା କେମେଷ୍ଟ୍ରି ।

ପଦାର୍ଥ ଠିଆହୁଏ ରସାୟନ ଉପରେ । ଆଉ ରସାୟନହିଁ କେମେଷ୍ଟ୍ରି । ଭଗବାନ ହେଲେ 'ରସୋ ବୈ ସଃ'— ରସ-ସ୍ୱରୂପ । ରସରହିଁ evolution (ବିବର୍ତ୍ତନ) ହେଲା ଫିଜିକ୍ସ, ଆଉ ଯେପରିଭାବେ ତା' ହୁଏ ତା'ହିଁ ହେଲା କେମେଷ୍ଟ୍ରି ।

(ଦୀପରକ୍ଷୀ, ତା୩୧.୦୧.୧୯୫୬ରିଖ)

॥ ସମସ୍ତେ ଗୁରୁବାଦୀ ॥

ସୁଶୀଲଭାଇ— ଆଚାର୍ଯ୍ୟଙ୍କୁ ଜାଣିବାର କଥା ଉପନିଷଦରେ ଅଛି ।

ଶ୍ରୀଶ୍ରୀଠାକୁର— ଗୁରୁଙ୍କୁ କିପରି କରି ସେବା କରିବାକୁ ହେବ, କିପରି କରି ତାଙ୍କ କଥା ଅନୁଶୀଳନ କରିବାକୁ ହେବ, କିପରି କରି କ'ଣ କରିବାକୁ ହେବ; ଏସବୁହିଁ ଆମମାନଙ୍କ ଶାସ୍ତ୍ରରେ ଅଛି । Teacher (ଶିକ୍ଷକ) ଛଡ଼ା ଶିଖି ହୁଏନା, ଗୁରୁ ଛଡ଼ା ଚଳି ହୁଏନା, ଏହି ବୋଧ ଯେଉଁମାନଙ୍କର ଅଛି ସେମାନେହିଁ ତ ଗୁରୁବାଦୀ । ଶଙ୍କରାଚାର୍ଯ୍ୟଙ୍କରବି ସେହିଭଳି କ'ଣ ଗୋଟେ କଥା ଅଛି— 'ଅଦ୍ୱୈତଂ ତ୍ରିଷୁ ଲୋକେଷୁ ନାଦ୍ୱୈତଂ ଗୁରୁଣା ସହ' । ଗୁରୁଙ୍କ ସହିତ ଆଉ ଅଦ୍ୱୈତ ହୁଏନା, ସେଠାରେ ସିଏ ଆଉ ମୁଁ । (ଶ୍ରୀଶ୍ରୀଠାକୁର ଅନେକକ୍ଷଣ ଚୁପ କରି କ'ଣ ଯେପରି ଭାବିଲେ, ପରେ କହୁଛନ୍ତି) ଗୁରୁବାଦୀ ଯେ କିଏ ନୁହେଁ ତା'ହିଁ ମୁଁ ଭାବି ପାରୁନି । କବୀର, ନାନକ, ବ୍ୟାସ, ବଶିଷ୍ଠ, ରାମକୃଷ୍ଣ ଠାକୁର, କିଏ ଯେ ଗୁରୁବାଦୀ ନୁହଁନ୍ତି ତା'ହିଁ ତ ଭାବି ଠିକ୍ ପାଏନା । Teacher (ଶିକ୍ଷକ) ବାଦ ଦେଇ ଲେଖାପଢ଼ା ଶିଖି ହୁଏନା, ଏ କଥା କହିଲେ ଯଦି ଗୁରୁବାଦୀ ହୁଏ ତା'ହେଲେ ସମସ୍ତେ ତ ଗୁରୁବାଦୀ । ଯେତେ ବାଦର ଅବତାରଣା ହୁଏ, ସମାଜର ସଂହତି ସେତେ ଭାଙ୍ଗିଯାଏ, ପାରସ୍ପରିକତା ସେତେ ନଷ୍ଟ ହୋଇଯାଏ । ବାଦ ସାଧାରଣତଃ ଗୋଟେକୁ discard (ପରିତ୍ୟାଗ) କରି ଅନ୍ୟ ଗୋଟେକୁ interduce (ପ୍ରବର୍ତ୍ତନ) କରେ । କିନ୍ତୁ ସେହି ବାଦଟା ଯଦି ପାବକ-ବାଦ ହୁଏ ତେବେହିଁ ସମାଜର କଲ୍ୟାଣ ହୁଏ । *(ଦୀପରକ୍ଷୀ, ତା୧୦.୦୨.୧୯୫୬ରିଖ)*

॥ ନାମକରଣ କିପରି ହୁଏ ?

ଜଣେ ଆସି ତାଙ୍କ ନବଜାତ ପୁତ୍ରସନ୍ତାନ ପାଇଁ ଗୋଟେ ନାମ ପ୍ରାର୍ଥନା କରିଲେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ । ଶ୍ରୀଶ୍ରୀଠାକୁର ତା'ର ଉର୍ଦ୍ଧ୍ୱତନ ୪ ପୁରୁଷଙ୍କ ନାମ ଶୁଣିଲେ ଏବଂ କିଛିକ୍ଷଣ ଚିନ୍ତା କରି ଗୋଟେ ନାମ କହିଦେଲେ । ଭାଇଟି ଖୁସି ମନରେ ପ୍ରଣାମ କରି ଚାଲି ଯିବା ପରେ କେଷ୍ଟଭାଇ ପଚାରିଲେ— ନାମ ରଖିବାକୁ ହେଲେ ଆପଣ ୪।୫ ପୁରୁଷଙ୍କ ନାମ ଚାହାଁନ୍ତି କାହିଁକି ?

ଶ୍ରୀଶ୍ରୀଠାକୁର— ମିଳାଇ ଦେଖେ । ସେଇ ୪ ପୁରୁଷଙ୍କ ନାମ ମଧ୍ୟରେ ଗୋଟେ ସାର୍ଥକ ସଙ୍ଗତି ଖୋଜେ ତା'ହିଁ ଦିଏ ।

କେଷ୍ଟଭାଇ— ସେଦିନ ବେଦ ମଧ୍ୟରେ ଗୋଟେ ଜାଗାରେ ଦେଖିଥିଲି, ନାମକରଣ କରିବାକୁ ହେଲେ ୪ ପୁରୁଷର ନାମ ପ୍ରୟୋଜନ ହୁଏ ।

ଶ୍ରୀଶ୍ରୀଠାକୁର (ପୁଲକିତଚିତ୍ତରେ)— ତା' ନା କ'ଣ !

କେଷ୍ଟଭାଇ— ମୁଁ ମନେ କରିଥିଲି, ଆପଣ ବୋଧେ ସେଇ ନିୟମାନୁଯାୟୀ କରନ୍ତି ।

ଶ୍ରୀଶ୍ରୀଠାକୁର— ସେପରି ନିୟମ ଯେ ଅଛି ତା' ମୁଁ ଜାଣେ ହିଁ ନା ।

ସୁଶୀଳାମା'— ଝିଅର ନାମକରଣ ବେଳକୁ ତା'ର ପୂର୍ବ ୪ ପୁରୁଷଙ୍କ ନାମ ପଚାରନ୍ତିନି କାହିଁକି ?

ଶ୍ରୀଶ୍ରୀଠାକୁର— ପୁଅ ବେଳକୁ ଦରକାର ପଡ଼େ । କାରଣ, ତା' ଭିତର ଦେଇ ବଂଶରକ୍ଷା ହେବ କି ନା ! ଆଉ ଝିଅ ତ ପର ଘର ପାଇଁ । ସେ ବାପାର ବଂଶ ରକ୍ଷା କରେନା ।

(ଦୀପରକ୍ଷୀ, ତା୧୦.୦୨.୧୯୫୬ରିଖ)

॥ ଅମରତ୍ୱ ଲାଭ କରାଯାଏ କିପରି ?

ମଣିଷ ଯେ ଅମରତ୍ୱର କଥା କହେ, ସେଇଟା କ'ଣ prolongment of life (ଜୀବନର ଦୈର୍ଘ୍ୟୀକରଣ) ନା ଆଉ କିଛି ?

ଶ୍ରୀଶ୍ରୀଠାକୁର— ମଣିଷର ସେଇଟାହିଁ goal (ଲକ୍ଷ୍ୟ) । କେତେ ମଣିଷ ମରିଛନ୍ତି, ଏବେବି ମରୁଛନ୍ତି, ତେବେବି ମଣିଷ ଅମରତ୍ୱ ବୋଲି ଚିତ୍କାର କରିବା ଛାଡ଼େନି । ଆମେମାନେ ହିନ୍ଦୁମାନେ ଜନ୍ମାନ୍ତର ମାନୁ । ମୁଁ ଯେ ଏହି ଜନ୍ମରେହିଁ ନିଃଶେଷ ହୋଇଗଲି ତା' ନୁହେଁ । ଏହାରବି ପର ଅଛି । ପୁଣି ଜନ୍ମିବି, ଜନ୍ମି ପୁଣି proceed କରିବି (ଆଗେଇ ଯିବି) । ଜନ୍ମାନ୍ତରେବି ଯଦି ମୋର ସ୍ମୃତିବାହୀ ଚେତନା intact (ଅବ୍ୟାହତ) ରହେ, ତା'ହେଲେ ଅମରତ୍ୱ ଲାଭ ହେଲା । ମରିଗଲେବି ଯଦି ପୂର୍ବ ଜନ୍ମର ସ୍ମୃତି ପରଜନ୍ମରେ continue କରେ (ସଚଳ ରହେ) ସେତେବେଳେ ପୂର୍ବର ସବୁହିଁ ଚିହ୍ନିବା ସମ୍ଭବ ହୁଏ । ମୁଁ ହୁଏତ ଆଗ ଜନ୍ମରେ କଲିକତାରେ ଥିଲି, ପରଥର ଲଣ୍ଡନରେ ଜନ୍ମ ହେଲେବି ସ୍ମୃତିବାହୀ ଚେତନା ଅକ୍ଷୁଣ୍ଣ ରହିଲେ ମୁଁ କଲିକତାର ଲୋକମାନଙ୍କୁ ଚିହ୍ନି ପାରିବି । ଚେତନା ନଷ୍ଟ ହୁଏନା । କବିରାଜମାନେ ସେ ଚେଷ୍ଟା କରିଛନ୍ତି । ଅନେକ କବିରାଜୀ ବହି ମଧ୍ୟରେ ଜରାମୃତ୍ୟୁରୋଧକ ଅନେକ ଜିନିଷର କଥା ଦେଖାଯାଏ । ତା'ର ମାନେ, ଏହି ରବଟା ଯେ ଚାଲିଛି ତା' ବୁଝାଯାଏ । ଆର୍ଯ୍ୟମାନଙ୍କର ଗୋଟେ ସବୁ ସମୟକାର ଚେଷ୍ଟା ଚାଲିଥିଲା ଜରା-ମରଣ ରୋଧ କରି ଅମୃତକୁ ଉପଭୋଗ କରିବାର । ଏଇଟା achieve କରିବା (ପାଇବା) ପାଇଁ ସେମାନେ ଏକଦମ determined (ସ୍ଥିରସଙ୍କଳ୍ପ) ଥିଲେ ।

(ଦୀପରକ୍ଷୀ, ତା୧୦.୦୨.୧୯୫୬ରିଖ)

ଜୀବନଦ୍ୟୁତିରୁ....

ସ୍ୱସ୍ତ୍ୟୟନୀର ଉଦ୍‌ବୃତ୍ତ ପ୍ରସଙ୍ଗରେ

॥ ଗୁରୁଜନ ହତ୍ୟାର ଉସ୍‌କାଣ ଦେଉଥିଲେ କି ଶ୍ରୀକୃଷ୍ଣ !

କେଷ୍ଟଦା— ଗୁରୁଜନ ହତ୍ୟା କରିବାକୁ ତ ନିଷେଧ କରିଲେ । ପୁଣି କହିଲେ, ''ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।''

ଶ୍ରୀଶ୍ରୀଠାକୁର— ଅର୍ଜୁନକୁ ଯେ ଗୁରୁଜନ ହତ୍ୟା କଥା କହିଲେ, ଯେଉଁ ଗୁରୁଜନ–ମାନେ ତଥାକଥିତ ଗୁରୁଜନ ଯେଉଁମାନେ ଗୁରୁ ନାମଧାରୀ ଅଥଚ ସତ୍ତା–ଧ୍ୱଂସକାରୀ; ଯେଉଁମାନେ ବଞ୍ଚିବାର ଅପଳାପ ନେଇ ଆସନ୍ତି । ଆଉ, ବଞ୍ଚିବାର ଅପଳାପ ଯେଉଁମାନେ ନେଇ ଆସନ୍ତି ସେମାନଙ୍କୁ ନଷ୍ଟ କରିବାହିଁ ସମୀଚୀନ । ତେଣୁ ଅର୍ଜୁନକୁ କହିଲେ, 'ତୁମେ ଯଦି ଗୁରୁଜନ ଭାବି ଅଧର୍ମକୁ ପ୍ରଶ୍ରୟ ଦିଅ, ଅସତ୍ ନିରୋଧ ନ କର, ଯେଉଁ ଗୁରୁଜନ ଧର୍ମ ଯା' ତାହାକୁ ହତ୍ୟା କରୁଛନ୍ତି, ଧର୍ମକୁ ନିରୋଧ କରୁଛନ୍ତି ସେମାନଙ୍କୁ resist (ନିରୋଧ) ନ କର, ତା'ହେଲେ ମଣିଷର ବଞ୍ଚା–ବଢ଼ା ନଷ୍ଟ ହେବ, stopped ହେବ; ମଣିଷ ଉତ୍‌କ୍ରମଣରେ ଚାଲି ପାରିବନି । ତୁମେ ଯଦି ଏହି ନିରୋଧ ନ କର ତା'ହେଲେ ତୁମର କଳଙ୍କ ହେବ ! ତେଣୁ ତୁମେ ଲାଗିପଡ଼ । ଜୟ କରିଲେ ତୁମେ ପୃଥିବୀ ଲାଭ କରିବ, ପୁଣି ଜୟ ନ କରିଲେବି ତୁମେ ଯେଉଁ principle ଓ principal ପାଇଁ ଏହି ଚେଷ୍ଟା କରିଥିଲ ଏହି ଚେଷ୍ଟାହିଁ ମଣିଷର ପ୍ରାଣରେ ପ୍ରବୋଧନା ଦେବ । ତୁମେ ଅନ୍ତତଃ ଚେଷ୍ଟା କରିଥିଲ ତା'ବି ଲୋକେ ସ୍ମରଣ କରି କୃତଜ୍ଞ ରହିବେ ।' (କେଷ୍ଟଭାଇଙ୍କୁ) ଦେଖନ୍ତୁ କୃଷ୍ଣଠାକୁର ଆଉ କ'ଣ କହିଥିଲେ ।

(ଜୀବନଦ୍ୟୁତି, ତା୦ ୧.୦୭.୧୯୫୩ ତାରିଖ)

॥ ମନ୍ଦିର ନିର୍ମାଣ ପ୍ରସଙ୍ଗରେ ॥

ଆଲିପୁରଦୁଆରେ 'ସତ୍‌ସଙ୍ଗ ବିହାର' ନିର୍ମାଣ–ପ୍ରସଙ୍ଗରେ ସୁଧୀରଭାଇଙ୍କୁ କହିଲେ— ସେଠାରେ ଯେ ବିହାର କରିବ ତା' ଯେପରି natural (ପ୍ରାକୃତିକ) ପରିବେଶ ମଧ୍ୟରେ ପଡ଼େ । 'ବିହାର' କଥାଟା ମଧ୍ୟରେ ଗୋଟେ cultural infusionର sense (ବୋଧ) ଅଛି । ଆଉ ଗୋଟେ କଥା, ଯେଉଁ ମନ୍ଦିର କରିବ ତା' ଯେପରି ଉପାସନା–ଗୃହ ହୁଏ । ମନ୍ଦିରର design (ନକ୍ସା) ଏପରି ହେବା ଉଚିତ୍ ଯେପରି ସମସ୍ତେ ସେଠାରେ ପ୍ରବେଶ କରିପାରନ୍ତି— ସର୍ବ ଜାତି, ସର୍ବ ବର୍ଣ୍ଣ— ମେହେନ୍ତର, ଶବଦାହକାରୀ ଚାଣ୍ଡାଳ ପର୍ଯ୍ୟନ୍ତ । ଅଥଚ ସେମାନଙ୍କର କା'ରବି ଦେବତା ବା ବିଗ୍ରହ ସଙ୍ଗେ contact (ସଂସ୍ପର୍ଶ) ରହିବନି । ମନ୍ଦିରର ପୁରୋହିତ ବ୍ୟତିତ ଅନ୍ୟ କେହି ଯେପରରି ସେଇଟା ସ୍ପର୍ଶ କରି ନ ପାରନ୍ତି ତା'ର ବ୍ୟବସ୍ଥା କରିବେ । ଏଥିରେ contagiousness (ସଂକ୍ରମକତା) spread (ବିସ୍ତାରଲାଭ) କରିବନି । ଗୋଟେ ଉଚ୍ଚ ଜାଗାରେ ବିଗ୍ରହ କରିବ— ଯେପରି ସମସ୍ତେ ତା' ଦେଖିପାରନ୍ତି, ଉପାସନା କରି ପାରନ୍ତି— ଠିକ୍ show-roomରେ motor carଗୁଡ଼ିକ ଯେପରି ଥାଏ ସେପରି । ତୁମେ motor car show-roomକୁ ଗଲେ ସେଗୁଡ଼ିକ ଦେଖିପାର କିନ୍ତୁ ହାତ ଦେଇ ହଲଚଲ କରିପାରନା । ଗୋଟେ common platform ରହିବ ଯେଉଁଠାରେ ସମସ୍ତେ ମିଶି ଆଳାପ–ଆଲୋଚନା କରିପାରନ୍ତି । ଆଉ ମନ୍ଦିରର ପୁରୋହିତ ମନ୍ଦିରରେ ପ୍ରବେଶ କରିପାରନ୍ତି ସେଥିପାଇଁ ବାହାର ଦିଗରୁ ଗୋଟେ ରାସ୍ତା ରହିବ । ଏଥିରେ ହିନ୍ଦୁର ନିଜସ୍ୱ ବୈଶିଷ୍ଟ୍ୟବି ବଜାୟ ରହିବ ପୁଣି universality (ସାର୍ବଜନୀନତ୍ୱ) ବଜାୟ ରହିବ । ବିଗ୍ରହ ଯେଉଁ ଘରେ ରହିବ ତା' ସଙ୍ଗେ ଉପାସନା ଗୃହର କୌଣସି ସଂସ୍ରବ ରହିବନି । ତେବେ ଏକହିଁ shade (roof) ତଳେ ହୋଇପାରେ । ବିଗ୍ରହ ସାମନାରେ railing ଦେଇ ଏପରିଭାବେ ଘେରା ରହିବ ଯେପରି ସମସ୍ତେ ବିଗ୍ରହକୁ ଦେଖିପାରିବେ— ପୂଜା କରି ପାରିବ ।

(ଜୀବନଦ୍ୟୁତି, ତା୦୩.୦୭.୧୯୫୩ ତାରିଖ)

॥ ସ୍ୱସ୍ତ୍ୟୟନୀର ଉଦ୍‌ବୃତ୍ତ ପ୍ରସଙ୍ଗରେ ॥

ସ୍ୱସ୍ତ୍ୟୟନୀର ଉଦ୍‌ବୃତ୍ତ–ପ୍ରସଙ୍ଗରେ କଥା ଉଠିଲା । ଦୟାଳ କହିଲେ— ସେହି ଉଦ୍‌ବୃତ୍ତ ଜମି–ଜମି ଯେତେବେଳେ ବେଶୀ ହୋଇଯିବ ସେତେବେଳେ ତା' ଦ୍ୱାରା ଯେଉଁ ସମ୍ପତ୍ତି ହେବ ସେହି ଇଷ୍ଟୋତ୍ତର ସମ୍ପତ୍ତି ତୁମର ବଂଶଧରମାନେ ରକ୍ଷଣାବେକ୍ଷଣ କରିବେ । ତୁମର ପୁତ୍ର–ପୌତ୍ରକୁ ଏପରିଭାବେ trained (ଶିକ୍ଷିତ) କରିବେ ଯେପରି ସେମାନେ ଏଇଟା ରକ୍ଷଣାବେକ୍ଷଣ କରନ୍ତି, ନଷ୍ଟ ନ କରନ୍ତି । ତା'ହେଲେ ସେମାନଙ୍କୁ ଆଉ ଗୋଲାମୀ କରିବାକୁ ହେବନି । ସେହି ସମ୍ପତ୍ତି ରକ୍ଷଣା–ବେକ୍ଷଣ କରି ତା' ଦ୍ୱାରାହିଁ ସେମାନେ ନିଜର ପରିବାର ପାଳନ କରିପାରିବେ ।

ଜନୈକଭାଇ— ଅନେକେ ଭାବନ୍ତି, ଏହି ଉଦ୍‌ବୃତ୍ତ ପଇସାବି

ତ ଠାକୁରଙ୍କର, ସବୁଟାହିଁ ଠାକୁରଙ୍କ ନିକଟକୁ ପଠାଇ ଦେବି । ଉଦ୍‌ବୃତ୍ତ ଆଉ ରଖିବିନି । — ପାଖରେ ରଖିବାକୁ ଚାହାଁନ୍ତିନି ସେମାନେ ।

ଶ୍ରୀଶ୍ରୀଠାକୁର— ସବୁହିଁ ତ ଠାକୁରଙ୍କର ! ତୁମେବି ତ ଠାକୁରଙ୍କ ସନ୍ତାନ । ତୁମେ ତାଙ୍କ ସେବାୟତ ହୋଇ ଠାକୁରଙ୍କ ସମ୍ପତ୍ତିର ଯତ୍ନ କର, ତା'କୁ ବଢ଼େଇ ତୋଳ, ତା'ଠାରୁ ନିଜର ପରିବାର, ପାରିପାର୍ଶ୍ୱିକର— ଯେଉଁଠାରେ ଯେପରି ଦରକାର ତା' ଲଗେଇ ତୁମେ ବଞ୍ଚ, ଜୀବନକୁ ଭୋଗ କର । ଏଇଟା ଏକଦମ ଚାଲିବ ଆଜୀବନ ଧରି— ଯଦି ଆଇନ-ଫାଇନ କରି ଏଇଟା ନଷ୍ଟ ନ କରି ଦିଏ ।

(ଜୀବନଦ୍ୟୁତି, ତା୦୩.୦୭.୧୯୫୩ରିଖ)

॥ ପେଟ ଫମ୍ପାଇଲେ ଔଷଧ ॥

ପ୍ରତ୍ୟେକ ଦିନହିଁ ପେଟ ଫମ୍ପାଏ । ଦିପହରେ ଉପରବେଳା ପେଟ ଫମ୍ପାଏ ଓ ଅଜୀର୍ଣ୍ଣ ହାକୁଡ଼ି ଉଠେ । ରାତିରେ ଖାଇଲେ ତ କଥାହିଁ ନାହିଁ । ଆଉ ପେଟ ଫାମ୍ପିଲେହିଁ ମୁଣ୍ଡ ବୁଲାଏ, ଶରୀର ଦୁର୍ବଳ ଲାଗେ ।

ଶ୍ରୀଶ୍ରୀଠାକୁର— ପେଟ ଫାମ୍ପେ ?— (କିଛିକ୍ଷଣ ଚିନ୍ତା କରି) ଗୋଟେ କାମ କର ତ ଦେଖି ! ଯେତେବେଳେହିଁ କିଛି ଖାଇବୁ, ଶେଷରେ ୪।୫ଟା ଗୋଲମରିଚ ଓ ଟିକେ ଲୁଣ ଭଲ କରି ଚୋବାଇ ଖାଇଦେବୁ ! ଖାଇବା ପତ୍ରରେ ବି ନେଇପାରୁ ।

ରେବତୀ— ଖାଇବା ଶେଷରେ ଖାଇ ଉଠିବି ?

ଶ୍ରୀଶ୍ରୀଠାକୁର— ହଁ ! ଏକଦମ ଚୋବାଇ ଗୁଣ୍ଡ କରିଦେବୁ ! ରାଗ ଲାଗିଲେ glandର secretion ହେବ ତା' ଫଳରେ engymeଗୁଡ଼ିକ ବାହାରି ଆସିବ, leverକୁ excite କରିବ । ସେଥିରେ leverର action(କାମ) ଭଲ ହେବ । ଏଇଟା ଖାଇ ଦେଖ, ତା'ପରେ ନ ହେଲେ ଅନ୍ୟ କିଛି ଦେଖାଯିବ ।

ରେବତୀ— ସକାଳେ ଜଳଖିଆ ଖାଇ ବି କ'ଣ ଖାଇବି ?

ଶ୍ରୀଶ୍ରୀଠାକୁର— ଯେତେବେଳେହିଁ ଖାଇବୁ— ଖାଇହିଁ ସେଇଟା ଖାଇବୁ ! *(ଜୀବନଦ୍ୟୁତି, ତା୦୬.୦୭.୧୯୫୩ରିଖ)*

॥ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ॥

ନନୀଭାଇ (ରମଣର ମା' ପ୍ରସଙ୍ଗରେ କହିଲେ)— ଝିଅମାନେ ଯେପରି ଅଳ୍ପରେ ଖୁସି ହୋଇପାରନ୍ତିନି କୌଣସିମତେହିଁ ।

ଶ୍ରୀଶ୍ରୀଠାକୁର— ଖୁସି ହୁଅନ୍ତି ସେମାନେ, ଦେବଜନ୍ମ ଯେଉଁମାନଙ୍କର । ସେମାନେ ସ୍ୱାମୀଙ୍କୁ ନେଇହିଁ ଖୁସି ।

ନନୀଭାଇ— ଆଜିକାଲି ଯେପରି ଦୁନିଆର ହାଲଚାଲହିଁ ବଦଳି ଯାଇଛି । ଆଜିକାଲି ଆଉ ଚିନ୍ତାମଣି ଭଳି ନାହିଁନିହିଁ । ସ୍ୱାମୀ ବାଦ ଦେଇ ସବୁ ଜିନିଷ ପ୍ରତିହିଁ ଆକୃଷ୍ଟ ।

ଶ୍ରୀଶ୍ରୀଠାକୁର— ସେ ଯଦି heart (ଅନ୍ତର) ଠିକ୍ କରି ନେଇ ଲାଗି ଯାଏ ତା'ହେଲେ ଶାଲାର ଠିକ୍ ହୋଇଯାଇପାରେ । ସେହି ନୂଆ stock ଛଡ଼ା ହେବ ନାହିଁ । ସେସବୁ leader (ନେତା)-ଫିଡ଼ର ଦେଇ କିଛି ହେବ ନାହିଁ । ସେମାନଙ୍କର ମଥା ସବୁ କିପରି ହୋଇ ଯାଇଛି— narrow selfish ନା କ'ଣ କହନ୍ତି ? (ସୁଶୀଲ ଦାସଭାଇଙ୍କୁ ଲକ୍ଷ୍ୟ କରି କହିଲେ) ।

ଟିକେ ଚୁପ୍ କରି ରହି କହିଲେ— ଏଇ ଯେଉଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ sex-relation ଉପଭୋଗ କରନ୍ତି— ତା'ବି ଯେପରି କିପରି ହୋଇ ଯାଇଛି । Ninety percent କି ତା'ଠାରୁବି ବେଶୀ ଲୋକ ଜାଣନ୍ତିନି how to enjoy with their wives, ପୁଣି wifeମାନେ ବି ଜାଣନ୍ତିନି how to establish sex-relation with their husbands. ତେଣୁ sexual enjoyment ବୋଧହୁଏ ଏତେ percent ଲୋକଙ୍କରହିଁ ହୁଏନା । Sexual urge without love is a filthy things.

ଏହା ହେଲା ଗୋଟେ ଜିନିଷ । ଆଉ ହେଉଛି ଯେ correct maching ହୁଏନା । Correct maching ନ ହେଲେ sentiment ଯଦି ଥାଆନ୍ତା ତା'ହେଲେ ବିବାହ ବର୍ଜ୍ଜନ ଆଇନ ଉଲ୍ଲେଖ ମାତ୍ର ନିଆଁ ଲଗାଇ ଦିଅନ୍ତା । ଏହି divorceଟା ହେଉଛି great insult to their womanhood.

(ଜୀବନଦ୍ୟୁତି, ତା୦୬.୦୭.୧୯୫୩ରିଖ)

॥ ମୁଁ ଭଗବାନ ହେଲେ ତୁମର କ'ଣ ଲାଭ ?

ଅନେକେ ଅଛନ୍ତି (ଲୋକଙ୍କୁ) ମୋ ନିକଟକୁ ନେଇ ଆସନ୍ତି । ମୋ ନିକଟକୁ ନେଇ ଆସିଲେ ତୁ କରିଲୁ କ'ଣ ? ହୁଏତ କହି ବସିଲା, 'ଆପଣ ଭଗବାନ' । ଆରେ ମୁଁ ଭଗବାନ ହେଲେ ତୋର କ'ଣ ? ମୁଁ ଭଗବାନ ହୁଏ ଆଉ ଶଇତାନ ହୁଏ ସେଥିରେ ତୋର ଲାଭଟା କ'ଣ ? ତୁ ଶାଲା କ'ଣ କରିଲୁ ତା' ପାଇଁ ? ମଣିଷ ପାଇଁ ନ କରିଲେ ଯୋଗ୍ୟତାରେ ଉଭିନ୍ନ ହୋଇଉଠିବ କିପରି ।

(ଜୀବନଦ୍ୟୁତି, ତା୦୬.୦୭.୧୯୫୩ରିଖ)

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ

ଇଷ୍ଟପ୍ରସଙ୍ଗ

ସଂକଳୟିତା— ଡଃ. ଶ୍ୟାମସୁନ୍ଦର ରକ୍ଷିତ, ଏମ୍.ଏ., ପି.ଏଚ୍.ଡି.

(ପୂର୍ବପ୍ରକାଶିତ ଉତ୍ତାରୁ.....)

ଗତକାଲି ଆସିଛନ୍ତି ଡ଼ଃ. ସୁଭାଷଭାଇ, ଦେବାଶିସଭାଇ, ବିପ୍ଳବଭାଇ । ସାଙ୍ଗରେ ଆସିଛନ୍ତି ବିଶିଷ୍ଟ ଶିକ୍ଷାବିଦ୍ ଡ଼ଃ. ଅମଳେନ୍ଦୁ ଭଟ୍ଟାଚାର୍ଯ୍ୟ । ସମସ୍ତେ ଶ୍ରୀଶ୍ରୀପିତୃଦେବଙ୍କୁ କେତୋଟି କରି ବହି ଉପହାର ଦେଲେ । ଶ୍ରୀଶ୍ରୀପିତୃଦେବ ସାଗ୍ରହେ ଗ୍ରହଣ କରିଲେ । ଅତଃପରେ ଅଭ୍ୟାଗତମାନଙ୍କର କୁଶଳ ନେଲେ ଶ୍ରୀଶ୍ରୀପିତୃଦେବ ।

ଅରୁଣ ଲାହିଡ଼ିଭାଇଙ୍କୁ ଦେଖି ଶ୍ରୀଶ୍ରୀପିତୃଦେବ କହିଲେ— କ'ଣ ଖବର ?

ଅରୁଣଭାଇ— ଭଲ ।

ଶ୍ରୀଶ୍ରୀପିତୃଦେବ— କ'ଣ ଅଛି ?

ଅରୁଣଭାଇ— ବସ୍ତ୍ର ।

ନୂତନ ବସ୍ତ୍ର ଦେଇ ପ୍ରଣାମ ନିବେଦନ କରିଲେ ଅରୁଣଭାଇ ।

ଉପହାର-ସାମଗ୍ରୀ ହାତରେ ଧରି ଦୁଇ ଯୁବକ ଆସି ପ୍ରଣାମ ନିବେଦନ କରିଲେ ଶ୍ରୀଶ୍ରୀପିତୃଦେବଙ୍କୁ ଏବଂ ଅନ୍ୟାନ୍ୟ ଗୁରୁଜନମାନଙ୍କୁ । ପୂଜ୍ୟପାଦ ବଡ଼ଦାଦା ଆଳାପ କରାଇ ଦେଲେ— ବାବା, ଏ ହେଉଛି ସୁଭାଷ (ସାହା), ଆଉ ଏ ଦୀନନାଥ (ସରକାର) ।

ଶ୍ରୀଶ୍ରୀପିତୃଦେବ ସେମାନଙ୍କୁ ଦେଖି ଖୁସି ହେଲେ ।

ଶୁଭ ଜନ୍ମତିଥିରେ ମେହବୁବ ବ୍ୟାଣ୍ଡ ପାର୍ଟି ଅଣା ଯାଇଛି । ସକାଳେ କିଛିକ୍ଷଣ ଠାକୁରବାଡ଼ିରେ ବଜାଇ ସମୟ ନ'ଟାରୁ ଷୋଡ଼ଶୀଭବନର ଗେଟ ନିକଟରେ ଠିଆ ହୋଇ ବଜାଇ ଚାଲିଛନ୍ତି ବାଦକଗଣ ।

ଶ୍ରୀଶ୍ରୀପିତୃଦେବଙ୍କ ଦୁଇ କାକୀମା' ଆସିଲେ । ପୂଜନୀୟା ଉଷାକାକୀମା' ଆସି ସୋଫାରେ ବସିଲେ । ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା' ଶ୍ରୀଶ୍ରୀପିତୃଦେବଙ୍କ ନିକଟକୁ ଆସିଲେ । ଶ୍ରୀଶ୍ରୀପିତୃଦେବ ତାଙ୍କୁ ବିଛଣାର ଡ଼ାହାଣ ପଟରେ ବସାଇଲେ । କହିଲେ, ଆସ ପ୍ରଣାମ କରେ । ପୂଜନୀୟା କାକୀମା' ଚରଣଦ୍ୱୟ ଉଠାଇ ବସନ୍ତେହିଁ ଶ୍ରୀଶ୍ରୀପିତୃଦେବ ହାତ ଦେଇ ଚରଣଦ୍ୱୟ ସ୍ପର୍ଶ କରି ମଥାରେ ଛୁଆଁଇଲେ । ପୂଜନୀୟା କାକୀମା' ନିକଟକୁ ଆସି ଶ୍ରୀଶ୍ରୀପିତୃଦେବଙ୍କ ଦେହରେ ହାତ ବୁଲାଇବାକୁ ଲାଗିଲେ । ପିଠିରେ ହାତ ବୁଲାଉ ବୁଲାଉ କହିଲେ— ଶରୀର ତ ଭଲ ନାହିଁ ତୁମର, ପେଟ ଖରାପ । କେତେ ରୋଗ ହୋଇ ଯାଇଛି ! ଶରୀର କେତେ ରୋଗିଣା ।

ଶ୍ରୀଶ୍ରୀପିତୃଦେବ— ତୁମରବି ତ ଶରୀର କେତେ ରୋଗିଣା !

ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା'— ଆଉ କେତେଦିନ ଯିବ ? ୮୧ ହୋଇଗଲା !

ଶ୍ରୀଶ୍ରୀପିତୃଦେବ— ମୋରବି ତ କେତେ ହୋଇଗଲା !

ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା'— ତୁମକୁ ଶୀତ ଲାଗେନା ?

ଶ୍ରୀଶ୍ରୀପିତୃଦେବ— ଶୀତ-ଗ୍ରୀଷ୍ମ କୌଣସିଟାହିଁ ଲାଗେନା ।

ପରଚର୍ଚ୍ଚୀ ନିନ୍ଦୁକ ଯିଏ-
ସମସ୍ୟା ନେଇ ସ୍ୱତଃହିଁ ଚାଲେ,
ନିଷ୍ଠାପ୍ରଭା ନାହିଁଟି ତାହାର
ସଙ୍ଗତିଶୀଳ କୃତିର ତାଳେ । ୩୪ ।
(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ପୂଜନୀୟା କାକୀମା'— ଏହି ପତଳା ଗଞ୍ଜି ଦେହରେ ଦେଇ ଅଛ ! କୋଉଠି ବ୍ୟଥା ତୁମର ? କୋଉ ଆଣ୍ଠୁରେ ?

ଶ୍ରୀଶ୍ରୀପିତୃଦେବ— ଦୁଇ ଆଣ୍ଠୁରେ ।

ଏହାପରେ ପୂଜନୀୟା କାକୀମା' କୌଣସି ନିକଟ ଆତ୍ମୀୟଙ୍କ ବିବାହ ପ୍ରସ୍ତାବ ଉଠାଇଲେ । ପଚାରିଲେ— ତା'ହେଲେ କ'ଣ ଭଲ ହେବ ?

ଶ୍ରୀଶ୍ରୀପିତୃଦେବ— ଭଲ ମନେ କରିହିଁ ତ ଯୋଗାଯୋଗ କରିଛ ।

ପୂଜନୀୟା କାକୀମା'— ତୁମେ ଯଦି ଭଲ କୁହ, ତା'ହେଲେହିଁ ଭଲ ।

ଶ୍ରୀଶ୍ରୀପିତୃଦେବଙ୍କ ଦୁଇ କକେଇଝିଅ ଭଉଣୀ ଶୋଭନା ଦେବୀ ଓ ଧୃତିଦେବୀ ଉପହାର ନେଇ ଆସିଛନ୍ତି । ଶ୍ରୀଶ୍ରୀପିତୃଦେବ ସେମାନଙ୍କ ଦିଆ ସାମଗ୍ରୀ ସାଗ୍ରହେ ଗ୍ରହଣ କରିଲେ । ଧୃତିଦେବୀଙ୍କ ଉପହାର ସହିତ କିଛି ମାଦକଦ୍ରବ୍ୟ । ପୂଜନୀୟା ଅନ୍ନପୂର୍ଣ୍ଣା କାକୀମା' ଧୃତିଦେବୀଙ୍କୁ ଦେଖାଇ କହିଲେ— ସେ ସବୁସମୟରେ ସେଇ ଜିନିଷ ବ୍ୟବହାର କରିଥାଏ ।

ଧୃତିଦେବୀ— ଏବେ କରେନା ।

ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା'— ରୋଜ ତ ଦେଖେ ।

ଧୃତିଦେବୀ— ଏବେ ଛାଡ଼ି ଦେଇଛି ।

ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା'— ତୋର ବଡ଼ଦାଙ୍କୁ ଯେ ଦେଲୁ !

ଧୃତିଦେବୀ— ଗତ ପରଦିନଠାରୁ ଛାଡ଼ି ଦେଇଛି । ପରଦିନ ବଡ଼ଦାଙ୍କ ନିକଟରେ କହିଛି, ଆଉ ଖାଇବିନି । ତେଣୁ, ବଡ଼ଦାଙ୍କୁ ଦେଇ ଦେଲି ।

ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା'— ଗୁରୁଙ୍କୁ କିଛି ଗୋଟେ ଦେଲେ ଆଉ ସେଇଟା ଗ୍ରହଣ କରିପାରେନା । ସେହିଭଳି ।

ଶ୍ରୀଶ୍ରୀପିତୃଦେବ ସମ୍ମତି ଜଣାଇଲେ ।

ଦର୍ଶନାର୍ଥୀମାନେ, ଆଶ୍ରମିକ ଓ ବହିରାଗତ କର୍ମିମାନେ ବିଭିନ୍ନ ସାମଗ୍ରୀ ଉପହାର ଦେଉଛନ୍ତି । ଏ ମଧ୍ୟରେ ବେଶୀ ଭାଗହିଁ ବହି । ତା' ଦେଖି ପୂଜନୀୟା ଅନ୍ନପୂର୍ଣ୍ଣାକାକୀମା' କହିଲେ— ତୁମେ ଅନେକ ବହି ପଢ଼ ।

ଶ୍ରୀଶ୍ରୀପିତୃଦେବ— ଏବେ ପଢ଼ିପାରେନା । ଏବେ ଶୁଣାନ୍ତି, ଶୁଣେ ।

କିଛିକ୍ଷଣ ପାଇଁ ପୂଜ୍ୟପାଦ ବଡ଼ଦାଦା ବିଶେଷ କାମରେ ଘରର ବାହାରକୁ ଯାଇଥିଲେ । ଶ୍ରୀବୈଦ୍ୟନାଥ ରଥଭାଇଙ୍କୁ (ପୁରୀ ସହରର ସରକାରୀ ବଡ଼ ଅଫିସର) ସାଙ୍ଗରେ ନେଇ ପୂଜ୍ୟପାଦ ବଡ଼ଦାଦା ଆସି ଶ୍ରୀଶ୍ରୀପିତୃଦେବଙ୍କୁ କେତୋଟି ଫଟୋ ଦେଖାଇଲେ— ପୁରୀର ଘର ଭର୍ତ୍ତି ରହୁଛି, ଗଛ ଲଗା ଯାଉଛି— ଦେଖାଉ ଦେଖାଉ କହିଲେ ବଡ଼ଦାଦା ।

ଫଟୋଗୁଡ଼ିକ ପୂଜ୍ୟପାଦ ବଡ଼ଦାଦା ଶ୍ରୀଶ୍ରୀପିତୃଦେବଙ୍କ ପିଉସୀମା', କାକୀମା' ଓ ଅନ୍ୟାନ୍ୟ ମାତୃସ୍ଥାନୀୟାମାନଙ୍କୁ, ପ୍ରତ୍ୟେକଙ୍କୁ ଦେଖାଇଲେ ।

ଏହାପରେ ପାଖ କକ୍ଷରୁ ଗୋଟେ ବନ୍ଧା ଯାଇଥିବା ଫଟୋ ନେଇ ଆସିଲେ ବଡ଼ଦାଦା । ପୁରୀ ମନ୍ଦିରର ଫଟୋ । ଶ୍ରୀଶ୍ରୀପିତୃଦେବଙ୍କୁ ଦେଖାଇ କହିଲେ— ଖୁବ୍ ସୁନ୍ଦର ଲାଗୁଛି ଦେଖିବାକୁ ।

ବନ୍ଧାଯାଇଥିବା ଫଟୋଟି ଶ୍ରୀଶ୍ରୀପିତୃଦେବ ଅନ୍ନପୂର୍ଣ୍ଣା କାକୀମା'ଙ୍କୁ ଦେଖାଇଲେ । ପିଉସୀମା'ଙ୍କୁ ବି ଦେଖାଇଲେ ଏବଂ ଅନ୍ୟମାନଙ୍କୁ ଦେଖାଇବାକୁ କହିଲେ । ପୂଜ୍ୟପାଦ ବଡ଼ଦାଦା ଅନ୍ୟାନ୍ୟ ଗୁରୁଜନମାନଙ୍କୁ ଦେଖାଇଲେ ।

ପୂଜନୀୟା ଧୃତିଦେବୀଙ୍କ ପ୍ରସଙ୍ଗ ଉଠନ୍ତେହିଁ ଶ୍ରୀଶ୍ରୀପିତୃଦେବ କହିଲେ— ସେ ଖାଉଥିଲା, ଏବେ ଖାଏନା । ଏଇଟା ମୋର ଲାଭ ।

(କ୍ରମଶଃ)

ଅନୁବାଦକ : ଡ଼ାଃ. ବିନାୟକ ମହାପାତ୍ର

(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)

ନିଷ୍ଠାହରା ଗରବଭରା
ସ୍ୱାର୍ଥଲୋଲୁପ ବୃତ୍ତି ଯାହାର,
ଯେତେ ବଡ଼ହିଁ ହେଉ ନା ସେ
ଅପସ୍ରିୟ ଚରିତ୍ର ତାହାର । ୩୫ ।

(ଅନୁଶ୍ରୁତି, ୪ର୍ଥଖଣ୍ଡ, ଚରିତ୍ର)

ବିଜ୍ଞପ୍ତି

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ବୈବାହିକୀ ସ୍ତମ୍ଭରେ ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମସ୍ତ ବିବରଣୀ ଓଡ଼ିଆ ଭାଷାରେ ଦେବାକୁ ଚେଷ୍ଟା କରିବେ । କେବଳ ଦୀକ୍ଷିତ ପାତ୍ର/ପାତ୍ରୀମାନଙ୍କର ବିବରଣୀ ପ୍ରକାଶ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଦ୍ୱାରା ଅସମର୍ଥିତ କୌଣସି ତଥ୍ୟ ଗ୍ରହଣଯୋଗ୍ୟ ହେବ ନାହିଁ । *– ପରିଚାଳକ, ଉର୍ଜ୍ଜନା*

ପ୍ରସଙ୍ଗ : ସତ୍ୟାନୁସରଣ

ସତ୍ୟାନୁସରଣ ବ୍ୟାଖ୍ୟାନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା

(ପୂର୍ବପ୍ରକାଶିତ ଉତ୍ତାରୁ.....)

ସରଳ ସାଧୁତା ଭଳି ଆଉ ଚତୁରତା ନାହିଁ;— ଯିଏ ଯେପରି ହେଉ ନା କାହିଁକି, ଏ ଫାନ୍ଦରେ ଧରା ପଡ଼ିବହିଁ ପଡ଼ିବ । Honesty is the best policy (ସରଳ ସାଧୁତାହିଁ ଚରମ କୌଶଳ) ।

ସତୀଶଭାଇ— ସାଧୁ ମାନେ ତ ତ୍ୟାଗୀ ପ୍ରେମୀ; ଏହା ଭିତରେ ପୁଣି ସରଳ କଥା କାହିଁକି ?

ଶ୍ରୀଶ୍ରୀବଡ଼ଦା— କଥାଟା ହେଉଛି ସରଳ ଆଉ ଅସରଳ ନେଇ । ଅସରଳ ମାନେ ବକ୍ର । ସରଳ ବିଶ୍ୱାସ ଇଷ୍ଟଙ୍କ ପ୍ରତି ଅନୁରାଗରେ ମଣିଷର ଯେଉଁ ଚାରିତ୍ରିକ ବିକାଶ ହୁଏ, ତା' ଅନ୍ୟ ଉପରେ ପ୍ରଭାବ ବିସ୍ତାର କରେ, ମଣିଷର ଚରିତ୍ର ଗଠନ କରେ । ଗୋଟା ପରିବେଶ ତା'ର ଚାରିତ୍ରିକ ବିଚ୍ଛୁରଣରେ ଆଉ ଭଲପାଇବାରେ charged ହୁଏ । ମଣିଷ ମାତ୍ରେହିଁ ତା'ର ଭଲପାଇବା ଓ ପ୍ରେମରେ ଆକୃଷ୍ଟ ହୁଏ ।

ସତୀଶଭାଇ— ସାଧୁ ମାନେ ?

ବଙ୍କିମଭାଇ— ନିଷ୍ପନ୍ନକାରୀ ।

ସତୀଶଭାଇ— କି କାମ ନିଷ୍ପନ୍ନ କରିବାକୁ ହେବ ?

ବଙ୍କିମଭାଇ— ଇଷ୍ଟକାମ । ସରଳ ସାଧୁର ମନରେ ହିସାବ-ନିକାଶ ନାହିଁ । ସିଏ କହିଛନ୍ତି, ମୁଁ କରିବି । ଅନ୍ୟ କୌଣସିବି Consideration ନଥାଏ ।

ଶ୍ରୀଶ୍ରୀବଡ଼ଦା— ଜଣକର ଗୋଟେ କାମ କରୁ କରୁ ଅନେକ ଦିନ ଲାଗି ଗଲା । ଅନ୍ୟ ଜଣେ ସାଥେ ସାଥେ jump କରି ସେହି କାମ ଫଇସଲା କରିଲା । Passion Compromising ଭଲପାଇବା ଥିଲେ କେତେବେଳେ ଠାକୁରଙ୍କ କାମ କରେ, ପୁଣି କେତେବେଳେବି ପ୍ରକୃତି ପାଲ୍ଲାରେ ପଡ଼ି Compromise କରେ । ଏହି Compromise କରିବା ମାନେହିଁ ଇଷ୍ଟଙ୍କୁ sacrifice କରିବା । ତା'ଠାରୁ passionate love ଅନେକ ଭଲ । ଆପାତଃ ଦୃଷ୍ଟିରେ passionate କହିଲେବି ତା'ର ଭିତରେ ମୂଳଧନ ଅଛି । ସେହି love ଇଷ୍ଟଙ୍କ ଦିଗରେ ଗଲେହିଁ ଗତି ହୁଏ । ସେତେବେଳେ ସେଇଟା ହୁଏ passion pervading love ବିଲ୍ୱମଙ୍ଗଳ, ତୁଳସୀଦାସଙ୍କ passionate love ଥିଲା । କିନ୍ତୁ ସେମାନେ ଅସଲ lover. Whole heartedly ଭଲପାଆନ୍ତି । ତେଣୁ ମନ ଯେତେବେଳେ ହିଁ ଇଷ୍ଟମୁଖୀ ହେଲା, ଚିନ୍ତାମଣି ଭିତରେ ବିଲ୍ୱମଙ୍ଗଳର ମନ ଅଟକି ରହିଲା ନାହିଁ । ଜୀବନ ଇଷ୍ଟମୟ ହୋଇଉଠିଲା ।

(ଯାମିନୀକାନ୍ତ ରାୟଚୌଧୁରୀଙ୍କ ଦିନଲିପି/ଇଂତା.୩୧.୧୦.୨୪ରିଖ)

*** *** ***

ବିନୟ ଭଳି ସମ୍ମୋହନକାରକ ଆଉ କିଛି ହିଁ ନାହିଁ ।

ରାମଗୋପାଳ— ବିନୟ ମାନେ ନମ୍ରତା । ସମ୍ମୋହନ ମାନେ ସମ୍ୟକ୍‌ଭାବେ ମୋହିତ କରିବା ।

ଶ୍ରୀଶ୍ରୀବଡ଼ଦା— ମୋହିତ କରିବା କ'ଣ ? କଥାଟା କ'ଣ ?

ରାମଗୋପାଳ— ବିନୟହିଁ ହେଉଛି ସମ୍ୟକ୍‌ଭାବେ ମୋହିତ କରିବା ।

ସୁଖେନ— ନମ୍ରତା ଭଳି ବିନୟ ଦ୍ୱାରା ମଣିଷର ଚିତ୍ତ ଆକର୍ଷଣ କରିବା ।

ଶ୍ରୀଶ୍ରୀବଡ଼ଦା— ମୋହିତ ମାନେ କ'ଣ ?

ସୁଖେନ— ଆକର୍ଷଣ କରିବା ।

ଶ୍ରୀଶ୍ରୀବଡ଼ଦା— ନମ୍ରତାହିଁ ଚିତ୍ତ ଜୟ କରିବାର ସବୁଠାରୁ ବଡ଼ ଅସ୍ତ୍ର । *(ଯାମିନୀକାନ୍ତ ରାୟଚୌଧୁରୀଙ୍କ ଦିନଲିପି/ଇଂତା.୦୯.୧୨.୨୮ରିଖ)*

*** *** ***

ପ୍ରେମ ଭଳି ଆକର୍ଷଣକାରୀହିଁ ବା ଆଉ କିଏ ?

ଆଦେଶକ୍ରମେ ଧୃତିବଲ୍ଲଭ ଆଲୋଚନା ଆରମ୍ଭ କରିଲା ।

ଧୃତିବଲ୍ଲଭ— ଭକ୍ତିର ଗାଢ଼ତ୍ୱହିଁ ପ୍ରେମ । ଆକର୍ଷଣ ମାନେ ଟାଣ । ଯେ କୌଣସି କିଛି ଟାଣେ, ତା'କୁ ଆକର୍ଷଣକାରୀ କହନ୍ତି ।

ଶ୍ରୀଶ୍ରୀପିତୃଦେବ— ତା'ହେଲେ ବାଣୀରୁ କ'ଣ ବୁଝାଯାଉଛି ?

ଧୃତିବଲ୍ଲଭ— ଠାକୁର ସମସ୍ତଙ୍କୁ ଭଲପାଆନ୍ତି ।

ଶ୍ରୀଶ୍ରୀପିତୃଦେବ— ସେଥିରେ ତୁମର କ'ଣ ? ଠାକୁର ତ ସମସ୍ତଙ୍କୁ ଭଲପାଆନ୍ତିହିଁ । ଏଠାରେ ବାଣୀରେ କ'ଣ କୁହାଅଛି ?

ଶ୍ରୀଶ୍ରୀପିତୃଦେବ ପ୍ରଦୀପକୁ ଆଦେଶ ଦେଲେ ବାଣୀଟି ବ୍ୟାଖ୍ୟା ପାଇଁ ।

ପ୍ରଦୀପ— ଯା'ର ପ୍ରେମ ଅଛି ସେ ହିଁ ଆକର୍ଷଣ କରେ ।

ଶ୍ରୀଶ୍ରୀପିତୃଦେବ— ତା' ତ ବୁଝିଛି । 'ବା ଆଉ କିଏ'—

ଏ କଥାର ମାନେ କ'ଣ ?

କୃଷ୍ଣାନନ୍ଦ— ପ୍ରେମ ଭଳି ଆକର୍ଷଣକାରୀ ଆଉ କେହି ନାହାଁନ୍ତି ।

— ତା'ର ମାନେ କ'ଣ ?

— ଭକ୍ତି ଯେତେବେଳେ ଗାଢ଼ ହୁଏ ସେତେବେଳେ ପ୍ରେମ ହୁଏ ।

— ଏଇଟା ଦୁଧ ନା କ'ଣ ଯେ ଗାଢ଼ ହେବ !

— ଠାକୁରଙ୍କୁ ଆମେମାନେ ଭକ୍ତି କରୁ । ଭକ୍ତି କରି କରି ଯେତେବେଳେ ଖୁବ୍ ଗାଢ଼ ହେବ... ।

— ସେଇଟା କିପରି ବୁଝିବ ?

କାହାରି ଉତ୍ତର ବେଶ ପରିଷ୍କାର ହେଉ ନାହିଁ ଦେଖି ଶ୍ରୀଶ୍ରୀପିତୃଦେବ କହିଲେ— ଠାକୁରଙ୍କ ପ୍ରତି ଭକ୍ତି କରି କରି ଏକ ସମୟରେ ମନେ ହେବ, ସବୁହିଁ ଠାକୁରଙ୍କର । ତା'ପରେ ଏକ ସମୟରେ ମନେହେବ, ଠାକୁରହିଁ ସବୁ । ସିଏହିଁ ସମସ୍ତଙ୍କ ମଧ୍ୟରେ ବିରାଜମାନ । ଜୀବଜନ୍ତୁ, ଗଛପତ୍ର ସମସ୍ତଙ୍କ ମଧ୍ୟରେ ସିଏ । ଏପ୍ରକାର ଯେତେବେଳେ ମନେହୁଏ ସେତେବେଳେ କ'ଣ ଆଉ ତା'କୁ କେହି ଟାଣିପାରେ ? ସେତେବେଳେ ଆଉ ଅନ୍ୟ କିଛି ଟାଣି ରଖି ପାରେନା । ସବୁ ବନ୍ଧନ ଅଲଗା ହୋଇଯାଏ । ଏଇଟା କିପରି କରି ହୁଏ ? ଅସଲରେ ଭଲପାଇବାହିଁ ପାଇବାକୁ ଚାହୁଁ ଆମେମାନେ ସମସ୍ତେ । ତାଙ୍କଠାରୁ ବେଶୀ ଭଲପାଇବାର ଆଉ କେହି ନଥାଏ, ଆଉ ତେଣୁ ତା'ଠାରୁ ବେଶୀ ଆକର୍ଷଣକାରୀ ଆଉ କିଏ ହିଁ ବା ଥାଇପାରେ । ଏଇଟା ଆମେମାନେ ବୋଧ କରିପାରୁ ଯେତେବେଳେ ଆମେମାନେ ତାଙ୍କ ପ୍ରତି ଅନୁରକ୍ତ ହେଉ— ତାଙ୍କୁ ସର୍ବସତ୍ତା ଦେଇ ଭଲପାଉ । ସେତେବେଳେହିଁ ଆମେମାନେ ତାଙ୍କୁ ବୁଝିପାରୁ, ତାଙ୍କର ଭଲପାଇବାର ସ୍ୱାଦ ପାଉ । ସେତେବେଳେ ବାଘ, ଭାଲୁ— ହିଂସ୍ର ଜନ୍ତୁ-ଜାନୁଆରଙ୍କ ମଧ୍ୟରେବି ତାଙ୍କର ପ୍ରେମ ଖୋଜି ପାଉ । ସେମାନେବି ତେଣୁ ହିଂସା ଭୁଲିଯାଆନ୍ତି— ଏକାନ୍ତ ନିଜର ଲୋକ ଭଳିହିଁ ଆଦର କରନ୍ତି, ସୋହାଗ କରନ୍ତି । ଏସବୁର ମୂଳ କଥା ହେଲା ଇଷ୍ଟଙ୍କୁ ଭଲପାଇବା, ମନ-ପ୍ରାଣ ଦେଇ ସର୍ବାନ୍ତକରଣରେ ତାଙ୍କୁ ଭଲପାଇବା— ତାଙ୍କୁ ନିଜର କରି ନେବା । ପ୍ରେମ ଜାଗେ କିପରିଭାବେ ? ଇଷ୍ଟଙ୍କୁ ଭଲପାଇବାର ଫଳରେହିଁ । ସମଗ୍ର ସତ୍ତା ଦେଇ ତାଙ୍କୁ ଭଲପାଇଲେହିଁ ।

ଭଲପାଇବାର ପ୍ରଥମ ସ୍ତରରେ ମନେହେବ, ସବୁହିଁ ଠାକୁରଙ୍କର । ରାଜା, ମହାରାଜା, ମନ୍ତ୍ରୀ— ସବୁ ଠାକୁରଙ୍କର । ବିଶ୍ୱଦୁନିଆରେ ଯା'କିଛି ଅଛି ସବୁହିଁ ତାଙ୍କର । ତା'ପରେ ଏହି ଭାବ ପାଚିଯାଏ ଯେତେବେଳେ, ସେତେବେଳେ ମନେହୁଏ ଠାକୁରହିଁ ସବୁ ହୋଇ ଅଛନ୍ତି । ସେତେବେଳେ ଠାକୁରଙ୍କୁ ଭଲପାଏ ବୋଲି ତାଙ୍କ ଦୁନିଆକୁ ବି ଭଲପାଏ । ରାମ, ଶ୍ୟାମ, ଯଦୁ, ପଶୁପକ୍ଷୀ, ଗଛପତ୍ର— ସମସ୍ତଙ୍କୁ ଭଲପାଏ । ଅଯଥା କାହା ସାଥେ ଖେଞ୍ଚାଖେଞ୍ଚି ହୁଏନା । ସେ ପ୍ରକାର ପ୍ରବୃତ୍ତିହିଁ ଆସେନା । ପ୍ରେମମୟଙ୍କୁ ଭଲପାଇବା ଫଳରେ ମଣିଷ ପ୍ରେମର ଅଧିକାରୀ ହୁଏ । ସେଇ ଏକ ପ୍ରେମର ଟାଣରେ ଆଉ ସବୁ ତୁଚ୍ଛ ମନେହୁଏ— ଜାଗତିକ ସବୁ ବନ୍ଧନ ଅଲଗା ହୋଇପଡ଼େ । ତେଣୁ ଠାକୁର କହିଛନ୍ତି, ପ୍ରେମ ଭଳି ଆକର୍ଷଣକାରୀହିଁ ବା ଆଉ କିଏ ! ଅର୍ଥାତ୍ ପ୍ରେମ ଭଳି ଆକର୍ଷଣକାରୀ ଆଉ କିଛି ନାହିଁ । *(ଇଷ୍ଟ-ପ୍ରସଙ୍ଗେ/ଇଂ.ତା୧୬.୧୦.୬୭ରିଖ)*

*** *** ***

ବିଶ୍ୱାସ ଭଳି ଆଉ ସିଦ୍ଧି ନାହିଁ ।

ତନୁଭାଇ (ନିଖିଳ ଘଟକ)— ଅଭିଭୂତ ବା ଆହତ ଯଦି ନ ହୁଏ, ତେବେ ଆମମାନଙ୍କର ସଂଶୟ ଆସେନା । ଠାକୁର ମୋର ପ୍ରଭୁ । ସିଏ ଦୀନ-ଦୁନିଆର ମାଲିକ । ମୋର ଜୀବନବୃଦ୍ଧି— ଏହିଭଳି ଭାବ ଯଦି ମୋ ଭିତରେ ଥାଏ, ତେବେ ଅବାଧ ହୋଇ ସମସ୍ତଙ୍କୁ ନିଜର କରି ଚାଲିପାରେ ।

ଶ୍ରୀଶ୍ରୀବଡ଼ଦା— ତାଙ୍କୁ ପ୍ରଭୁ କହିଲେ କାହିଁକି ? ଦୀନ-ଦୁନିଆର ମାଲିକ ହିଁ ବା କହିଲେ କ'ଣ ପାଇଁ ?

ତନୁଭାଇ— ଯେତେବେଳେ ଦୀକ୍ଷାନେଲି....

ଶ୍ରୀଶ୍ରୀବଡ଼ଦା— ତା'ହିଁ ବା ନେଲି କାହିଁକି ?

ତନୁଭାଇ— ମୋର ବୃତ୍ତି-ପ୍ରବୃତ୍ତି....

ଶ୍ରୀଶ୍ରୀବଡ଼ଦା— ତା' ତ ସମସ୍ତଙ୍କ ମଧ୍ୟରେ ଅଛି ।

ତନୁଭାଇ— ଆମମାନଙ୍କ ଜୀବନରେ ଚାଲିବା ପାଇଁ ଆଦର୍ଶ ଦରକାରହିଁ ।

ଶ୍ରୀଶ୍ରୀବଡ଼ଦା— ସହଜଭାବେ ଆଲୋଚନା କର । ଦୀନ-ଦୁନିଆର ମାଲିକ କିଏ— ତା' ତା'କୁ ଦେଖି ଚଟ୍ କରି ବୁଝାଇ ଦେଇ ପାରିବୁ ?

ତନୁଭାଇ— ମୋର ବିଶ୍ୱାସ ଯଦି ଥାଏ....

ଶ୍ରୀଶ୍ରୀବଡ଼ଦା— ବିଶ୍ୱାସଟା କ'ଣ ? ଯେପରି ବିଶ୍ୱାସ କରିଲି, ଗୁରୁକିଙ୍କର ନିକଟରୁ ଯଦି ଗୀତ ଶିଖେ, ତେବେ ଗୀତରେ ସିଦ୍ଧ ହେବି । ତାଙ୍କ ନିକଟରୁ ଅନେକେ ଶିଖୁଛନ୍ତି । ଗାୟକ ହେବାର ଇଚ୍ଛା ଥିଲେ ଓସ୍ତାଦଙ୍କ ଉପରେ ବିଶ୍ୱାସ ରହିବା ଦରକାର । ଯେପରି ଏକଲବ୍ୟ ।

ଗୁରୁକିଙ୍କରଭାଇ— ଗୁରୁଙ୍କ ପ୍ରତି ଏତେ ବିଶ୍ୱାସ ଯେ, ଗୁରୁଙ୍କ ମୂର୍ତ୍ତି ତିଆରି କରି ସିଦ୍ଧି କରାୟତ୍ତ କରି ପକାଇଲା ।

ଶ୍ରୀଶ୍ରୀବଡ଼ଦା— ଆମମାନଙ୍କ ନିକଟରେ ମୂର୍ତ୍ତି, କିନ୍ତୁ ଏକଲବ୍ୟ ନିକଟରେ ଜୀବନ୍ତ । ଇଷ୍ଟଙ୍କ ଉପରେ ବିଶ୍ୱାସ କରିଲେ ସର୍ବ ବିଷୟରେ ସର୍ବାର୍ଥ-ସିଦ୍ଧ ହୋଇହୁଏ ।

(ଯାମିନୀକାନ୍ତ ରାୟଚୌଧୁରୀଙ୍କ ଦିନଲିପି/ଇଂତା.୨୬.୦୭.୬୫ରିଖ)

(ପ୍ରସଙ୍ଗ : ସତ୍ୟାନୁସରଣ, ପୃ.:୨୪୦-୨୪୩) ଅନୁବାଦ : ଡ଼କ୍ଟର ନିରଞ୍ଜନ ମିଶ୍ର



ସତ୍‌ନାମ– ସୃଷ୍ଟିର ମୂଳ ବୀଜ

।। ନାମହିଁ ମୂର୍ତ୍ତ ହୋଇଛି ଇଷ୍ଟଙ୍କଠାରେ ।।

ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁର କହିଲେ— ସ୍ୱଅୟନସ୍ୟୁତ ବୃତ୍ତ୍ୟଭିଧାନ–ତପସ୍ୟାରେ ଗତି ଓ ଅସ୍ତି ଅଧିଜାତ ହୋଇଛି । ଆମମାନଙ୍କ ଭିତରେବି ସିଏ ଦେଇ ଦେଇଛନ୍ତି ବୃତ୍ତି । ତା' ଦେଇହିଁ ଆମେମାନେ ଜଗତଟାକୁ feel (ଅନୁଭବ) କରୁ ଓ enjoy (ଉପଭୋଗ) କରୁ । କିନ୍ତୁ ଏହି ବୃତ୍ତିଗୁଡ଼ିକ ଉପରେ ଯଦି ଆମମାନଙ୍କର ଆଧିପତ୍ୟ ନ ରହେ, ତା'ହେଲେ ସେଗୁଡ଼ିକ ଆମମାନଙ୍କର ପୋଷକ ନ ହୋଇ ଶୋଷକ ହୋଇଉଠେ । ବୃତ୍ତି ଉପରେ ଆଧିପତ୍ୟ ଲାଭ କରିବାର ଏକମାତ୍ର ଉପାୟ ହେଲା ଦୟାଳଙ୍କୁ ପ୍ରାଣଭରେ ଭଲପାଇବା । ତାଙ୍କ ଉପରେ ଭଲପାଇବା ଯେତେ concentrated (କେନ୍ଦ୍ରୀଭୂତ) ହୁଏ, ସେତେହିଁ ଆମମାନଙ୍କର personality (ବ୍ୟକ୍ତିତ୍ୱ) sublimated (ଭୂମାୟିତ) ହୋଇଉଠେ । ବ୍ୟଷ୍ଟିବ୍ୟକ୍ତିତ୍ୱ ସମଷ୍ଟି–ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇଉଠେ । ସେତେବେଳେ ହେଉ ବ୍ରହ୍ମବିତ୍ । ବ୍ରହ୍ମବିତ୍ ହେବା ମାନେ ବ୍ରହ୍ମପ୍ରତୀକ ହୋଇ ଉଠିବା । ଇଷ୍ଟଙ୍କ ମଧ୍ୟରେହିଁ ଆମେମାନେ ସବୁକିଛି ପାଉ । ଅଲଖଲୋକ, ଅଗମଲୋକ, ସତ୍ୟଲୋକ, ଦୟାଲଦେଶ ଇତ୍ୟାଦି ସବୁକିଛି ଯେ ତାଙ୍କଠାରେ ସଂହତ ଓ ମୂର୍ତ୍ତ ହୋଇ ରହିଛି ତା' ଦେଖିବାକୁ ପାଉ । ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସବୁକିଛି ନେଇ ସିଏହିଁ ଯେ ଠିଆ ହୋଇଛନ୍ତି ତା' ବୋଧ କରିପାରୁ । ମୁଁ ଦେଖେ ସେହି ନାମହିଁ ମୂର୍ତ୍ତ ହୋଇ ଅଛି ଇଷ୍ଟଙ୍କଠାରେ । ଆଉ, ସିଏ ଅଣୁ, ପରମାଣୁ ଭେଦ କରି synthetically ଓ analytically (ସଂଶ୍ଳେଷଣାତ୍ମକ ଓ ବିଶ୍ଳେଷଣାତ୍ମକଭାବେ) ସର୍ବସ୍ତରରେ ସର୍ବଦା ବିଦ୍ୟମାନ । ଏ ମଧ୍ୟରେ କୋଉଠିବି କୌଣସି ଫାଙ୍କ ନାହିଁ । ଭକ୍ତି ନ ଥିଲେ ଏତେଦୂର ଆଗେଇ ପାରେନା । ଆଗେହିଁ ଲୟ ହୋଇଯାଏ । Stronger the libido, farther the approach (ଟାଣ ଯେତେ ପ୍ରବଳ, ଅଗ୍ରଗତିବି ସେତେଦୂର) ।

ଜଣେ କହିଲେ— ନାମଧାନରେ ତ ଏସବୁ ହୁଏ ।

ଶ୍ରୀଶ୍ରୀଠାକୁର— ନାମଧାନବି ତ ହେବ ନାହିଁ, ଯଦି ଭଲପାଇବା ନ ହୁଏ ଗୁରୁଙ୍କଠାରେ । ଅବଶ୍ୟ, ନିୟମିତ ନାମଧାନର ଅନୁଶୀଳନ କରି କରିବି ଭଲପାଇବା ଜାଗେ । ଯା' ହେଉ, ବିନା ପ୍ରେମରେ ନ ହି ମିଳେ ନନ୍ଦଲାଲା । ତେଣୁ କହେ— Love, do act accordingly and have bliss— be ever unrepelling (ଭଲପାଅ, ସେହିଭାବେ ଚଳ, କର ଓ ଆନନ୍ଦଲାଭ କର । ସର୍ବଦା ଅଚ୍ୟୁତ ହୁଅ) ।

ଉକ୍ତ ବ୍ୟକ୍ତି— ଅନୁଭୂତି ଯେତେ ହୁଏ, ସେତେହିଁ ତ ଇଷ୍ଟସେବାର ପ୍ରବୃତ୍ତି ଜାଗେ ।

ଶ୍ରୀଶ୍ରୀଠାକୁର— ଉଷା ନିଶାରେ ମନ୍ତ୍ରସାଧନ, ଚଲାବୁଲାରେ ଜପ, ଯଥାସମୟେ ଇଷ୍ଟନିଦେଶ ମୂର୍ତ୍ତ କରିବାହିଁ ତପ । ଏହା କରୁ କରୁହିଁ ସବୁ ଆସିଯାଏ । Then our whole system becomes illuminated with light, love and knowledge. (ସେତେବେଳେ ଆମମାନଙ୍କର ସମସ୍ତ ଶରୀର–ବିଧାନ ଜ୍ୟୋତି, ପ୍ରେମ ଓ ଜ୍ଞାନରେ ଉଦ୍ଭାସିତ ହୋଇଉଠେ) ।

(ଆଲୋଚନା–ପ୍ରସଙ୍ଗ, ୧୨ଶଖଣ୍ଡ/ତା୨୪.୦୬.୧୯୪୮ରିଖ)

।। ସାଧନାର ପଥରେ ମଣିଷ ପଛେଇଯାଏ କାହିଁକି ?

କଥାପ୍ରସଙ୍ଗରେ ଜଣେ ପଚାରିଲେ— ମଣିଷ ସାଧନାର ପଥରେ ପଛେଇଯାଏ କାହିଁକି ?

ଶ୍ରୀଶ୍ରୀଠାକୁର— ସେ ଛ'ଟା ଚାକର ଦେଲେ ମୋ କାମ ପାଇଁ, ମୁଁ ଯଦି ସେମାନଙ୍କ ହାତକୁ ଯାଏ, ସେମାନେ ମୋତେ utilise (ବ୍ୟବହାର) କରିବେ ସେମାନଙ୍କ ଭଳି କରି । ମୋର ଯଦି ସର୍ବଦା ସ୍ମରଣ ରହେ ଯେ ମୁଁ ବିଶ୍ୱେଶ୍ୱରଙ୍କର, ପରମପୁରୁଷଙ୍କର ସନ୍ତାନ, ସେତେବେଳେ ସେମାନେ ବାଡ଼ାବାଡ଼ି କରି ପାରିବେନି, ବରଂ ସେମାନେ ବି ତାଙ୍କର ସେବା କରିବେ । ଏଇଟା ବିସ୍ମରଣ ହେଲେ ସେମାନେ ମୋତେ ନାକରେ ଦଉଡ଼ି ଦେଇ ବୁଲାଇବେ ଏବଂ କେଉଁ ଶ୍ମଶାନକୁ ଟାଣି ନେଇଯିବେ ତା'ର କ'ଣ ଠିକ୍ ଅଛି !

ଜଣେ କହିଲେ— ଏକମାତ୍ର ତାଙ୍କ ଦୟାହିଁ ଆମମାନଙ୍କୁ ରକ୍ଷା କରିପାରେ ।

ଶ୍ରୀଶ୍ରୀଠାକୁର— ସିଏ ହାତ ବଢ଼େଇ ଅଛନ୍ତି, ତାଙ୍କ ଆଡ଼େ ଥରେ ଫେର, ଜଡ଼େଇ ଧର, ଦେଖ— କେତେ ସ୍ୱର୍ଗ, କେତେ ଆନନ୍ଦ । ସାଧୁମାନେ କେତେ ସାମ୍ରାଜ୍ୟ, ଧନ, ମାନ ପକାଇ ତାଙ୍କ ଚରଣରେ ବଳି ଦେଇଛନ୍ତି ଜୀବନକୁ । ସେମାନେ ବୋକା ନୁହଁନ୍ତି । ସମାନେ ବୁଝିଛନ୍ତି— କୋଉଟାରେ କେତେ ସୁଖ । ମଣିଷ ଚାହେଁ ସତ୍ତା, ସ୍ୱସ୍ତି, ଶାନ୍ତି— ତା' ତାଙ୍କଠାରେ ମୂର୍ତ୍ତ । ଭକ୍ତମାନେ ଏଇଟାହିଁ

ଅନୁଭବ କରନ୍ତି ବୋଲି, ତାଙ୍କ ଛଡ଼ା କିଛି ଚାହାଁନ୍ତିନି, ଚାହିଁବାର କିଛି ନଥାଏ ।

(ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ/ତା୨୫.୦୬.୧୯୪୮ରିଖ)

॥ ସତ୍‌ନାମହିଁ ଯା' କିଛିର ସ୍ୱରୂପ ॥

ଶ୍ରୀଶ୍ରୀଠାକୁର କଥାପ୍ରସଙ୍ଗରେ ଜଣକୁ କହିଲେ— ଅପରିବର୍ତ୍ତନଶୀଳ ସତ୍ ଯା', ତା' ଏକ ଏବଂ ଅଦ୍ୱିତୀୟ ହିଁ । ଦୃଶ୍ୟମାନ ଜଗତ ଯା', ପରିବର୍ତ୍ତନଶୀଳ ସତ୍ ଯା', ତା' ବହୁ ହୋଇପାରେ । କିନ୍ତୁ ତା'ର ଭିତ୍ତି ହେଲା ଏକ ଓ ଅଦ୍ୱିତୀୟ । ଏଇଟା ଉପଲବ୍ଧିର ବିଷୟ । ଦ୍ୱୈତାଦ୍ୱୈତ ବିବର୍ଜିତ ଅବସ୍ଥାରେ ଉପନୀତ ହେଲେ ଏଇଟା ବୋଧଗମ୍ୟ ହୁଏ । ଯେ ଏଇଟା ଏକଦମ ଠିକ୍‌ଭାବେ ଅନୁଭବ କରେ, ସାରାଜୀବନ ତା'ର ରେଶ ଗୋଟେ ରହିଯାଏ । ''ଆତ୍ମବତ୍ ସର୍ବଭୂତେଷୁ'' ଏହିଭଳି ଗୋଟେ ରକମ ତା'ର ଲାଗିହିଁ ରହିଥାଏ । ସର୍ବଭୂତର ହିତସାଧନ ତା'ର ସ୍ୱଭାବଧର୍ମ ହୋଇଉଠେ । ସେ ପ୍ରତ୍ୟକ୍ଷ କରେ ଯେ ସତ୍‌ନାମହିଁ ତା'ର ଓ ଯା'କିଛିର ସ୍ୱରୂପ । ସତ୍‌ନାମ ଓ ସଦ୍‌ଗୁରୁଙ୍କଠାରେ ନିଷ୍ଠାର ଭିତର ଦେଇ ଏହିଭାବେ କାଳେକାଳେ ଯୁଗପତ୍ ବ୍ରହ୍ମଜ୍ଞାନ ଓ ବୈଶିଷ୍ଟ୍ୟଜ୍ଞାନ ଫୁଟି ଉଠେ । ସେଇ ଯେ ମୋର କୁହାଅଛି— ଉଷା-ନିଶାରେ ମନ୍ତ୍ରସାଧନ/ ଚଲାବୁଲାରେ ଜପ,/ଯଥାସମୟ ଇଷ୍ଟନିଦେଶ/ମୂର୍ତ୍ତ କରିବାହିଁ ତପ ।— ତା' ବଡ଼ ଜବର ଜିନିଷ ! ଅନୁରାଗର ସହିତ କରିଲେ ପରମପିତାଙ୍କ ଦୟାରୁ ହାତେ ହାତେ ଫଳ । ଅନେକ ଶୁଣିଛନ୍ତି, ଏଥର କରନ୍ତୁ ।

(ଆଲୋଚନା-ପ୍ରସଙ୍ଗ, ୧୩ଶଖଣ୍ଡ/ତା୦୧.୦୮.୧୯୪୮ରିଖ)

॥ ଇଷ୍ଟଙ୍କ ପ୍ରତି ସୁକେନ୍ଦ୍ରିକ ଅନୁରାଗ ନେଇ ନାମ କରିବାକୁ ହୁଏ କାହିଁକି ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ନାମ ସମ୍ପର୍କରେ କହିଲେ— ନାମ କରିବା ଦରକାର with concentric attachment to the Ideal (ଇଷ୍ଟଙ୍କ ପ୍ରତି ସୁକେନ୍ଦ୍ରିକ ଅନୁରାଗ ନେଇ), ନ ହେଲେ ଅନେକ ସମୟରେ ବିକେନ୍ଦ୍ରିକତାରେ ବିଚ୍ଛିନ୍ନ ହୋଇଯାଏ, କେତେଜଣ ପାଗଳ ହୋଇଯା'ନ୍ତି । ଯା'ର ଯେତେ ଇଷ୍ଟଙ୍କଠାରେ ଅନୁରାଗ ସେ ସେତେ ସୂକ୍ଷ୍ମସ୍ତର ପର୍ଯ୍ୟନ୍ତ ବ୍ୟକ୍ତିତ୍ୱ ବଜାୟ ରଖି ଅନୁଧାବନ କରିପାରେ । ନଚେତ୍ ଅନେକ ନିମ୍ନସ୍ତରରେହିଁ ଗାଏବ ହୋଇଯା'ନ୍ତି । ନାମ କରୁ କରୁ ଯେତେବେଳେ ଧୁଁଧୁଁକାର ଅବସ୍ଥା (ହୁଏ), ସେତେବେଳେହିଁ ସେହି ଟାଣ ଚେତାଇ ରଖେ ସତ୍ତାର ବିଶିଷ୍ଟ ଚେତନା । ନଚେତ୍ ଗୋଳେଇ ଯାଏ, ଅଭିଭୂତ ହୋଇ ହଜିଯାଏ— ସୂକ୍ଷ୍ମ ବିପୁଳ ବିରାଟ ଅନୁଭୂତିର ମୁହାଁମୁହିଁ ହୋଇ ।

(ଆଲୋଚନା-ପ୍ରସଙ୍ଗ, ୧୪ଶଖଣ୍ଡ/ତା୨୬.୦୯.୧୯୪୮ରିଖ)

॥ ନାମଧ୍ୟାନ ନ କରି ଭଜନ କରିଲେ କ'ଣ ହୁଏ ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ନାମଧ୍ୟାନ ଭଲ କରି ନ କରି ଯଦି କେହି ଭଜନ କରେ ତେବେ ତା'ର ହୃତ୍‌ପିଣ୍ଡ, ସ୍ନାୟୁ ଦୁର୍ବଳ ହୋଇପାରେ । ତେଣୁ, ଭଲ କରି ନାମଧ୍ୟାନ କରି ପରେ ଭଜନ କରିବାକୁ ହୁଏ । ଭଜନ ହେଲା ଶବ୍ଦର । ଶବ୍ଦର ଭଜନ ମାନେ ଶବ୍ଦର ସେବା, ପରିଚର୍ଯ୍ୟା, ଅନୁସରଣ । ଅବିହିତ ପଛାରେ ଭଜନ କରିବା-ଜନିତ ଯେଉଁ ହୃତ୍‌ପିଣ୍ଡ ଓ ସ୍ନାୟୁର ଦୁର୍ବଳତା; ଶଙ୍ଖପୁଷ୍ପୀ ଓ ଅର୍ଜୁନର ଗୁଣ୍ଡ ଦୁଧ ଓ ଚିନି ଦେଇ ଖାଇଲେ ତା' ପ୍ରାୟଃ କମେ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୧.୧୨.୧୯୪୮ରିଖ)

॥ ସତ୍‌ନାମ– ସୃଷ୍ଟିର ମୂଳ ବୀଜ ॥

ଶ୍ରୀଶ୍ରୀଠାକୁର ସ୍ୱଗତଭାବେ କହିଲେ— ମୋର ମନେହୁଏ ପ୍ରତ୍ୟେକଟା ମଣିଷହିଁ ଗୋଟେ ଗୋଟେ ଭାବତରଙ୍ଗ ବା ଭାବବୀଚି ବିଶେଷ । ବୀଚିଟା ବିବର୍ତ୍ତିତ ହୋଇ ଇଷ୍ଟାନୁଗ tuning (ଏକତାନତା) ମାଫିକ । କିନ୍ତୁ ତା'ର ବୈଶିଷ୍ଟ୍ୟ ଥାଏହିଁ । ଦୁଇଟା ଜିନିଷ କଦାପିବି ଏକାଭଳି ହୁଏନା । ଗଛର ଦୁଇଟା ପତ୍ର, ଦୁଇଟା ମଣିଷ, ଦୁଇଟା କୁକୁର କଦାପିବି ଏକାଭଳି ନୁହେଁ । ସ୍ତରେ ସ୍ତରେ ବୀଚି ଅଛି— ଏକ ଏକ ଜାତିର, ଏକ ଏକ ଗୁଚ୍ଛର । ଏକ ଏକ ପ୍ରକୃତିର, ଏକ ଏକ ବିଶେଷର ଏକ ଏକ ବୀଚି । ନିର୍ବିଶେଷ ultimate ଚରମ ସତ୍ତାଟାବି ଗୋଟେ ବୀଚି, ଯା'ଠାରୁ ସବୁ ବିଶେଷର ଆବିର୍ଭାବ । ସେଇଟାହିଁ ସୃଷ୍ଟିର ମୂଳ ବୀଜ ବା କାରଣ ବୀଜ ବା ସତ୍‌ନାମ । ଆମେମାନେ ତା'କୁହିଁ ବୀଜମନ୍ତ୍ର କହୁ ଯା' କି ନା ଆଦିମ ତରଙ୍ଗର ଶାବ୍ଦିକ ପ୍ରତିମୂର୍ତ୍ତି । ପ୍ରକୃତପକ୍ଷେ ଏଇଟା ସତ୍ତାଗତ ଅନୁଭୂତିର ଶାବ୍ଦିକ ପ୍ରତୀକ । ଆଦିମ ତରଙ୍ଗର ଅନ୍ତର୍ନିହିତ ପ୍ରାଣମର୍ମ ଯେତେବେଳେ ଆମମାନଙ୍କର ବୋଧଗୋଚର ହୁଏ ସେତେବେଳେ ଅଫୁରନ୍ତ ଶକ୍ତି ଓ ଜ୍ଞାନ ଆମମାନଙ୍କର କରତଳଗତ ହୁଏ । ଗୁରୁନିଷ୍ଠାହିଁ ଏ ପଥରେ ପ୍ରଧାନ ପାଥେୟ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୨୫.୦୨.୧୯୪୯ରିଖ)

ଏକମାତ୍ର ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଛଡ଼ା ଆଉ କିଛି ଚାହିଁବାର ନାହିଁ

॥ ଏକମାତ୍ର ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଛଡ଼ା ଆଉ କିଛି ଚାହିଁବାର ନାହିଁ ॥

ଏକମାତ୍ର ତାଙ୍କୁ ଯେଉଁମାନେ ଚାହାଁନ୍ତି, ସେମାନଙ୍କର ଆଉ କୌଣସି ଭାବନା ନାହିଁ । ସେମାନଙ୍କର ଆବିଲି୍ୟ କମିଯାଏ । ସେମାନେ ତାଙ୍କୁ ନେଇ ସୁଖ-ଦୁଃଖ ସବୁ ଅବସ୍ଥା ମଧ୍ୟରେ ଆନନ୍ଦରେ ଥାଆନ୍ତି । ଯେଉଁମାନେ ତାଙ୍କୁବି ଚାହାଁନ୍ତି ପୁଣି ରକମାରୀ କାମନାର ପରିପୂରଣବି ଚାହାଁନ୍ତି, ଶତ ସୁଖୈଶ୍ୱର୍ଯ୍ୟ ମଧ୍ୟରେବି ଜ୍ୱାଳାଯନ୍ତ୍ରଣା ଓ ଅଶାନ୍ତି କିନ୍ତୁ ସେମାନଙ୍କର ଅଳ୍ପବିସ୍ତର ଲାଗି ହିଁ ଥାଏ । ନିରଖ-ପରଖ ଓ ଇଷ୍ଟନିଶା ଠିକ୍ ଥିଲେ ମଣିଷ ଏକ ସମୟରେ ବୁଝି ପାରେ ଯେ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ଛଡ଼ା ତା'ର ଆଉ କିଛି ଚାହିଁବାର ନାହିଁ । ଏହି ବୋଧ ଯା'ର ପକା ହୋଇଉଠେ ଏବଂ ଏହି ବୋଧ-ଅନୁଯାୟୀ ଯେ ଚାଲିପାରେ, ସେ ସେତେବେଳେ ଜୀବନର ପ୍ରକୃତ ତାତ୍ପର୍ଯ୍ୟ ଖୋଜି ପାଏ ।

(ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ/ତା୦୩.୦୬.୧୯୪୮ରିଖ)

॥ ଯାଜନ କେତେବେଳେ ଅମୋଘ ଫଳପ୍ରସୂ ହୋଇଉଠେ ॥

ଯାଜନ କରିବାକୁ ହୁଏ ସକ୍ରେଟିସ ଧରଣରେ— ଅର୍ଥାତ୍ ଯେଉଁ କଥାଟା ମୁଁ ତା'କୁ ବୁଝାଇବାକୁ ଚାହେଁ, ସେ କଥାଟା ମୋ ମୁଖ ଦେଇ ନ କହି ପ୍ରଶ୍ନୋତ୍ତରର ଭିତର ଦେଇ ଏପରି ଅବସ୍ଥା ସୃଷ୍ଟି କରିବା ଦରକାର, ଯେପରି ତା'ର ମୁଖ ଦେଇହିଁ ମୋର ପ୍ରତିପାଦ୍ୟ କଥାଟା ବାହାର କରି ନେଇପାରେ । ଯେପରି ଆପଣ ହୁଏତ ବହୁବିବାହର ସମର୍ଥନରେ କହିବାକୁ ଚାହାଁନ୍ତି, ଆପଣ ନିଜେ ବହୁ ବିବାହର କଥା ଅବତାରଣା ନ କରି ହୁଏତ କହିବାକୁ ଲାଗିଲେ— କୋଉ ଅମଳରେ ମୁସଲମାନଙ୍କ ସଂଖ୍ୟା କେତେ ଥିଲା । ସେମାନଙ୍କ ସଂଖ୍ୟା ଅଳ୍ପଦିନ ମଧ୍ୟରେ ଏତେ ବୃଦ୍ଧି ପାଇଲା କିପରିଭାବେ, ତା' ନିକଟରେହିଁ ହୁଏତ ସେହି ପ୍ରଶ୍ନ ରଖିଲେ । ସେ ହିଁ ସେତେବେଳେ ନିଜ ତରଫରୁ କହିବ— ବହୁବିବାହ ଓ conversion (ଦ୍ୱିଜାଧିକରଣାନ୍ତର) ଫଳରେ ଏଇଟା ହୋଇଛି ।

ଏପରିଭାବେ ଯାଜନ କରିବା ଦରକାର ଯେ, ସେଇଟା ଗ୍ରହଣ ନ କରିବା ଯେପରି ତା'ର ବ୍ୟକ୍ତିଗତ ସ୍ୱାର୍ଥ କ୍ଷୁଣ୍ଣ କରିବାରେ ସାମିଲ ହୋଇଉଠେ ଅର୍ଥାତ୍ ନିଜର ସ୍ୱାର୍ଥ ଦିଗରେ ଚାହିଁ ଆପଣଙ୍କ କଥା ସ୍ୱୀକାର କରିବା ଛଡ଼ା ତା'ର ଯେପରି ଗତ୍ୟନ୍ତର ନ ରହେ । ଜଣେ ଶିକ୍ଷକଙ୍କ ନିକଟରେ ହୁଏତ ଯାଜନ କରିବାକୁ ଚାହାଁନ୍ତି— ଶିକ୍ଷକର ନାହିଁ ଇଷ୍ଟେ ଟାଣ, କିଏ ଜଗାଇବ ଛାତ୍ରପ୍ରାଣ,— ସେଠାରେ ଛାତ୍ରର ଶିକ୍ଷକଙ୍କ ପ୍ରତି ଟାଣ ବା ଶ୍ରଦ୍ଧା ନ ରହିଲେ, ଯେଉଁ ଭୟାବହ ଅବସ୍ଥା ସୃଷ୍ଟି ହୁଏ । ସେଇଟାରୁହିଁ ଆରମ୍ଭ କରେ ସେହି ସିଦ୍ଧାନ୍ତରେ ଯଦି ଉପନୀତ ହୁଅନ୍ତି, ସେତେବେଳେ ତା'ର ନିଜର ଦାୟରେହିଁ ସେ ଆପଣଙ୍କର ବକ୍ତବ୍ୟ ମାନି ନେବାକୁ ବାଧ ହେବହିଁ କି ହେବ ।

ଆମେମାନେ ଅନେକେ ଭଲ ଭଲ ଅନେକ କଥା କହିବା ପାଇଁ ଅସ୍ଥିର ହୋଇଉଠୁ । କିନ୍ତୁ ମୁଁ ବହୁ ଭଲ କଥା କହିବା ସତ୍ତ୍ୱେବି ଆଉ ଜଣକର ବୋଧର ହୁଏତ କୌଣସି ପରିବର୍ତ୍ତନ ହେଲା ନାହିଁ । ସେଠାରେ ଭଲ ଯାଜନ କରିଛି ବୋଲି ଯେତେ ଆତ୍ମପ୍ରସାଦହିଁ ବୋଧ କରେ ନା କାହିଁକି, ତା' କିନ୍ତୁ ଆତ୍ମପ୍ରତାରଣାର ହିଁ ନାମାନ୍ତର । ଯେତେଟିକେ ଯା'ହିଁ କହେ, ହିସାବ କରି କହିବାକୁ ହେବ— ଯା' ନିକଟରେ ତା' କହୁଛି, ତା' ଉପରେ ତା'ର ପ୍ରଭାବଟା କ'ଣ ହେଉଛି, ସେ କେତେଦୂର moulded (ନିୟନ୍ତ୍ରିତ) ହେଉଛି ତା' ଦେଇ— ଏହି ବିଷୟଗୁଡ଼ିକ ପ୍ରତି ଲକ୍ଷ୍ୟ ରଖି ଯାଜନ କରିଲେ, ଯାଜନ ଅମୋଘ ଫଳପ୍ରସୂ ହୋଇଉଠେ ।

(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ/ତା୨୬.୧୦.୧୯୪୯ରିଖ)

॥ ଅମାତ୍ୟ ବା ସହକାରୀ ମିଳିବା କେତେବେଳେ ସହଜ ହୁଏ ?

କାଚପୋକ ଯେପରି ତେଲୁଣିପୋକ ଧରେ, ସେପରି କରି ଇଷ୍ଟାର୍ଥେ ଲୋକଙ୍କୁ ଏକଦମ ନିଜର କରି ପକାଇବାକୁ ହୁଏ । ... ଆପଣଙ୍କର ଯେତେ ଦୋଷ ବା ଯେତେ ଗୁଣହିଁ ଥାଉ, ସବୁଟା ନେଇ ଆପଣଙ୍କୁ ଏପରିଭାବେ ଭଲ ଲାଗିବା ଦରକାର ଯେ ଅନ୍ୟକୁ ଫାଁଶରେ ପକାଇ ନେଇଗଲା, ତା' ହେବାର ଜୁ ଯେପରି ନ ରହେ । (ଏଥିପାଇଁ) ଖୁବ୍ ଖଟିଲେବି ଯେ ହୁଏ, ପୁଣି ନ ଖଟିଲେହିଁ ଯେ ହୁଏନା, ତା' ନୁହେଁ । ଆପଣଙ୍କର ସ୍ୱଭାବଟା ଏପରି ହେବା ଦରକାର, ଯେପରି ମଣିଷ ଆପଣଙ୍କ ପ୍ରତି ଆକୃଷ୍ଟ ହୋଇ ଆପଣଙ୍କର ସଙ୍ଗହିଁ ପସନ୍ଦ କରେ । ଆପଣଙ୍କୁ କୌଣସିମତେହିଁ ଛାଡ଼ିବାକୁ ଚାହେଁନା । ତା' ମାନେ ଆପଣଙ୍କ ନିକଟରୁ ତା'ର ସତ୍ତା ଏପରିହିଁ ପୋଷଣ ପାଇବା ଦରକାର, ଯେଉଁଥିପାଇଁ ସେ ଆପଣଙ୍କ ସଙ୍ଗେ ଅଠା ଭଳି ଲାଗି ରହେ ।... (ଆଉ ଏହାର) କୌଶଳ ସେହି ଇଷ୍ଟପ୍ରାଣତା ।

(ଆଲୋଚନା-ପ୍ରସଙ୍ଗ, ୧୪ଶଖଣ୍ଡ/ତା୧୯.୦୮.୧୯୪୮ରିଖ)

॥ କାହାର ବି ଇତର ଅହଂର ଚାକିରୀ କରନା ॥

ସର୍ବକାଳେ ଓ ସର୍ବତ୍ର ଆମମାନଙ୍କର କରଣୀୟ ହେଲା ଇଷ୍ଟସ୍ୱାର୍ଥପ୍ରତିଷ୍ଠା । ଇଷ୍ଟସ୍ୱାର୍ଥପ୍ରତିଷ୍ଠା ବିସର୍ଜନ ଦେଇ ହୀନ ଆତ୍ମସ୍ୱାର୍ଥ ପାଇଁ କା'ରିବି ଚାଟୁକାର ହେବା ଭଲ ନୁହେଁ । ସେଥିରେ ମଣିଷ ବ୍ୟକ୍ତିତ୍ୱ ଓ ମନୁଷ୍ୟତ୍ୱ ହରାଏ । କିନ୍ତୁ ସ୍ୱାର୍ଥପ୍ରତ୍ୟାଶାହୀନ ହୋଇ କୌଣସି ଅହଙ୍କାରୀ ମଣିଷର ବାସ୍ତବ ସଦଗୁଣ ଯେଉଁଗୁଡ଼ିକ ଅଛି, ସେଗୁଡ଼ିକ ପାଇଁ ତା'କୁ ସମୀଚୀନଭାବେ ପ୍ରଶଂସା କରି, ତା' ସଙ୍ଗେ ହୃଦ୍ୟତା ସ୍ଥାପନ କରି ତା'କୁ ଯଦି ସୁକୌଶଳରେ ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ସହାୟକ କରି ତୋଳାଯାଏ, ସେଥିରେ ଭଲ ଛଡ଼ା ମନ୍ଦ ହୁଏନା । ଇଷ୍ଟାର୍ଥୀ ହୋଇ ସୁଦକ୍ଷ ନଟ ଭଳି ଚାଲିବାକୁ ହୁଏ । ଯେଉଁଠାରେ, ଯା' ସଙ୍ଗେ, ଯେତେବେଳେ, ଯେଉଁ କାଇଦାରେ, ଯେଉଁ ବ୍ୟବହାର କରିଲେ ଇଷ୍ଟାର୍ଥ ଅର୍ଥାତ୍ ସମସ୍ତଙ୍କର ସତ୍ତାପୋଷଣୀ ମଙ୍ଗଳ ଅବ୍ୟାହତ ରହେ, ତା'ହିଁ କରିବା ଦରକାର । ଗୋଟେ ଅହଙ୍କାରୀ ମଣିଷକୁ ନ ରଗାଇ ତା' ପ୍ରତି ସ୍ୱାର୍ଥାନ୍ୱିତ ହୋଇ ତା'କୁ ନିଜର କରି ନେଇ psychologically (ମନୋବିଜ୍ଞାନସମ୍ମତଭାବେ) mould (ନିୟନ୍ତ୍ରଣ) କରିବାକୁ ଚେଷ୍ଟା କରିଲେ ଫଳ ଭଲ ହୁଏ । ଅବଶ୍ୟ କେହି ଯଦି ଇଷ୍ଟସ୍ୱାର୍ଥପ୍ରତିଷ୍ଠାରେ ବ୍ୟାଘାତ ସୃଷ୍ଟି କରେ, ସେଠାରେ ଅଦ୍ରୋହଭାବ ବଜାୟ ରଖି ତା'ର ପ୍ରତିକାର ପାଇଁ ଯା' କରଣୀୟ କରିବାକୁ ପଡ଼େ । ଅସତ୍‌ନିରୋଧ କରିବାକୁ ଯାଇ ନଜର ରଖିବା ଦରକାର ଯେପରି ମଣିଷଟାକୁ win (ଜୟ) କରାଯାଏ, asset (ସମ୍ପଦ) କରି ତୋଳାଯାଏ । ଯା'କୁ friendly (ବନ୍ଧୁଭାବାପନ୍ନ) କରି ତୋଳିବା ସମ୍ଭବ, ତା'କୁ hostile (ଶତ୍ରୁଭାବାପନ୍ନ) କରି ରଖିବା ମାନେ ନିଜର କ୍ଷତି ଆମନ୍ତ୍ରଣ କରିବା ।

(ଆଲୋଚନା-ପ୍ରସଙ୍ଗ, ୧୧ଶଖଣ୍ଡ/ତା୧୧.୦୪.୧୯୪୮ରିଖ)

ପ୍ରତ୍ୟେକର ପ୍ରକୃତି, ବୈଶିଷ୍ଟ୍ୟ ଓ ଚାହିଦା ବୁଝି କିପରିଭାବେ ଚଳାଇବ ତା'କୁ ?

କେବଳ ନିଜ ରକମରେ ନିଜ ଜଗତରେ ଆଚ୍ଛନ୍ନ ହୋଇ ରହିଲେ ଚଳିବନି । ପ୍ରତ୍ୟେକକୁ observe (ପର୍ଯ୍ୟବେକ୍ଷଣ) କରିବା ଦରକାର; ତା'ର ଚାହିଦା, ପସନ୍ଦ, ପ୍ରୟୋଜନ, ଝୁଙ୍କ୍ ଇତ୍ୟାଦି ବିଷୟରେ ତା' ସଙ୍ଗେ କଥାବାର୍ତ୍ତା କରି ଧରିବା ଦରକାର । ଜଣେ ହୁଏତ ଅର୍ଥ ଚାହେ । ତା'କୁ ଯଦି ତୁମେ ବୁଝାଇବାକୁ ଚେଷ୍ଟା କର ଯେ ଅର୍ଥ ହିଁ ସମସ୍ତ ଅନର୍ଥର ମୂଳ ତା'ହେଲେ ତୁମ କଥାରେ ତା'ର କୌଣସି ଲାଭ ହେବ ନାହିଁ । ବରଂ ଅର୍ଥ ଉପାର୍ଜନ ପାଇଁ ସେ ଉତ୍ସାହ-ସହକାରେ ଯେଉଁ ଚେଷ୍ଟା କରୁଥିଲା, ସେ ଚେଷ୍ଟାର ଯୌକ୍ତିକତା ସମ୍ବନ୍ଧରେ ତା' ମନରେ ଦ୍ୱନ୍ଦ୍ୱ ଉପସ୍ଥିତ ହେବାରୁ ସେ ନିରୁତ୍ସାହ ହୋଇ ପଡ଼ିବ । ତେଣୁ ମଣିଷକୁ negative (ନେତିବାଚକ) କଥା ନ କହି ତା' ଉଦ୍ଦେଶ୍ୟରେ higher fulfilment (ଉଚ୍ଚତର ପୂରଣ) ଯେପରି ହୁଏ ତା'କୁ ସେହିଭାବେ ମତେଇ ଦେବାହିଁ ଭଲ ।

ତା'କୁ ହୁଏତ ତୁମେ କହିଲ— ଏପରି ଗୋଟେ କିଛି କରିବା ଭଲ ଯେପରି ତୁମେ ବହୁ ଲୋକଙ୍କର ଅନ୍ନଦାତା ହୋଇପାର । ତୁମେ ଚେଷ୍ଟା କରିଲେ ଏପରି ଗୋଟେ industry (ଶିଳ୍ପ) କରିପାର, ଯେଉଁଥିରେ ଦେଶର ଲୋକଙ୍କର ଅଭାବ ମେଣ୍ଟେ, ବହୁ ଲୋକଙ୍କର ଅନ୍ନସଂସ୍ଥାନ ହୁଏ, ତୁମେ ନିଜେବି ଧନୀ ହୋଇପାର ଏବଂ ଦେଶକୁବି ଧନୀ କରି ତୋଳିପାର । ଏପରି ଜିନିଷ କରିବା ଦରକାର ଯେପରି ବିଦେଶ ବଜାରରେ ତା'ର ଚାହିଦା ହୁଏ । ସେଥିରେ ଅନ୍ୟ ଦେଶରୁ ଭାରତବର୍ଷକୁ ବହୁ ଟଙ୍କା ଆମଦାନୀ ହୋଇପାରିବ । କା'ରବି ଯଦି ସ୍ୱାର୍ଥବୁଦ୍ଧି ଥାଏ ସେହି ସ୍ୱାର୍ଥବୁଦ୍ଧି ପାଇଁ ତା'କୁ କଟାକ୍ଷ ନ କରି ତା'ର ସ୍ୱାର୍ଥବୁଦ୍ଧି ବିସ୍ତାରିତ ହୋଇ ଯେପରି ମହାସ୍ୱାର୍ଥର ଆବାହନରେ ଉନ୍ମୁଖ ହୋଇଉଠେ ସେହିଭାବେ ତା'କୁ ତାଜା କରି ଛାଡ଼ି ଦେବାକୁ ହୁଏ । କାହାକୁ ନିନ୍ଦା କରିବାର କିଛି ନାହିଁ, ଘୃଣା କରିବାର କିଛି ନାହିଁ, ଦରକାର କେବଳ ପ୍ରତ୍ୟେକକୁ ତା' ଭଳି କରି ମହାମଙ୍ଗଳର ପଥରେ ପରିଚାଳିତ କରି ଦେବା । ଇଷ୍ଟ, ଧର୍ମ ଓ କୃଷ୍ଟିକୁ ଏହିଭାବେହିଁ ସଞ୍ଚାରିତ କରି ଦେବାକୁ ହୁଏ ମଣିଷ ମଧ୍ୟରେ । କିଛି ପରୁଆ ନାହିଁ । ପ୍ରତ୍ୟେକର ବଢ଼ ହେବାର ପଥ, ମନସ୍କାମନା ପୂରଣର ପଥ ଖୋଲା ଅଛି । ମହତ୍-ସ୍ୱାର୍ଥୀ ହେବାହିଁ ଯେ ଆତ୍ମସ୍ୱାର୍ଥ-ସମ୍ପୂରଣର ପ୍ରକୃଷ୍ଟ ପଥ ଏଇଟା ପ୍ରତ୍ୟେକକୁହିଁ ତା'ର ନିଜସ୍ୱ ରକମରେ ଆଖିରେ ଆଙ୍ଗୁଳି ଦେଇ ଦେଖାଇ ଦେବାକୁ ହେବ ।

ତୁମ ସଂସ୍ପର୍ଶରେ ଆସି ଅପରେ ଯେପରି ବୁଝିପାରନ୍ତି ଯେ ତୁମେ ତା'କୁ ଭଲପାଅ, ତୁମେ ତା'କୁ ଶ୍ରଦ୍ଧା କର, ତା'ର ଭଲ ହେଲେ ତୁମେ ବର୍ତ୍ତି ଯାଅ, ତା'ର ଦାୟଟାକୁ ତୁମେ ନିଜ ଦାୟ ବୋଲି ମନେକର, ତା'କୁ ଉପଦେଶ ଦେବା ପାଇଁ ତୁମେ ବ୍ୟସ୍ତ ନୁହଁ, ତା'ର ସେବା ଓ ସାହାଯ୍ୟ କରିପାରିଲେ ତୁମେ ନିଜକୁ କୃତାର୍ଥ ମନେ କର । ଏହି ଆକୁଳ ପ୍ରୀତି-ପ୍ରାଣତାର ସ୍ପର୍ଶ କେହି ଯଦି ତୁମ ନିକଟରେ ଆସି ପାଏ, ତା'ହେଲେ ସେ କିନ୍ତୁ ତୁମକୁ କୌଣସିମତେହିଁ ଛାଡ଼ିବାକୁ ଚାହିଁବନି । କଠୋର ଇଷ୍ଟନିଷ୍ଠ ହୋଇ ଏହିଭାବେ ଚାଲିପାରିବାହିଁ ଯାଜନ-ଜୈତ୍ର ହେବାର କୌଶଳ । ମଙ୍ଗଳ ସେତେବେଳେ ତୁମ ପଛେ ପଛେ ପଦେ-ପଦେ ଚାଲିବ । ତୁମେ ପଦ୍ମପାଦ ଭଳି ହୋଇଉଠିବ । ତୁମ ଦ୍ୱାରା ସେତେବେଳେ ଭଲ ଛଡ଼ା ମନ୍ଦ ହେବ ନାହିଁ କା'ରିବି କିଛି । ଯେଉଁମାନେ egoistic (ଅହଙ୍କାରୀ) ଲୋକ, ସେମାନେ ମଣିଷର ଭଲ କରିବାକୁ ଯାଇ ଅଜ୍ଞତା ଓ ଜିଦି ବଶତଃ ଅନ୍ୟ ଉପରେ ନିଜର ଅନେକ କିଛି ଖିଆଲ ଚଲାଇବାକୁ ଚେଷ୍ଟା କରନ୍ତି । ତେଣୁ ସେମାନଙ୍କ ଦ୍ୱାରା ମଣିଷର ଭଲ ବି ଯେପରି ହୁଏ, ମନ୍ଦବି ସେପରି କମ୍ ହୁଏନା ।

(ଆଲୋଚନା-ପ୍ରସଙ୍ଗ, ୧୪ଶଖଣ୍ଡ/ତା୧୯.୦୮.୧୯୪୮ରିଖ)

ବିବାହ : ପବିତ୍ର ସଂସ୍କାର

॥ ବିବାହ ବେଳେ ବିଚାରଣୀୟ ॥

ଧର୍ମ କହୁଛି ଛୋଟକୁ ବଡ଼ କରି ତୋଳ, ବଡ଼କୁ ଛୋଟ କରନା । ପ୍ରତିଲୋମ ବିବାହ ଦିଅନା । ନୀଚ ଘରେ ତୁମର ଝିଅ ଦିଅନା, ବରଂ ତା'ର ଝିଅକୁ ତୁମେ ନେଇପାର । କୃଷ୍ଣଠାକୁରଙ୍କୁ ଆମେମାନେ ଭଗବାନ ବୋଲି ମାନୁ, ସିଏ ବହୁବିବାହ କରିଛନ୍ତି, କିନ୍ତୁ ଗୋଟେବି ବ୍ରାହ୍ମଣର ଝିଅକୁ ବିବାହ କରି ନାହାଁନ୍ତି । ବୁଦ୍ଧଦେବ ବିବାହ କରି ସନ୍ନ୍ୟାସୀ ହେଲେ, ସିଏବି ପ୍ରତିଲୋମ କରି ନାହାଁନ୍ତି, କହି ନାହାଁନ୍ତିବି କରିବାକୁ । ବୈଶିଷ୍ଟ୍ୟ ନଷ୍ଟ କରିବାର କଥା କୌଣସି ମହାପୁରୁଷହିଁ କହନ୍ତିନି । ସବୁଟାର ଗୋଟେ ବିଧି ଅଛି । ବଣୁଆ ଆମ୍ବର କଲମ ଦେବାକୁ ହୁଏ ଭଲ ଆମ୍ବ ସଙ୍ଗେ । ଗାଈର ସହବାସ କରାଇବା ସମୟରେ ଭଲ ଷଣ୍ଢ ଖୋଜନ୍ତି ଯେପରି ଦୁଧ ବେଶୀ ଦିଏ, ପିଲାଟା ଭଲ ହୁଏ । କୁକୁର-ବିରାଡ଼ି ବେଳକୁବି ତା' କରନ୍ତି । ମଣିଷ ବେଳକୁ ଛାଡ଼ି ଦେଲି, ଯେପରି ଖୁସି କରିଲେହିଁ ହେଲା । ବିବାହ ଗୋଟେ ମସ୍ତ ଜିନିଷ । ସବର୍ଣ୍ଣ ଓ ଅନୁଲୋମ ବିବାହ ଦେବାକୁ ଗଲେବି ବିଧିମାଫିକ ଦେବାକୁ ହେବ । ଏସବୁ ଠିକ୍‌ଭାବେ ନ କରିଲେ କଷ୍ଟ ପାଇବାକୁ ହେବ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୪.୦୧.୧୯୪୯ରିଖ)

॥ ନିଜଠାରୁ ଉଚ୍ଚତର ବଂଶର ଝିଅ ବିବାହ କଲେ କ'ଣ ହୁଏ ?

ଉଚ୍ଚବଂଶର ଝିଅ ବିବାହ କରିଲେ ସନ୍ତାନର gene-cohesion (ଜିନ-ସଂସକ୍ତି) ଦୁର୍ବଳ ହୋଇଯାଏ, ଫଳରେ ଜନ ଓ ସମାଜ ଅଳ୍ପାୟୁ ହୋଇଥାଏ । ତା'ଛଡ଼ା ମୋର ମନେହୁଏ, ପ୍ରତିଲୋମ ଯୌନ ସଂଶ୍ରବ ଫଳରେ ପୁରୁଷ ଓ ନାରୀ ଉଭୟଙ୍କରହିଁ ସ୍ୱାସ୍ଥ୍ୟର କ୍ଷତି ହୁଏ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୨୬.୦୨.୧୯୪୯ରିଖ)

॥ ବିଷମ ପରିଣୟରେ କ'ଣ ହୁଏ ?

ବିଷମ ପରିଣୟରେ ବୀଜର ଅନ୍ତର୍ନିହିତ ବୈଶିଷ୍ଟ୍ୟ-ସମାବେଶୀ ସଂଯୋଗ ବିକୃତ କରିଦିଏ,— ଫଳରେ, ବଂଶପ୍ରବାହ ଚିରଦିନ ଭଳି ଦୋଷଯୁକ୍ତ ହୋଇଚାଲେ । ଆପଣଙ୍କ ପୁଅ ଓ ଝିଅ ଉଭୟଙ୍କ ମଧ୍ୟରେହିଁ ଆପଣଙ୍କ ବୀଜକୋଷ ପୁଅର ବୀଜକେଷ ଓ ଝିଅର ଡ଼ିମ୍ବାଣୁ ସୃଷ୍ଟି କରିବ । ତେଣୁ ଆପଣଙ୍କ ବିବାହ ସଙ୍ଗତିଶୀଳ ନ ହେଲେ ଆପଣଙ୍କର ବଂଶବୈଶିଷ୍ଟ୍ୟ ବିକୃତ ହୋଇଯିବ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୦୭.୦୩.୧୯୪୯ରିଖ)

॥ ହିନ୍ଦୁ କୋଡ଼ ବିଲର ପରିଣାମ କ'ଣ ହେବ ?

ଏହି ବିଲ ପାସ ହେଲେ କାଳେ କାଳେ ବହୁ ପରିବାରରେ ଝିଅମାନଙ୍କର ସ୍ୱାମୀ ରହିବେନି । ପୁରୁଷଙ୍କର ସ୍ତ୍ରୀ ରହିବେନି, ପିଲାମାନଙ୍କର ମା' ରହିବେନି । ପୁରୁଷ ନିରୂପାୟ ହେବ ବେଶୀ । ସେମାନଙ୍କର ମୃତ୍ୟୁ ବରଣ କରିବା ଭଳି ଦୁରବସ୍ଥା ହେବ । ଆମେମାନେ ଇଚ୍ଛା କରିଲେ ଏହାର ପ୍ରତିବିଧାନ କରି ପାରିଥା'ନ୍ତେ । ଗୁଣ୍ଡୁଚିମୂଷା ସାଗର ବାନ୍ଧିଥିଲା, କିନ୍ତୁ ଆମେମାନେ କରିଲେନି । ଏକ ସମୟରେ ହୁଏତ ଏହା ବିରୁଦ୍ଧରେ କଥାହିଁ କହିବାକୁ ଦେବେନି । ହୁଏତ ସେହିଭଳି ଭାବଧାରା-ସମନ୍ୱିତ ସାହିତ୍ୟରେବି ହାତ ପଡ଼ିବ । ତେବେ ଲୋକତାନ୍ତ୍ରିକ ଦେଶରେ ତା' ନ ହେବାହିଁ ଉଚିତ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୦୭.୦୩.୧୯୪୯ରିଖ)

॥ ବହୁବିବାହ ଫଳରେ କ'ଣ ହୁଏ ?

ସୁନିୟନ୍ତ୍ରିତ ବହୁ ବିବାହ ଫଳରେ ଝିଅମାନେ ଉଚ୍ଚଘରେ ପଡ଼ନ୍ତି ଏବଂ ସେଥିରେ ପ୍ରଜନନବି ଭଲ ହୁଏ । ପୁଣି, ବହୁ ବିବାହ ନ ରହିଲେ ପ୍ରତିଲୋମ ହୋଇପାରେ ଏବଂ ସେଥିରେ କୃଷ୍ଟିଘାତୀ ମତବାଦର ଆମଦାନୀ ବେଶୀ ହୋଇପାରେ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୨.୦୩.୧୯୪୯ରିଖ)

॥ ପରିଣୟ ସତ୍ତାପୋଷଣୀ ହେବା ଦରକାର କାହିଁକି ?

ସତ୍ତାପୋଷଣୀ ପରିଣୟ ନ ହେଲେ ବୈଶିଷ୍ଟ୍ୟ ନଷ୍ଟ ହୋଇଯାଏ, ତେଣୁ (ଶାସ୍ତ୍ରରେ) ତୀବ୍ରଭାବେ ଏହା ବିରୁଦ୍ଧରେ କୁହା ଅଛି । ଅନୁଲୋମ ବା ସବର୍ଣ୍ଣ-ବିବାହ ହେଲେବି ଉଭୟଙ୍କ ପ୍ରକୃତି ଉଭୟଙ୍କର ସତ୍ତାପୋଷଣୀ ହେବା ଦରକାର ।

ପ୍ରଶ୍ନ— ଏଇଟା କିପରିଭାବେ ଠିକ୍ ପାଇହୁଏ ?

ଶ୍ରୀଶ୍ରୀଠାକୁର— ଘଟକମାନେହିଁ ଥିଲେ ଏହି ବ୍ୟାପାରରେ ବିଧାନଦାତା । ସେମାନେ ଜାଣିଥିଲେ । ତୁମେ ହୁଏତ ଟ୍ରାଇପୋସ (କେମବ୍ରିଜ ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସମ୍ମାନ) । ଗୋଟେ କଳା ଝିଅ ସଙ୍ଗେ ବିବାହ ଠିକ୍ କରିଲେ ତୁମର । ଅସନ୍ତୁଷ୍ଟ ହେଲ ତୁମେ । ପୁଣି

ହୁଏତ ଗୋଟେ ମ୍ୟାଟ୍ରିକୁଲେଟର ସଙ୍ଗେ ଗୋଟେ ସୁନ୍ଦରୀ ଝିଅର ବିବାହର ବ୍ୟବସ୍ଥା କରାଗଲା । ସେମାନେ ଜାଣିଥିଲେ ଯେ ଏଥିରେହିଁ ଭଲ ହେବ । ଏଇଟା ସେମାନେ ନିର୍ଦ୍ଧାରଣ କରି ପାରୁଥିଲେ । କୋଉ ବଂଶର କୋଉ ଝିଅ କୋଉଠି ଖାପ ଖାଇବ— ସେମାନେ ବୁଝୁଥିଲେ ।

ପ୍ରଶ୍ନ— ଏବେ ତ ନାହିଁ ।

ଶ୍ରୀଶ୍ରୀଠାକୁର— ଏବେ revive (ପୁନରୁଦ୍ଧାର) କରାଯାଇ ପାରେ । ଆଉ ଏବେବି ହୁଏତ ବା ଅଛି କିଛି କିଛି କୋଉଠି ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୪.୦୩.୧୯୪୯ରିଖ)

॥ ବିବାହବନ୍ଧନ-ବିଚ୍ଛିନ୍ନା ସ୍ତ୍ରୀକୁ ବିବାହ କରିଲେ କ'ଣ ହୁଏ ?

ଖ୍ରୀଷ୍ଟ କହିଛନ୍ତି, ଯେ ବିବାହ ବନ୍ଧନବିଚ୍ଛିନ୍ନା ସ୍ତ୍ରୀକୁ ବିବାହ କରେ ସେ ବ୍ୟଭିଚାର କରେ, ତା'ର ମାନେ ଏହିଭଳି ସ୍ତ୍ରୀର ଗର୍ଭଜାତ ସନ୍ତାନ ବିକୃତ ହେବାର ସମ୍ଭାବନା ଥାଏ, ତେଣୁ ସେହି ବିବାହ ଦୋଷାବହ । କାରଣ, ତା'ର ମଥାରେ ତା'ର ପୂର୍ବସ୍ୱାମୀର ଛାପ ରହିଯାଏ । ପରେ ତା'କୁ ଯେ ବିବାହ କରେ ତା'ରବି କ୍ଷତି ହୁଏ, କାରଣ, ସେହି ସ୍ତ୍ରୀର ଶରୀର-ମନ ଅଶୁଦ୍ଧ ଥାଏ । ତା'କୁ ବିବାହ କରିଲେ ସଂସର୍ଗଦୋଷରେ ପୁରୁଷବି କିଛିଟା ଅଶୁଦ୍ଧ ହୋଇପଡ଼େ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୩.୦୩.୧୯୪୯ରିଖ)

॥ ଯେଉଁ ଝିଅମାନେ ସତୀତ୍ୱ ହରାଇବାକୁ ବାଧ ହୁଅନ୍ତି, ସେମାନଙ୍କର କ'ଣ ହେବ ?

ପ୍ରଶ୍ନ— ସାମ୍ପ୍ରଦାୟିକ ଗୋଳମାଳ ଯୋଗୁଁ ଯେଉଁ ସବୁ ଝିଅମାନେ ସତୀତ୍ୱ ହରାଇବାକୁ ବାଧ ହୋଇଛନ୍ତି, ସେମାନଙ୍କୁ ସମାଜରେ ଗ୍ରହଣ କରିବା ଉଚିତ୍ ନୁହେଁ ?

ଶ୍ରୀଶ୍ରୀଠାକୁର— ଉଚିତ ତ ! ପୂର୍ବେ କରୁ ନଥିଲେ, ତେବେ ବର୍ତ୍ତମାନ ସମାଜ ଆଡ଼େ ଚାହିଁ, ତା'ର ପରିବର୍ତ୍ତନ ଘଟାଇ, ଶୁଦ୍ଧି କରି ଗ୍ରହଣ କରିବା ଉଚିତ ।

(ଆଲୋଚନା-ପ୍ରସଙ୍ଗ, ୧୫ଶଖଣ୍ଡ/ତା୧୩.୦୩.୧୯୪୯ରିଖ)

॥ ବିବାହ : ପବିତ୍ର ସଂସ୍କାର ॥

ବିବାହଟା ଥିଲା ଆମମାନଙ୍କର ଗୋଟେ ପବିତ୍ର ସଂସ୍କାର । ସେଠାରେ ସ୍ତ୍ରୀ ଥିଲା ଗୃହର ସର୍ବମୟୀ କର୍ତ୍ତ୍ରୀ । ବିବାହ-ବିଚ୍ଛେଦରେ ସ୍ୱାମୀ ସ୍ତ୍ରୀ କାହାରିବି ଭଲ ହୁଏନା । ଆଜି ଜଣକୁ ପସନ୍ଦ ହେଲାନି, ତା'କୁ ଛାଡ଼ିଲି । ହୁଏତ ଗୋଟେ ସନ୍ତାନ ଅଛି । ଆଉ ଜଣକ ନିକଟକୁ ଗଲି । ସେତେବେଳେ ଏସବୁ ସନ୍ତାନମାନଙ୍କର ନା ରହିବେ ମା', ନା ରହିବେ ବାପା ।

ପ୍ରଶ୍ନ— ଝିଅମାନଙ୍କୁ ବାନ୍ଧି ରଖିବା ତ ଚଳେନା ।

ଶ୍ରୀଶ୍ରୀଠାକୁର— ବାନ୍ଧି ରଖିବା କ'ଣ ? ଝିଅର ବୈଶିଷ୍ଟ୍ୟ ଝିଅ ଭଳି । ପୁରୁଷର ବୈଶିଷ୍ଟ୍ୟ ପୁରୁଷ ଭଳି । ପୁରୁଷ ସାଧାରଣତଃ ଝିଅର ନିଜସ୍ୱ ଇଲାକା ଆକ୍ରମଣ କରେନି । ଝିଅବି ପୁରୁଷର ଇଲାକା ଆକ୍ରମଣ କରେନି । ପ୍ରତ୍ୟେକେହିଁ ନିଜ ବୈଶିଷ୍ଟ୍ୟ ଭଳି ଉନ୍ନତ ହୋଇଛନ୍ତି । ଆଗେ କେତେ ବିଦୂଷୀ ଥିଲେ— ଖନା, ଲୀଳାବତୀ, ଆହୁରି କେତେଜଣ । ଆଜି କୋଉ କୋଉ କ୍ଷେତ୍ରରେ ପ୍ରବୃତ୍ତିକୁ ଉତ୍ତେଜିତ କରି ବିବାହ-ବିଚ୍ଛେଦର କଥା କହୁଛନ୍ତି । କା'ରବି ସ୍ୱାମୀର ଅର୍ଥ କମ, ରୂପ କମ, ତା'କୁ ହୁଏତ କହୁଛି— ତୁମେ ୟା' ପାଖରେ ପଡ଼ି ରହିଛ କାହିଁକି ? ସେ ବି ହୁଏତ ଭାବିଲା— ତା'ହିଁ ତ ! ଆଗେ ଝିଅମାନଙ୍କର ଧାରଣା ଥିଲା— ମୋ ସ୍ୱାମୀ ମୋର ସ୍ୱାମୀହିଁ, ସେ ଗରିବହିଁ ହେଉ, ଧନୀହିଁ ହେଉ, ବଦମିଜାଜୀ ହିଁ ହେଉ, ଥଣ୍ଡା ପ୍ରକୃତିର ହିଁ ହେଉ, ସେ ମୋର ସତ୍ତା, ତା'ର ପରିପାଳନ, ପରିପୂରଣ, ପରିରକ୍ଷଣହିଁ ମୋର ଧର୍ମ । ସ୍ତ୍ରୀର ସହ୍ୟ, ଧୈର୍ଯ୍ୟ, ଭଲପାଇବାର ଗୁଣରେ କେତେ ଦୁଶ୍ଚରିତ୍ର ସ୍ୱାମୀବି ଶୁଧୁରି ଯାଇଛନ୍ତି । ସ୍ୱାମୀର ଅତ୍ୟାଚାର କେହିହିଁ ସମର୍ଥନ କରନ୍ତିନି, କିନ୍ତୁ ସେହି ସବୁ ସ୍ତ୍ରୀର ଗୁଣର କ'ଣ ତୁଳନା ହୁଏ ? ସେମାନଙ୍କ ଦୌଲତରେ ପାରିବାରିକ ଜୀବନ ମଣିଷର କେତେ ବଡ଼ ଗୋଟେ ଶାନ୍ତିର ଆଶ୍ରୟସ୍ଥଳ ଥିଲା । ଝିଅମାନଙ୍କ ଉପରେ ପୁରୁଷମାନେ ଯଦି ଆସ୍ଥା ନ ରଖିପାରନ୍ତି, ତେବେ ସଂସାର ତିଷ୍ଠେ କିପରି ? ଆପଣ ନିଜ ଉପରେ ପକାଇ ଦେଖନ୍ତୁ, ଆପଣ ଯଦି ଘରକୁ ଯାଇ ଦେଖନ୍ତି— ଆପଣଙ୍କ ସ୍ତ୍ରୀ ମିସେସ ଦାଁ ହୋଇ ବାହାରି ଯାଇଛି, କିପରି ଲାଗେ ? ଅବଶ୍ୟ ପୁରୁଷକୁବି ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାକୁ ହେବ । ସାମଞ୍ଜସ୍ୟ ଯେପରି ହୁଏ, ତାହାହିଁ କରଣୀୟ ।

ପ୍ରଶ୍ନ— ଆଇନଗୁଡ଼ିକ ତ ମଣିଷର ମଙ୍ଗଳ ପାଇଁ । ନହେଲେ (ବିବାହ-ବିଚ୍ଛେଦ ନେଇ) ଏସବୁ ଆଇନ କରାଯାଉଛି କାହିଁକି ?

ଶ୍ରୀଶ୍ରୀଠାକୁର— ଗୋଟେ ଲାଞ୍ଜକଟା ଶିୟାଳ ଯେପରି ସବୁଗୁଡ଼ିକର ଲାଞ୍ଜ କାଟିବାକୁ ଚାହେଁ, ଦଳଭାରି କରିବା ପାଇଁ, କୋଉ କୋଉ କ୍ଷେତ୍ରରେ ଆଇନ କରିବା ପଛରେ ମୁରବୀମାନଙ୍କର ସେହିଭଳି ମତଲବ ରହିବା ଅସମ୍ଭବ ନୁହେଁ ।

ପ୍ରଶ୍ନ— ଆଇନ ହେଲେବି ସମସ୍ତେ ଖରାପ ହେବେନି ।

ଶ୍ରୀଶ୍ରୀଠାକୁର— ନାରୀ ପୁରୁଷ ସମସ୍ତଙ୍କ ନିକଟରେ ଯଦି ପ୍ରବୃତ୍ତିର ଯାଜନ ଚାଲେ, ସେତେବେଳେ ଆଉ ଠିକ୍ ରହେ କେତେଦିନ ? ସମାଜର ଚାପରେ, ଶାସ୍ତ୍ରର ଚାପରେ ବ୍ୟଷ୍ଟି ଠିକ୍ ଥାଏ, କିନ୍ତୁ ସେଇଟାହିଁ ଯଦି ଧ୍ୱଂସ ହୋଇଯାଏ ସେଠାରେ ବ୍ୟକ୍ତି ତା'ର ସଂଯମ ରକ୍ଷା କରିବ କେତେଦିନ ?

(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ/ତା୨୯.୦୩.୧୯୪୯ରିଖ)

প্রেরিত প্রসঙ্গে

ପ୍ରଭୁ ଯୀଶୁଖ୍ରୀଷ୍ଟ କ'ଣ ଅଯୋନିସମ୍ଭୂତ ?

॥ ପ୍ରଭୁ ଯୀଶୁ ଅଯୋନି ସମ୍ଭୂତ !

କଥାପ୍ରସଙ୍ଗରେ ମିଃ. ମ୍ୟାଥୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ-ସମ୍ବନ୍ଧରେ ପ୍ରଶ୍ନ ଉଠାଇଲେ ।

ଶ୍ରୀଶ୍ରୀଠାକୁର— ମଣିଷକୁ ଯା' ଭାବିବାକୁ ଭଲ ଲାଗେ, ତା' ଭାବୁ, କିନ୍ତୁ ମୋର ମନେହୁଏ ଯେ ଯୀଶୁଙ୍କ ମା' ମେରୀ ଯେତେବେଳେ ଅବିବାହିତ ଥିଲେ ସେତେବେଳଠାରୁ ଜୋସେଫଙ୍କ ସଙ୍ଗେ ଭଲପାଇବା ଥିଲା, ଯା'ର ଫଳ ଯୀଶୁ । ଉଭୟେ ଉଭୟଙ୍କୁ ପବିତ୍ରଭାବେ ଭଲ ପାଉଥିଲେ ଭଗବଦ୍ଦିଶାସୀ ପ୍ରାଣେ, ଆଉ ପରିସ୍ଥିତିର ଦୁଃଖଦୈନ୍ୟ ନିରାକରଣ-ସମ୍ବନ୍ଧରେ ଉଭୟଙ୍କର ମିଳିତ ଆଗ୍ରହ ସେହି ଭଲପାଇବାକୁ ଆହୁରି ବଢ଼େଇ ଦେଇଥିଲା । ପିତାମାତାଙ୍କର ଏହି ସାତ୍ତ୍ୱିକ ଭଲପାଇବା ଘନୀଭୂତ ହୋଇ ରୂପ ଧରିଥିଲା ଯୀଶୁରେ । ଅସ୍ୱାଭାବିକ ଧାରଣାର କୌଣସି କାରଣ ନାହିଁ, ସେଥିରେ ଖରାପ ହୁଏ ।

ମ୍ୟାଥୁ— କିପ୍ରକାର ?

ଶ୍ରୀଶ୍ରୀଠାକୁର— ସ୍ୱାଭାବିକଭାବେ ଭାବିବାକୁ ଅଭ୍ୟସ୍ତ ହେଲେ ଆମେମାନେ କାର୍ଯ୍ୟକାରଣ-ସମ୍ବନ୍ଧ ଖୋଜି ପାଉ ଏବଂ ନିଜର ନିୟନ୍ତ୍ରଣବି କରିପାରୁ ପ୍ରୟୋଜନ-ଅନୁପାତିକ । ନଚେତ୍ ଅନ୍ଧାର ଭିତର ଦେଇ ପଥ ଚାଲିବା ଭଳି ହୁଏ । ଏଥିରେ ଭଲର ସମ୍ଭାବନା ଥାଏ ବେଶୀ । ଋଷିମାନେ ବାଗ୍‌ଦାନକୁହିଁ ପ୍ରକୃତ ବିବାହ କହନ୍ତି । ସେହି ବାଗ୍‌ଦାନ ହେବା ପରେ ମୋରୀଙ୍କର ଗର୍ଭସଞ୍ଚାର ହୋଇଥିଲା ହୁଏତ । ଆଉ ceremonial marriage (ଆନୁଷ୍ଠାନିକ ବିବାହ) ହୁଏତ ପରେ ହୋଇଥିଲା । ଏଥିରେ ନ୍ୟାୟତଃ-ଧର୍ମତଃ ଅନ୍ୟାୟ କିଛି ହୋଇନି । କିନ୍ତୁ ସାମାଜିକ ପ୍ରଥା ସଙ୍ଗେ ଖାପ ନ ଖାଇବା ପଛରେ ଏ ନେଇ କୌଣସି କଥା ଉଠେ, କିମ୍ବା ଯୀଶୁଙ୍କର ସ୍ୱାଭାବିକ ଜନ୍ମ ଦେଖାଇଲେ ତାଙ୍କର ଭଗବତ୍ତ୍ୱର କୌଣସି ହାନି ହୁଏ, ଏହା ଭାବି ତାଙ୍କୁ ହୁଏତ ଅଯୋନି-ସମ୍ଭବ ବୋଲି ପ୍ରଦର୍ଶିତ କରାଯାଇଛି ।

ମ୍ୟାଥୁ— ବାଇବେଲରେ କୋଉଠିବି ମିଳେ କି ଯେ ବିବାହର ପୂର୍ବେ ଜୋସେଫ ଓ ମେରୀଙ୍କ ମଧ୍ୟରେ ପରିଚୟ ଥିଲା ?

ଶ୍ରୀଶ୍ରୀଠାକୁର— ତା' ମୁଁ ଜାଣେନା କୋଉଠି ଅଛି, କିନ୍ତୁ ଜୋସେଫ ଓ ମେରୀଙ୍କ ମଧ୍ୟରେ ଆଗେ ଭଲପାଇବା ନ ଥିଲେ ଜୋସେଫଙ୍କ ପ୍ରତି ଏତେ ଟାଣ ହୋଇ ନଥା'ନ୍ତା, jealousy (ଈର୍ଷ୍ୟା) ହୋଇଥା'ନ୍ତା । Immaculate birth (ଅଯୋନି-ସମ୍ଭବ) କଥା ମୋର ମନେହୁଏ interpolation (ପ୍ରକ୍ଷିପ୍ତ) । ଆମମାନଙ୍କ ଦେଶରେବି ଅନୁରୂପ ଧାରଣା ଅଛି— ଯେପରି ଭଗବାନ ମାତୃଗର୍ଭରେ ସ୍ୱାଭାବିକ ମଣିଷ ଭଳି ଜନ୍ମିଲେ ସିଏ ଛୋଟ ହୋଇଯା'ନ୍ତି, ତେଣୁ ଅଯୋନି-ସମ୍ଭବ ଇତ୍ୟାଦି କହନ୍ତି । ସେପରି ଅଜ୍ଞତାରେ ତାଙ୍କୁ ଅନୁସରଣ କରିବା ପଥରେ ବାଧା ହୁଏ । ମଣିଷ ଭାବେ ପିତାର ଔରସରୁ ମାତାର ଗର୍ଭରୁ ଜାତ ମାନବସନ୍ତାନ ନୁହଁନ୍ତି ସିଏ, ସିଏ ଅନ୍ୟ ଧରଣର କିଛି, ତାଙ୍କ ସଙ୍ଗେ ସାଧାରଣ ମଣିଷର କୌଣସି ଦିଗଦେଇ କୌଣସିପ୍ରକାର ମେଳ ନାହିଁ । ତେଣୁ ମଣିଷ ପକ୍ଷେ ତାଙ୍କୁ ଅନୁସରଣ କରିବାବି ସୁଦୂରପରାହତ । ଏହିଭଳି ଧାରଣାହିଁ ଅଜ୍ଞତା । ଏହି ଅଜ୍ଞତାହିଁ ଶୟତାନ । ସେ ଯେ ମଣିଷ ହୋଇ ମଣିଷ ପାଇଁ ହିଁ ଆସନ୍ତି, ମଣିଷକୁ ଚଲାର ପଥ ଦେଖାଇବାକୁ, ଏହି କଥାଟାହିଁ ଆମେମାନେ ବୁଝୁନା ।

(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୦୮.୦୨.୧୯୪୭ରିଖ)

॥ ତ୍ରିତ୍ୱବାଦ ॥

ମ୍ୟାଥୁ— ତ୍ରିତ୍ୱବାଦ ମାନେ କ'ଣ ?

ଶ୍ରୀଶ୍ରୀଠାକୁର— God the Father ମାନେ ସୃଜନକର୍ତ୍ତା ଓ ପାଳନକର୍ତ୍ତା ଭଗବାନ; God the Son ମାନେ ତାଙ୍କରିହିଁ ନର-ବିଗ୍ରହ ଯିଏ, ଯେପରି ଯୀଶୁଖ୍ରୀଷ୍ଟ; God the Holy Ghost ମାନେ ଆମମାନଙ୍କର ଜୀବାତ୍ମା ବା ସୁରତ । ଆମମାନଙ୍କର ଜୀବାତ୍ମା ଯେତେବେଳେ ମୂର୍ତ୍ତ ନାରାୟଣରେ ଯୁକ୍ତ ହୁଏ, ସେତେବେଳେହିଁ ଆମେମାନେ ପରମପିତାଙ୍କୁ ଅନୁଭବ କରି ଧନ୍ୟ ହେଉ । ପରମପିତା, ପରମସ୍ରଷ୍ଟା ଓ ପରମପାଳୟିତାଙ୍କ ସ୍ୱରୂପ ଅବତାର-ପୁରୁଷଙ୍କ ମଧ୍ୟରେହିଁ ପ୍ରକଟ ହୋଇଉଠେ, ତେଣୁ ସତ୍ତାର ଯୋଗାବେଗ ନେଇ ତାଙ୍କଠାରେ ଅନୁରକ୍ତ ହେବାକୁ ହୁଏ । ସିଏ ଅର୍ଥାତ୍ God the Son ହିଁ ପଥ । ସିଏ ଅଜଣାମାନଙ୍କୁ ଜଣାରେ ପହଞ୍ଚାଇ ଦିଅନ୍ତି । ଯେପରି କୃଷ୍ଣଠାକୁର କହିଥିଲେ ଅର୍ଜୁନକୁ— ତୁମରବି ଅତୀତରେ ବହୁ ଜନ୍ମ ହୋଇଛି, ମୋରବି ଅତୀତରେ ବହୁ ଜନ୍ମ ହୋଇଛି । ତୁମ ମୋ ମଧ୍ୟରେ ପାର୍ଥକ୍ୟ ଏହା— ତୁମେ ଜାଣନା, ମୁଁ ଜାଣେ । ଏହି ଜ୍ଞାତାମଣିଷ ଯିଏ, ତାଙ୍କୁ ଭଲପାଇ, ତାଙ୍କୁ ଅନୁସରଣ କରି ସେହି ପରମଜ୍ଞେୟଙ୍କୁ ଜାଣିପାରୁ ଆମେମାନେ । ...

ମ୍ୟାଥୁ— ଭଗବାନ ଏକ ନା ତିନି ?

ଶ୍ରୀଶ୍ରୀଠାକୁର— ଏକ ଭଗବାନଙ୍କର ତିନୋଟି ଦିଗ । ତିନିର conception (ଧାରଣା) ନାନାଭାବେ ଅଛି । ଯେପରି କହନ୍ତି ସତ୍ତ୍ୱ, ରଜଃ, ତମ— ତିନି ଗୁଣ । ସତ୍ତ୍ୱ ମାନେ ଅସ୍ତିତ୍ୱର ଭାବ, ରଜଃ ମାନେ ରଞ୍ଜିତ ହେବାର ଭାବ, ତା' ମଧ୍ୟରେ ଅଛି libidoର active urge (ସୁରତର ସକ୍ରିୟ ଆକୃତି) । ଆଉ ତମ ମାନେ ignorance (ଅଜ୍ଞତା), complex (ପ୍ରବୃତ୍ତି), desire (କାମନା) ।

ଆମମାନଙ୍କର ତିନିର conception (ଧାରଣା) ଆସେ conception of dimension (ଦୈର୍ଘ୍ୟ), ପ୍ରସ୍ଥ, ଉଚ୍ଚତର ଧାରଣା)ରୁ । ଗୋଟେ ଜିନିଷକୁ ଆମେମାନେ ତିନିଭାବେ ଦେଖୁ । ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତାର ଧାରଣାରୁ ଗୋଟେ ଜିନିଷକୁ ତିନି ଦିଗରୁ ଦେଖିଲେ ଆମମାନଙ୍କର satisfaction (ତୃପ୍ତି) ହୁଏ; ପୁଣି ୪, ୫, ୬ କିମ୍ବା ଯେତେ ସଂଖ୍ୟା ବା ସଂଖ୍ୟାତୀତ ଯା'ହିଁ କୁହ, ସବୁହିଁ ଭଗବାନଙ୍କ ମଧ୍ୟରେ ଅଛି । ଯେଉଁଭାବେ ଯେଉଁଟାକୁ ଦେଖିଲେ complete (ପୁରା) ହୁଏ, ସେହିଭାବେ ସେଇଟାକୁ ଦେଖିବାକୁ ହେବ । ଆମେମାନେ କହୁ ଭଗବାନଙ୍କର ଅନନ୍ତ ରୂପ । ଗୀତାରେ ଅଛି, ଚତୁର୍ଭୁଜ ହୋଇ ଦେଖା ଦିଅ, ତା' ମାନେ ସୀମାୟିତ ହୋଇ ଦେଖା ଦିଅ । *(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୦୮.୦୨.୧୯୪୬ରିଖ)*

॥ କ୍ୟାଥଲିସିଜିମ୍ ଓ ପ୍ରୋଟେଷ୍ଟ୍ୟାନାଟିଜିମ୍ ॥

କଥାପ୍ରସଙ୍ଗରେ ମିଃ. ମ୍ୟାଥୁ ପଚାରିଲେ— କ୍ୟାଥଲିସିଜିମ୍ ଏବଂ ପ୍ରୋଟେଷ୍ଟ୍ୟାନଟିଜମ୍‌ରୁ କୋଉଟା ଠିକ୍ ?

ଶ୍ରୀଶ୍ରୀଠାକୁର— ମୁଁ ତ ଭଲ କରି ଜାଣେନା, କୋଉଟାକୁ କ'ଣ କହନ୍ତି ? ତେବେ ଯା' ଶୁଣେ ସେଥିରେ କ୍ୟାଥଲିକମାନଙ୍କର ରକମଟାହିଁ ଭଲ, ଅବଶ୍ୟ ବିକୃତି ପ୍ରବେଶ କରିଲେ ସବୁହିଁ ଖରାପ ହୋଇଯାଏ । ତା' ଯେପରି ପ୍ରବେଶ ନ କରେ, ସେଦିଗରେ ଲକ୍ଷ୍ୟ ରଖିବା ଭଲ । ଧର୍ମଯାଜକମାନେ ବିବାହ କରିପାରିବେନି, ଏ ପ୍ରଥାରେ ସବୁ ସମୟରେ ସୁଫଳ ଫଳେ ନା । ପୁଣି କ୍ୟାଥଲିକମାନଙ୍କ ମଧ୍ୟରେ ଆଚାର-ଅନୁଷ୍ଠାନ ପ୍ରତି ଯେଉଁ ନିଷ୍ଠା ଅଛି, ତା' କିନ୍ତୁ ଭଲହିଁ । ଆଚାର, ଅନୁଷ୍ଠାନ, ଐତିହ୍ୟ ବାଦ ଦେଲେ ଜଗତଟାକୁ ପୁଷ୍ଟ କରି ତୋଳିବା ପକ୍ଷେ ଅସୁବିଧା ହୁଏ । .... ମଣିଷର ଯା'ର ଯେଉଁ ପ୍ରକାର ଅଭାବ, ସେ ସେହି ପ୍ରକାର ସମ୍ବନ୍ଧ ବନାଇବାକୁ ଚାହେଁ ଭଗବାନଙ୍କ ସଙ୍ଗେ । କିନ୍ତୁ Christ (ଖ୍ରୀଷ୍ଟହିଁ) ଏହି ସମ୍ବନ୍ଧର ପ୍ରତୀକ ହେବା ଭଲ, ତା' ନ ହୋଇ ଯଦି ଆଉ କେହି ପ୍ରତୀକ ହୁଅନ୍ତି, ତା' ଭିତର ଦେଇ corruption (ମାଳିନ୍ୟ) ଆସିବାର ସମ୍ଭାବନା ଥାଏ । ଇଷ୍ଟପ୍ରତୀକ ସିଏହିଁ ହୋଇପାରନ୍ତି ଯିଏ ଚାଳିତ ହୁଅନ୍ତି by the Father, of the Father, and for the Father(ପିତାଙ୍କ ଦ୍ୱାରା, ପିତାଙ୍କର ହୋଇ ଏବଂ ପିତାଙ୍କ ପାଇଁ) ।

(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୦୯.୦୨.୧୯୪୬ରିଖ)

॥ ମୁଁ ଭଲପାଇବାକୁ ଦେଖୁଛି ॥

ଶ୍ରୀଶ୍ରୀଠାକୁର ସ୍ନେନସରଭାଇ ଓ ମ୍ୟାଥୁଭାଇଙ୍କ ଆଡ଼େ ଚାହିଁ ଲଳିତମଧୁର ଭଙ୍ଗୀରେ କହୁଛନ୍ତି— ସେଣ୍ଟ ଜନ କାଳେ ଯୀଶୁଖ୍ରୀଷ୍ଟଙ୍କ ଆଡ଼େ ଏକଦୃଷ୍ଟିରେ ଚାହିଁ ରହୁଥିଲେ, କିଛି କହୁ ନଥିଲେ । ସମସ୍ତେ ପଚାରୁଥିଲେ— ଏପରି କରି କ'ଣ ଦେଖ ? ସେ କହୁଥିଲେ— I see love, love, love (ମୁଁ ଦେଖେ ଭଲପାଇବା, ଭଲପାଇବା, ଭଲପାଇବା) ।

ଶ୍ରୀଶ୍ରୀଠାକୁରଙ୍କ ପ୍ରେମବିଗଳିତ ମୁଖଚ୍ଛବି ଦେଖି ସମସ୍ତଙ୍କରହିଁ ଅନ୍ତର ଉଦ୍‌ବେଳିତ ହୋଇ ଉଠିଲା । ସ୍ନେନସରଭାଇ ଓ ମ୍ୟାଥୁଭାଇ ମୁଗ୍ଧବିସ୍ମୟରେ ଅପଲକ ନେତ୍ରରେ ଚାହିଁ ରହିଛନ୍ତି ଶ୍ରୀଶ୍ରୀଠାକୁରଙ୍କ ଆଡ଼େ ।*(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୧୧.୦୨.୧୯୪୬ରିଖ)*

॥ ଧର୍ମାନ୍ତରିତକରଣ ॥

ଧର୍ମାନ୍ତରିତକରଣ ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର ସେଥିରେ କହିଲେ— ଧର୍ମ ଚିରଦିନହିଁ ଏକ । ଆଉ ତା' ଆଚରଣର ବସ୍ତୁ । ଧର୍ମର କଦାପିବି ଭେଦ ହୁଏନା । ଧର୍ମ କେବେବି ପିତୃପୁରୁଷ ବା ମଣିଷର ଅତୀତ ସତ୍ତା-ସମ୍ବର୍ଦ୍ଧନୀ କୃଷ୍ଟିକୁ ଅସ୍ୱୀକାର କରିବାକୁ ଶିଖାଏନା । ତା' ଯଦି କରେ, ତେବେ ତା' ଧର୍ମ ନୁହେଁ । ସେଥିରେ ମଣିଷର ମନ୍ଦ ଛଡ଼ା ଭଲ ହୁଏନା । ଗୋଟେକଥାରେ conversion is no verse of religion (ଧର୍ମାନ୍ତରିତକରଣ ଧର୍ମର କୌଣସି କଥା ନୁହେଁ ।)

ସ୍ନେନସରଭାଇ ଶ୍ରୀଶ୍ରୀଠାକୁରଙ୍କ କଥା ଶୁଣି ହସି ପକାଇଲେ ।

ଶ୍ରୀଶ୍ରୀଠାକୁର ହସି ହସି ପଚାରିଲେ— ଏକଥାଟା ଠିକ୍ ନୁହେଁ ? ବାଇବେଲ କ'ଣ କହେ ?

ସ୍ନେନସରଭାଇ— ଠିକ୍ ଅଛି । ବାଇବେଲରେବି ଏହାର ସମର୍ଥନ ଅଛି ।

ଶ୍ରୀଶ୍ରୀଠାକୁର କହିଲେ— ବାହାର କରି ଦେଖାଅ ତ !

ସ୍ନେନସରଭାଇ— ଠିକ୍ ଆପଣଙ୍କ କଥା ନ ହେଲେବି ସେହି ଧରଣର ସ୍ୱର ଅଛି । ଖୋଜି ବାହାର କରିବାକୁ ଟିକେ ଡ଼େରି ହେବ ।

ଶ୍ରୀଶ୍ରୀଠାକୁର ଜୋର ଦେଇ କହିଲେ— ଏବେହିଁ ବାହାର କରି ପକା । ଯେତେବେଳର ସେତେବେଳେହିଁ କରି ପକାଇବା ଭଲ ।

ସ୍ନେନସରଭାଇ ଘରେ ପ୍ରବେଶ କରି ବାଇବେଲଟା ଦେଖିବାକୁ ଲାଗିଲେ । ପରେ ବାହାରକୁ ଆସି ପଢ଼ି ଶୁଣାଇଲେ— Woe to you, you impious scribes and pharisees ! You traverse sea and land to make a single proselyte and when you succeed you make him a son of Gehina, twice as bad as yourselves. St. Mathew, 23 ; 15. (ହାୟ ! ଅଧାର୍ମିକ ଇହୁଦି ଧର୍ମବ୍ୟାଖ୍ୟାତାଗଣ ! ତୁମେମାନେ ଜଣକୁ ସ୍ୱଧର୍ମ ତ୍ୟାଗ କରାଇବା ପାଇଁ ଜଳ-ସ୍ଥଳ ପରିଭ୍ରମଣ କର, ଏବଂ ଯେତେବେଳେ ସେଥିରେ କୃତକାର୍ଯ୍ୟ ହୁଅ, ତୁମେମାନେ ତା'କୁ ଗୋଟେ ନରକନନ୍ଦନ କରିତୋଳ, ଯେ କି ନା ତୁମମାନଙ୍କଠାରୁ ଦ୍ୱିଗୁଣ ଖରାପ ହୋଇଉଠେ ।)

(ଆଲୋଚନା-ପ୍ରସଙ୍ଗ, ୭ମଖଣ୍ଡ/ତା୧୨.୦୪.୧୯୪୬ରିଖ)

ଦିବ୍ୟ ଅନୁଭୂତି

ସଦ୍‌ଗୁରୁଂ ତ୍ୱାଂ ନମାମି

● ଶ୍ରୀବ୍ରଜଗୋପାଳ ଗୁରୁ

''ଆସିଛୁ ! ସେଇ ଆସିଲୁ, ଏତେ ଡ଼େରି କରି ଆସିଲୁ ?'' ଆମମାନଙ୍କ ଘରର ଦେବାଲର ବାରଣ୍ଡାରେ ଦକ୍ଷିଣାସ୍ୟ ହୋଇ ବସିଛନ୍ତି ଜଣେ ମଧ୍ୟବୟସ୍କ ଆନିନ୍ଦ୍ୟସୁନ୍ଦର ମଣିଷ । ଉନ୍ମୁକ୍ତ ଦେହ । କଳାପାଡ଼ି ଧୋତି ପାଟ କରି ପିନ୍ଧା । ଧଳା ପଇତାଟି ପ୍ରଶସ୍ତ ବକ୍ଷଦେଶରେ । ଚୌକିରେ ଧଳା ଚାଦର ମୋଡ଼ା ବିଛଣାରେ, ଶ୍ରୀଚରଣ ଦୁଇଟି ମେଜ ଉପରେ ରଖା ଯାଇଛି । ଅନେକ ମଣିଷ ତାଙ୍କୁ ପ୍ରଣାମ ନିବେଦନ କରୁଛନ୍ତି । ଆଖିଜଡ଼ିତ ରୂପର ଆଲୋକ ଯେପରି ଠିକରି ପଡୁଛି ଚତୁର୍ଦ୍ଦିଗରେ । କାହା କାହା ସହିତ ଅଳ୍ପସ୍ୱଳ୍ପ କଥାବାର୍ତ୍ତାବି କରୁଛନ୍ତି । ମୁଁ କିଛି ଦୂରରେ ଠିଆହୋଇ ତାଙ୍କୁ ଅନେକ ସମୟ ଦେଖୁଛି ଆଉ ଦେଖୁଛି । କୋଉ ମୁହୂର୍ତ୍ତରେ କୋଉ ଏକ ଅମୋଘ ଆକର୍ଷଣରେ ତାଙ୍କ ସାମନାରେ ପହଞ୍ଚି ଯାଇଛି । ସମ୍ବିତ ଫେରି ପାଆନ୍ତେହିଁ ବୁଝିପାରିଲି ସିଏ ମୋରି ଆଡ଼େ ହିଁ ଚାହିଁଛନ୍ତି ଆଉ ସେହି କଥାଗୁଡ଼ିକୁ କହୁଛନ୍ତି— ''ଆସିଛୁ ! ସେଇ ଆସିଲୁ, ଏତେ ଡ଼େରି କରି ଆସିଲୁ ?'' କି ମଧୁର କଣ୍ଠସ୍ୱର ! ଦୁଇଟି ଆଖିରେ କି ଦୁର୍ବାର ଆକର୍ଷଣ ! ଆଖି ଫେରାଇ ହୁଏନା । ମୃଦୁ-ମୃଦୁ ହସରେ ଭରା ଓଷ୍ଠଦ୍ୱୟ ଯେପରି ଉନ୍ମୀଳିତ ପଦ୍ମର ପାଖୁଡ଼ା । ଭାଷା ଦେଇ ସେପରି ବ୍ୟାଖ୍ୟା କରିବା ଏକଦମ୍‌ହିଁ ଅସମ୍ଭବ ମୋ ପକ୍ଷେ । ନତଜାନୁ ହୋଇ ପ୍ରଣାମ ନିବେଦନ କରିଲି ତାଙ୍କ ରାତୁଳ ଶ୍ରୀଚରଣଯୁଗଳରେ ।

ଆଉ କିଛି ମନେ ନାହିଁ । ନିଦ ଭାଙ୍ଗିଲା ଭୋର ରାତିରୁ । ମା'ଙ୍କ ପାଖରେ ଶୋଇଥିଲି ମୁଁ । ମା'ଙ୍କ ଦକ୍ଷିଣ ହସ୍ତ ମୋ ଛାତି ଉପରେ । ସେତେବେଳେବି ସେହି ମୂର୍ତ୍ତି ଯେପରି ଆଖି ଆଗରେ ଭାସୁଛି । ବିଶ୍ୱାସ କରିବାକୁ ଇଚ୍ଛା ହେଉନି ଯେ ମୁଁ ସ୍ୱପ୍ନ ଦେଖିଛି । ଛଟପଟ କରି ଉଠିଲା ମନଟା । ସ୍ୱପ୍ନରେ ଦେଖା ସେହି ରୂପ-ଲାବଣ୍ୟରେ ଭରା ମଧୁର ମଣିଷଟିକୁ ପୁଣି ଦର୍ଶନ କରିବାର ଇଚ୍ଛା ହେଉଛି ସେକ୍ଷଣିହିଁ । କିନ୍ତୁ ଉପାୟ କୋଉଠି !

ନିଃଶବ୍ଦରେ ଘରୁ ବାହାରି ପଡ଼ିଲି ଆମମାନଙ୍କର ଜଣେ ପ୍ରତିବେଶୀ କାକାବାବୁଙ୍କ ଘର ଉଦ୍ଦେଶ୍ୟରେ । ସେତେବେଳେବି ଦିନର ଆଲୋକ ପୂର୍ବାକାଶରେ ଉଙ୍କି ଦେଇନି । ଗଛଲତାରେ ଭରା ରାସ୍ତାର ଦୁଇଧାରରେ ପକ୍ଷୀର ଡ଼ାକ । ଗତକାଲି ସନ୍ଧ୍ୟାରେ ମୋର ମା' ସେହି ପ୍ରତିବେଶୀଙ୍କ ଘରକୁ ମୋତେ ପଠାଇଥିଲେ । ମା' କହିଥିଲେ— ଗୌର ବିହାରରେ କୌଣସି ଗୁରୁଙ୍କ ନିକଟରେ ରହେ । ସେଠାରେ ଶିକ୍ଷକତା କରେ । ତା' ନିକଟରୁ ତା'ର ଗୁରୁଦେବଙ୍କ କଥା ଶୁଣି ଆ' ।

ଯାଇଥିଲି ଗତ ସନ୍ଧ୍ୟାରେ କିଛିକ୍ଷଣ ପାଇଁ । ଶୁଣାଇଥିଲେ କାକାବାବୁ ଗୁରୁଦେବ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ କଥା । ଛବିରେ ଠାକୁରଙ୍କୁ ଦେଖିଛି ତାଙ୍କ ଘରେ । ଠାକୁର ଗୋଟେ ବାବଲା ଗଛ ନିକଟରେ ଠିଆ ହୋଇଛନ୍ତି । ସ୍ୱପ୍ନରେ କ'ଣ ତାଙ୍କୁହିଁ ଦେଖିଛି ! ଭାବି ଭାବି କାକାବାବୁଙ୍କ ଘରେ ଯାଇ ତାଙ୍କୁ ସ୍ୱପ୍ନଦର୍ଶନ ଏବଂ ଯେଉଁ କଥାଗୁଡ଼ିକ ଶୁଣିଥିଲି ସେ ବିଷୟରେ ସବୁକିଛି କହିବାରୁ ସେ କହିଲେ— ଶ୍ରୀଶ୍ରୀଠାକୁର ସେଇଭଳି ଭାଷାରେ କଥା କହନ୍ତି । ନିଶ୍ଚୟ ତୁ ଠାକୁରଙ୍କୁହିଁ ଦର୍ଶନ କରିଛୁ ସ୍ୱପ୍ନରେ । ମୁଁ କେଇଦିନ ପରେହିଁ ଠାକୁରବାଡ଼ି ଫେରିବି । ସ୍କୁଲର ଗ୍ରୀଷ୍ମାବକାଶ ଶେଷ ହେବ । ତୁ ମୋ ସଙ୍ଗେ ଚାଲ— ଠାକୁରଙ୍କୁ ଦର୍ଶନ କରି ଆସିବୁ ।

ମନ ମଧ୍ୟରେ ଖୋଳପାଡ଼ ଆରମ୍ଭ ହେଲା । ତାଙ୍କୁ ଦର୍ଶନ କରିବାକୁ ଯିବାକୁହିଁ ହେବ ମୋତେ । କୌଣସିପ୍ରକାରେ ଟଙ୍କାପଇସା ସଂଗ୍ରହ କରି ଘରେ କେବଳ ମା'ଙ୍କ ଅନୁମତି ଓ ଅଭୟ ନେଇ ନିର୍ଦ୍ଦିଷ୍ଟ ଦିନରେ କାକାବାବୁଙ୍କ ସହିତ ଦେଓଘରେ ପହଞ୍ଚିଲି ୧୯୬୧ ସାଲର ଜୁନ୍‌ର ପ୍ରଥମ ଭାଗରେ ।

ସେତେବେଳେବି ଦେଓଘରେ ପ୍ରଚଣ୍ଡ ଗରମ । କଙ୍କର ମାଟି ଆଉ ପାହାଡ଼-ପର୍ବତର ଦେଶ । ପଡ଼ନ୍ତ ଉପରବେଳା କାକାବାବୁଙ୍କ ସହିତ ସ୍ୱପ୍ନରେ ଦେଖିଥିବା ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ ମାନସରେ ଠାକୁର-ବଙ୍ଗଳାରେ ପ୍ରବେଶ କରିଲି । ଶ୍ରୀଶ୍ରୀଠାକୁର ସେତେବେଳେ ପୂର୍ବାସ୍ୟ ହୋଇ ପାର୍ଲରରେ ଚୌକିରେ ବସିଥିଲେ । ସାମନାକୁ ଯାଆନ୍ତେହିଁ ଶ୍ରୀଶ୍ରୀଠାକୁରଙ୍କ ଆଡ଼େ ଚାହିଁ ଚମକି ଉଠିଲି । ଇଏହିଁ ତ ମୋର ସ୍ୱପ୍ନରେ ଦେଖିଥିବା ସୁନ୍ଦର ମଣିଷଟି । ସେହି ଉଜ୍ଜ୍ୱଳ ହସଭରା ମୁଖମଣ୍ଡଳ । ଦୁଇଟି ନୟନ ଯେପରି ଟାଣୁଛି ମୋତେ । ଉନ୍ମୁକ୍ତ ଦେହରେ ଧବଧବ ଧଳା ପଇତା । କଳାପାଡ଼ି ଧୋତି ପିନ୍ଧିଛନ୍ତି । ମୁଗ୍ଧ ନୟନରେ ଶ୍ରୀଶ୍ରୀଠାକୁରଙ୍କୁ ଖୁବ୍ ନିକଟରୁ ଦେଖୁଛି ଆଉ ନିର୍ମଳ ଆନନ୍ଦରେ ହୃଦୟ ଭରି ଉଠୁଛି । ପଥଶ୍ରମର କ୍ଲାନ୍ତି ଭୁଲି ହୃଦୟରେ ଗୋଟେ ଅନିର୍ବଚନୀୟ ପ୍ରଶାନ୍ତିର ଅନୁଭୂତି । କାକାବାବୁ ମୋର ପରିଚୟ କରାଇ ଦେଲେ ଠାକୁରଙ୍କ ସହିତ । ଶ୍ରୀଶ୍ରୀଠାକୁର ମୋତେ ପଚାରିଲେ— ''ତୋ ହାତରେ ସେଇଟା କ'ଣ ?'' କାକାବାବୁ ଶ୍ରୀଶ୍ରୀଠାକୁରଙ୍କ ପାଇଁ ବିଭିନ୍ନ ରକମର ଫଳ-ମିଠା ନେଇ ଯାଇଥିଲେ । ମୁଁ ଘରର ଗଛର ବଡ଼ ବଡ଼ ପାଚିଲା ଜାମୁକୋଳି ନେଇ ଯାଇଥିଲି ବାଉଁଶ ପାଚିଆରେ ଭରି ।

ଶ୍ରୀଶ୍ରୀଠାକୁର ଦେଖିବାକୁ ଚାହିଁଲେ କେମିତିଆ ଜାମୁକୋଳି । ଦେଖାଇଲି । ଶ୍ରୀଶ୍ରୀଠାକୁର କେତୋଟି ଜାମ ହାତରେ ଉଠାଇ ନେଇ ମୁଗ୍ଧ ନେତ୍ରରେ ଦେଖୁ ଦେଖୁ ତାଙ୍କର ପିଲାଦିନର ଜୀବନକୁ ଫେରିଗଲେ । କହିଲେ— ''ମୋର ମା' ଆମମାନଙ୍କୁ ଏହିଭଳି ଜାମୁକୋଳି ଲୁଣ ଦେଇ ଜାରି ଖାଇବାକୁ ଦେଉଥିଲେ । କେତେଦିନ ହେଲା ସେପରି ଆଉ ଖାଇନି । ଏବେହିଁ ବଡ଼ବୋଉକୁ ଯାଇ ଦେ । ଆଉ କହିବୁ ଯଦି ଆଜିହିଁ ଖାଇହୁଏ ତେବେ ଯେପରି ଦିଏ ।'' କାକାବାବୁଙ୍କ ସହିତ ଶ୍ରୀଶ୍ରୀବଡ଼ମା'ଙ୍କ ନିକଟରେ ଯାଇ ଦେଲି ଠାକୁରଙ୍କ ଇଚ୍ଛାର କଥା ଜଣାଇ ।

ଫେରି ଯାଇ ଶ୍ରୀଶ୍ରୀଠାକୁରଙ୍କ ନିକଟରେ କିଛିକ୍ଷଣ ଠିଆହୋଇ 'ତାଙ୍କୁ' ଦର୍ଶନ କରୁଥିଲି ଆଉ ଶ୍ରୀମୁଖମଣ୍ଡଳ ଆଡ଼େ ଚାହିଁ ଭାବୁଥିଲି— ମଣିଷ ଏତେ ସୁନ୍ଦର ହୋଇପାରେ ! ସହସ୍ର ମା'ଙ୍କର ମମତାଭରା ଆଖି ଯେପରି ଶ୍ରୀଶ୍ରୀଠାକୁରଙ୍କର ସେ ଦୁଇଟି ଆଖିରେ ବସିଛି । ସ୍ନେହ-ମମତାରେ ଭରା ଟଳଟଳ । କି ଆକର୍ଷଣ ସେ ଦୁଇଟିରେ । ସମସ୍ତଙ୍କୁ— ସବୁକିଛିକୁ ଯେପରି ଦୃଷ୍ଟି ଦେଇହିଁ ପାଖକୁ— ଏକଦମ ଭିତରକୁ ଟାଣି ନେଉଛନ୍ତି । ତେଣୁ ବୋଧେ ଆଜି ସାରା ବିଶ୍ୱ ଦୁନିଆ ତାଙ୍କରିହିଁ ଶ୍ରୀପଦପଙ୍କଜରେ ଆସି ମଥା ନତ କରୁଛି ।

ମୁଁ ଦ୍ୱିତୀୟ ଦିନ ସକାଳେ ଦୀକ୍ଷା ଗ୍ରହଣର ଅନୁମତି ଚାହିଁଲି ଶ୍ରୀଶ୍ରୀଠାକୁରଙ୍କ ନିକଟରେ । ପାର୍ଲରରେ ପ୍ରବେଶର ବାମପଟରେ ବାରଣ୍ଡାରେ ଗୋଟେ ଚୌକିରେ ଶ୍ରୀଶ୍ରୀଠାକୁର ଉତ୍ତରାସ୍ୟ ହୋଇ ବସି ତମାଖୁ ସେବନ କରୁଥିଲେ । ଚୌକିର ଦେହରେ ଲେଖା ଥିଲା ଖୁକୀର ଚୌକି । ଅନେକେହିଁ ବସିଥିଲେ ସାମନାରେ । ଶ୍ରୀଶ୍ରୀଠାକୁର କହିଲେ— ''ଏଡ଼େଟିକେ ବାଳୁତ ପିଲା, ସବୁକିଛି କରିପାରିବୁ ?'' କାକାବାବୁ କହିଲେ— ଆପଣଙ୍କ ଦୟା ହେଲେ ସବୁ ପାରିବ । ବ୍ରାହ୍ମଣର ପିଲା, ତା'ର ବାପା ଅତ୍ୟନ୍ତ ନିଷ୍ଠାବାନ ପଣ୍ଡିତ ବ୍ରାହ୍ମଣ । ଦଶଟି ଗ୍ରାମର ମଣିଷ ସେମାନଙ୍କୁ ଶ୍ରଦ୍ଧା କରନ୍ତି, ସମ୍ମାନ ଦିଅନ୍ତି । ମୋ ଛଡ଼ା ଆମ ଗ୍ରାମରେ ଆଉ କେହି ଦୀକ୍ଷିତ ନାହାଁନ୍ତି । ତେଣୁ ଆପଣ ଦୟା କରିଲେ ସେ ଦୀକ୍ଷା ନେଇ ସବୁକିଛି ପାରିବ ।

ଶ୍ରୀଶ୍ରୀଠାକୁର ସସ୍ନେହ ଦୃଷ୍ଟି ନେଇ ମୋ ଆଡ଼େ ଚାହିଁ ରହିଲେ କିଛିକ୍ଷଣ । ତା'ପରେ କହିଲେ— ''ଭଲ କରି ଦମ ଦେଇ ଦିଅ, ଯେପରି ନ ଫୁରାଏ ।'' ମୋର ଦୀକ୍ଷା ହେଲା ସେଇ ଦିନହିଁ । ଶହ ଶହ ପ୍ରଣାମ ଜଣାଇ ସବିନୟରେ ମୋର ଋତ୍ୱିକ୍‌ଦେବତାଙ୍କର ପରିଚୟ ଉଲ୍ଲେଖ କରୁଛି । ସିଏ ହେଲେ— ପରମାରାଧ୍ୟ ଶ୍ରୀଶ୍ରୀପିତୃଦେବ । ଆଉ ପରବର୍ତ୍ତୀକାଳରେ ମୋର ସମଗ୍ର ପରିବାରରବି ଋତ୍ୱିକ୍ ସିଏହିଁ ।

ସେଥର ତିନିଦିନ ପରେହିଁ ଫେରିବି କହି ମା'ଙ୍କ ନିକଟରେ କଥା ଦେଇଥିଲି । ସେ ଅନୁସାରେ ଠାକୁରବାଡ଼ିରୁ ଫେରି ଆସିଥିଲି । ଶ୍ରୀଶ୍ରୀଠାକୁରଙ୍କୁ ମା'ଙ୍କ ନିକଟରେ କଥା ଦେବାର କଥା ଉଲ୍ଲେଖ କରି ଅନୁମତି ଚାହିଁବାରୁ ଶ୍ରୀଶ୍ରୀଠାକୁର କହିଥିଲେ— ''କାହାକୁ କୌଣସି କଥା ଦେଲେ ତା' ରକ୍ଷା କରିବାକୁହିଁ ହୁଏ । ମା'କୁ କଥା ଦେଇଛୁ— ଯିବୁ । ପୁଣି ସମୟ ପାଇଲେହିଁ ଚାଲି ଆସିବୁ । ଆଉ ଶୁଣ । ଫାଙ୍କା ପଡ଼ିଆର ଧାରରେ ଠିଆ ହୋଇଛୁ, ଖୋଲା ଆକାଶ ତଳେ ଠିଆ ହୋଇ ଆକାଶ ଦେଖୁଛୁ— ଦୁଇ ଲାଇନ୍ ଲେଖି ଦେଲି । — ବୁଝିଲୁ ତ ?''

ସେତେବେଳେ ମୁଁ ନବମଶ୍ରେଣୀରେ ପଢ଼େ । ଘରେ ମୋର ସେ ସମୟରେ ଆଉ କେହି ହିଁ ଦୀକ୍ଷିତ ନଥିଲେ । ମୌଳିକ ବୈଷ୍ଣବ ପରିବାର । ଶିବବାସ୍ତୁରେ ଆମମାନଙ୍କର ଜନ୍ମ । ଭୟରେ ଧଡ଼ଧଡ଼ ବକ୍ଷରେ ମା'ଙ୍କ ନିକଟକୁ ଫେରି ଯାଇ ଶ୍ରୀଶ୍ରୀଠାକୁର-ଦର୍ଶନ ଓ ଦୀକ୍ଷା କଥା ସବିସ୍ତାରେ କହିବାକୁ ମା' ମୋତେ ଅଭୟ ଦେଇ କହିଲେ— ଖୁବ୍ ଭଲ କରିଛୁ । ଠାକୁର ଯା' ଯା' କରିବାକୁ କହିଛନ୍ତି ଆଜୀବନ କରିବୁ । ଠାକୁରଙ୍କ ଦୟାରୁ ନିଶ୍ଚୟହିଁ ପାରିବୁ । ଆଉ, ମୋତେ ଥରେ ଠାକୁର-ଦର୍ଶନ କରିବାକୁ ନେଇ ଯା' ତ ବାପା ! ଦୁଇ ଆଖି ଭରି ଠାକୁରଙ୍କୁ ଦର୍ଶନ କରି ଆସିବି ।

ପ୍ରଚଣ୍ଡ ବାଧାବିପତ୍ତି ଆସିବାକୁ ଆରମ୍ଭ ହେଲା ପରିବାର ଓ ଆତ୍ମୀୟସ୍ୱଜନଙ୍କ ନିକଟରୁ । ନିରାମିଷ ଖାଇବା ଘରେ କୌଣସିମତେହିଁ ମୋର ବାପା ମାନି ନେଇ ପାରୁ ନଥିଲେ । ପ୍ରଚଣ୍ଡ ଚେଷ୍ଟା କରିଚାଲିଥିଲେ କେବଳ ମା'ଙ୍କ ଛଡ଼ା ସମସ୍ତେ, ଯେପରି ମୁଁ ଆମିଷ ଖାଦ୍ୟ ଖାଏ । କିନ୍ତୁ ମୁଁବି ନଛୋଡ଼ବନ୍ଦା । ସୁତରାଂ ବାପା ମୋତେ ଘର ବାହାରେ କୋଉଠିବି ରହିବାକୁ ବାଧ କରିଲେ । ସେସମୟରେ ମୁଁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ସବୁକିଛି ସଂକ୍ଷେପରେ ଜଣାଇ ଚିଠି ଲେଖି ନିର୍ଦ୍ଦେଶ ଆଶାରେ ରହିଲି, କ'ଣ କରିବି ମୁଁ ।

ସ୍ୱଳ୍ପ ଦିନ ମଧ୍ୟରେହିଁ ଠାକୁରବାଡ଼ିରୁ ଚିଠିର ଉତ୍ତର ଆସି ପହଞ୍ଚିଲା । ଶ୍ରଦ୍ଧେୟ ଦେବୀପ୍ରସାଦ ମୁଖୋପାଧ୍ୟାୟ ଚିଠିର ଉତ୍ତରରେ ଲେଖିଛନ୍ତି— ଭାଇ ସ୍ନେହର ବ୍ରଜ ! ତୁମର ଚିଠି ଶ୍ରୀଶ୍ରୀଠାକୁରଙ୍କ ଚରଣରେ ଆସି ପହଞ୍ଚିଲା । ଶ୍ରୀଶ୍ରୀଠାକୁର ପତ୍ରମର୍ମ ଜାଣି ତୁମକୁ ଲେଖିବାକୁ କହିଲେ— ''ତା'କୁ ଲେଖି ଦେ— ତା'ର କାମ ହେଲା ଯଜନ, ଯାଜନ, ଇଷ୍ଟଭୃତି । ବାକି ଯା' କାମ ତା' ପରମପିତାହିଁ କରୁଛନ୍ତି ।'' ନିଶ୍ଚୟ ତୁମେ ଶ୍ରୀଶ୍ରୀଠାକୁରଙ୍କ କଥା ଏତେଦିନରେ ବୁଝିବା ଶିଖିଛ । ସାକ୍ଷାତରେ ବିସ୍ତାରିତ ଆଲୋଚନା ହେବ । ତୁମେ ମୋର ସ୍ନେହାଶିଷ ନିଅ । ଇତି— ତୁମମାନଙ୍କର ଶୁଭାର୍ଥୀ ଦେବୀଭାଇ । (ଶ୍ରୀଦେବୀପ୍ରସାଦ ମୁଖୋପାଧ୍ୟାୟ) ।

ମୋର ଜୀବନରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ପଠା ପ୍ରଥମ ଲିଖିତ ଆଶୀର୍ବାଦ ହୃଦୟରେ ଧାରଣ କରି ସେହି ପନ୍ଦର

ବର୍ଷଠାରୁ ଆଜି ସତୁରୀ ବର୍ଷ ପର୍ଯ୍ୟନ୍ତ ପାର ହୋଇ ଆସିଛି । ଅନେକ ଉତ୍ଥାନ-ପତନ, ଆଗେଇଯିବା, ପଛେଇ ଯିବା ପ୍ରତ୍ୟକ୍ଷ କରିବାକୁ ଦେଇଛନ୍ତି ଦୟାଳ ମୋତେ । 'ଯା' ପାଇଛି, ଯା' ହୋଇଛ,/ ଯା'କିଛି ମୋର ଆଶା,/ନ ଜାଣି ଧାଏଁ ତୁମ ଆଡ଼େ/ସକଳ ଭଲପାଇବା ।'— ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଅଶେଷ ଦୟାରୁ ପରବର୍ତ୍ତୀକାଳରେ ସମଗ୍ର ଗୁରୁପରିବାର ଅନେକ ଜନ୍ମର ସମସ୍ତ ସଂସ୍କାରର ବେଡ଼ା ପାରି କରି ଦୟାଳଙ୍କ ଦୟାରୁ ସତ୍‌ନାମ ଗ୍ରହଣ କରିଛନ୍ତି । ସମସ୍ତେ ସ୍ୱସ୍ତ୍ୟୟନୀ ବ୍ରତ ଗ୍ରହଣ କରିଛନ୍ତି । ତାଙ୍କରିହିଁ ଅହୈତୁକୀ ଦୟାରୁ ଚାରିଜଣ ସହ-ପ୍ରତିରତ୍ୱିକ୍‌ର ପବିତ୍ର ପାଞ୍ଜା ଲାଭ କରିଛନ୍ତି । ଦୟାଳଙ୍କର ସେହି ଯେଉଁ ନିର୍ଦ୍ଦେଶ— ''ତା'ର କାମ ହେଲା ଯଜନ, ଯାଜନ, ଇଷ୍ଟଭୃତି । ବାକି ଯା' କାମ ତା' ପରମପିତା କରୁଛନ୍ତି ।''— ଅକ୍ଷରେ ଅକ୍ଷରେ ତାହାହିଁ ଘଟି ଚାଲିଛି । ମା'-ବାପାଙ୍କ ସହ ସାରା ପରିବାର ମୋର ଦୟାଳ ଠାକୁରଙ୍କୁ ମାନସଚକ୍ଷୁରେ ଦର୍ଶନ କରି ଧନ୍ୟ ହୋଇଛନ୍ତି ।

୧୯୬୧ରୁ ଆରମ୍ଭ କରି ୧୯୬୯ ପର୍ଯ୍ୟନ୍ତ ପ୍ରଭୁଙ୍କ ଲୀଳା ଦର୍ଶନ କରି କେତେ ଅମୂଲ୍ୟ ସ୍ମୃତିର ଟୁକୁଡ଼ା-ଟୁକୁଡ଼ା ମଣି-ମୁକ୍ତାଗୁଡ଼ିକ ମାନସ ଆଧାରରେ ସଯତ୍ନରେ ଲାଳିତ ରହିଛି ତା' ଭାଷାରେ ପ୍ରକାଶ ଅସାଧ୍ୟ ।

ସେ ସମୟରେ ଶ୍ରୀଶ୍ରୀଠାକୁର-ଭୋଗ ପାଇଁ ଘାଟାଲର ଲହୁଣୀ ଓ କାଠଘଣାର ସୋରିଷ ତେଲ ଓ ଭୋଗର ପନିପରିବା କେତେଥର ଯେ ଠାକୁରବାଡ଼ି ନେଇ ଯିବାର ସୁଯୋଗ ପାଇଛି ତା'ର ଶେଷ ନାହିଁ । ବେତର ଅଗ ନେଇ ଯାଇ ଠାକୁରଙ୍କୁ ଦର୍ଶନ କରାଇଲେ ଦୟାଳ ଖୁବ୍ ଖୁସି ହେଉଥିଲେ । ମୋର ମନର ଶକ୍ତି ପ୍ରଚଣ୍ଡ ବଢ଼ି ଯାଉଥିଲା ତାଙ୍କ ଖୁସିରେ ।

ସୁଧୃତି ପରିଷଦର ବାରଣ୍ଡାରେ ଶ୍ରୀଶ୍ରୀଠାକୁର ଚୌକିରେ ବସିଛନ୍ତି । ବିଶିଷ୍ଟ ଭକ୍ତଜନମାନେ ଥିଲେ ସେ ସମୟରେ । ଅନେକଙ୍କ ସହିତ ଠାକୁର କଥାବାର୍ତ୍ତା କରୁଛନ୍ତି । ମୋର ଖୁବ୍ ଲୋଭ ହେଲା ଯଦି ମୁଁବି କଥା କହିପାରନ୍ତି ତାଙ୍କ ସହିତ । କେଇଥର ଦୟାଳଙ୍କ ମଧୁମଖା ଦୃଷ୍ଟି ମୋ ଉପର ଦେଇ ସ୍ପର୍ଶ କରି ଯାଇଛି । ମନର ଆଶଙ୍କାର ପାରଦବି ବଢ଼ି ଚାଲିଛି । ହଠାତ୍ ଠାକୁର ମୋତେ କହିଲେ— ''ତୁ କିଛି କହିବୁ ?'' ମୁଁ ସାହସ ନେଇ କହିଲି— ଆଜ୍ଞା ହଁ । ମୋର କଲେଜର ବନ୍ଧୁ-ବାନ୍ଧବମାନଙ୍କୁ ଯାଜନ କରେ, ଆପଣଙ୍କ କଥା କହେ, ସେ ସମୟରେ ସେମାନେ ଦୀକ୍ଷାବି ନେବାକୁ ଚାହାଁନ୍ତି । କିନ୍ତୁ ରତ୍ୱିକ୍ ଉପସ୍ଥିତ ନ ଥିବା ଯୋଗୁଁ ଦୀକ୍ଷା ସେଇ ସମୟରେହିଁ ହୁଏତ ହେଲା ନାହିଁ । ପରେ ଯେତେବେଳେ ରତ୍ୱିକଭାଇ ଆସନ୍ତି ସେତେବେଳେ ସେମାନଙ୍କୁ କହିଲେ ଆଉ ଦୀକ୍ଷା ନେବାକୁ ଚାହାଁନ୍ତିନି । ବିରୁଦ୍ଧଭାବରେ ଆକ୍ରାନ୍ତ ହୋଇପଡ଼ନ୍ତି । ଏପରି କାହିଁକି ହୁଏ ଠାକୁର ! ଥରେ ବୁଝନ୍ତି, ପୁଣି ବୁଝନ୍ତିନି, ଏପରି କାହିଁକି ହୁଏ ? ଶ୍ରୀଶ୍ରୀଠାକୁର କହିଲେ— ''ତୋର କ'ଣ ମନେହୁଏ, କାହିଁକି ଏପରି ହୁଏ ସେମାନଙ୍କର ?'' ମୁଁ ମନେ ମନେ ଭାବିଲି ଅସଲରେ ମୁଣ୍ଡରେ ଗୋବର ପଶିଛି, ତେଣୁ ଥରେ ବୁଝି ପୁଣି ଅସ୍ୱୀକାର କରି ବସନ୍ତି । କିନ୍ତୁ ଦୟାଳ ଠାକୁରଙ୍କୁ କିଛି କହି ପାରିଲିନି । କେବଳ ତାଙ୍କ ଆଡ଼େ ଚାହିଁ ରହିଲି । ଅନ୍ତର୍ଯ୍ୟାମୀ ଦୟାଳ ବୁଝିଲେ ମୋର ଧାରଣା । ସିଏ ସ୍ନେହଳ କଣ୍ଠରେ ମୋତେ କହିଲେ— ''ତା'ହେଲେହିଁ ଜାଣ ଲକ୍ଷ୍ମୀଟି ତୁମେ ଏବେବି ଠିକ୍ ଠିକ୍ ହୋଇନ । ଯଦି ଠିକ୍ ହୋଇଥା'ନ୍ତ ତା'ହେଲେ କୋଡ଼ିଏ ଦିନ ପରେ କାହିଁକି କୋଡ଼ିଏ ବର୍ଷ ପରେ ହେଲେବି ସେମାନେ ଠିକ୍ ଧାଇଁ ଆସନ୍ତେ । ତୁମେ ଆହୁରିବି ଠିକ୍ ହୋଇଉଠ ।'' ଏହା ମୋର ଜୀବନର ପାଥେୟ । ଆଜିବି ପରିସ୍ଥିତି ମଧ୍ୟରେ ପଡ଼ି ବୁଝିବାକୁ ଚେଷ୍ଟା କରେ— ମୋର ଭୁଲ୍‌ଟା କୋଉଠି । ଆଉ ସେଥିରେ ପ୍ରଭୁଙ୍କ ଦୟାଟାବି ବୁଝିପାରେ ଅନ୍ତର ଦେଇ ।

ଦିନେ ପାର୍ଲରରେ ଶ୍ରୀଶ୍ରୀଠାକୁର ଉପବିଷ୍ଟ । ଭକ୍ତଜନମାନେ ଅନେକେହିଁ ଅଛନ୍ତି । ତଦାନୀନ୍ତନ ଜଣେ ବୟସ୍କ ଭକ୍ତ ଶ୍ରୀହିରଣ୍ମୟ ମୁନ୍ସୀ ଠାକୁରବାଡ଼ିରୁ ପ୍ରତ୍ୟାବର୍ତ୍ତନ ପାଇଁ ଆଦେଶ ପ୍ରାର୍ଥନା କରିଲେ ସବିନୟରେ କରଜୋଡ଼ି । ଶ୍ରୀଶ୍ରୀଠାକୁର ତାଙ୍କ ଆଡ଼େ ଚାହିଁ କହିଲେ— ''ତୁମେମାନେ ଏଠାରେ ରହିଲେ ମୁଁ ନିଶ୍ଚିନ୍ତରେ ରହେ । ଭାବେ ଘରର ପୁଅ ଘରେହିଁ ଅଛି । ଯେତେବେଳେ ତୁମେମାନେ ଏଠାରୁ ଯିବାକୁ ଚାହଁ, ସେତେବେଳେ ମୋର ମନେହୁଏ, ମୋର ଛାତିଟା ଖାଲି ହୋଇଗଲା । ତୁମମାନଙ୍କ ପାଇଁ ଉତ୍କଣ୍ଠା ବଢ଼େ । ପରମପିତା ଯଦି ମୋର ଏହି ବୁକୁଟି (ହାତ ନିଜ ବୁକୁ ଉପରେ) ଭରି ଦରଦଟିକୁ ନ ଦେଇଥା'ନ୍ତେ ଭଲ ହୋଇଥା'ନ୍ତା । ତୁମମାନଙ୍କ ପାଇଁ ରାତିଦିନ ଏତେ ଚିନ୍ତା, ଏତେ ଉତ୍କଣ୍ଠା ହୁଅନ୍ତାନି ।''

ହରିଣ୍ମୟ ମୁନ୍ସୀ ସବିନୟେ କହିଲେ— ଠାକୁର, ଆମେମାନେ ତ ଆପଣଙ୍କ ନିର୍ଦ୍ଦେଶ ମଥାରେ ନେଇହିଁ ଦେଶ-ଦେଶ, ଘର-ଘର ଘୁରିବୁଲୁ । ଆପଣ ଯେତେବେଳେ ଅସୁସ୍ଥ ରୁହନ୍ତି ସେତେବେଳେ ବାହାରେ ଆଉ ଭଲ ଲାଗେନା । ଧାଇଁ ଚାଲି ଆସିବାକୁ ଇଚ୍ଛା ହୁଏ । ଦୟାଳ ମୋର ବିନୀତ ପ୍ରାର୍ଥନା ଆପଣ ଯଦି ଟିକେ ସୁସ୍ଥ ରୁହନ୍ତେ, ସମୟ ଅନୁସାରେ ଭୋଗ ଗ୍ରହଣ କରନ୍ତେ, ସମୟ ଅନୁସାରେ ନିଦ୍ରା ଯାଆନ୍ତେ ତା'ହେଲେହିଁ ମନରେ ଜୋର ପାଏ । କାମ କରି ଆନନ୍ଦ ଲାଗେ ।

ଶ୍ରୀଶ୍ରୀଠାକୁର— ''ତୁମେମାନେ ମୋତେ ଯେତେଟା ରଖିଛ ମୁଁ ସେତେଟାହିଁ ତ ଭଲ ଅଛି । ଆଉ ଯଦି ମୋତେ ସମ୍ପୂର୍ଣ୍ଣ ଭଲ ରଖିବାକୁ ଚାହଁ ତେବେ ତୁମେମାନେ ସମ୍ପୂର୍ଣ୍ଣଭାବେ ଭଲ ରୁହ— ତେବେହିଁ ମୁଁ ସମ୍ପୂର୍ଣ୍ଣ ଭଲ ରହିବି । ଏହା ଛଡ଼ା ଯେ ମୋର ଭଲ

ରହିବାର ଉପାୟ ନାହିଁ ।''

'ବୁଝେ ପ୍ରାଣ ବୁଝେ ଯା'ର ।' ସମବେତ ସମସ୍ତେ ସେଦିନ ବୁଝି ପାରିଥିଲୁ ବିଶ୍ୱର ଯା' କିଛିର ଅସ୍ତିତ୍ୱର ମୂଳାଧାର ସିଏ । ତେଣୁ ଯେଉଁଠାରେ ଯେତେଟିକେ ଅସ୍ତି-ବୃଦ୍ଧିର ପରିପନ୍ଥୀ ଯା' ତାହାହିଁ ତାଙ୍କ ସତ୍ତାରେ ଯାଇ ଆଘାତ କରେ, ବ୍ୟଥା ଦିଏ ।

ମୁଁ ଥରେ ଶ୍ରୀଧାମରୁ ଫେରିବାର ଅନୁମତି ଚାହିଁବାରୁ ଦୟାଲ ଅନୁମତି ଦେଇ କହିଲେ— ''ବଡ଼ବୋଉକୁ କହିଦେଇ ଯା' ।'' ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' ସେତେବେଳେ ପାର୍ଲରର ବାମପଟର ଶୋଇବା ଘରେ ଥିଲେ । ତିତ୍ତିରି-ମା'ଙ୍କୁ ମୋତେ ବଡ଼ମା'ଙ୍କ ନିକଟକୁ ନେଇ ଯିବାକୁ କହିଲେ । ମୁଁ ବଡ଼ମା'ଙ୍କ ଘରକୁ ପ୍ରବେଶ କରି ଦେଖିଲି ବଡ଼ମା' ଘଡ଼ି ଉଠାଇ ଜଳପାନ କରୁଛନ୍ତି । ମୋତେ ଦେଖି ବଡ଼ମା' କହିଲେ— ''କି ରେ ! କିଛି କହିବୁ ?'' ମୁଁ ଫେରିବାର ଅନୁମତି ଚାହିଁଲି । ଶ୍ରୀଶ୍ରୀବଡ଼ମା' କହିଲେ— ''ସାବଧାନରେ ଯିବୁ । ଯାଇ ଠାକୁରଙ୍କୁ ଗୋଟେ ପୋଷ୍ଟକାର୍ଡ଼ରେ ନିର୍ବିଘ୍ନରେ ପହଞ୍ଚିବାର ଖବର ଦେବୁ । ତୁମେମାନେ ସମ୍ବାଦ ନ ଦେବା ପର୍ଯ୍ୟନ୍ତ ଠାକୁର ଉତ୍କଣ୍ଠାରେ ଥାଆନ୍ତି, ତୁମମାନଙ୍କ ପାଇଁ ଚିନ୍ତା କରନ୍ତି ।''

ଶିଖିଲି । ବୁଝିଲି କାହିଁକି ଠାକୁର ମୋତେ ବଡ଼ମା'ଙ୍କ ନିକଟକୁ ଅନୁମତି ନେବାକୁ ପଠାଇଥିଲେ । ବଡ଼ମା'ଙ୍କ ଘରୁ ବାହାରି ଶ୍ରୀଶ୍ରୀଠାକୁରଙ୍କ ସହିତ ମୁହାଁମୁହିଁ ହେବାରୁ ପଚାରିଲେ— ''ବଡ଼ବୋଉ କ'ଣ କହିଲା ?'' ବଡ଼ମା' ଯା' କହିଛନ୍ତି କହିବାରୁ ଶ୍ରୀଶ୍ରୀଠାକୁର କହୁଛନ୍ତି— ''ବଡ଼ବୋଉର ସେଇ ଗୋଟେ କଥା । କୌଣସି ନା କୌଣସି ଭାବେ ସମସ୍ତଙ୍କୁ ମୋ ଆଡ଼କୁ ଠେଲି ଠେଲି ଆଗେଇ ଦିଏ ।'' ଆଉ କହିଲେ— ବଡ଼ଖୋକାକୁବି କହି ଦେଇ ଯା' । ଏବେହିଁ ସେ ଘରେ ଯାଇ ଦେଖା କରି ଯା' ।

ପ୍ରସଙ୍ଗତଃ ଉଲ୍ଲେଖ୍ୟ ସେହି ସମୟରେ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟଲାଭରେହିଁ ଏପରିଭାବେ ପରିତୃପ୍ତ ହୋଇ ରହୁଥିଲି ଯେ ଆଉ କାହାରି କଥା ସେପରି କରି ଅନ୍ତରରେ ଉଙ୍କି ମାରୁ ନଥିଲା । କିନ୍ତୁ ପରମଦୟାଳ ଅହୈତୁକୀ ଦୟାରୁ ମୋର ଅନ୍ତରର କ୍ଷୁଧାକୁ ଜଗେଇ ମୋର ଅଜ୍ଞତାକୁ ଦୂର କରିଲେ । ଶ୍ରୀଶ୍ରୀବଡ଼ମା', ଶ୍ରୀଶ୍ରୀବଡ଼ଦା ଯେ ଶ୍ରୀଶ୍ରୀଠାକୁରଙ୍କର ଆଉ ଏକ ରୂପ— ତା'ବି ବୁଝାଇଲେ ମୋତେ । ଶ୍ରୀଶ୍ରୀପିତୃଦେବଙ୍କ ବାସଗୃହରେ ତତ୍କାଳୀନ ବନ୍ଧୁ ନିବାରଣର ସହଯୋଗିତାରେ ଯାଇ 'ତାଙ୍କ' ସହିତ ଦେଖା କରେ ଏବଂ ଆଶୀର୍ବାଦ ଲାଭ କରେ । ସେ ସମୟରେ ଶ୍ରୀଶ୍ରୀପିତୃଦେବ ମୋତେ କହିଥିଲେ— ''ଏହାପରେ ଯେତେବେଳେହିଁ ଆସିବୁ ଠାକୁରବାଡ଼ି, ମୋ ସହିତ ଦେଖା କରିବୁ ।'' ପରବର୍ତ୍ତୀ ଜୀବନରେ ସିଏ ଯେ ମୋର ପରମ ଆଶ୍ରୟ ଓ ନିର୍ଭୟତାର ତୀର୍ଥଭୂମି ହେବେ ତା' ଭାବିହିଁ ଦୟାଲ ଠାକୁର ମୋତେ ତାଙ୍କ ଶ୍ରୀଚରଣକୁ ପଠାଇଥିଲେ । ଏହା ମୋର ପରମ ପ୍ରାପ୍ତି ।

ପରମଦୟାଳ ଥରେ ଦୟା କରି ମୋ ନିକଟରେ 'ତାଙ୍କ' ମୁଖ ପୋଛିବାର ଗାମୁଛା ବାରଖଣ୍ଡ ଚାହିଁ ମୋତେ ଧନ୍ୟ କରିଥିଲେ । ଏବଂ ନମୁନା-ସ୍ୱରୂପ ତାଙ୍କ ଶ୍ରୀମୁଖ ପୋଛିବାର ବ୍ୟବହାର କରା ଗୋଟେ ପୁରାତନ ଗାମୁଛା ମୋତେ ଦେବାକୁ କହିଥିଲେ ବିଶୁ ମୁଖାର୍ଜ୍ଜୀଭାଇଙ୍କୁ । ମୁଁ ସେତେବେଳେହିଁ ବୁଝିଥିଲି, ମୁଖପୋଛା ଗାମୁଛା ଉପଲକ୍ଷ୍ୟ ମାତ୍ର, ଅସଲ ଉଦ୍ଦେଶ୍ୟ ଅନ୍ତରାଳରେ । ସେହି ଗାମୁଛାର ସୂତା ମିଳାଇ ତନ୍ତୀ ଦ୍ୱାରା ବୁଣାଇ ନେଇ ଆସିବାକୁ ନଦୀୟା ଶାନ୍ତିପୁରରୁ ଆରମ୍ଭ କରି ମେଦିନୀପୁରର ରାଧାମଣି ଓ ଅନ୍ୟାନ୍ୟ ଜାଗାରେ ଖୋଜାଖୋଜି କରିବାକୁ ଯାଇ କେତେ ଯେ ଅଜଣା ତଥ୍ୟ ଜାଣିବାର ବଳୟ ମଧ୍ୟରେ ଅଣାଇଥିଲେ ଦୟାଲ ତା' ପ୍ରକାଶ ଅସାଧ୍ୟ । ସେହି ଗୋଟେହିଁ ସୂତ୍ର । ପୂର୍ଣ୍ଣତା । Perfection.

ବର୍ତ୍ତମାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଥରେ ଦୟାଲଙ୍କୁ ପଚାରିଥିଲେ— ''ଦାଦୁ ! ତୁମେ ମଝିରେ ମଝିରେ ଦେଖେ ଚୁପ୍ ରହି କ'ଣ ଭାବ । କିପରି ଯେପରି ଅନ୍ୟମନସ୍କ ବିଭୋର ହୋଇ ଥାଅ; କ'ଣ ଭାବ— କ'ଣ ଚିନ୍ତା କର ତୁମେ !'' ଦୟାଲ ପୂଜ୍ୟପାଦ ଦାଦାଙ୍କ ଆଡ଼େ ଚାହିଁ ଛୋଟ ଗୋଟେ ଉତ୍ତରରେ କହିଲେ— ''Perfection, ସମସ୍ତଙ୍କ ପାଇଁ ତା'ହିଁ ଭାବେ ।''

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଏକସମୟରେ ସୁରେଶଭାଇଙ୍କ (ଦେବଶର୍ମା) ନିକଟରେ ସାତଟି ବ୍ରାହ୍ମଣ ପିଲା ଚାହିଁଥିଲେ, ଯେଉଁମାନଙ୍କ ଉପରେ ତା'ର ପିତା-ମାତାଙ୍କର କୌଣସି ଅଧିକାର ରହିବନି । ସମ୍ପୂର୍ଣ୍ଣଭାବେ ଠାକୁରଙ୍କ ଚରଣରେ ନିବେଦନ କରି ଦେବେ ଏପରି । ସେ ସମୟରେ ସିଏ ମୋତେ ପ୍ରଥମଜଣ ହିସାବରେ ଦୟାଲଙ୍କ ନିକଟକୁ ନେଇ ଯାଇଥିଲେ ।

ଏକ ଶୁଭ ସକାଳେ ପ୍ରାର୍ଥନା ପରେ ପାର୍ଲରରେ ଶ୍ରୀଶ୍ରୀଠାକୁର ଅର୍ଦ୍ଧଶାୟିତ ଅବସ୍ଥାରେ ସୁରେଶଭାଇଙ୍କୁ ଦେଖିବାକୁ ପାଇ କହିଉଠିଲେ— ''କିରେ ସୁରେଶ ! ମୋ ପିଲା କାହିଁ ?'' ସୁରେଶଭାଇ ମୋତେ ସମ୍ମୁଖରେ ଠିଆ କରାଇ କହିଲେ— ଠାକୁର ! ଏବେ ୟା'କୁ ପାଇଛି । ତା'ର ବାପା-ମା' ଏକଦମ ଆପଣଙ୍କୁ ତା'କୁ ଦାନ କରି ଦେଇଛନ୍ତି । ଶ୍ରୀଶ୍ରୀଠାକୁର ମୋତେ କହିଲେ— ''ଖୁବ୍ ଭଲ । ଲାଗି ଯା' ।'' ସେଇ ପଣ୍ଡିତ ନିକଟରୁ ସର୍ବପ୍ରକାର ସଂସ୍କୃତ ଗ୍ରନ୍ଥ-ଧର୍ମଗ୍ରନ୍ଥ ପାଠ କରି ପକାଇବୁ । ପ୍ରାଚୀନ ମୁନି-ଋଷିମାନଙ୍କ ଜୀବନ ସମ୍ବନ୍ଧରେ ଜାଣିବୁ । ତା'ର ଘରେହିଁ ରହିବୁ । କୌଣସି ଅସୁବିଧା ହେଲେ ମୋତେ ପ୍ରାଇଭେଟରେ ସବୁ କହିବୁ ।''

(କ୍ରମଶଃ)

(ସାଦୃତ କଥା, ପୃ.: ୧୩୪-୧୩୭)

ଶ୍ରୀଶ୍ରୀବଡ଼ଦା ସ୍ମରଣେ

ପ୍ରଣମି ତୁମ୍ଭରେ

● ଡ଼ଃ ଅଜିତ କର

କୈଶୋରରେ ଶ୍ରୀଶ୍ରୀଠାକୁରଙ୍କ ସତ୍‌ନାମ ନେଇ 'Path of light' (ଆଲୋକର ଦିଗ) ପାଇଥିଲି । ମଝିରେ ମଝିରେ ଶ୍ରୀଶ୍ରୀଠାକୁର ଦର୍ଶନରେ ଆସି ଗଭୀରଭାବେ 'path of love' (ପ୍ରେମର ସ୍ୱର୍ଗ) ଅନୁଭବ କରୁଥିଲି । ଆଉ ବିଗତ ବିଂଶତି ବର୍ଷର ଅଧିକକାଳ ଶ୍ରୀଶ୍ରୀବଡ଼ଦାଙ୍କ ସଙ୍ଗ-ସାନ୍ନିଧ, ଅହେତୁକ କରୁଣା ଓ ପ୍ରେରଣାର ମଝିରେ ପାଇଥିଲି ପ୍ରକୃତ 'path of life' (ଜୀବନର ପଥ) । ବାସ୍ତବରେ ଅନୁଭବ କରିଛି ଋଷିଙ୍କୁ ବାଦ ଦେଇ ଋଷି-ବାଦର ଉପାସନା ହୁଏ । ଶ୍ରୀଶ୍ରୀଠାକୁର ରଖିଯାଇଥିଲେ ତନ୍ନିଷ୍ଠ, ତଁଉପା ତାଙ୍କରିହିଁ ଜ୍ୟେଷ୍ଠ ଆତ୍ମଜଙ୍କୁ ତଁତ୍ସଳାଭିଷିକ୍ତ ଉତ୍ତରସାଧକ ଓ ଲକ୍ଷ ଲକ୍ଷ ଲୋକଜୀବନର ପରମ ଆଶ୍ରୟସ୍ଥଳ ରୂପେ । ଇଷ୍ଟସ୍ୱାର୍ଥପ୍ରତିଷ୍ଠାର ମୂର୍ତ୍ତ ପ୍ରତୀକ ଏବଂ ବର୍ତ୍ତମାନ ସତ୍‌ସଙ୍ଗର ପ୍ରଧାନ ଓ ମହାନ ରୂପକାର ସିଏ । ତାଙ୍କରିହିଁ ଦିବ୍ୟପ୍ରେରଣା ଓ ଅତନ୍ଦ୍ର ନିରଳସ ପ୍ରଚେଷ୍ଟାରେ ସତ୍‌ସଙ୍ଗର କର୍ମଧାରା ସକଳ ଦିଗରେ ବହୁଗୁଣେ ବୃଦ୍ଧିର ଦିଗରେ ଆଗେଇଛି । ଇତିମଧ୍ୟରେ ଶତାଧିକ ସତ୍‌ସଙ୍ଗ ମନ୍ଦିର, କେନ୍ଦ୍ରର ପ୍ରତିଷ୍ଠା ହୋଇଛି । ତାଙ୍କରିହିଁ ଏକାନ୍ତ ପ୍ରେରଣାରେ ସତ୍‌ସଙ୍ଗର ଅନ୍ୟାନ୍ୟ ବିଭାଗ ଭଳି ରସୈଷଣା ମନ୍ଦିରରବି ଉତ୍ତରୋତ୍ତର ଶ୍ରୀବୃଦ୍ଧି ହୋଇଛି । ଗବେଷଣା ବିଭାଗରେ ନବୋଦ୍ୟମରେ ଆଗର ଔଷଧଗୁଡ଼ିକର ଯୁଗୋପଯୋଗୀ ବୈଜ୍ଞାନିକ ମାନ ଉନ୍ନୟନ ସମ୍ଭବ ହୋଇଛି ଏବଂ ଶ୍ରୀଶ୍ରୀଆଚାର୍ଯ୍ୟଦେବ-ପ୍ରଦତ୍ତ ଗାଇନେଟୋନ, କବଲ, ସ୍ୱରେଲା, ସ୍ନାୟବିନ, ତ୍ରିପାଳୀ ପ୍ରଭୃତି କେତେଗୁଡ଼ିଏ ନୂତନ ମହୋପକାରୀ ଔଷଧ ସଂଯୋଜିତ ହୋଇଛି ।

ଦିନ ପରେ ଦିନ ଅବାକ ହୋଇ ଚାହିଁ ଦେଖିଛି କେତେଶହ ଆର୍ତ୍ତ ପୀଡ଼ିତମାନେ ଆଚାର୍ଯ୍ୟଦେବ-ପ୍ରଦତ୍ତ ସାଧାରଣ ଭେଷଜ ମୁଷ୍ଟିଯୋଗ ବ୍ୟବହାର କରି କେତେ ଦୁରାରୋଗ୍ୟ ବ୍ୟାଧି ହାତରୁ ରକ୍ଷା ପାଇଛନ୍ତି । ସିଏ ସବୁସମୟରେହିଁ ସ୍ୱାସ୍ଥ୍ୟ ଓ ସଦାଚାରର ସାଧାରଣ ନିୟମଗୁଡ଼ିକ ଯତ୍ନସହକାରେ ପରିପାଳନର ପକ୍ଷପାତୀ ଥିଲେ । ତା'ଛଡ଼ା ସିଏ କେବଳମାତ୍ର ଖାଦ୍ୟ ସଂଯମ ଓ ପ୍ରକୃତିଜାତ ସହଜଲଭ୍ୟ ଗଛପତ୍ର ପ୍ରୟୋଗରେ ବିଭିନ୍ନରକମ ରୋଗ ନିରାମୟ ଉପରେ ଗବେଷଣା କରାଇଥିଲେ ପ୍ରୟାତ ଡ଼ାଃ. ପ୍ରଶାନ୍ତ ବରା ଓ ମୋତେ ଦେଇ ।

୧୯୭୩ ସାଲ । ପ୍ରଥମ ଦିଗରେ ଆଚାର୍ଯ୍ୟଦେବ-ପ୍ରଦତ୍ତ ତ୍ରିପାଳୀ ଔଷଧଟି ରସୈଷଣା ମନ୍ଦିରରେ ମୋର ତତ୍ତ୍ୱାବଧାନରେ ତିଆରି ହେଉଥିଲା । ସ୍ୱସ୍ତିଶିବିରର ପିଲାମାନେ ପ୍ରୟୋଜନୀୟ ଗଛପତ୍ର ଯୋଗାଡ଼ କରି ଏଠାକୁ ନେଇ ଆସୁଥିଲେ । ଦିନେ ଏମାନଙ୍କ ମଧ୍ୟରେ କୌଣସି ଜଣେ ପିଲା ଆମମାନଙ୍କ ବାରଣ୍ଡାରେ ତେଲ ଲଗାଇ କିଛି ତେଲ ଓ ସ୍ନାନ ପାଇଁ ପାଣି ପକାଇ ନୁଙ୍ଗୁରା କରି ରଖିଥିଲା । ଇତିମଧ୍ୟରେ ହଠାତ୍ ଆଚାର୍ଯ୍ୟଦେବ କେମିକାଲକୁ ଆସନ୍ତି ଏବଂ ଏପରି ଅପରିଚ୍ଛନ୍ନ ବାରଣ୍ଡା ଦେଖି ମୋତେହିଁ ଈଷତ୍ ଭର୍ତ୍ସନା କରନ୍ତି । ମୁଁ ତାଙ୍କୁ ସେଦିନ କହିଥିଲି— ''ଆଜ୍ଞା, ଏପରି ଆଉ ହେବନି ।'' ଏହି ମୃଦୁ ଭର୍ତ୍ସନା ପରବର୍ତ୍ତୀକାଳରେ ମୋ ନିକଟରେ ଅତନ୍ଦ୍ରପ୍ରହରୀ ରୂପେ ରସୈଷଣା ମନ୍ଦିରକୁ ସବୁବେଳେ ପରିଚ୍ଛନ୍ନ ଓ ସୁନ୍ଦର କରି ରଖିବାକୁ ସାହାଯ୍ୟ କରି ଆସୁଛି ।

୧୯୬୮ ସାଲର ଶେଷ ଆଡ଼ର ଗୋଟେ ଘଟଣା । ମୁଁ ସେତେବେଳେ ଗୌହାଟୀରେ ଥାଏ । ଅନେକଦିନରୁ ଟେଲିଫୋନ ବିଲର ଟଙ୍କା ଜମା ନ ପଡ଼ିବାରୁ ଫୋନ ଲାଇନ କଟାଯାଏ । ଏ ଖବର ଶୁଣି ଶ୍ରୀଶ୍ରୀବଡ଼ଦା ସଂଶ୍ଳିଷ୍ଟ କର୍ମିମାନଙ୍କୁ ଭର୍ତ୍ସନା କରିଥିଲେ ।

ଗୌହାଟୀରେ ଥିବା ସମୟରେ ସ୍ୱତଃସ୍ଫୂର୍ତ୍ତଭାବେ ନାନା ଦାୟିତ୍ୱ ନେଇ ଶ୍ରୀଶ୍ରୀଠାକୁରଙ୍କ କାମରେ ଲାଗି ରହୁଥିଲି । ଏହି ଘଟଣାରେ ଶ୍ରୀଶ୍ରୀବଡ଼ଦା ବ୍ୟଥା ପାଇଛନ୍ତି; ଯେପରି କରିହିଁ ହେଉ ତାଙ୍କୁ ଖୁସି କରିବାକୁ ହେବ । ସେଇ ତାଗିଦରେ ମୁଁ ଓ ପ୍ରାଣେଶଭାଇ (ଦାସ) ବିଶେଷ ସଚେଷ୍ଟ ହେଲୁ । ପ୍ରଥମେ ଫୋନରେ Divisional Engineer (ବିଭାଗୀୟ ଯନ୍ତ୍ରବିଦ)ଙ୍କ ନିକଟକୁ ଗଲି । କିନ୍ତୁ ଭଦ୍ରଲୋକ ସ୍ପଷ୍ଟ କହିଦେଲେ ଅନେକଦିନ ହୋଇ ଯାଇଛି, ଏବେ ଟଙ୍କା ଜମା ଦେଲେବି ସେହି ଫୋନ ନମ୍ବର ପାଇ ହେବ ନାହିଁ । ନୂଆ କରି ପୁଣି ଦରଖାସ୍ତ ଦେବାକୁ ହେବ, ଆଉ ନୂଆ ଲାଇନ ପାଇବାକୁ ଅନେକ ସମୟ ଲାଗେ । ସେତେବେଳେ ପୋଷ୍ଟମାଷ୍ଟର ଜେନେରାଲ (PMG) ଥିଲେ ପୋଷ୍ଟ ଆଣ୍ଡ ଟେଲିଗ୍ରାଫ ବିଭାଗର ସର୍ବମୟ କର୍ତ୍ତା । ଇଷ୍ଟର୍ନ ଜୋନର ହେଡ଼ ଅଫିସ ଥିଲା ଶିଲଂରେ । ମୁଁ ପରଦିନହିଁ ସକାଳର ପ୍ରଥମ ବସ ଧରି ଶିଲଂ ଚାଲିଯାଏ ଏବଂ ସାଢ଼େ ଦଶଟା ମଧ୍ୟରେ ସେଠାରେ ପହଞ୍ଚି ପ୍ରଥମେ ମୋର ବନ୍ଧୁ ବ୍ୟାଙ୍କର ଅଫିସର ହରିପ୍ରସାଦ ସଙ୍ଗେ ଦେଖା କରି କହେ PMGଙ୍କ ସଙ୍ଗେ ଯେଉଁଭାବେ ହିଁ ହେଉ ଗୋଟେ ଆପଏଣ୍ଟମେଣ୍ଟ ନେବାକୁ ହେବ । ସେ କହିଲା— ଚିନ୍ତା ନାହିଁ, ତା'ରହିଁ ଚିହ୍ନାଜଣା ଜଣେ ମହିଳା ହେଲେ PMG ସାହେବଙ୍କ Receptionist (ଅଭ୍ୟର୍ଥକ) । ଭଦ୍ରମହିଳାଙ୍କୁ ଫୋନ କରିବାରୁ ସେ ଜଣାଇଲେ, PMG ଏପ୍ରକାର ସାଧାରଣ ବ୍ୟାପାରରେ ଏକକଭାବେ କାହାକୁ ଆପଏଣ୍ଟମେଣ୍ଟ ଦେବେନି, ତେବେ କୌଣସି Group representation (ଦଳବଦ୍ଧ

ଉପସ୍ଥାପନା) ହୋଇପାରେ । ମୁଁ ସେତେବେଳେହିଁ ଏ.ଜି.ଅଫିସ ଓ ଆସାମ ସେକ୍ରେଟାରିୟେଟରୁ ଟୁଲୁଭାଇ ଓ ଅନ୍ୟାନ୍ୟ କେଇଜଣ ଯୁବକ ଗୁରୁଭାଇମାନଙ୍କୁ ନେଇ ପି.ଏମ.ଜି ଅଫିସରେ ପହଞ୍ଚେ ଏବଂ ସେହି ଭଦ୍ରମହିଳାଙ୍କ ମାଧ୍ୟମରେ ଦରଖାସ୍ତ କରେ ଯେ ଆମେମାନେ ଗୌହାଟୀ ସତ୍‌ସଙ୍ଗ ଯୁବକ ସଙ୍ଘର (ସେତେବେଳେବି ଏଠାରେ ସ୍ୱସ୍ତିସେବକ ବାହିନୀ ଗଠିତ ହୋଇନି) ପକ୍ଷରୁ ଗୋଟେ ବିଶେଷ ପ୍ରୟୋଜନରେ PMG ମହାଶୟଙ୍କ ସଙ୍ଗେ ଦେଖା କରିବାକୁ ଚାହୁଁ । ସଙ୍ଗେ ସଙ୍ଗେହିଁ ଆପଏଣ୍ଟମେଣ୍ଟ ମିଳିଗଲା । ଭଦ୍ରଲୋକ U.P.ର ଲୋକ । ପୁରା ନାମ ମନେ ନାହିଁ, ମିଃ. ମାଥୁର ମନେ ଅଛି । ସେ ଆଗ୍ରା ଦୟାଲବାଗ ସତ୍‌ସଙ୍ଗର କଥା ଜାଣନ୍ତି । ସତ୍‌ସଙ୍ଗ ଦେଓଘର ଓ ଶ୍ରୀଶ୍ରୀଠାକୁରଙ୍କର ଅଳ୍ପ କିଛି କଥା ଆମମାନଙ୍କ ନିକଟରୁ ଶୁଣି ଅତ୍ୟନ୍ତ ଖୁସି ହୋଇ କହିଲେ— ''Young men, What can I do for you ?'' ମୁଁ ବିନୀତଭାବେ ତାଙ୍କୁ ଜଣାଇଲି,— ''ଗୋଟେ ସାଧାରଣ ବ୍ୟାପାରରେ ଆପଣଙ୍କ ନିକଟକୁ ଆସିଛି— ଆମମାନଙ୍କର ଅନିଚ୍ଛାକୃତ ତ୍ରୁଟି ଯୋଗୁଁ ବିଲ୍ ଟଙ୍କା ଜମା ନ ପଡ଼ିବାରୁ ଗୌହାଟୀ ସତ୍‌ସଙ୍ଗ ବିହାରର ଟେଲିଫୋନ ଲାଇନଟି କଟାଯାଇଛି । D.E.phones (ଫୋନର ବିଭାଗୀୟ ଯନ୍ତ୍ରବିଦ) କହୁଛନ୍ତି— ଏବେ ଟଙ୍କା ଜମା ଦେଲେବି ସେହି ନମ୍ବରରେ ଫୋନ ଲାଇନ ହେବ ନାହିଁ । ଏ ମଧ୍ୟରେ ଆମମାନଙ୍କର ଗୋଟେ କନଫରେନ୍ସ ଅଛି । ସେହି ଏକହିଁ ନମ୍ବରରେ ଫୋନ ନ ରହିଲେ ଆମମାନଙ୍କର ଭୀଷଣ ଅସୁବିଧା ହୋଇଯିବ ।'' ସବୁ ଶୁଣି PMG ମହୋଦୟ କହିଲେ— ''Don't worry (ଉଦ୍‌ବିଗ୍ନ ହୁଅନା), ତୁମେମାନେ ଗୌହାଟୀ ଯାଆନ୍ତେହିଁ ତୁମମାନଙ୍କର ଟେଲିଫୋନ ଲାଇନ restore (ଚାଲୁ) ହୋଇଯିବ ।'' ସାଥେ ସାଥେ P.A. କୁ ସେହିଭାବେ ନିର୍ଦ୍ଦେଶ ଦେଇଥିଲେ । ମୋର ଅନୁରୋଧରେ ସିଏ ଏଟିକକ ସୁବିଧା କରି ଦେଇଥିଲେ ଯେପରି ଦୁଇ/ତିନି କିସ୍ତିରେ ଏ ସବୁ ଟଙ୍କା ଜମା ଦିଆଯାଏ । ସେହି ଦିନ ଉପରବେଳା ଗୌହାଟୀ ଫେରି ଦେଖେ ସତ୍ୟ ସତ୍ୟ ଆମମାନଙ୍କର ଫୋନ ଲାଇନ ଚାଲୁ ହୋଇଯାଇଛି । ଏ କ୍ଷେତ୍ରରେବି ଆଚାର୍ଯ୍ୟଦେବଙ୍କ ମୃଦୁ ଭର୍ତ୍ସନା ଇଷ୍ଟକର୍ମରେ ପ୍ରେରଣା ଓ ଗଭୀର ମନୋବଳ ଜୋଗାଇଥିଲା । ପ୍ରସଙ୍ଗତଃ, ଉଲ୍ଲେଖ କରାଯାଇପାରେ— ଗୌହାଟୀ ସତ୍‌ସଙ୍ଗ ବିହାରରେ ଶ୍ରୀମନ୍ଦିର ନିର୍ମାଣ, ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ଜୀବଦ୍ଦଶାରେହିଁ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶାନୁଯାୟୀ ଆରମ୍ଭ ହୁଏ ଏବଂ ଏହାହିଁ ସମଗ୍ର ସତ୍‌ସଙ୍ଗ ମଧ୍ୟରେ ପ୍ରଥମ ମନ୍ଦିର । ବିଶିଷ୍ଟ ଭକ୍ତ କଣ୍ଟ୍ରାକ୍ଟର ଓ ରାଜ୍ୟିକ ସତ୍‌ସଙ୍ଗ ବିହାରର ପ୍ରେସିଡ଼େଣ୍ଟ ଶ୍ରୀ ଯୋଗେନ୍ଦ୍ରନାଥ ଭୂୟାଁ ଏବଂ ଭକ୍ତପ୍ରବର ବିଶିଷ୍ଟ ସାଧକକର୍ମୀ ଶ୍ରଦ୍ଧେୟ ରବୀନ୍ଦ୍ରନାଥ ରାୟଙ୍କ ତତ୍ତ୍ୱାବଧାନରେ କାମଧନ୍ଧା ଚାଲିଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଭୂୟାଁଭାଇ ଏକ ଜୀପ ଦୁର୍ଘଟଣାରେ ଦୀର୍ଘ କେଇ ମାସ ଶଯ୍ୟାଶାୟୀ ଥିବା ଫଳରେ ମନ୍ଦିରର ନିର୍ମାଣ କାମ ପ୍ରାୟଃ ବନ୍ଦ ହୋଇଯାଏ । ଏମନ୍ତାବସ୍ଥାରେ ଏବଂ ଆଭ୍ୟନ୍ତରୀଣ ନାନାକାରଣରୁ ଶ୍ରଦ୍ଧେୟ ରବୀନଭାଇଙ୍କ ମନ ଉପରେ ଚାପ ପଡ଼ିବାରୁ ତାଙ୍କର ଗ୍ୟାଷ୍ଟ୍ରିକ-ଅଲସରର ବ୍ୟଥା ଆହୁରିବି ବଢ଼ିଯାଏ । ପୂଜ୍ୟପାଦ ଦାଦା ଦେଓଘର, କଲିକତାରୁ ଆସାମକୁ ଇଷ୍ଟକର୍ମରେ ମଝିରେ ମଝିରେ ଯିବାଆସିବା କରିଲେବି ୧୯୬୮ ସାଲର ଶେଷ ଆଡ଼କୁ ପ୍ରାୟଃ ଲଗାତାର ଗୌହାଟୀରେ ରହି ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ସମାଧାନ କରି ଆଚାର୍ଯ୍ୟଦେବଙ୍କ ଶ୍ରୀମୁଖରେ ହସ ଫୁଟାନ୍ତି । ଇଞ୍ଜିନିୟର ରସେଶ୍ୱର ଖନିକର ଦୀର୍ଘଦିନ ଛୁଟି ନେଇ ପୂଜ୍ୟପାଦ ଦାଦାଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ନିର୍ମାଣକାର୍ଯ୍ୟରେ ନିଯୁକ୍ତ ଥିଲେ । ପ୍ରତ୍ୟକ୍ଷ ପରୋକ୍ଷଭାବେ ଏ ବ୍ୟାପାରରେ ପୂଜ୍ୟପାଦ ଦାଦାଙ୍କୁ ଯେଉଁମାନେ ଯୋଗାଣ ଦେଇଥିଲେ ସେମାନଙ୍କ ମଧ୍ୟରେ ବିଶିଷ୍ଟ ଇଞ୍ଜିନିୟର ପ୍ରଣବ ବରା, କାମିନୀକାନ୍ତ ଡ଼େକା, ହରେନ ଶର୍ମା, ପ୍ରାଣେଶ ଦାସ ଓ ଆଶୁତୋଷ ଚୌଧୁରୀ ଅନ୍ୟତମ । ସେହି ସମୟର ବିରାଟ କର୍ମଯଜ୍ଞରେ ମୁଁ ପ୍ରାୟଃ ସବୁ ସମୟରେହିଁ ପୂଜ୍ୟପାଦ ଦାଦାଙ୍କ ନିକଟରୁ ତାଙ୍କର ଅକୃତ୍ରିମ ସ୍ନେହ, ଭଲପାଇବା ଓ ସର୍ବବିଷୟରେ ପ୍ରେରଣା ପାଇ ନିଜକୁ ଇଷ୍ଟକର୍ମରେ ବାସ୍ତବଭାବେ ନିୟୋଗ କରି କୃତକୃତାର୍ଥ ମନେ କରୁଥିଲି । ଇତିମଧ୍ୟରେ ୧୯୭୨ ସାଲର ଶେଷ ଆଡ଼କୁ ପୂଜ୍ୟପାଦ ଦାଦାହିଁ ମୋତେ ଦେଓଘର ଆଣି ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ନିର୍ଦ୍ଦେଶ ଅନୁସାରେ ରସୈଷଣା ମନ୍ଦିରର ଦେଖାଶୁଣା ଓ ଗବେଷଣା କାମର ଦାୟିତ୍ୱ ଦିଆନ୍ତି ।

ଆହୁରିବି ଦୁଇଟି ଗୁରୁତ୍ୱପୂର୍ଣ୍ଣ କଠିନ କାମ ଶ୍ରୀଶ୍ରୀଆଚାର୍ଯ୍ୟଦେବ ପ୍ରେରଣା ଦେଇ କରାଇଥିଲେ ମୋତେ ନିମିତ୍ତ ମାତ୍ର ସାମନାରେ ରଖି । ପ୍ରଥମଟି ହେଲା : ପାବନା ଅମଳରେ ଆମମାନଙ୍କର ଡ୍ରଗ ଲାଇସେନ୍ସ ଥିଲା । କିନ୍ତୁ ଏଠାରେ ସେପରି ବେଶୀ ପରିମାଣରେ ଔଷଧ ତିଆରି ହେଉ ନଥିଲା ବୋଲି କୌଣସିବି manufacturing licence (ଯନ୍ତ୍ର ସାହାଯ୍ୟରେ ଔଷଧ ତିଆରିର ଅନୁମତି) ନଥିଲା । ଶ୍ରୀଶ୍ରୀଆଚାର୍ଯ୍ୟଦେବ ମୋତେ ଦେଇ ପାଟନା ଡ୍ରଗ କଣ୍ଟ୍ରୋଲରୁ ସବୁକିଛି ଠିକ୍ ରଖି କିପରିଭାବେ ବୁଦ୍ଧି ଓ ପ୍ରେରଣା ଦେଇ ଡ୍ରଗ ଲାଇସେନ୍ସ ଅଣାଇଥିଲେ ସେ ଘଟଣାର ନୀରବ ସାକ୍ଷୀ ହୋଇ ଅଛି ପାଟନାର ବନ୍ଧୁବର ରଜନୀକାନ୍ତ ଭର୍ମା ଓ ଦେଓଘରର ଶ୍ରୀମଣି ସରକାରଭାଇ । ଗୋଟେ କଥାରେ ସିଏ ଇଚ୍ଛା କରିଲେ ଅସାଧ୍ୟ ସାଧନ କରାଇ ନେଇ ପାରୁଥିଲେ ।

ଦ୍ୱିତୀୟ ଘଟଣା : ରସୈଷଣା ମନ୍ଦିରର ଔଷଧଗୁଡ଼ିକ Patent (କୃତିସ୍ୱତ୍ୱ) ଓ Trademark registration (ପ୍ରତୀକ ଚିହ୍ନର ତାଲିକାଭୁକ୍ତ) ପାଇଁ କଲିକତାର ବିଖ୍ୟାତ ଏଟର୍ନି, ଟି.ପି. ଦତ୍ତ ଆଣ୍ଡ

ସନ୍ଦ୍ୱଙ୍କ ମାଧ୍ୟମରେ ଦରଖାସ୍ତ କରିବା ଥିଲା ମୁଁ ଦେଓଘରକୁ ସ୍ଥାୟୀଭାବେ ଆସିବା ଆଗରୁହିଁ । ମୁଁ ଆସିବା ପରେ ରସୈଷଣା ମନ୍ଦିରର କାମରେ ଥରେ କଲିକତା ଯିବା ସମୟରେ ଶ୍ରୀଶ୍ରୀଆଚାର୍ଯ୍ୟଦେବ ଏ ବ୍ୟାପାରରେ ମୋତେ ଦେଖିବାକୁ କହନ୍ତି । ମୁଁ ପେଟେଣ୍ଟ, ପ୍ରତୀକ ଚିହ୍ନର କିଛି ଜାଣି ନଥିଲି । ତା' ଛଡ଼ା ପୂର୍ବ-ପ୍ରସଙ୍ଗବି ଭଲଭାବେ ଜଣା ନଥିଲା । ଏଟର୍ନି, ମିଃ. ଏସ.କେ. ଦତ୍ତଙ୍କ ସଙ୍ଗେ ଯେତେବେଳେ ଦେଖା କରେ ସେତେବେଳେ ସିଏ କହିଥିଲେ ଯେ, ଆମମାନଙ୍କ କେସଗୁଡ଼ିକ ଖୁବ୍ ଜଟିଳ । ତା' ଛଡ଼ା ଆମମାନଙ୍କର ଔଷଧଗୁଡ଼ିକ ଦୀର୍ଘଦିନରୁ use (ବ୍ୟବହାର) ହୋଇ ଆସୁଛି ତା'ର ପ୍ରାମାଣିକ ନିଦର୍ଶନ, convincing figure (ପ୍ରତ୍ୟୟପୂର୍ଣ ବିକ୍ରିର ନିଦର୍ଶନ) ଇତ୍ୟାଦି ଆମେମାନେ କିଛିହିଁ ତାଙ୍କୁ ଦେଇ ନ ପାରିବାରୁ ଟିକେ ବ୍ୟଙ୍ଗ କରିହିଁ କହିଥିଲେ, 'କେବଳ ପୂଜାପାଠ, ଘଣ୍ଟା ବାଜଣା ଏକ ଜିନିଷ ଏବଂ ଆଇନକାନୁନ ଅନ୍ୟ ଜିନିଷ ।' ମୁଁ ସଙ୍ଗେ ସଙ୍ଗେ କହିଥିଲି, ''ସେଇଥିପାଇଁ ତ ସାର୍ ଆପଣଙ୍କ ଭଳି ବିଦଗ୍ଧ ଏଟର୍ନିଙ୍କ ନିକଟକୁ ଆମେମାନେ ଆସିଛୁ ।'' କହିବାକୁ ଲଜ୍ଜା ନାହିଁ ତାଙ୍କର ଦୁଇଜଣ ମହିଳା କନିଷ୍ଟଙ୍କ ସାମନାରେ ମୁଁ ରୀତିମତ ଅପଦସ୍ଥ ଅନୁଭବ କରିଥିଲି । ସିଏ ସ୍ପଷ୍ଟ କହିଥିଲେ— ପ୍ରୟୋଜନୀୟ ଉପାଦାନ ସପ୍ଲାଇ ନ କରିଲେ ତାଙ୍କ ପକ୍ଷେ ଆଉ ଆଗେଇବା ସମ୍ଭବ ନୁହେଁ । ଅଥଚ ସିଏ ଯେଉଁଭଳି Papers (ନିଦର୍ଶନ) ଚାହୁଁଛନ୍ତି ସେ ପ୍ରକାର ଆମମାନଙ୍କର ନାହିଁ । ସେହି ମୁହୂର୍ତ୍ତରେ ଆଚାର୍ଯ୍ୟଦେବଙ୍କ ମୁଖମଣ୍ଡଳ କେବଳ ମୋ ସାମନାରେ ଭାସୁଥିଲା । ମୁଁ କିପରି negative (ନା-ସୂଚକ) କଥା ତାଙ୍କୁ ଜଣାଇବି ଏଇଟା ଭାବିବାକୁ ହିଁ ଭୀଷଣ ଖରାପ ଲାଗୁଥିଲା । ସେହି ଅଫିସରୁ ବାହାରି ପ୍ରଥମେହିଁ ବୁଲି ବୁଲି ଅନେକ କଷ୍ଟରେ ଗୋଟେ Trade & Merchandise Marks Act କିଣେ । ୬୭, ଯତୀନ୍ଦ୍ରମୋହନ ଏଭିନ୍ୟୁ ଘରେ ପ୍ରାୟଃ ସାରାରାତି ଜାଗି ସମସ୍ତ actଗୁଡ଼ିକୁ ପଢ଼ି ଦେଖିଲି— ଗୋଟେ ଜାଗାରେ ଅଛି ଯଦି ବିଶିଷ୍ଟ ବହୁପରିଚିତ ବ୍ୟକ୍ତି ସ୍ୱୀକୃତିପତ୍ର ଦେଇ ଜଣାନ୍ତି ଯେ ଆମମାନଙ୍କ ଔଷଧର ନାମ ଓ formulations (ସୁଷ୍ଠୁ ବର୍ଣ୍ଣନା) ସମ୍ବନ୍ଧରେ ଦୀର୍ଘଦିନରୁ ଜଣା ଅଛି, ତା' ହେଲେ ବିଶେଷ କ୍ଷେତ୍ର ହିସାବରେ ବିବେଚିତ ହୋଇପାରେ । ମୁଁ ସୂତ୍ରଟା ପଢ଼ିହିଁ ମନରେ ଭୀଷଣ ବଳ ପାଇଲି ଏବଂ ପରଦିନ ଅନ୍ତତଃ Attorney ସଙ୍ଗେ ଏ ବ୍ୟାପାରରେ କଥା କୁହାଯିବ ଭାବି କିଛିଟା ନିଶ୍ଚିନ୍ତ ହେଲି । ଏ ମଧ୍ୟରେ କଲିକତାରହିଁ ଦୁଇଜଣ ବିଶିଷ୍ଟ ଲୋକଙ୍କ କଥା ମନରେ ଆସେ । ଜଣେ, ଜଗତ୍‌ଜ୍ୟୋତି ସେନଭାଇ (Income Tax Applelate Tribunalର Vice President) ଏବଂ ଅନ୍ୟଜଣେ ହେଲେ କିରଣ ବ୍ୟାନାର୍ଜୀ, ପଦ୍ମଶ୍ରୀ (ଜେନେରାଲ ମ୍ୟାନେଜର, ଇଛାପୁର ଗନ ଫ୍ୟାକ୍ଟରୀ) । ପରଦିନ ସକାଳେ ପ୍ରଭାତ ଦତ୍ତଭାଇଙ୍କ ସଙ୍ଗେ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଇଚ୍ଛା କଥା ଆଲୋଚନା କରେ ଏବଂ ତାଙ୍କୁ ଅନୁରୋଧ ଜଣାଇ ରଖେ ଯେପରି ଉପରବେଳା ମୋ ସଙ୍ଗେ ସେହି ଦୁଇଜଣଙ୍କ ନିକଟକୁ ଯାଆନ୍ତି । ତା'ପରେ ଏଟର୍ନି ଅଫିସକୁ ଯାଇ ମିଃ. ଦତ୍ତଙ୍କୁ ଜାଣେନା କାହା ବଳରେ ସ୍ପଷ୍ଟ କହି ପକାଇଲି, ''ଆପଣ ଆଉ ଟିକେ ଚେଷ୍ଟା କରନ୍ତୁ । ଅବଶ୍ୟହିଁ ସବୁକିଛି ଠିକ୍ ହୋଇଯିବ ।'' ଭଦ୍ରଲୋକ ଅନେକଟା ଅବାକ୍ ହୋଇ ମୋ ମୁହଁ ଆଡ଼େ ଚାହାଁନ୍ତେହିଁ ମୁଁ Trade & Merchandise Marks Actର ସେହି ବିଶେଷ ଧାରା ଦେଖାଇ କହିଲି— ''ସାର୍, ଆମମାନଙ୍କ ସଙ୍ଗେ ଘଣ୍ଟା ବାଜଣାର ଅନେକ ବିଶିଷ୍ଟ ପବଲିକ ଫିଗର ଅଛନ୍ତି— ଆପଣ ଗୋଟେ ଡ୍ରାଫଟ କରି ଦେଲେ ସେ ଭଳି ସେମାନଙ୍କ ନିକଟରୁ affidavit (ସ୍ୱୀକୃତିପତ୍ର) ନିଆ ଯାଇପାରେ । ମୁଁ ଆଶା ରଖୁଛି କଲିକତାରୁ ହିଁ ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ୱୀକୃତିପତ୍ର ଗୋଟେ ଦୁଇଦିନ ମଧ୍ୟରେହିଁ ମିଳିଯିବ, ଆଉ ଦେଓଘର ଯାଇ ଆହୁରିବି ବିଶିଷ୍ଟ ଡ଼ାକ୍ତର, MLA, MPଙ୍କଠାରୁ ସ୍ୱୀକୃତି ପତ୍ର ନେଇ ଯେତେଶୀଘ୍ର ସମ୍ଭବ ପଠାଇବି ।'' ସବୁ ଶୁଣି ଦତ୍ତସାହେବ ଖୁବ୍‌ହିଁ ଉତ୍‌ଫୁଲ୍ଲ ଚିତ୍ତରେ କହିଲେ— ''ମୋତେ ଜଣା ନଥିଲା ସତ୍‌ସଙ୍ଗରେ ଏତେ ବିଶିଷ୍ଟ ବ୍ୟକ୍ତିମାନେ ଅଛନ୍ତି । ସେମାନଙ୍କର ସ୍ୱୀକୃତିପତ୍ର ଥିଲେ ମୁଁ ଅବଶ୍ୟହିଁ ଆପଣମାନଙ୍କର ସବୁକିଛି ରେଜିଷ୍ଟ୍ରେଶନ କରାଇ ଆଣି ପାରିବି ।'' ଆଉ ଭଦ୍ରଲୋକ ସତରେ ବି କେଇଥର hearing call କରାଇ ପ୍ରାୟଃ ସବୁକିଛିହିଁ ରେଜିଷ୍ଟ୍ରେଶନ କରାଇ ଦେଇଥିଲେ । କୋର୍ଟରେ ସ୍ୱୀକୃତିପତ୍ର ଇତ୍ୟାଦି ସବୁହିଁ ଶ୍ରଦ୍ଧେୟ ପ୍ରଭାତଭାଇ ବ୍ୟବସ୍ଥା କରିଥିଲେ । କିନ୍ତୁ ମୁଁ ଆଜିବି ବିଶ୍ୱାସ କରେ ଆଚାର୍ଯ୍ୟଦେବଙ୍କ ଦିବ୍ୟପ୍ରେରଣା ଓ ଏକାନ୍ତ ଇଚ୍ଛାରେହିଁ ସବୁ ସମ୍ଭବ ହୋଇଛି । 'ତୁମର କର୍ମ ତୁମେ କର ମା'/ଲୋକେ କହନ୍ତି କରେ ମୁଁ ।'

ସତ୍‌ସଙ୍ଗେ ରସୈଷଣା ମନ୍ଦିର ବ୍ୟାପାରରେ ସବୁକିଛିହିଁ ମୁଁ ତାଙ୍କ ଶ୍ରୀଚରଣରେ ନିବେଦନ କରୁଥିଲି । ସିଏ କୌଣସିବି ବିଶେଷ ନିର୍ଦ୍ଦେଶ ଦେଲେ ତ ଆଉ କଥାହିଁ ନ ଥିଲା । ତା'ଛଡ଼ା ମୁଁ ଦେଖୁଛି ସିଏ ଯେତେବେଳେ ଦୟା କରି ହସ ହସ ମୁହଁରେ କୌଣସିବି କାମରେ ଅନୁମତି ଦେଇଛନ୍ତି ସେ କାମ 'ସୁନ୍ଦରେ ସମାପନ' ହୋଇଛି । ଆଉ ମୁଁ ସେହି କାମହିଁ ନିଷ୍ଠାସହ କରିବାକୁ ଚେଷ୍ଟା କରୁଥିଲି ଯେପରି ତାଙ୍କର ସମ୍ପୂର୍ଣ୍ଣ ମତ ରହୁଥିଲା । ଆଉ ଏଭାବେ ତାଙ୍କୁ ତୃପ୍ତ କରିପାରି ନିଜକୁ ଧନ୍ୟ ମନେ ହୋଇଛି । ମୋ ଭଳି ସାଧାରଣ କର୍ମୀ ଦ୍ୱାରା ସିଏହିଁ ହସ୍ତଚାଳିତ ଯନ୍ତ୍ରପାତିରୁ ରସୈଷଣା ମନ୍ଦିରର ଯୁଗୋପଯୋଗୀ ଆଧୁନିକୀକରଣ କରାଇଛନ୍ତି । ତ୍ରୁଟି ଯା' ହୋଇଛି ମୁଁ ଅକପଟରେ ସ୍ୱୀକାର କରୁଛି— 'fault is entirely mine'. ତତ୍‌ସଙ୍ଗେ ଗୋଟେ ଉନ୍ନତମାନର Research & Ana-

lytical Laboratoryବି ଗଢ଼ି ଉଠିଛି ।

ଆଉ ଗୋଟେ ଘଟଣାରେ ମୁଁ ନିମିତ୍ତମାତ୍ର ହୋଇ ଅଛି । ବୈଶାଖ ଜ୍ୟେଷ୍ଠର ପ୍ରଚଣ୍ଡ ଖରାରେ ଦେଓଘର ପ୍ରାୟଃ ଜଳଶୂନ୍ୟ ହୋଇ ରହେ । ସେ ସମୟରେ କୂଅଗୁଡ଼ିକ ଶୁଖି ଯିବାରୁ ଆମମାନଙ୍କୁ ଔଷଧ ପ୍ରସ୍ତୁତ କରିବା ପାଇଁ କେବଳ ସପ୍ଲାଇ ଜଳ ଉପରେ ନିର୍ଭର କରିବା କଷ୍ଟସାଧ୍ୟ ହୋଇ ଉଠୁଥିଲା । ଦିନେ ଜାଣିପାରିଲି ବିହାର ସରକାର ହାଇଦ୍ରାବାଦର ଗୋଟେ କମ୍ପାନୀକୁ ଶତାଧିକ ଗଭୀର ନଳକୂପ ଖନନର ବରାଦ ଦେବାରୁ ସେମାନେ ପଥର କାଟି ଖନନ କରିବାର ଯନ୍ତ୍ରଚାଳିତ କେତୋଟି ଗାଡ଼ି ନେଇ ଦେଓଘର ଆସିଛନ୍ତି । ପୁଣି ଏପରି ଖବରବି ଅଛି ଅନେକ ଖନନରେ ପ୍ରଥମେ ପାଣି ଆସିଲେବି ପରେ ସେଇଟା ଶୁଖି ଯାଉଛି । କାହିଁକି ନା ସମତଳ ଭଳି ଏହି ପଥୁରିଆ ଜାଗାରେ ଗଭୀର ଖନନ କରିଲେବି ପର୍ଯ୍ୟାପ୍ତ ପରିମାଣ ପାଣି ପାଇବାର ନିଶ୍ଚୟତା ନାହିଁ । ସବୁ କଥାହିଁ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଶ୍ରୀଚରଣରେ ନିବେଦନ କରେ ଏବଂ ତାଙ୍କ ଆଶୀର୍ବାଦ ନେଇ ମୁଁ ଓ ରାଧାକୃଷ୍ଣଲାଲଭାଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟରଙ୍କ ସହିତ କଥାବାର୍ତ୍ତା କରୁ ଯେପରି ତାଙ୍କର No objection (ଅନନିଭିଯୋଗ)ରେ ଆମେମାନେ କମ୍ପାନୀ ସଙ୍ଗେ ଯୋଗାଯୋଗ କରି ସତ୍‌ସଙ୍ଗରେ ଟଙ୍କା ଦେଇ ଖନନ କରାଇ ପାରୁ । ତା'ପରେ ସେହି କମ୍ପାନୀର ଇଞ୍ଜିନିୟର ମି. ଚୌଧୁରୀଙ୍କ ସହିତ ଆଳାପ କରି ମୁଁ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଶ୍ରୀଚରଣରେ ପୁଣି ନିବେଦନ କରିବାରୁ ସିଏ ଅତ୍ୟନ୍ତ ଖୁସି ମନରେ ଆମମାନଙ୍କୁ କେମିକାଲ କ୍ୟାମ୍ପସରେ ଗୋଟେ ଗଭୀର ଖନନର ଅନୁମତି ଦିଅନ୍ତି । ଅନେକେହିଁ କୁହାକୁହି କରିଥିଲେ ଅଯଥା ଅର୍ଥ ବ୍ୟୟ ହେବ— ଏଠାରେ ପ୍ରୟୋଜନ ଅନୁସାରେ ପାଣି ମିଳିବନି । ଶ୍ରୀଶ୍ରୀଠାକୁରଙ୍କ ଅସୀମ ଦୟା ଆଉ ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଏକାନ୍ତ ପ୍ରେରଣା ଓ ଆଶୀର୍ବାଦରୁ କେମିକାଲରେ ଖନନ ସମୟରେ ଯେତେବେଳେ ହୁ ହୁ କରି ପାଣି ଉଠୁଥାଏ ସେତେବେଳେ ତାଙ୍କର ଯେ କି ଆନନ୍ଦ ! ସିଏ ପ୍ରେସିଡ଼େଣ୍ଟ, ଭାଇସ୍ ପ୍ରେସିଡ଼େଣ୍ଟ ଓ ଅନ୍ୟାନ୍ୟ ବିଶିଷ୍ଟଲୋକଙ୍କୁ କେମିକାଲକୁ ପଠାଇ ଖବର ନେଉଥିଲେ କେତେ ଗଭୀରେ କିପରି ପାଣି ଉଠୁଛି । ଏହାପରେ ଏକହିଁ ସାଙ୍ଗେ ତାଙ୍କରିହିଁ ନିର୍ଦ୍ଦେଶରେ ଆହୁରିବି ଚାରିଟି ସ୍ଥାନରେ ଖନନ କରାଯାଏ । ମୋଟ ତିନିଟି ଖନନରେ ସିଏ ମୋତେ ଦେଇ ପ୍ରଥମ Ejecto Pump ଲଗାଇବାର ବ୍ୟବସ୍ଥା କରାନ୍ତି— ଯା' ଆଜିବି ସର୍ଭିସ ଦେଇ ଜଳ ସମସ୍ୟା ମେଣ୍ଟାଇ ଚାଲିଛି । ବାକି ଦୁଇଟି ଖନନରେ ପାଣି କମ ପାଇବା ଯୋଗୁଁ ଚାପାକଳ ଲଗା ଯାଇଥିଲା ।

ପରବର୍ତ୍ତୀକାଳରେ ପୂଜ୍ୟପାଦ ବଡ଼ଦାଦା ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଇଚ୍ଛାନୁଯାୟୀ ସତ୍‌ସଙ୍ଗର ବିଭିନ୍ନସ୍ଥାନରେ ବେଶ କେତୋଟି ଗଭୀର ଖନନ କରାଇ ଶତବର୍ଷ ଉତ୍ସବ ଓ ଅନ୍ୟାନ୍ୟ ସମୟରେ ପାଣି ସମସ୍ୟା ଦୂର କରାଇଥିଲେ । ଶ୍ରୀଶ୍ରୀଆଚାର୍ଯ୍ୟଦେବ ନିଜେ ପାଣି-ପ୍ରକଳ୍ପ ପାଇଁ ପ୍ରୟୋଜନ ମାଫିକ ଅର୍ଥ ସଂଗ୍ରହ କରାଇଥିଲେ । ଏ ବ୍ୟାପାରରେ ପୂଜନୀୟ ସୁଷ୍ମିଦା ଏବଂ ଜୟ ଜ୍ୱାଇଁବାବୁଙ୍କରବି ବିଶେଷ ଭୂମିକା ଥିଲା ।

ପରିଶେଷରେ ଉଲ୍ଲେଖ କରୁଛି ସବୁ ସମୟରେହିଁ ତାଙ୍କ ନିକଟରୁ ଶିକ୍ଷା ପାଇଛି— ପରମପିତା କେବଳ ତାଙ୍କ ସେବାର ଅଧିକାର ଦେଇ ଆମମାନଙ୍କୁ ଧନ୍ୟ କରିଛନ୍ତି । ଶ୍ରୀଶ୍ରୀଆଚାର୍ଯ୍ୟଦେବ କହନ୍ତି— 'ଜନ୍ମ ଜନ୍ମାନ୍ତରର ସାଧନା ଫଳରେ ଆମେମାନେ ତାଙ୍କର ସନ୍ତାନ, କେହି ବା ତାଙ୍କର ଆତ୍ମୀୟସ୍ୱଜନ .... ଆମେମାନେ ସମସ୍ତେ ତାଙ୍କରହିଁ ଦାସ, ନିତ୍ୟ ଦାସ । ସ୍ୱପନେ, ନିଶିଜାଗରଣେ, ଇହକାଳ, ପରକାଳ ସର୍ବାବସ୍ଥାରେ ସର୍ବତୋଭାବେ ଏହି ଭାବ ରଖିବାକୁ ହୁଏ ... ।'' *(ହେ ବରେଣ୍ୟ, ପୃ.:୨୭୮-୨୮୩)*

ଭ୍ରମ ସଂଶୋଧନ

ଗତ କାର୍ତ୍ତିକ ସଂଖ୍ୟାରେ ପ୍ରକାଶିତ 'ସତ୍‌ସଙ୍ଗ ଚିକିତ୍ସକ-ସମ୍ମେଳନ' ବିବରଣୀରେ (ପୃଷ୍ଠା ୧୨୯ର ପ୍ରଥମ ସ୍ତମ୍ଭରେ ପ୍ରଦତ୍ତ) 'ପ୍ରିୟପରମଙ୍କ ଆଶୀର୍ବାଦ ହେଲା।'— କ୍ରମେ ପ୍ରଦତ୍ତ ଶ୍ରୀଶ୍ରୀଠାକୁରଙ୍କ ବାଣୀଟି ନିମ୍ନୋକ୍ତଭାବେ ପାଠ କରିବାକୁ ଅନୁରୋଧ ।

ତୁମେ ଅକିଞ୍ଚନ ହୁଅ,
ତାଙ୍କ ଛଡ଼ା ତୁମର ଯେପରି
ଆଉ କିଛିହିଁ ନଥାଏ—
ତୁମର ଅନ୍ତର-ଆକର୍ଷଣକୁ ବ୍ୟାପି;
ଏହାରି ଭିତର ଦେଇ
ତୁମର ସାତ୍ୱତ କୃତି-ଐଶ୍ୱର୍ଯ୍ୟ
ପ୍ରଚୁର ହୋଇଉଠୁ—
ତାଙ୍କୁ କେନ୍ଦ୍ର କରି,
ଉତ୍‌କ୍ରମଣୀ ଅନୁବ୍ୟାପନାରେ;
ଏପ୍ରକାର ଯଦି ନ ହୁଏ,—
ତେବେ ତୁମର ଧର୍ମ ବି ହେଲାନି,
କର୍ମ ବି ହେଲାନି ।

ପରବର୍ତ୍ତୀ ସଂଯୋଜନ

ଋତ୍ୱିକ୍-ସମ୍ମେଳନ ବିବରଣୀରେ ଗତ ଟର୍ମର ଦୀକ୍ଷା ସଂଖ୍ୟା : ୨,୨୭,୩୮୦ ଜଣ ପ୍ରକାଶିତ ହୋଇଥିଲା । ବିଳମ୍ବରେ ପ୍ରାପ୍ତ ସମ୍ବାଦ ଅନୁଯାୟୀ ସେଥିରେ ପରିବର୍ତ୍ତନ ହୋଇଛି । ପ୍ରକୃତ ମୋଟ ଦୀକ୍ଷା ସଂଖ୍ୟା ହୋଇଛି- ୨,୫୯,୧୦୬ ଜଣ ।

ମତ ଓ ମନ୍ତବ୍ୟ

ଶ୍ରୀଶ୍ରୀଠାକୁରଙ୍କ ମତ ଓ ମନ୍ତବ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତି

ଦିନେ ଠାକୁରଙ୍କ ପାର୍ଲରରେ ବସିଥାଏ । ଅନେକେହିଁ ଥା'ନ୍ତି । ବଡ଼ଦା ଆସିଲେ । ଠାକୁରଙ୍କ ସହିତ କ'ଣ ଗୋଟାଏ କଥା କହିଲେ, ଚାଲିଗଲେ । ଠାକୁର ବଡ଼ଦାଙ୍କ ଯିବା ବାଟକୁ କିଛିକ୍ଷଣ ଚାହିଁ ରହିଲେ । ତା'ପରେ କୃଷ୍ଣଦାଙ୍କ ଆଡ଼କୁ ବୁଲି କହିଲେ,– ''ବଡ଼ପୁଅ ଯେତେବେଳେ ଆସେ, ସେତେବେଳେ ଆପଣମାନଙ୍କର କିନ୍ତୁ ଉଚିତ୍, ଉଠି ଠିଆହୋଇ ତା'କୁ ସମ୍ବର୍ଦ୍ଧନା ଜଣାଇବା ।''

ଆଉ ଗୋଟିଏ ଦିନ କାଜଲଦାଙ୍କୁ କହିଲେ– 'କାହିଁ, ବଡ଼ପୁଅକୁ ତ ଆଜି ପ୍ରଣାମ କରିଲୁନି ? ଠାକୁର ଯେ ସେଦିନ ବେଶ୍ କ୍ଷୁଣ୍ଣ ହୋଇଛନ୍ତି, ତା' ତାଙ୍କର କହିବା ଧରଣରୁ ହିଁ ଧରା ପଡ଼ିଲା । କାଜଲଦା ସବିନୟେ କହିଲେ– ''ବଡ଼ଦା ଏଠାରେ ନାହାଁନ୍ତି, କଲିକତା ଯାଇଛନ୍ତି ।'' ଠାକୁର କହିଲେ– ''ସେଥିରେ କ'ଣ ଅଛି ? ତା'ର ଆସନ ତ ରହିଛି, ବିଛଣା ତ ରହିଛି, ସେଠାରେ ତ ପ୍ରଣାମ କରିପାରିଥା'ନ୍ତୁ ।'' *(ଆଲୋଚନା, ୧୩୭୮, ବଂ, ପୃ.–୪୮)*

❤ ❤ ❤ ❤

ଶୀଯୁକ୍ତ ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ (କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ) ମହାଶୟ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରେ ଆସିଥିଲେ । ସେ ଶ୍ରୀଶ୍ରୀଠାକୁରଙ୍କୁ ପଚାରିଲେ ତାଙ୍କ ତିରୋଧାନ ପରେ ସଂଘର ଭାର କା' ଉପରେ ଦେଇ ଯିବେ । ଶ୍ରୀଶ୍ରୀଠାକୁର ସେଦିନ କହିଥିଲେ, ''ମୋର ବଡ଼ପୁଅ ଉପରେ ହିଁ ସବୁ ଭାର ରହିବ । ଶାସ୍ତ୍ରରେ କୁଆଡ଼େ ଅଛି, ବଡ଼ ପୁଅରହିଁ ବ୍ରହ୍ମଜ୍ଞାନରେ ଅଧିକାର ଅଛି । ମୁଁ ତା'କୁହିଁ ସବୁ ଦେଇଯିବି ।''

(ଆଲୋଚନା, ମାର୍ଗଶୀର, ୧୩୭୮, ପୃ.–୪)

❤ ❤ ❤ ❤

ଇଂ–୨୫–୧୦–୫୪ ତାରିଖ

ବଡ଼ାଲ–ବଙ୍ଗଳାର ବାରଣ୍ଡାରେ ଠାକୁର ଦିନେ ହଠାତ୍ ଖୁବ୍ ଅସୁସ୍ଥ ବୋଧ କରନ୍ତି । ସେତେବେଳେ ତାଙ୍କ ନିକଟରେ ବଡ଼ଦା, କୃଷ୍ଣଦା ଏବଂ ମୁଁ (ଶ୍ରୀ ଚୁନିଲାଲ ରାୟଚୌଧୁରୀ) ଠିଆ ହୋଇଥାଉ । ଠାକୁର ତତ୍କ୍ଷଣାତ୍ ମୋ ଆଡ଼କୁ ଚାହିଁ କହିଲେ, ''ଏଇ ଦେଖ୍ ! ମୋର ଯଦି କିଛି ହୋଇଯାଏ, ତେବେ ବଡ଼ପୁଅ ରହିଲା, ତା'କୁ ମଥାରେ ନେଇ ତୁମେ ସବୁ ଚାଲିବ !''

କୃଷ୍ଣଦା ଯେତେବେଳେ ସତ୍‌ସଙ୍ଗର କାର୍ଯ୍ୟକର୍ମର ଦାୟିତ୍ୱଭାର ନେଇ ଅଛନ୍ତି ସେହି ସମୟରେ ସତ୍‌ସଙ୍ଗର ରେଜିଷ୍ଟାର୍ଡ–ବଡ଼ିର ମେମ୍ବରମାନଙ୍କର ମିଆଦ କାଳ ଶେଷ ହୋଇଗଲା । ଠାକୁରଙ୍କ ପାଖକୁ ଗଲି ନିର୍ବାଚନର କଥା ଜାଣିବାକୁ, କିଏ ଦାୟିତ୍ୱଭାର ନେବେ,– କ'ଣ ଠାକୁରଙ୍କର ଅଭିପ୍ରାୟ ।

ଠାକୁର କହିଲେ– ''ବଡ଼ପୁଅହିଁ ସବୁ ଦେଖାଶୁଣା କରିବ, ବଡ଼ପୁଅ ହିଁ ସବୁ ପରିଚାଳନା କରିବ । ସେ ତୁମ୍ଭମାନଙ୍କ କମିଟି ଭିତରେ ଥାଇକରି ହେଉ, ବା ବାହାରେ ଥାଇହିଁ ହେଉ ।''

ଅର୍ଥାତ୍, ସବୁ ବିଷୟ ପାଇଁହିଁ ବଡ଼ପୁଅ'

– ଜମିକିଣା ହେଉଛି, କା' ନାଁରେ ହେବ ?

– ଠାକୁର କହିଲେ– ''ବଡ଼ପୁଅ ନାଁରେ ।''

– ଗାଡ଼ି କା' ନାମରେ କିଣାହେବ ?

– ''ବଡ଼ପୁଅ ନାଁରେ ।''

– ପାଞ୍ଜା କିଏ ଦେବେ ?

– ''ବଡ଼ପୁଅ ।''

– ଦଣ୍ଡ କିଏ ଦେବେ ?

– ''ବଡ଼ପୁଅ ।'' *(ଆଲୋଚନା, ମାର୍ଗଶୀର, ୧୩୭୮, ପୃ.–୪୯)*

❤ ❤ ❤ ❤

ଇଂ ୦୯।୧୦।୭୮, ବୁଧବାର,

ଶ୍ରୀଶ୍ରୀଠାକୁର ଛୋଟ ଘରଟି ଭିତରେ ବସିଛନ୍ତି, ତ୍ରୈଲୋକ୍ୟଭାଇ (ଚକ୍ରବର୍ତ୍ତୀ)ଙ୍କୁ ତାଙ୍କ ପାଖକୁ ଡ଼ାକିଲେ ।

ଶ୍ରୀଶ୍ରୀଠାକୁର– ତ୍ରୈଲୋକ୍ୟଦା ! ଏବେ ଥରେ ହିମାଇତପୁର ଗଲେ ଭଲ ହୁଅନ୍ତା ନି ?

ତୈଲୋକ୍ୟଭାଇ– କେତେଥର ତ ଆପଣ ହିମାଇତପୁର ଯିବା କଥା କହିଛନ୍ତି: କିନ୍ତୁ ପାକିସ୍ଥାନର ପରିବେଶ ଓ ପରିସ୍ଥିତି ଯେତେଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ନ ହେଉଛି, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ଆଶା ନାହିଁ ।

ଶ୍ରୀଶ୍ରୀଠାକୁର– ଶୁଣନ୍ତୁ, ତ୍ରୈଲୋକ୍ୟଦା ! ହିମାଇତପୁର ମୂଳ ଆଶ୍ରମର ସଂସ୍ଥା ''ଦେଓଘର'' ହେବ । ଆଉ, ତା'ର ପ୍ରକୃତ କର୍ମ 'ସତ୍‌ସଙ୍ଗ' ଦ୍ୱାରା ଚାଳିତ ହେବ । ଆଉ, ଅନ୍ୟ ଯେକୌଣସି ସ୍ଥାନରେ ବି ଋତ୍ୱିକ୍‌ମାନଙ୍କର ଅଫିସ ମନୋନୀତ କରନ୍ତୁ ନା କାହିଁକି, ତାହା କିନ୍ତୁ ସ୍ଥାୟୀ ହେବନି । ଋତ୍ୱିକ୍‌ମାନେ ଯଦି ପରସ୍ପର ମିଳିତ ଭାବରେ କାର୍ଯ୍ୟ କରନ୍ତି, ତେବେହିଁ ସେଥିରେ ସେମାନଙ୍କର ଲାଭ ହେବ । ଆଉ ଯଦି ଋତ୍ୱିକ୍‌ମାନେ ଧନଗର୍ବରେ ଗର୍ବିତ ହୋଇ ପରସ୍ପରର ବିରୁଦ୍ଧରେ ମାମଲା–ମୋକଦ୍ଦମା କରନ୍ତି, ତେବେ ଭୟଙ୍କର ହିଁ କ୍ଷତି । ମୁଁ ଅନେକ ଚିନ୍ତା ପରେ ସତ୍‌ସଙ୍ଗର ଚାଳକ ହିସାବରେ ବଡ଼ପୁଅକୁ ଭାର ଦେଲି । (ପରମପୂଜ୍ୟପାଦ ବଡ଼ଦାଙ୍କୁ) ଶ୍ରୀଶ୍ରୀଠାକୁର ବଡ଼ପୁଅ (ବଡ଼ଖୋକା) ବୋଲି ଡ଼ାକନ୍ତି ।) ଅନ୍ୟ କୌଣସି ବ୍ୟକ୍ତି ଉପରେ ଏ ଭାର ଦିଆ ଯାଇପାରେନା । ବର୍ତ୍ତମାନ ପରମପିତାଙ୍କ ଇଚ୍ଛା ଅନୁଯାୟୀ ସେ ଚାଲିଲେହିଁ କାମ ହେବ ।''

(ଆଲୋଚନା, ମାର୍ଗଶୀର, ୧୩୭୮, ପୃ.–୪୯)

❤ ❤ ❤ ❤

''ବଡ଼ପୁଅର ଦେହ ଭଲ ନାହିଁ । ତା'ର ବୁଦ୍ଧି ଅଛି, ଦରଦ ବି ଅଛି, ପୁଣି କର୍ମଶକ୍ତି ବି କମ୍ ନୁହେଁ । ତେବେ ବଡ଼ବୌ ଭଳି ଟିକିଏ ରାଶଭାରୀ । ଲୋକେ ପ୍ରଥମେ ଠଉରେଇ ପାରନ୍ତିନି; ଯେତେ ମିଶନ୍ତି ସେତେ ଦେଖନ୍ତି ଅନ୍ତରରେ ମଧୁଭରା । ତା'ର ଦେହଟା ପାଇଁ ବଡ଼ ଚିନ୍ତା ହୁଏ ।'' *(ଆଲୋଚନା-ପ୍ରସଙ୍ଗ, ୩ୟଖଣ୍ଡ/ଇଂ.୦୭।୦୧।୪୨)*

❤ ❤ ❤ ❤

''ବଡ଼ପୁଅର ଶୁଣେ ଖୁବ୍ ଲୋକପାଳୀ ସ୍ୱଭାବ । ନିଜଘରେ ଖାଇବାକୁ ଥାଉ ନ ଥାଉ, ତା' ନିକଟ ପରିବେଶରେ ଯେ ସବୁ ଲୋକ ଥା'ନ୍ତି ସେମାନଙ୍କୁ କହାକୁ କଷ୍ଟ ପାଇବାକୁ ଦେବନି । ଆଗେ ସେମାନଙ୍କର ବ୍ୟବସ୍ଥା କରିବ, ତା'ପରେ ସଂସାରର । ପିଲାପିଲିମାନେ ବି ବେଶ କଷ୍ଟସହିଷ୍ଣୁ, କୌଣସି ବାହାନା ନାହିଁ ।''

(ଆଲୋଚନା-ପ୍ରସଙ୍ଗ, ୩ୟଖଣ୍ଡ/ଇଂ.୦୬।୦୬।୪୨)

❤ ❤ ❤ ❤

''ବଡ଼ପୁଅର ଏସବୁ ବ୍ୟାପାରରେ (ପଶୁପକ୍ଷୀଙ୍କର ଭାଷା ଶିକ୍ଷା) ଖୁବ୍ interest (ଆଗ୍ରହ) ଓ observation (ପର୍ଯ୍ୟବେକ୍ଷଣ) ଅଛି । ଗୋରୁ, କୁକୁର, ବିରାଡ଼ି, ପକ୍ଷୀ, ସାପ, ବେଙ୍ଗ, ବାଘ ପ୍ରଭୃତି ସବୁ ଜନ୍ତୁଙ୍କର ଆଚାର-ଆଚରଣ, କାଇଦା-କରଣ ସମ୍ବନ୍ଧରେ ବି ଅନେକ କଥା ଜାଣେ । ଆଉ ସେ ଫାଙ୍କା କଥା ନୁହେଁ, ବାସ୍ତବତା ସହିତ ସେସବୁର ଖୁବ୍ ମେଳ ଅଛି । ପୁଣି, କେଉଁ ଲୋକଟାର ଚାଲି-ଚଳଣ, ରକମ ଓ ପ୍ରକୃତି କି ଭଳି, ସେ ସମ୍ବନ୍ଧରେ ବି ତା'ର ଖୁବ୍ ସୁନିର୍ଦ୍ଦିଷ୍ଟ ଧାରଣା ଅଛି ।''

(ଆଲୋଚନା-ପ୍ରସଙ୍ଗ, ୨ୟଖଣ୍ଡ/ଇଂ.୨୨।୧୨।୪୧)

❤ ❤ ❤ ❤

ପହିଲା ବୈଶାଖ, ୧୩୫୦ ସାଲ ନବବର୍ଷ

ଭୋରୁ ସ୍ନାନ ସାରି ଶ୍ରୀଶ୍ରୀଠାକୁରଙ୍କ ତମ୍ବୁର ସାମ୍ନାକୁ ଗଲି । ଶ୍ରୀଶ୍ରୀଠାକୁର ଶୋଇଥିଲେ, ଉଠି ବସିଲେ । କହିଲେ- ବଡ଼ପୁଅ, ମୁଁ ଯେପରି ଭାବରେ ଯା' କିଛି କରେ, ଠିକ୍ ସେପରି ଭାବରେ ହିଁ ସବୁ କରେ । ମଝିରେ ମଝିରେ ମନେ ହୁଏ ସେ ଯେଭଳି ବାପ, ମୁଁହିଁ ଯେଭଳି ପୁଅ ।'' *''ଦୀନପଞ୍ଜୀ''*

ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ରଡ଼ିଗାଚାର୍ଯ୍ୟ

❤ ❤ ❤ ❤

ବଡ଼ ପୁଅର ଯେ ଏତେଟା କ୍ଷମତା ଅଛି ତା' ମୋର ଜଣା ନ ଥିଲା । ପରିସ୍ଥିତିକୁ ଆୟତ୍ତରେ ଆଣିବା ଲାଗି ସେ ଯେପରି ବୁଦ୍ଧିମତ୍ତା, ସାହସ ଓ କୌଶଳ ସହିତ ଅଗ୍ରସର ହେଉଛି, ସେଥିରେ ଅଦୂର ଭବିଷ୍ୟତରେ ସୁଫଳ ଫଳିବା ଅସମ୍ଭବ ନୁହେଁ ।

(ଆଲୋଚନା-ପ୍ରସଙ୍ଗ, ୫ମ ଖଣ୍ଡ/ଇଂ.୦୭।୦୫।୪୩)

❤ ❤ ❤ ❤

ବଡ଼ପୁଅ ସାମ୍ନାକୁ ଆଗାଏନା: କିନ୍ତୁ ପଛରୁ ସବୁ ଦିଗକୁ ଲକ୍ଷ୍ୟ ରଖି ଯେତେବେଳେ ଯେଉଁଠି ଯା'କୁ ଦେଇ ଯା' କରିବାର ସୁଷ୍ଠୁଭାବରେ କରାଇ ନିଏ । ପୁଅର କ୍ଷମତା ଅଛି !''

(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ/ଇଂ.୧୮।୧୦।୪୫)

❤ ❤ ❤ ❤

ସମ୍ପ୍ରତି ଫିଲାନ୍‌ଥ୍ରପୀ ଅଫିସ ପରିଚାଳନାର ଦାୟିତ୍ୱ ପଡ଼ିଛି ବଡ଼ଦାଙ୍କ ଉପରେ । କି ଭାବେ କ'ଣ କରୁଛନ୍ତି, ସେ ସମ୍ବନ୍ଧରେ ସେ ମୋଟାମୋଟି କହିଲେ ।

ଶ୍ରୀଶ୍ରୀଠାକୁର ସବୁ ଶୁଣି ଖୁବ୍ ପ୍ରୀତ ହେଲେ । ହସି ହସି କହିଲେ- ଗୋଟାଏ ଠେଲାରେ ସବୁ ଠିକ୍ ହୋଇଯିବ ।

(ଆଲୋଚନା-ପ୍ରସଙ୍ଗ, ୧୦ମଖଣ୍ଡ/ଇଂ.୦୮।୦୧।୪୮)

❤ ❤ ❤ ❤

ଶ୍ରୀଯୁକ୍ତ ଏନ୍.ସି. ଚାଟାର୍ଜ୍ଜୀ ସପରିବାର ଖୁବ୍ ଶୀଘ୍ର ଦେଓଘର ଆସି କିଛିଦିନ ଶ୍ରୀଶ୍ରୀଠାକୁରଙ୍କ ସାନ୍ନିଧ୍ୟରେ ରହିବେ, ଏଇ ମର୍ମରେ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ସୁଶୀଳଦା (ବୋଷ) ଚିଠି ଦେଇଛନ୍ତି । ଶ୍ରୀଶ୍ରୀଠାକୁର ଚିଠିଟା ଦେଖି ପ୍ରଫୁଲ୍ଲଦାଙ୍କୁ(ଦାସ) କହିଲେ-

''ଶୀଘ୍ର ଯାଇ ବଡ଼ପୁଅକୁ ଚିଠିଟା ଦେଖାଇ ଆଣ । ତା' କାନରେ ସମ୍ବାଦଟା ଗଲେ, ଯା' ଯା' ବ୍ୟବସ୍ଥା କରିବାର ସେଇ କରି ପାରିବ । ଏଭଳି ଦାୟିତ୍ୱଶୀଳ ଲୋକ ଆଉ ଦ୍ୱିତୀୟଟି ଦେଖେନା । *(ଆଲୋଚନା-ପ୍ରସଙ୍ଗ, ୧୧ଶଖଣ୍ଡ/ଇଂ.୨୪।୦୨।୪୮)*

❤ ❤ ❤ ❤

ଆଜି ଦ୍ୱିପ୍ରହରେ ଅତ୍ୟଧିକ ଗରମ ଯୋଗୁ ଶ୍ରୀଶ୍ରୀଠାକୁରଙ୍କର ନିଦ ଭଲ ହୋଇନି । ସେହି ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ, ଇଲେକ୍‌ଟ୍ରିକ୍ ଫ୍ୟାନ୍‌ର ପବନ ଅପେକ୍ଷା ବଡ଼ ତାଳପତ୍ର ପଙ୍ଖାର ପବନ ବରଂ ଭଲ । ଶୁଣିଲି ବଡ଼ପୁଅ କାହାକୁ ଆଣିବାକୁ ଦେଇଛି । ବୁଝିସୁଝି କରିବାର ବୁଦ୍ଧି ତା'ର ଖୁବ୍ ଅଛି । ଅନୁରାଗ ଥିଲେ ହିଁ ଅନୁସନ୍ଧିସୁ ସେବାବୁଦ୍ଧି ଗଜାଏ ।

(ଆଲୋଚନା-ପ୍ରସଙ୍ଗ, ୧୧ଶଖଣ୍ଡ/ଇଂ.୦୭।୦୫।୪୮)

❤ ❤ ❤ ❤

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ହସ ହସ ମୁହଁରେ କହିଲେ- ବଡ଼ପୁଅ ଗୋଟାଏ shelter of people (ଲୋକଙ୍କର ଆଶ୍ରୟସ୍ଥଳ) ହୋଇ ଠିଆ ହୋଇଛି, ମୁଁ ବଡ଼ ଖୁସି ।

- 'ଆଲୋଚନା-ପ୍ରସଙ୍ଗ, ୧୨ଶଖଣ୍ଡ, (ଇଂ-୨୪।୦୬।୪୮)

❤ ❤ ❤ ❤

ଲୋକର ଜୀବନରେ stay (ସ୍ଥିତିଭୂମି) ଦରକାର, ଯା' ଉପରେ ସେ ନିର୍ଭର କରେ, ଯେ ବହେ, ରଖେ, ପାଳେ, ତା'ର ସବୁ ଦେଇ; ଯେମିତି ମୁଁ ଅଛି, ତୁମ୍ଭେମାନେ ଅଛ । ତୁମ୍ଭମାନଙ୍କର କଷ୍ଟହେବା କଠିନ, ଯେତେଦିନ ମୁଁ ରହିଛି । ପୁଣି, ବଡ଼ପୁଅ ଯେପରି ଅଛି, ଯେଭଳି ଅଛି ତା'କୁ ଦେଖୁଛି, ମୁଁ ଚାଲିଯିବା ପରେ ସେ ଥିଲେ, କିମ୍ବା ପରେ ତା' ଭଳି ଆଉ କେହି ଯଦି ହୋଇ ଉଠନ୍ତି, ତୁମ୍ଭେମାନେ କଷ୍ଟପାଇବନି ବୋଲି ଭରସା ହୁଏ ।''

(ଆଲୋଚନା-ପ୍ରସଙ୍ଗ, ୧୪ଶଖଣ୍ଡ/ଇଂ.୧୯।୦୮।୪୮)

ଦିବ୍ୟଲୀଳା

ଇଷ୍ଟାର୍ଥରେ ଅର୍ଘ୍ୟ ସଂକଳ୍ପୀକୃତ ।
ଅନ୍ୟେ ଦେଲେ ହେବ ବିପାକଗ୍ରସ୍ତ ॥

● ଡ଼କ୍ଟର ନିରଞ୍ଜନ ମିଶ୍ର

ଆମେ ଯେଉଁମାନେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ ପ୍ରତ୍ୟହ କର୍ମାରମ୍ଭେ ପ୍ରଭୁଙ୍କ ଶ୍ରୀଚରଣରେ ଇଷ୍ଟଭୃତି ନିବେଦନ କରିଥାଉ । ଏହା ଆମର ସ୍ୱଭାବଗତ ଅଭ୍ୟାସ ହୋଇଯାଇଛି । ମଝିରେ ମଝିରେ ଆମେ ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମୀ ଅର୍ଘ୍ୟ ନିବେଦନ କରିଥାଉ । ସତ୍‌ସଙ୍ଗ ବିହାର, ମନ୍ଦିରକୁ ଗଲେ ସେଠାରେ ମଧ୍ୟ ପ୍ରଣାମୀ ନିବେଦନ କରିଥାଉ । ଯେଉଁଠାରେ ସତ୍‌ସଙ୍ଗ ଅନୁଷ୍ଠିତ ହେଉଥାଏ ସେଠାରେ ଇଷ୍ଟଦେବଙ୍କ ଉଦ୍ଦେଶ୍ୟରେ ପ୍ରାୟଃ ସମସ୍ତେ ପ୍ରଣାମୀ ନିବେଦନ କରିଥା'ନ୍ତି ।

ଏହି ପ୍ରଣାମୀ ନିବେଦନ କରିବାଟାକୁ ଅନେକେ ଏତେ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ହୁଏତ ଭାବନ୍ତି ନାହିଁ । କେତେ କମ୍ ଅର୍ଘ୍ୟକୁ ପ୍ରଣାମୀ ଦିଆଯାଇପାରେ ସେହି ସୁଯୋଗରେ ପ୍ରାୟତଃ ଥାଆନ୍ତି । ଯେଉଁମାନେ ବିଶେଷ ଭାବରେ ଇଷ୍ଟାନୁଗ ଚଳନରେ ଚାଲନ୍ତି, ଭକ୍ତିଭାବ ଯେଉଁମାନଙ୍କର ଅତି ନିବିଡ଼ ସେମାନଙ୍କ କଥା ଅଲଗା । ସାଧାରଣ ଦୀକ୍ଷିତ ସତ୍‌ସଙ୍ଗୀମାନେ ଏହିପରି କରୁଥିବାର ଦେଖାଯାଏ । କେହି କେହି ଭାବନ୍ତି ଇଷ୍ଟଭୃତି ତ ଦେଉଛୁ ପୁଣି ପ୍ରଣାମୀ କ'ଣ ? ଯଦିବା ଦିଆଯିବ ତାହା ଯେତେ କମ୍ ପରିମାଣ ହୋଇପାରେ ସେତେ ଭଲ । ଏହିପରି ବିଭିନ୍ନ ପ୍ରକାର ଭାବନା ଦୁର୍ଭାବନା କେହି କେହି ମନରେ ପୋଷଣ କରିଥାଆନ୍ତି ।

ଆମ ଇଷ୍ଟଦେବ ଶ୍ରୀଶ୍ରୀଠାକୁରଙ୍କୁ କିଛି ଅର୍ଘ୍ୟ ପ୍ରଣାମୀ ଭାବରେ ଦେବା ପୂର୍ବରୁ ଆମର ଏହି ଯେଉଁ ହିସାବ-ନିକାଶ, ବିଚାର-ବୁଦ୍ଧି ପ୍ରୟୋଗ କରାଯାଏ ତାହା ପ୍ରଭୁଙ୍କୁ କେମିତି ଲାଗେ ? ସେ କ'ଣ ଏଥିରେ ଖୁସି ହୁଅନ୍ତି ? ଏ ନେଇ କେବେ କେହି ଚିନ୍ତା କରିଛନ୍ତି କି ? ହୁଏତ ନୁହେଁ ।

ଏହି ତତ୍ତ୍ୱର ଆଧାରରେ ପର୍ଯ୍ୟବସିତ ନିମ୍ନୋକ୍ତ ଘଟଣାଟି ଏଠାରେ ଉପସ୍ଥାପନ କରାଯାଉଛି ।

୧୯୫୩ ମସିହା । ସେତେବେଳେ ଶ୍ରୀଶ୍ରୀଠାକୁର ଦେଓଘରରେ ଅବସ୍ଥାନ କରୁଥାଆନ୍ତି । ଏହି ବର୍ଷ ନବବର୍ଷ ସ୍ୱସ୍ତିତୀର୍ଥ ମହାଯଜ୍ଞ ଉତ୍ସବ ଦେଓଘରେ ଅନୁଷ୍ଠିତ ହେବାକୁ ଯାଉଛି । ଭାରତବର୍ଷ ତଥା ବହିର୍ଭାରତରୁ ଦୀକ୍ଷିତ ଗୁରୁଭାଇ ଓ ମା'ମାନେ ଉତ୍ସବ ସମୟରେ ସତ୍‌ସଙ୍ଗ ନଗରକୁ ଆସିବା ପାଇଁ ତତ୍ପର ହୋଇ ଉଠନ୍ତି । ନବବର୍ଷର ପ୍ରଥମ ଦିନରେ ଆରାଧ୍ୟଦେବଙ୍କ ଦର୍ଶନ କରି ତାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରିବା ଦେଇ ପୁରା ବର୍ଷଟି ଭଲରେ ଯିବ— ଏପରି ବିଶ୍ୱାସ ମଧ୍ୟ ଅନେକଙ୍କର । ଏଣୁ ନବବର୍ଷ ଉତ୍ସବରେ ଆଗମନ ପାଇଁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଓ ଅନୁରାଗୀଙ୍କର ଉତ୍ସାହ କହିଲେ ନ ସରେ ।

ଶ୍ରୀଦୁର୍ଗାଦାସ ଭଟ୍ଟାଚାର୍ଯ୍ୟ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ । ଆଶ୍ରମରେ ଉତ୍ସବ ଅନୁଷ୍ଠିତ ହେଉଛି । ଏ ଖବର ପାଇ ସେ ମଧ୍ୟ ବିଶେଷ ଉତ୍ସାହିତ ହୋଇ ପଡ଼ିଲେ । ଉତ୍ସବକୁ ଅବଶ୍ୟ ଯିବି ଭାବି ସେ ପ୍ରସ୍ତୁତି ଚଳାଇଲେ । ଏଥିସହିତ ତାଙ୍କ ମନରେ ଏକ ସଙ୍କଳ୍ପ ଜାତ ହେଲା— 'ଏଥର ଶ୍ରୀଶ୍ରୀଠାକୁରଙ୍କୁ ୧୫ଟଙ୍କା ଦେଇ ପ୍ରଣାମ କରିବି ।' ସେ ସମୟରେ ୧୫ ଟଙ୍କା ଆଜିକାର ସମୟରେ ଅନେକ ବେଶୀ ଟଙ୍କା ।

ଏହିପରି ଭାବି ସେ ଗୋଟେ ଦଶ ଟଙ୍କାର ନୋଟ ଓ ଗୋଟେ ପାଞ୍ଚ ଟଙ୍କାର ନୋଟ ପ୍ରଣାମୀ ପାଇଁ ଅଲଗା କରି ରଖିଲେ । ଏହା ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ନିବେଦିତ ପ୍ରଣାମୀ । ଏହିପରି ଏକ ଭାବ ମନରେ ଜାତ ହେଲା । ସୁତରାଂ ଅଲଗାଭାବେ ରଖିବା ଉଚିତ୍ ବୋଲି ମନେକଲେ । କାରଣ ସେଥିରୁ ଯେପରି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟୟ ହୋଇ ନ ଯାଏ ।

ଏଥର ଦେଓଘର ଅଭିମୁଖେ ଯାତ୍ରା କଲେ ରେଳଗାଡ଼ି ଯୋଗେ । ବୈଦ୍ୟନାଥଧାମ ଷ୍ଟେସନରେ ଯାଇ ଭୋରୁ ଭୋରୁ ପହଞ୍ଚିଲେ । ସେଠାରୁ ଧରିଲେ ଗୋଟେ ରିକ୍ସା । ଯଥା ସମୟରେ ରିକ୍ସାବାଲାଟି ତାଙ୍କୁ ନେଇ ଠାକୁରବଙ୍ଗଳାର ମୁଖ୍ୟ ତୋରଣ ସମ୍ମୁଖରେ ହାଜିର କରାଇ ଦେଲା ଏବଂ ତା'ର ନିର୍ଦ୍ଦିଷ୍ଟ ଭଡ଼ାଟଙ୍କା ପ୍ରାପ୍ତ ହୁଅନ୍ତେ ପ୍ରସ୍ଥାନ କଲା ସେ ।

ସୂର୍ଯ୍ୟ ଉଦୟ ହେଲେଣି । ସକାଳର ପ୍ରଥମ ପହରରେ ପ୍ରଭୁଙ୍କ ଦର୍ଶନ କରିବାର ଉଦ୍ୟମରେ ସେ ଦ୍ରୁତ ପଦରେ ଠାକୁରବଙ୍ଗଳା ମଧ୍ୟକୁ ପ୍ରବେଶ କଲେ । ଏହି ପ୍ରବେଶ କରୁଥିବା ସମୟରେ ତାଙ୍କ ମନରେ ଏକ ଦୁର୍ଭାବନା ଜାତ ହେଲା । ଦୁର୍ଭାବନାର ଏହି କଳାବାଦଲଟି ହଠାତ୍ କିପରି ଓ କେଉଁଠୁ ଆସିଲା ତାହା ସେ ଜାଣି ପାରିଲେନି । କିନ୍ତୁ ତାହା ଆସିଲା । ଖାଲି ଆସିଲାନି ସେଥିରେ ତାଙ୍କୁ ସମ୍ପୂର୍ଣ୍ଣ ଦ୍ରବୀଭୂତ କରିଦେଲା ।

ସେ ଦୁର୍ଭାବନାଟି ହେଲା— 'ଶ୍ରୀଶ୍ରୀଠାକୁରଙ୍କୁ ଦଶଟଙ୍କା ଦେଇ ପ୍ରଣାମ କରିବି । ଆଉ ପାଞ୍ଚ ଟଙ୍କା କୌଣସି ଦୁଃସ୍ଥ ଗୁରୁଭାଇକୁ ଦେବି । ଶ୍ରୀଶ୍ରୀଠାକୁର ତ ଅର୍ଥର ପ୍ରତ୍ୟାଶୀ ନୁହଁନ୍ତି, କୌଣସି ଦୁଃସ୍ଥ ଗୁରୁଭାଇ ପାଇଲେ ତାହାର ଯଥାର୍ଥ ଉପକାର ହେବ ।' ଏହିପରି ଦୁର୍ଭାବନା ଆସୁ ଆସୁ ପାଞ୍ଚଟଙ୍କାର ନୋଟଟି ପକେଟରେ ପୁରାଇ

ଦଶ ଟଙ୍କାର ନୋଟଟି ହାତରେ ଧରିଲେ । ଏହାହିଁ ଶ୍ରୀଶ୍ରୀଠାକୁରଙ୍କୁ ସେ ପ୍ରଣାମୀ ରୂପେ ନିବେଦନ କରିବେ ।

ସକାଳୁଆ ସ୍ନିଗ୍ଧ ଶୀତଳ ପବନ ଠାକୁରବଙ୍ଗଳାର ଚାରିପଟୁ ପୁଷ୍ପରାଜିର ସୁଗନ୍ଧ ଦ୍ୱାରା ସୁବାସିତ ହୋଇ ଭାସି ଆସୁଥାଏ । ମନପ୍ରାଣ ସଜାଗ ହୋଇ ଉଠୁଥାଏ । ଏକ ଅପୂର୍ବ ଦିବ୍ୟାନନ୍ଦର ଆସ୍ତରଣ ମାନସପଟରେ ବିଛେଇ ହୋଇ ପଡୁଥାଏ । ହଜାର ହଜାର ଲୋକ ବିଭିନ୍ନ ଆଡୁ ଆସି ବଡ଼ନାଟମଣ୍ଡପରେ ରୁଣ୍ଡ ହେଉଥା'ନ୍ତି । ସମସ୍ତଙ୍କର ସେହି ଏକ ଉଦ୍ଦେଶ୍ୟ— ପ୍ରଥମେ ପ୍ରଭୁଙ୍କ ଦର୍ଶନ କରିବା ।

କ୍ରମଶଃ ଠାକୁରବଙ୍ଗଳା ପରିପୂର୍ଣ୍ଣ ହୋଇଉଠିଲା । ପଂକ୍ତିରଚନା କରି ଭକ୍ତମାନେ ଦର୍ଶନ ଓ ପ୍ରଣାମ କରି ଚାଲିଛନ୍ତି ପ୍ରଭୁଙ୍କୁ ।

ଧାଡ଼ିରେ ଦୂରରୁ ଶ୍ରୀଶ୍ରୀଠାକୁରଙ୍କ ଭାବଘନ ଅପୂର୍ବ ଦିବ୍ୟ କଳେବରର ଦର୍ଶନ କରି ରୋମାଞ୍ଚିତ ହୋଇଉଠିଲେ ଦୁର୍ଗାଦାସ । କ୍ରମଶଃ ତାଙ୍କ ପାଳିବି ପଡ଼ିଲା । ଶ୍ରୀଶ୍ରୀଠାକୁରଙ୍କ ସନ୍ନିକଟସ୍ଥ ହୁଅନ୍ତେ ହାତରେ ଥିବା ଦଶଟି ଟଙ୍କା ତାଙ୍କ ଶ୍ରୀପାଦପଦ୍ମରେ ଥିବା ପ୍ରଣାମୀ ଥାଳିରେ ରଖି ପ୍ରଣାମ କଲେ ସେ । ନତଜାନୁ ହୋଇ ମସ୍ତକଟି ତଳେ ମାଡ଼ି ପ୍ରଣାମ କଲେ । ମୁଣ୍ଡଟି ଉପରକୁ ଉଠାଉ ଉଠାଉ ଶ୍ରୀଶ୍ରୀଠାକୁର କହିଉଠିଲେ— ଏଇ ଲକ୍ଷ୍ମୀ, ମୋତେ ଆଉ ପାଞ୍ଚଟଙ୍କା ଦେଇ ପାରିବୁ ?

ଭିକ୍ଷା ଯାଚନା କରିବାର କି ସ୍ୱଭାବସିଦ୍ଧ ଅପୂର୍ବ କ୍ଷମତା ତାଙ୍କର ! ନ ଦେଖିଲେ କେହି ତା' ବୁଝିପାରିବନି । କି ପ୍ରାଣସ୍ପର୍ଶୀ ମନୋମୁଗ୍ଧକର ମଧୁର ସମ୍ଭାଷଣ । ଶୁଣିବା ମାତ୍ରେ ତାଙ୍କ ଆକାଂକ୍ଷା ପୂରଣ ପାଇଁ ସମସ୍ତଙ୍କ ମନରେ କି ଆକୁଳତା ଆସେ ତାହା ଭୁକ୍ତଭୋଗୀ ମାତ୍ର ହିଁ ଉପଲବ୍ଧି କରିପାରେ । ତାଙ୍କ ମନରେ ହଠାତ୍ ଉଦୟ ହେଲା— ରବୀନ୍ଦ୍ରନାଥଙ୍କର ସେହି ପଦଟି—

'ଆହେ ତ୍ରିଭୁବନ ପତି
ବୁଝେନା ତୁମର ରୀତି
କିଛି ହିଁ ଅଭାବ ତବ ନାହିଁ
ହୃଦୟେ ହୃଦୟେ ତେବେ
ଭିକ୍ଷା ମାଗି ବୁଲ ପ୍ରଭୁ
ସଭିଙ୍କ ସର୍ବସ୍ୱ ଧନ ଚାହିଁ ।''

ପ୍ରଭୁ ତାଙ୍କ ପରି ଜଣେ ସାଧାରଣ ବ୍ୟକ୍ତି ପାଖରୁ ସ୍ୱତଃପ୍ରବୃତ୍ତ ହୋଇ କିଛି ଚାହୁଁଛନ୍ତି । ଦୁର୍ଗାଦାସ ଆନନ୍ଦରେ ଡଗମଗ ହୋଇଉଠିଲେ । ଉତ୍ତରରେ କହିଲେ ସଙ୍ଗେ ସଙ୍ଗେ— ହଁ, ଠାକୁର ! ପାରିବି ।

ଏତକ କହି ପକେଟରେ ଯେଉଁ ପାଞ୍ଚ ଟଙ୍କାର ନୋଟଟି ଅଲଗା ରଖିଥିଲେ ତାହା ବାହାର କରି ତାଙ୍କ ଶ୍ରୀଚରଣରେ ଥିବା ପ୍ରଣାମୀ ଥାଳିରେ ରଖିବାକୁ ଉଦ୍ୟତ ହେଲେ ।

ହଠାତ୍ ଶ୍ରୀଶ୍ରୀଠାକୁର ତାଙ୍କର ସୁକୋମଳ ହସ୍ତ ତାଙ୍କ ହାତ ଆଡ଼କୁ ପ୍ରସାରିତ କରି କହିଲେ— ''ଦେ ମୋ ହାତରେ ।''

ସ୍ତମ୍ଭୀଭୂତ ଅବାକ୍ ହୋଇ ଜଡ଼ ପାଲଟିଗଲେ ଦୁର୍ଗାଦାସ । ଏ କ'ଣ ସେ ଦେଖୁଛନ୍ତି ? ଇଏ କ'ଣ ବା ଘଟୁଛି ? ଏପର୍ଯ୍ୟନ୍ତ ସେ ଜାଣି ଆସିଛନ୍ତି ତାଙ୍କ ପାଦପଦ୍ମରେ ହିଁ ଅର୍ଥ ପ୍ରଦାନ କରିବାକୁ ହୁଏ । ସେ ଯେ ହାତ ବଢ଼ାଇ ନିଜେ ମାଗି ନିଅନ୍ତି, ଏ କଥା ନା ସେ କାହାଠାରୁ ଶୁଣିଛନ୍ତି ନା କେବେ ଦେଖିଛନ୍ତି । ଅନେକ ଥର ସେ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ କରିଛନ୍ତି, ନିକଟକୁ ଆସିଛନ୍ତି କିନ୍ତୁ ଏପରି ଅନବଦ୍ୟ ଅପୂର୍ବ ଦୃଶ୍ୟ ଦର୍ଶନ କରିବାର ସୁଯୋଗ ତାଙ୍କ ଚକ୍ଷୁଦ୍ୱୟ ପ୍ରାପ୍ତ ହୋଇ ନାହାଁନ୍ତି ।

ଏବେ ସେ କରିବେ କ'ଣ ? ତାଙ୍କର ପ୍ରସାରିତ ହସ୍ତ ତାଙ୍କ ସମ୍ମୁଖରେ । ଦିବ୍ୟ ହସ୍ତକୁ ଏଡ଼ାଇ ଯାଇ ପ୍ରଣାମୀ ଥାଳିରେ ପାଞ୍ଚ ଟଙ୍କା ଆଉ ରଖିପାରିଲେ ନାହିଁ । ବରଂ ଅତି ସନ୍ତର୍ପଣରେ ସେହି ପାଞ୍ଚ ଟଙ୍କାର ନୋଟଟି ତାଙ୍କ ହାତରେ ଦେଲେ ।

ପାଞ୍ଚ ଟଙ୍କାର ନୋଟଟି ଭକ୍ତ ଦୁର୍ଗାଦାସଙ୍କଠାରୁ ପାଇ ସଙ୍ଗେ ସଙ୍ଗେ ହାତ ମୁଠା କରି ଶ୍ରୀଶ୍ରୀଠାକୁର କହିଲେ— ''ଲକ୍ଷ୍ମୀଟି, ଖୁବ୍ କାମ କଲୁ ।''

ଏତକ କହିଦେଇ ଅନ୍ୟାନ୍ୟ ଲୋକଙ୍କ କୁଶଳ ନେବାକୁ ଲାଗିଲେ ଏବଂ ଅନ୍ୟମାନଙ୍କ ପ୍ରାଣରେ ଶାନ୍ତିର ବାରି ବର୍ଷଣ କରିବାକୁ ଲାଗିଲେ ।

ଅନ୍ୟମାନଙ୍କୁ ସୁଯୋଗ ଦେବା ପାଇଁ ପାଖରେ ଥିବା ସେବକ ହୁଏତ ଇଙ୍ଗିତ କଲେ । ଏଣୁ ଉଠି ଆସିଲେ ଦୁର୍ଗାଦାସ । କିଛି ଦୂରରେ ଯାଇ ଛିଡ଼ା ହେଲେ । ଦଣ୍ଡାୟମାନ ଅବସ୍ଥାରେ ଦୂରରୁ ସେ ଅପୂର୍ବ ଦିବ୍ୟ ଦୃଶ୍ୟ ଦର୍ଶନ କରିବାକୁ ଲାଗିଲେ । କେତେ ଭକ୍ତ କେତେ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି । ତାଙ୍କ ଶ୍ରୀଚରଣରେ ମଥାନତ କରି ମାନବ ଜନ୍ମକୁ ଧନ୍ୟ କରୁଛନ୍ତି । ଶ୍ରୀଶ୍ରୀଠାକୁର ସମସ୍ତଙ୍କର ସମସ୍ୟା, ପ୍ରଶ୍ନର ତତ୍କ୍ଷଣାତ୍ ସମାଧାନ ଦେଉଛନ୍ତି । ଅତି ପ୍ରୀତ ମନରେ ସମସ୍ତଙ୍କୁ ଗ୍ରହଣ କରୁଛନ୍ତି ।

ଏ ମଧ୍ୟରେ ବେଶ୍ କିଛି ସମୟ ଚାଲି ଗଲାଣି । ଦୁର୍ଗାଦାସ ଦେଖିଲେ ତାଙ୍କ ଦ୍ୱାରା ନିବେଦିତ ପାଞ୍ଚ ଟଙ୍କା ନୋଟଟି ଶ୍ରୀଶ୍ରୀଠାକୁରଙ୍କ ଡ଼ାହାଣ ହାତ ମଧ୍ୟରେ ମୁଷ୍ଟିବଦ୍ଧ । ନିକଟସ୍ଥ ସେବକମାନଙ୍କୁ କାହାକୁବି କହୁ ନାହାଁନ୍ତି— ''ନେ ଧର'' ।

ଇତିମଧ୍ୟରେ ଦୁର୍ଗାଦାସଭାଇ ଚିନ୍ତା କରିବାକୁ ଲାଗିଲେ— ସମସ୍ତେ ତ ପ୍ରଣାମୀ ଦେଉଛନ୍ତି ପ୍ରଣାମୀ ଥାଳିରେ । କେବଳ ମୋତେ ତାଙ୍କ ହାତରେ ଦେବା ପାଇଁ କାହିଁକି ଚାହିଁଲେ ଠାକୁର ? ତାଙ୍କ

ଦିବ୍ୟ ହାତକୁ ପ୍ରାସାରିତ କରି ଯେପରି ଭାବରେ ଯାଚନା କଲେ ତା' ଅନୁପମ ଅନବଦ୍ୟ । ପାଞ୍ଚ ଟଙ୍କାଟା ବା କେତେ ? କେତେ ଅଧିକ ପରିମାଣର ମୁଦ୍ରା ପ୍ରତିନିୟତ ନିବେଦିତ ହୋଇ ଚାଲିଛି ତାଙ୍କ ଶ୍ରୀଚରଣରେ । କିନ୍ତୁ ଏ ପାଞ୍ଚ ଟଙ୍କାଟାରେ ଏମିତି କ'ଣ ଅଛି ଯେ ଯାହାକୁ ସେ ନିଜେ ହାତ ପତାଇ ମାଗିଲେ ଏବଂ ସେତେବେଳଠାରୁ ମୁଷ୍ଟିବଦ୍ଧ କରି ଧରିଛନ୍ତି ମଧ୍ୟ ।

କିଛି ସମୟ ପାଇଁ ଚକ୍ଷୁମୁଦିତ କରି ସତ୍‌ନାମର ମନନ କରିବାକୁ ଲାଗିଲେ ସେ । କିୟତ୍‌କ୍ଷଣ ପରେ ଉଦିତ ହେଲା ସବୁକିଛି ସ୍ପଷ୍ଟଭାବେ । ବସାରେ ବସିଥିଲା ବେଳେ ଉତ୍ସବକୁ ଆସିବା ପାଇଁ ଇଚ୍ଛା ହୁଅନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ୧୫ଟଙ୍କା ନିବେଦନ କରିବାର ସଙ୍କଳ୍ପ କରିଥିଲେ ସେ । ସେ ଯେତେବେଳେ ଏହି ସଙ୍କଳ୍ପ କରୁଥିଲେ ତାହା ଥିଲା ତାଙ୍କ ମନରେ । ଏ କଥା ସେ କାହାକୁ ମଧ୍ୟ କହି ନଥିଲେ । ଗଳ୍ପ ଛଳରେ ବି ନୁହେଁ । କିନ୍ତୁ ସେ କଥା ଶ୍ରୀଶ୍ରୀଠାକୁର ଜାଣିଲେ କିପରି ?

ତାହାହେଲେ ସେ ତ ଅନ୍ତର୍ଯ୍ୟାମୀ— ଏହିପରି ପ୍ରାୟଃ ସମସ୍ତେ ଭାବିବେ । ଦୁର୍ଗାଦାସ ତାଙ୍କ ବସାରେ ବସି ଶ୍ରୀଶ୍ରୀଠାକୁରଙ୍କୁ ୧୫ଟଙ୍କା ପ୍ରଣାମୀ ନିବେଦନ କରିବାର ଏକ ସଙ୍କଳ୍ପ ନେଇଛନ୍ତି । ଏକଥା ସୁଦୂର ଦେଓଘରରେ ବସି ଶ୍ରୀଶ୍ରୀଠାକୁର ଜାଣି ପକାଇଲେ । ଏଣୁ ସେ ଅନ୍ତର୍ଯ୍ୟାମୀ ।

ପ୍ରକୃତପକ୍ଷେ ଅନ୍ତର୍ଯ୍ୟାମୀ କହିଲେ ତଥାକଥିତଭାବେ ଯେପରି ବୁଝାଯାଏ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶରେ ସେପରି ନାହିଁ । ଶ୍ରୀଶ୍ରୀଠାକୁର ଯେପରି ଭାବେ ଅନ୍ତର୍ଯ୍ୟାମୀ ସେପରିଭାବେ ଆଉ କେହି ହୋଇପାରିଛନ୍ତି କି ନା ସନ୍ଦେହ !

ଦୁର୍ଗାଦାସଭାଇଙ୍କର ଭୁଲ୍‌କୁ ଧରାଇ ଦେବା ପାଇଁ ତାଙ୍କୁ ସଂଶୋଧନ କରିବାର ସୁଯୋଗ ଦେବା ପାଇଁ ଶ୍ରୀଶ୍ରୀଠାକୁରଙ୍କର ଏହା ଏକ ଅନବଦ୍ୟ ଦିବ୍ୟଲୀଳା । ଅନ୍ତରରେ ଗମନପୂର୍ବକ ଯିଏ ଯମନ ବା ନିୟମନ କରନ୍ତି ସେ ହିଁ ଅନ୍ତର୍ଯ୍ୟାମୀ ।

ଦୁର୍ଗାଦାସଭାଇ ୧୫ଟଙ୍କା ନିବେଦନ କରି ପ୍ରଣାମ କରିବେ— ଏହିପରି ସଙ୍କଳ୍ପ ନେଇଥିଲେ । କିନ୍ତୁ ଠାକୁରବଙ୍ଗଳାରେ ପ୍ରବେଶ କରୁ କରୁ ଅନ୍ୟ ଏକ ଦୁର୍ଭାବନାର ଶୀକାର ହେଲେ । ତାଙ୍କ ଦ୍ୱାରା ସଙ୍କଳ୍ପୀକୃତ ୧୫ଟଙ୍କାର ଅର୍ଘ୍ୟରୁ ୫ଟଙ୍କା ଦୁଃସ୍ଥ ଗୁରୁଭାଇଙ୍କ ପାଇଁ ପ୍ରଦାନ କରିବାର ଏକ ଚ୍ୟୁତବୁଦ୍ଧି ତାଙ୍କୁ ଗ୍ରାସ କଲା । ଏଣୁ ସେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ୧୦ଟି ଟଙ୍କା ନିବେଦନ କଲେ ।

ସଙ୍କଳ୍ପ ଥିଲା ୧୫ଟଙ୍କାର । କିନ୍ତୁ ଦେଲେ ପ୍ରକୃତରେ ୧୦ଟଙ୍କା । ଏହାଦ୍ୱାରା ସେ ଦ୍ୱନ୍ଦୀବୃତ୍ତିର ଶୀକାର ହେଲେ । ସଙ୍କଳ୍ପଚ୍ୟୁତ ହେଲେ । ସଙ୍କଳ୍ପଚ୍ୟୁତ ହେବା ଅନେକ ବିପାକ ନେଇ ଆସେ । ଦ୍ୱନ୍ଦୀବୃତ୍ତିର ପରିଣାମ ଅତି ଭୟଙ୍କର । ଏସବୁରୁ ରକ୍ଷା କରିବା ପାଇଁ ପରମଦୟାଳ ତାଙ୍କୁ ଦୟା କଲେ । ଅବଶିଷ୍ଟ ୫ଟି ଟଙ୍କା ନିଜ ହାତ ପତାଇ ମାଗି ନେଲେ ।

ଶ୍ରୀଶ୍ରୀଠାକୁର ଗୁରୁଭାଇମାନଙ୍କ ଆଗରେ ତାଙ୍କଠାରୁ ୫ଟଙ୍କା ନେଇ କହିଲେ— ଲକ୍ଷ୍ମୀଟି ଖୁବ୍ କାମ କଲୁ । ଏହାଦ୍ୱାରା ସେ ଦୁର୍ଗାଦାସଭାଇଙ୍କୁ ଭକ୍ତମାନଙ୍କ ମଧ୍ୟରେ ଶିରୋମଣି କରି ତୋଳିଲେ । ସମସ୍ତେ ଶୁଣିଲେ । ଦୁର୍ଗାଦାସ ଭଟ୍ଟାଚାର୍ଯ୍ୟ ଏପରି କି ପ୍ରମୁଖ କର୍ମ କଲା ଯେ ଠାକୁର ତା'ର ପ୍ରଶଂସାରେ ଶତମୁଖ ହୋଇ କହୁଛନ୍ତି— ଲକ୍ଷ୍ମୀଟି ଖୁବ୍ କାମ କଲୁ । ପ୍ରଭୁଙ୍କ ଶ୍ରୀମୁଖରୁ ଏତାଦୃଶ ପ୍ରଶଂସାପତ୍ର କେତେଜଣ ବା ପାଇଥିବେ ? ହଜାର ହଜାର ଭକ୍ତଙ୍କ ମଧ୍ୟରେ ଜଣେଅଧେ ପାଇଥିବେ କି ନାହିଁ ସନ୍ଦେହ । ସେହିପରି ବିରଳ ସୌଭାଗ୍ୟର ଅଧିକାରୀ ହେଲେ ଦୁର୍ଗାଦାସ ଭଟ୍ଟାଚାର୍ଯ୍ୟ ।

ପୁନଶ୍ଚ ଦୁର୍ଗାଦାସଙ୍କୁ ଶ୍ରୀଶ୍ରୀଠାକୁର ବିରାଟ ବଡ଼ ପାପରୁ ରକ୍ଷା କଲେ । ବେଳ ଥାଉ ଥାଉ ଜଘନ୍ୟ ପାପକର୍ମ କରିବାରୁ ଉଦ୍ଧାର କଲେ ତାଙ୍କୁ । ଶ୍ରୀଶ୍ରୀଠାକୁରଙ୍କର ସାବଧାନ ବାଣୀ ତାଙ୍କ ମନରେ ସ୍ୱତଃ ଜାଗ୍ରତ ହେଲା—

''ଇଷ୍ଟଭୃତି ଇଷ୍ଟଙ୍କୁହିଁ ଦିଅ
କରନା ସେଥିରେ ବଞ୍ଚନା,
ଅନ୍ୟକୁ ତା' ଦେଲେହିଁ ଜାଣିଥା
ଆସିବ ବିପାକ ଗଞ୍ଜନା ।''

ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ ଶତକୋଟି ପ୍ରଣାମ ଜଣାଇ ଦୁର୍ଗାଦାସ ଭଟ୍ଟାଚାର୍ଯ୍ୟ ନିଜ ଅନ୍ତଃକରଣରେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କଲେ— ହେ ପ୍ରଭୁ ! ଆଜି ମୋତେ ଜଘନ୍ୟ ପାପ କରିବାରୁ ରକ୍ଷା କଲେ । ଆଶୀର୍ବାଦ କରନ୍ତୁ କେବେ ବି ଏପରି ଦୁର୍ବୁଦ୍ଧି ନ ଆସୁ, ଦୁଷ୍କର୍ମ ନ କରେ ମୁଁ ଆଉ ।

ସେଥର ଉତ୍ସବରୁ ପ୍ରତ୍ୟାବର୍ତ୍ତନ କଲେ ସେ ନିଜ ଗୃହାଭିମୁଖେ । ଜୀବନରେ ଆଉ କେବେ ସେପରିଭାବେ ଭାବି ନାହାଁନ୍ତି କି ସେପ୍ରକାର ଦୁର୍ଭାବନା, ଦୁର୍ବୁଦ୍ଧିକୁ ଅନ୍ତଃକରଣରେ ତିଳେମାତ୍ର ସ୍ଥାନ ଦେଇ ନାହାଁନ୍ତି ।

ଘଟଣାଟି ଏହି ପର୍ଯ୍ୟନ୍ତ । କିନ୍ତୁ ଏହି ସାଧାରଣ ଘଟଣାର ଅନ୍ତରାଳରେ ଯେଉଁ ଅସାଧାରଣ ଅନବଦ୍ୟ ଦିବ୍ୟଲୀଳା ସଂରଚିତ ହୋଇଗଲା ତାହା ଅବଶ୍ୟ ଆଲୋଚନାସାପେକ୍ଷ ।

ଏ ଘଟଣାଟି କେବଳ ଦୁର୍ଗାଦାସ ଭଟ୍ଟାଚାର୍ଯ୍ୟଙ୍କ ପାଇଁ ନୁହେଁ । ଏହା ପ୍ରତିପ୍ରତ୍ୟେକଙ୍କ ପାଇଁ । ସମସ୍ତ ଦୀକ୍ଷିତ ସତ୍‌ସଙ୍ଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଇଷ୍ଟାର୍ଥେ ଅର୍ଘ୍ୟଦାନ, ପ୍ରଣାମୀ ପ୍ରଦାନ ଇତ୍ୟାଦି ସମୟରେ ଆମ ମନରେ ପ୍ରଥମେ ଗୋଟେ ସଙ୍କଳ୍ପ ଆସେ । କିନ୍ତୁ ପରେ ଆମେ ସେହି ସଙ୍କଳ୍ପୀକୃତ ଅର୍ଘ୍ୟଦାନରୁ ଦୂରେଇ ଯାଉ । ପୁନଶ୍ଚ ଯେଉଁ ପରିମାଣ ପ୍ରଦାନ କରିବାର ଭାବନା ଆସିଥିଲା ତାହାକୁ ମଧ୍ୟ କମାଇ ଦେଉ । ଘରେ ଯଦି କେହି ଅଧିକା ଟିକେ ପ୍ରଣାମୀ ଦେଇଦେଲା

ଠାକୁରଙ୍କ ଉଦ୍ଦେଶ୍ୟରେ ତେବେ ତା'କୁ ବିଗିଡ଼ାଯାଏ । ଏତେ ଟଙ୍କା ଦେବାର କ'ଣ ଦରକାର ଥିଲା ? ପାଞ୍ଚ/ଦଶ ଟଙ୍କା ଦେଇଥିଲେ ହୋଇ ନଥା'ନ୍ତା । ଏହିପରି ଘଟଣାସବୁ ଆମମାନଙ୍କ ଜୀବନରେ ଘଟୁଛି । ଇଷ୍ଟାର୍ଥେ ଅର୍ଘ୍ୟଦାନ ସମୟରେ ଅନ୍ତତଃ କାର୍ପଣ୍ୟ ଭାବକୁ ଜଳାଞ୍ଜଳି ଦେଇ ମୁକ୍ତ ହସ୍ତରେ ଖୋଲାମନରେ ଉଜାଡ଼ କରି ଦେବାର ମନୋଭାବ ଓ ତାହାକୁ କାର୍ଯ୍ୟକାରୀ କରିବାର ସକ୍ରିୟତା ରହିବା ଉଚିତ୍ ଆମ ସମସ୍ତଙ୍କର । ଉପରୋକ୍ତ ଘଟଣାରୁ ଆମେ ଏହା ଶିକ୍ଷା କଲେ ।

ମନରେ ଯେତେବେଳେ ଯେଉଁ ସଙ୍କଳ୍ପ ଆସେ ସେହି ମୁହୂର୍ତ୍ତରେ ହିଁ ତାହା ପ୍ରଭୁଙ୍କ ଶ୍ରୀଚରଣରେ ନିବେଦିତ ହୋଇଯାଏ । ସେଥିରୁ କିଛି ଏପଟସେପଟ କରିବା ମାନେ ତାହା ଦ୍ୱନ୍ଦୀବୃତ୍ତି ଅଟେ । ଯାହା ଆମେ ଉପରୋକ୍ତ ଘଟଣାରୁ ଜାଣିପାରିଲେ ।

କେହି କେହି ଯୁକ୍ତି କରନ୍ତି, ଭାବନ୍ତି ମଧ୍ୟ ଠାକୁରଙ୍କୁ ଅର୍ଘ୍ୟ ଦେଇ କ'ଣ ହେବ ? ବରଂ ଗରିବଗୁରୁବା, ଭିକାରୀ, ଦୀନହୀନ ଜନଙ୍କୁ କିଛି ଅର୍ଥ ଦାନ କଲେ ମହାପୁଣ୍ୟ ହେବ । ଏତାଦୃଶ ତଥାକଥିତ ବୈଦାନ୍ୟତାର କଥା ସତ୍‌ସଙ୍ଗ ଭାବାଦର୍ଶରେ ଟିକେନା । କାରଣ ଠାକୁରଙ୍କର ବାଣୀ ଅଛି— 'ଅଯୋଗ୍ୟେ ଅପାତ୍ରେ ଦାନ/ ଦାତା-ଗ୍ରହୀତା ଉଭୟେ ମ୍ଲାନ ।' ଦାନ ସବୁବେଳେ ଉଚ୍ଚତର ବ୍ୟକ୍ତିଙ୍କୁ ଦିଆଯିବା ଉଚିତ୍ । ଅର୍ଘ୍ୟ ଦାନ ଦେବା ସମୟରେ ନିଜର ଦୀନତା ପ୍ରକାଶ କରିବା ସହିତ କୃତ୍ୟକୃତ୍ୟ ହେବା ଉଚିତ୍ । ଏହା କେବଳ ଆମେ ଗୁରୁଙ୍କୁ, ଇଷ୍ଟଙ୍କୁ ଦେବା ସମୟରେ ଭାବି ପାରିବା । ଆମଠାରୁ ହୀନ, ଦୀନ, ଗରିବ ବ୍ୟକ୍ତିକୁ ଯଦି କିଛି ଦାନ ଦେଉ ସେଥିରେ ଆମର ଅହଂକାର ଫୁଟି ଉଠିଥାଏ । ବିଚରା ଅଭାବରେ ଅଛି, ତା'କୁ ଦାନ ଦେଇ ମୁଁ ବଞ୍ଚାଇ ଦେଲି । ଏପରି ଦାନ କୌଣସି ସୁଫଳ ଆଣେନା ।

ଦୁର୍ଗାଦାସଭାଇ ଭାବିଥିଲେ ପାଞ୍ଚୋଟି ଟଙ୍କା ଦେବେ ଦୁଃସ୍ଥ ଗୁରୁଭାଇଙ୍କୁ । କିନ୍ତୁ ଶ୍ରୀଶ୍ରୀଠାକୁର ତାହା ତାଙ୍କଠାରୁ ମାଗିନେଲେ । ଏହାର ତାତ୍ପର୍ଯ୍ୟ ହେଉଛି ଆମେ ଯାହା କିଛି କରିବା ଇଷ୍ଟଙ୍କ ମାଧ୍ୟମରେ ହିଁ କରିବା । ସିଧାସଳଖ ଯଦି ଆମେ ଏସବୁ କରୁ ସେଥିରେ ଦାତା ଓ ଗ୍ରହୀତା ଉଭୟଙ୍କର କୌଣସି ସୁଫଳ ହେବ ନାହିଁ । ଆମେ ଜାଣୁନା କାହାକୁ କିପରି ଆଉ କେତେ ଦାନ ଦେବା ଉଚିତ୍ । ସେ ଦାନଲବ୍ଧ ଅର୍ଥର ଗ୍ରହୀତା ତା'ର ସଦୁପଯୋଗ କରିବ କି ନାହିଁ କେ ଜାଣେ ? କିନ୍ତୁ ଇଷ୍ଟଙ୍କୁ ଦେଲେ ଇଷ୍ଟଙ୍କ ମାଧ୍ୟମରେ ତାହା ଗୃହୀତ ହେଲେ ତା'ର ସଦୁପଯୋଗ ହେବାର ସମ୍ଭାବନା ଯଥେଷ୍ଟ ଅଧିକ । ଏହା ମଧ୍ୟ ଆଉ ଏକ ଶିକ୍ଷା ।

ଯେତେବେଳେ ଦୁର୍ଗାଦାସଭାଇଙ୍କୁ ଶ୍ରୀଶ୍ରୀଠାକୁର କହିଲେ, 'ଲକ୍ଷ୍ମୀ ! ମୋତେ ଆଉ ପାଞ୍ଚଟା ଟଙ୍କା ଦେଇପାରିବୁ !' ସେତେବେଳେ ବଡ଼ ହରଡ଼ଘଣାରେ ପଡ଼ିଗଲେ ସେ । ତାଙ୍କର ସମ୍ବିତ୍ ଫେରିଲା । ତତ୍‌କ୍ଷଣାତ୍ ସେ ଶ୍ରୀଶ୍ରୀଠାକୁରଙ୍କ ହାତରେ ପାଞ୍ଚଟି ଟଙ୍କା ଅର୍ଘ୍ୟ ନିବେଦନ କରିଦେଲେ ।

ସେ ପାଞ୍ଚୋଟି ଟଙ୍କା ରଖିଥିଲେ ଦୁଃସ୍ଥ ଗୁରୁଭାଇଙ୍କୁ ଦେବା ପାଇଁ । ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ ସଙ୍କଳ୍ପିତ ଅର୍ଘ୍ୟରୁ ଏହା କାଢ଼ି ନିଆଯାଇଥିଲା । ଏହା ଏକ ଗୁରୁତର ଅପରାଧ । ଇଷ୍ଟାର୍ଘ୍ୟରୁ ଚୋରି କରିବା, ଇଷ୍ଟାର୍ଘ୍ୟକୁ ଅନ୍ୟତ୍ର ଖର୍ଚ୍ଚ କରିବା ଇତ୍ୟାଦି ଦ୍ୱନ୍ଦୀବୃତ୍ତି ନାମକ ପାପର ଅନ୍ତର୍ଗତ । ଏହିଭଳି ଅପରାଧରେ ନିଜକୁ ହୀନ ମନେ କରି ଆତ୍ମନିନ୍ଦା କରୁଥିଲେ ଦୁର୍ଗାଦାସ । ଏଥିପାଇଁ ଶ୍ରୀଶ୍ରୀଠାକୁର ତାଙ୍କୁ ସମସ୍ତଙ୍କ ଆଗରେ କହିଲେ— ଲକ୍ଷ୍ମୀଟି ଖୁବ୍ କାର୍ଯ୍ୟ କରିଲୁ । ଏହାଦ୍ୱାରା ଭକ୍ତର ମାନ ବି ରହିଲା । ପାପରୁ ବି ମୁକ୍ତ ହେଲା ଏବଂ ଇଷ୍ଟାର୍ଥେ ହିଁ ଅର୍ଘ୍ୟ ନିବେଦନୀୟ ଆଉ କେଉଁ ଅର୍ଥରେ ନୁହେଁ— ଏହା ମଧ୍ୟ ପ୍ରତିଷ୍ଠିତ କରାଗଲା ।

ଶ୍ରୀଶ୍ରୀଠାକୁର ଯେ ଅଦ୍ୱିତୀୟ ପ୍ରଚଣ୍ଡ ଅନ୍ତର୍ଯ୍ୟାମୀ ତାହା ମଧ୍ୟ ପୁନଃ ପ୍ରତିଷ୍ଠିତ ହେଲା । ଆମେ କ'ଣ କରୁଛେ, କ'ଣ ଭାବୁଛେ ସବୁ ସେ ଜାଣିପାରନ୍ତି । ତେଣୁ ଯେଉଁମାନେ ଭାବନ୍ତି, ଇଷ୍ଟାର୍ଘ୍ୟର ଅପହରଣ, କାର୍ଯ୍ୟାନ୍ତରେ ବ୍ୟୟ ବା ବିତରଣ କରିଦେବା କିଏ କ'ଣ ତାହା ଜାଣୁଛି ! କେହି ଜାଣିବା ଦରକାର ନାହିଁ । ଯାହାଙ୍କ ପାଇଁ ତା' ଉଦ୍ଦିଷ୍ଟ ସେ ସ୍ୱୟଂ ହିଁ ସବୁକିଛି ଜାଣି ପାରନ୍ତି । ଏବେ ବି ଜାଣୁଛନ୍ତି, ଭବିଷ୍ୟତରେ ବି ଜାଣିବେ । ଦୁର୍ଗାଦାସଭାଇ ତ ନିଜ ମନରେ ସେହି ଦୁର୍ଭାବନାକୁ ପ୍ରଶ୍ରୟ ଦେଇ ତଦନୁଯାୟୀ କାର୍ଯ୍ୟ କରିଥିଲେ । କିନ୍ତୁ ଠାକୁର ତାହା ଜାଣିଲେ ଏବଂ ସେହି ପାଞ୍ଚୋଟି ଟଙ୍କା ତାଙ୍କଠାରୁ ମାଗିନେଲେ । ତାହାକୁ ଏତେ ଆଦରର ସହିତ ଗ୍ରହଣ କରିଲେ ଏବଂ ହାତମୁଠାରେ ଧରି ରଖିଲେ ବେଶ୍ କିଛି ସମୟ ଏହା ଭିନ୍ନ ଏକ ଦିଗକୁ ଉନ୍ମୋଚିତ କରୁଛି । ତାହା ହେଉଛି, ଭକ୍ତ ଦ୍ୱାରା ନିବେଦିତ ଅର୍ଘ୍ୟ ପ୍ରଭୁ କେତେ ଆନ୍ତରିକତାର ସହିତ, ଆଦରର ସହିତ ଗ୍ରହଣ କରନ୍ତି । ତାଙ୍କର ଗ୍ରହଣ କରିବାଟା ଏତେ ଗଭୀର ସମାଦର ସହିତ ସଂରଚିତ ହୋଇଥାଏ ଯେ ଭକ୍ତର ଦେବାଟା ହୁଏତ ସେତେ ଗଭୀର ନିବିଡ଼ ହୋଇ ନ ପାରେ । ତାହାକୁ ଦେଖି ଦେବାର ଭାବଟା କେତେ ଗଭୀର ହେବା ଉଚିତ୍ ଏହା ମଧ୍ୟ ସମସ୍ତେ ଶିକ୍ଷା କରିବା ଉଚିତ୍ । ଶେଷରେ ଏତିକି କୁହାଯାଇପାରେ, ଆମ ଜୀବନର ସବୁକିଛି ଆମେ ପ୍ରଭୁଙ୍କ ପାଇଁ ଉଜାଡ଼ କରିଦେବା ଉଚିତ୍ ଆଉ ତାହାହିଁ ଆମକୁ ସାର୍ଥକ କରିତୋଳିବ । ଶ୍ରୀଶ୍ରୀଠାକୁରଙ୍କ ଭାଷାରେ—

''ଜୀବନପାତ୍ର ଭରିହିଁ ଯଦି
ଜୟାମୃତ କରିବକୁ ପାନ
ଏବେହିଁ କର ରେ ବୀର ତେବେ,
ଗୁରୁଙ୍କ ପଦେ ଅର୍ଘ୍ୟଦାନ ।''

-ବନ୍ଦେ ପୁରୁଷୋତ୍ତମମ୍

ନିବନ୍ଧ

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ୮୬ତମ ଜନ୍ମତିଥି-ଉତ୍ସବ

ବଙ୍ଗଳା : ୧୪୨୫ ଅନୁକୂଳାବ୍ଦ : ୭୩ ଇଂ : ୨୦୧୮

ମହାସମାରୋହରେ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧ୍ୟମରେ ସାଡ଼ମ୍ବରରେ ଉଦ୍‌ଯାପିତ ହେଲା। ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ୮୬ତମ ଜନ୍ମତିଥି ଉତ୍ସବ ଗତ ୧୦-ନଭେମ୍ବର, ୨୦୧୮, ଶନିବାର । ଏତଦୁପଲକ୍ଷେ ସତ୍‌ସଙ୍ଗ ନଗର, ଦେଓଘରଠାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆଗତ ଭକ୍ତ ଓ ଅନୁରାଗୀମାନଙ୍କର ବିପୁଳ ସମାବେଶ ହୋଇଥିଲା ।

ଏହି ମହା ପୁଣ୍ୟମୟ ଲଗ୍ନରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀପାଦପଦ୍ମରେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ସୁସ୍ୱାସ୍ଥ୍ୟ ସମନ୍ୱିତ ସୁଦୀର୍ଘ ଜୀବନ କାମନାରେ ଏକାନ୍ତ ପ୍ରାର୍ଥନା। ଜଣାଇ ଆଚାର୍ଯ୍ୟଦେବଙ୍କ ଶ୍ରୀଚରଣରେ ଭକ୍ତିଭାବାପ୍ଲୁତ ପ୍ରାଣର ପ୍ରଣତି ଓ ଶ୍ରଦ୍ଧାଞ୍ଜଳି ନିବେଦନ କରି ଧନ୍ୟ ହେଲେ ଅଗଣିତ ଭକ୍ତ ନରନାରୀ ।

ଶୁଭ ଜନ୍ମତିଥି ଉତ୍ସବ ଉପଲକ୍ଷେ ଠାକୁରବଙ୍ଗଳାର ପ୍ରବେଶଦ୍ୱାରରେ ଆମ୍ରପଲ୍ଲବ ଏପଂ କଦଳୀବୃକ୍ଷ ସହ ମଙ୍ଗଳଘଟ ସ୍ଥାପିତ ହୁଏ । ପରମଦୟାଳ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଆବାସଗୃହ ସହିତ ଆଶ୍ରମର ନିତ୍ୟ ଆରାଧନାସ୍ଥଳଗୁଡ଼ିକୁ ଶ୍ୱେତଶୁଭ୍ର ପତ୍ରପୁଷ୍ପଦାମରେ ସୁସଜ୍ଜିତ କରାହୁଏ । ସ୍ଥାନେ ସ୍ଥାନେ ଅଙ୍କିତ ହୁଏ ଦୃଷ୍ଟିନନ୍ଦନ ମାଙ୍ଗଳିକ ଆଲପନା । ଶ୍ରୀଶ୍ରୀଠାକୁର ଏବଂ ଶ୍ରୀଶ୍ରୀବଡ଼ମା'ଙ୍କ ସମାଧିକ୍ଷେତ୍ରର ପ୍ରବେଶଦ୍ୱାରରେ ଓ ବେଦଭବନର ପ୍ରବେଶଦ୍ୱାରରେ ସୁଦୃଶ୍ୟ ତୋରଣ ନିର୍ମିତ ହୁଏ ।

ଏହିଦିନ ବ୍ରାହ୍ମମୂହୂର୍ତ୍ତରେ (ଭୋର ୫ଟାରେ) ମାଙ୍ଗଳିକ ଅନୁଷ୍ଠାନାଦି ସହିତ ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ଜନ୍ମଲଗ୍ନ ଘୋଷଣା କରାହୁଏ ଠାକୁରବଙ୍ଗଳାର ସମ୍ମୁଖ ଭାଗରେ ଅଗଣିତ ଭକ୍ତ ନରନାରୀଙ୍କ ସାନନ୍ଦ ଉପସ୍ଥିତିରେ । ପରିଚାଳନାରେ— ଶ୍ରୀତରୁଣ କୁମାର ପାଲ । ସହଯୋଗିତାରେ— ଆଶ୍ରମିକ ଓ ବହିରାଗତ ଭାଇ ଓ ମା'ମାନେ ।

ଅତଃପର ବେଦମାଙ୍ଗଳିକୀ ଅନୁଷ୍ଠାନର ଗାୟକ

ଶ୍ରୀବିଦ୍ୟାନନ୍ଦ ପାଣ୍ଡେ, ଜୟଦେବ ଶତପଥୀ, ଭାସ୍କର ଚକ୍ରବର୍ତ୍ତୀଙ୍କ ସମବେତ କଣ୍ଠର ବେଦଗାନ ମାଇକି ଯୋଗେ ସମଗ୍ର ଆଶ୍ରମ ପରିବ୍ୟାପ୍ତ ହୁଏ । ତତ୍‌ପରେ ମାଙ୍ଗଳିକ ନହବତର ସ୍ୱରମୂର୍ଚ୍ଛନାରେ ସମଗ୍ର ପରିବେଶ ଉତ୍ସବମୁଖରିତ ହୋଇଉଠେ । ନହବତର ସ୍ୱର ମିଳାଇ ଯିବା ଆଗରୁ ଉଷାକୀର୍ତ୍ତନର ଦଳ କୀର୍ତ୍ତନ କରି କରି ଠାକୁରବଙ୍ଗଳା, ଷୋଡ଼ଶୀଭବନ, ସମାଧିକ୍ଷେତ୍ର ପରିକ୍ରମା କରି ମନୋମୋହିନୀଧାମକୁ ପ୍ରତ୍ୟାବର୍ତ୍ତନ କରେ । ଉଷାକୀର୍ତ୍ତନର ପ୍ରଭାତୀ ସ୍ୱରରେ ଆବିଷ୍ଟ ହୁଅନ୍ତି ଉତ୍ସବରେ ସମାଗତ ଅଗଣିତ ଭକ୍ତପ୍ରାଣ ନରନାରୀ ।

ପ୍ରାତଃକାଳୀନ ସମବେତ ପ୍ରାର୍ଥନାରେ ଯୋଗଦାନ ପାଇଁ ଭୋର ସମୟରୁ ଭକ୍ତବୃନ୍ଦଙ୍କ ତତ୍ପରତା ପରିଲକ୍ଷିତ ହୁଏ । ସମବେତ ପ୍ରାର୍ଥନା ଆରମ୍ଭ ହେବାର ପୂର୍ବରୁ ହିଁ ସମଗ୍ର ଠାକୁରବଙ୍ଗଳା ଭକ୍ତଜନ ସମାଗମରେ ପରିପୂର୍ଣ୍ଣ ହୋଇଯାଏ ।

ସକାଳ ୫ଟା ୫୯ମିଃ.ରେ ଠାକୁରବଙ୍ଗଳାରେ ପୂଜନୀୟ ବାବାଇଦାଙ୍କ ଉପସ୍ଥିତିରେ ପ୍ରାତଃକାଳୀନ ସମବେତ ବିନତି-ପ୍ରାର୍ଥନା ଅନୁଷ୍ଠିତ ହୁଏ । ତାଙ୍କ ସଙ୍ଗେ ଉପସ୍ଥିତ ଥିଲେ— ପୂଜନୀୟ ସିପାଇଦା, ବିଙ୍କିଦା, ଶୁଭଦା ଓ ପୂଜନୀୟ ଅବିନବାବୁ, ଋଭୁବାବୁ, ଅର୍ଣ୍ଣବାବୁ, ଅରଣିବାବୁ ପ୍ରମୁଖ ପରିବାରର ଅନ୍ୟାନ୍ୟଗଣ ।



ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କୁ ପ୍ରଣାମ ନିବେଦନ କରୁଛନ୍ତି ପୂଜନୀୟ ସେଜଦା

ପ୍ରାର୍ଥନା ପରେ ସମବେତ କଣ୍ଠରେ 'ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା' ସଙ୍ଗୀତଟି ପରିବେଷିତ ହୁଏ । ପରିବେଶ ଭାବଗମ୍ଭୀର ହୋଇଉଠେ ।

ପ୍ରାର୍ଥନାନ୍ତେ ଅର୍ଘ୍ୟାଞ୍ଜଳି ସହ ପ୍ରଣାମାଦି ପରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ସତ୍ୟାନୁସରଣ' ଓ 'ଚଲାର ସାଥୀ'ରୁ ବିଭିନ୍ନ ଭାଷାରେ ବାଣୀପାଠ ହୁଏ ।

ସକାଳ ୬ଟା ୪୫ମିଃ.ରେ ପୂଜନୀୟ ବାବାଇଦା ନୂତନ ଅତିଥିଶାଳା ପ୍ରାଙ୍ଗଣରେ ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନରେ ନିତ୍ୟଦିନକାର ପରି ଉପବେଶନ କରନ୍ତି । ଉତ୍ସବକୁ ଆଗତ ଏବଂ ଆଶ୍ରମିକ ଭକ୍ତବୃନ୍ଦ ତାଙ୍କୁ ଦର୍ଶନ ଓ ପ୍ରଣାମ ନିବେଦନ କରନ୍ତି ।

ସକାଳ ୭ଟାରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ଏହିଦିନର ବିଶେଷ ପ୍ରଭାତୀ ଅନୁଷ୍ଠାନ ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୁଏ । ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ବିପୁଳ ରଚନା ସମ୍ଭାରରୁ କତିପୟ ସଙ୍ଗୀତ ଚୟନ କରି ନିବେଦିତ ହେଲା ସ୍ୱରର ଅଞ୍ଜଳି । ସଙ୍ଗୀତଗୁଡ଼ିକ ପରିବେଷଣ କରନ୍ତି ଯଥାକ୍ରମେ— ପ୍ରଣବ ବିଶ୍ୱାସ, ଦୀପକ ଜେନା, ଚକ୍ରଧାରୀ ନାୟକ, ମଧୁରିମା ବିଶ୍ୱାସ, ଅନିନ୍ଦିତା ସେଠ, ଦୀପାଳି କୀର୍ତ୍ତନୀୟା, ସ୍ୱପନ କୁମାର ମଣ୍ଡଳ, ବଳରାମ ଦାସ, ପଦ୍ମମାଧବ କୀର୍ତ୍ତନୀୟା, ପୂଜନୀୟ ଅରଣି ଚକ୍ରବର୍ତ୍ତୀ, ସ୍ୱରୂପ ଘୋଷ, ଈଶା ଚକ୍ରବର୍ତ୍ତୀ, ମଞ୍ଜୁଶ୍ରୀ ମାଲାକାର, ପ୍ରତିମା ରାୟ ଓ ବନ୍ଦିତା ପାରମିତା ରାୟ, ନିଖିଳ କୁମାର ଘଟକ, ଶିବପ୍ରସାଦ ଦେ । ସମବେତ କଣ୍ଠରେ— 'ତୁମେ ନାଥ ପ୍ରିୟତମ, ବରେଣ୍ୟ ଅନୁପମ'... ସଙ୍ଗୀତଟିର ପରିବେଷଣ ମାଧ୍ୟମରେ ଅନୁଷ୍ଠାନର ସମାପ୍ତି ଘଟେ । ସଙ୍ଗୀତାଞ୍ଜଳିର ପ୍ରତ୍ୟେକଟି ସଙ୍ଗୀତ ସ୍ୱରରେ, ଛନ୍ଦରେ, ତାଳରେ, ଲୟରେ, ପରିବେଷଣର ଆନ୍ତରିକତାରେ ଭକ୍ତିରସ ସମୃଦ୍ଧ ହୋଇଥିବାରୁ ଶ୍ରୋତୃବୃନ୍ଦ ଆନନ୍ଦରେ ଆପ୍ଲୁତ ହୋଇ ଉଠନ୍ତି ।

ଭାଷ୍ୟପାଠ ଓ ସଞ୍ଚାଳନା— ତରୁଣ କୁମାର ପାଲ । ସଙ୍ଗତରେ ଥିଲେ ଧୀମାଧବ କୀର୍ତ୍ତନୀୟା, ଦୀପଜ୍ୟୋତି ଲାଲ, ପ୍ରଦୀପ ମଣ୍ଡଳ ପ୍ରମୁଖ । ଶବ୍ଦ ଗ୍ରହଣରେ ପ୍ରଦ୍ୟୁତ୍ ଘାଣ୍ଟା ।

ସକାଳ ୮ଟା ୫୫ମିନିଟ୍‌ରେ ଠାକୁରବଙ୍ଗଳାରେ ସମବେତ ନାମଜପ ପରେ ଶ୍ରୀଶ୍ରୀଗୁରୁଗ୍ରନ୍ଥସାହେବଜୀ ଓ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ସମ୍ବିତା'ରୁ ବାଣୀପାଠ କରାହୁଏ ।

ସକାଳ ସାଢ଼େ ୭ଟାରେ ବେଦଭବନରେ ଋକ୍‌କଳସ ପୁନଃସଂସ୍ଥାପନ କରନ୍ତି ପୂଜନୀୟ ସିପାଇଦା ।

ତତ୍ପରେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ

ସୁସ୍ୱାସ୍ଥ୍ୟ ସମନ୍ୱିତ ସୁଦୀର୍ଘ ଜୀବନ କାମନାରେ ଶ୍ରୀଶ୍ରୀଠାକୁର-ପୂଜା, ସ୍ୱସ୍ତ୍ୟୟନ ଯଜ୍ଞ ଅନୁଷ୍ଠିତ ହୁଏ । ପଞ୍ଚାଙ୍ଗ ପୂଜନ କରନ୍ତି ଶ୍ରୀ ବିଦ୍ୟାନନ୍ଦ ପାଣ୍ଡେ । ତୁଳସୀ ଅର୍ପଣ ଓ ଦୁର୍ଗାମନ୍ତ୍ର ଜପ କରନ୍ତି ଶ୍ରୀଗୁରୁକିଙ୍କର ପାଣ୍ଡେ । ହୋମ କାର୍ଯ୍ୟ ସମ୍ପନ୍ନ କରନ୍ତି ଉପର୍ଯ୍ୟୁକ୍ତ ପଣ୍ଡିତଗଣ ।

ବିଭିନ୍ନ ଧର୍ମଗ୍ରନ୍ଥାଦି ପାଠରେ ଅଂଶଗ୍ରହଣ କରନ୍ତି— ସତ୍ୟାନୁସରଣ— ଧୃତିଗୋବିନ୍ଦ ବିଶ୍ୱାସ, ପୁଣ୍ୟପୋଥି— କୃତିଦୀପ୍ତ ବିଶ୍ୱାସ, ଶ୍ରୀଶ୍ରୀଚଣ୍ଡୀ— ଗୌରୀପ୍ରସାଦ ଭଟ୍ଟାଚାର୍ଯ୍ୟ, ଶ୍ରୀମଦ୍‌ଭଗବତ୍‌ଗୀତା— ସୁଦୀପ୍ତ ଭଟ୍ଟାଚାର୍ଯ୍ୟ । ଯଜ୍ଞାନୁଷ୍ଠାନ ପରିଚାଳନାରେ ଥିଲେ— ଶ୍ରୀବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ ।

ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କୁ ପ୍ରଣାମ ନିବେଦନ କରୁଛନ୍ତି ପୂଜନୀୟ ମୁଣ୍ଡିଦା

ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ଆଜି ସକାଳ ୯ଟା ପରଠାରୁ ମଧ୍ୟାହ୍ନ ପ୍ରାୟଃ ୧୨ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ପ୍ରାର୍ଥନା ପରଠାରୁ ଦୀର୍ଘକ୍ଷଣ ଧରି ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ଆଚାର୍ଯ୍ୟମଣ୍ଡପରେ ଉପବେଶନ କରନ୍ତି । ଉତ୍ସବକୁ ଆଗତ ଏବଂ ଆଶ୍ରମିକ ଭକ୍ତବୃନ୍ଦ ତାଙ୍କୁ ଦର୍ଶନ ଓ ପ୍ରଣାମ କରି ଅପାର ଆନନ୍ଦ ଲାଭ କରନ୍ତି ।

ଯଜ୍ଞ ସମାପନାନ୍ତେ ଯଜ୍ଞକାରୀ ପଣ୍ଡିତଗଣ ପୂର୍ବାହ୍ନ ୧୦ଟା ୫୭ମିନିଟ୍‌ରେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହୁଅନ୍ତି । ଶାନ୍ତିଜଳ ପ୍ରଦାନ କରନ୍ତି ଶ୍ରୀବିଦ୍ୟାନନ୍ଦ ପାଣ୍ଡେ । ତାଙ୍କ କଣ୍ଠରେ ଶ୍ୱେତଶୁଭ୍ର ରଜନୀଗନ୍ଧାର ମାଲ୍ୟ ପ୍ରଦାନ କରନ୍ତି ଶ୍ରୀଗୁରୁକିଙ୍କର ପାଣ୍ଡେ । ଯଜ୍ଞତିଳକ ପିନ୍ଧାଇ ଦିଅନ୍ତି ବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ ।

ଆନନ୍ଦବଜାର

ଏହିଦିନ ମଧ୍ୟାହ୍ନ ଓ ରାତ୍ରରେ ଅଗଣିତ ଭକ୍ତ ନରନାରୀ ଆନନ୍ଦବଜାରରେ ପ୍ରସାଦ ଗ୍ରହଣ କରନ୍ତି । ଉପକରଣ ଥିଲା ଡ଼ାଲିୟାର ପଲାଉ, ଭଜାମୁଗର ଡ଼ାଲି, ଛେନା ଓ ଆଳୁ ତରକାରୀ, ପାମ୍ପଡ଼ ଭଜା, ସପୁରୀ ଖଟା ଓ ପାୟସ । ଏହିଦିନର ଆନନ୍ଦବଜାରର ପରିଚାଳନା ଓ ବ୍ୟୟଭାର ବହନ କରନ୍ତି କଲିକତା ଜିଲ୍ଲା ସତ୍‌ସଙ୍ଗ । ତତ୍ତ୍ୱାବଧାନରେ ଶ୍ରୀବିଶ୍ୱପତି ସରକାର ।

ସନ୍ଧ୍ୟା ୪ଟା ୫୬ମିନିଟ୍‌ରେ ଅଗଣିତ ଭକ୍ତଜନପୂର୍ଣ୍ଣ ଠାକୁରବଙ୍ଗଳାରେ ପୂଜନୀୟ ବାବାଇଦାଙ୍କ ଉପସ୍ଥିତିରେ ଆରମ୍ଭ ହୁଏ ସମବେତ ସାନ୍ଧ୍ୟ ବିନତି-ପ୍ରାର୍ଥନା । ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ବଡ଼ନାଟମଣ୍ଡପରେ ୫ମିନିଟ୍ ସମବେତ ନାମଜପ ଏବଂ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଅନୁଶ୍ରୁତି' (୪ର୍ଥ) ଏବଂ 'ଶାଶ୍ୱତୀ'ରୁ ବାଣୀପାଠାନ୍ତେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ସମବେତଭାବେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ବିରଚିତ ତିନୋଟି ଠାକୁର-ଭଜନ ପରେ ତାଙ୍କରି ରଚିତ କୀର୍ତ୍ତନ ପରିବେଷଣ କରନ୍ତି ସର୍ବଶ୍ରୀ ଚକ୍ରଧାରୀ ନାୟକ, ଡ଼ଃ. ସ୍ୱପନ କୁମାର ମଣ୍ଡଳ ଏବଂ ପଣ୍ଡିତ ବଳରାମ ଦାସ ।

ଏହିଦିନ ସନ୍ଧ୍ୟାରୁ 'ବତିଘର'ର ପରିଚାଳନାରେ ଠାକୁରବଙ୍ଗଳା ଓ ଷୋଡ଼ଶୀଭବନର ଭବନଗୁଡ଼ିକ ବୈଦ୍ୟୁତିକ ଆଲୋକମାଳାରେ ସୁସଜ୍ଜିତ ହୋଇ ଅଭିନବ ରୂପ ଧାରଣ କରେ ।

ଦିନର ବିଭିନ୍ନ ସମୟରେ ମେହେବୁବ ବ୍ୟାଣ୍ଡପାର୍ଟିର ବ୍ୟାଣ୍ଡ ବାଦନ ପରିବେଶକୁ ଉତ୍ସବ ମୁଖର କରି ରଖେ ।

ଓଡ଼ିଶାରୁ ଆଗତ ଭକ୍ତବୃନ୍ଦ ଶ୍ରୀରବି ବିଶ୍ୱାଳଙ୍କ ପରିଚାଳନାରେ ଏବଂ ହାଓଡ଼ା ଜିଲ୍ଲାର ମଧ୍ୟଚକପଡ଼ାରୁ ଆଗତ ଭକ୍ତବୃନ୍ଦ ଶ୍ରୀଶିଶିର ନାଥଙ୍କ ପରିଚାଳନାରେ କୀର୍ତ୍ତନ ପରିବେଷଣ

କରି ଆଶ୍ରମର ପରିଅଙ୍ଗନକୁ ଉତ୍ସବୀୟ ଭାବାବେଗରେ ଉଚ୍ଛଳ କରି ତୋଳନ୍ତି ।

ବିଚିତ୍ରାନୁଷ୍ଠାନ

ଏହିଦିନ ସନ୍ଧ୍ୟା ୭ଟାରେ ନାନା ରଙ୍ଗର ପୁଷ୍ପ ସମ୍ଭାରରେ ସୁସଜ୍ଜିତ ମନୋମୋହିନୀଧାମ ଉତ୍ସବ ମଞ୍ଚରେ ଆୟୋଜିତ ସଙ୍ଗୀତାନୁଷ୍ଠାନରେ ସଙ୍ଗୀତ ପରିବେଷଣ କରନ୍ତି କଲିକତାରୁ ଆଗତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବନ୍ଦୀଶ ଫିଉସନ ଗ୍ରୁପର ପ୍ରଥିତଯଶା ଶିଳ୍ପିମାନେ । ସଙ୍ଗୀତ ପରିଚାଳନାରେ ଥିଲେ ଏହି ସଙ୍ଗୀତ ଦଳର କର୍ଣ୍ଣଧାର ବିଶିଷ୍ଟ ତବଲା ବାଦକ ପଣ୍ଡିତ ଶୁଭେନ୍ଦ୍ର ଚଟ୍ଟୋପାଧ୍ୟାୟ । ଏହି ସଙ୍ଗୀତ ଦଳର ବିଶେଷତ୍ୱ ହେଲା ଏମାନେ ଭାରତୀୟ ରାଗସଙ୍ଗୀତ— ଭାରତବର୍ଷର ବିଭିନ୍ନ ପ୍ରଦେଶର ଲୋକସଙ୍ଗୀତ ଏବଂ ତା' ସହିତ ପାଶ୍ଚାତ୍ୟ ସଙ୍ଗୀତର ମେଳ ବନ୍ଧନ ଘଟାଇ ବେଶ୍ କେତୋଟି ସଙ୍ଗୀତ ପରିବେଷଣ କରନ୍ତି । ପ୍ରଥମ ସଙ୍ଗୀତଶିଳ୍ପୀ ଦୀପାଞ୍ଜନା ବସୁ ଚନ୍ଦ, ଦ୍ୱିତୀୟ ଶିଳ୍ପୀ ଶୁଭଙ୍କର ଭାସ୍କର, ତୃତୀୟ ଶିଳ୍ପୀ ଦୀପାନ୍ୱିତା ଆଚାର୍ଯ୍ୟ । ଶିଳ୍ପିତ୍ରୟଙ୍କ ଯନ୍ତ୍ରାନୁଷଙ୍ଗେ ଥିଲେ— ତବଲା ଓ ଏଥନିକ ପାର୍କସନ— ପଣ୍ଡିତ ଶୁଭେନ୍ଦ୍ର ଚଟ୍ଟୋପାଧ୍ୟାୟ, ଡ୍ରମ— ସମ୍ବିତ ଚାଟ୍ୟାର୍ଜୀ, କିବୋର୍ଡ୍- ସୁଭାଷ ମଣ୍ଡଳ, ବେଶଗୀଟାର— କୌସ୍ତୁଭ ବିଶ୍ୱାସ, ଲିଡ୍‌ଗୀଟାର— ଶୁଭମ୍ ମୈତ୍ର, ସୀତାରରେ ଥିଲେ ବିଶିଷ୍ଟ ସୀତାର ବାଦକ— ଅଭିଷେକ ମଲିକ୍ । ସହଯୋଗିତାରେ ଗଣେଶ ବେରା । ଘୋଷଣାରେ ଥିଲେ ଶ୍ରୀକୃତିଦୀପ୍ତ ବିଶ୍ୱାସ ।

ଶିଳ୍ପିତ୍ରୟ ସେମାନଙ୍କ ସହଜାତ ଅନାୟାସ ଦକ୍ଷତାରେ ଅସାଧାରଣ ଭାବରେ ପରିବେଷଣ କଲେ ବେଶ କେତୋଟି ରାଗାଶ୍ରିତ ଗୀତ, ଠୁମୁରି, ସୁଫିସଙ୍ଗୀତ, ହିନ୍ଦୀ ସିନେମା ସଙ୍ଗୀତ, ଶାସ୍ତ୍ରୀୟ ବନ୍ଦୀଶ, କୀର୍ତ୍ତନ, ହିମାଚଳୀ ଲୋକସଙ୍ଗୀତ, ବିହୁଗାନ, ଲାଳନଗୀତୀ, ଗୁଜରାଟୀ ଲୋକସଙ୍ଗୀତ, ଆବାସଉଦ୍ଦିନର ଗାନ ପ୍ରଭୃତି । ଶିଳ୍ପିମାନଙ୍କ ଦ୍ୱାରା ପରିକ୍ଷେତ ବୈଚିତ୍ର୍ୟଭରା ସଙ୍ଗୀତଗୁଡ଼ିକ ସ୍ୱରରେ, ଛନ୍ଦରେ, ତାଳରେ ଯଥାର୍ଥ ଥିବା ହେତୁ ଶ୍ରୋତୃବୃନ୍ଦ ଆନନ୍ଦାପ୍ଲୁତ ହୁଅନ୍ତି ।

ପରମପୂଜନୀୟା ବଡ଼ବୌଦି, ପୂଜନୀୟା ନ'ବୌଦି, ନୂତନ ବୌଦି, ବଡ଼ବୋହୂରାଣୀ, ଅନ୍ୱିତା ମା' ଏବଂ ଠାକୁର-ପରିବାରର ଅନ୍ୟାନ୍ୟଗଣଙ୍କ ଉପସ୍ଥିତି ସଙ୍ଗୀତଶିଳ୍ପୀ ଏବଂ ଶ୍ରୋତୃବୃନ୍ଦଙ୍କୁ ସବିଶେଷ ପ୍ରେରଣା ଯୋଗାଏ ।

ମଞ୍ଚସଜ୍ଜା ଓ ତତ୍ତ୍ୱାବଧାନରେ ଥିଲେ ଶ୍ରୀବ୍ରଜସୁନ୍ଦର ସାହୁ । ସହଯୋଗିତାରେ ଶ୍ରୀରକ୍‌ସୁନ୍ଦର ସରକାର । ଶବ୍ଦଗ୍ରହଣ ଓ ଆଲୋକସଜ୍ଜାରେ ଥିଲେ 'ଶ୍ୟାମା ସାଉଣ୍ଡ', ଦେଓଘର ।

ସାରାଦିନବ୍ୟାପୀ ଏକ ଐଶୀଭାବମୟ ପରିବେଶରେ ଦିବସଟି ସର୍ବାଙ୍ଗସୁନ୍ଦରଭାବେ ଉଦ୍‌ଯାପିତ ହୁଏ । ଆଶ୍ରମିକ ତଥା ବହିରାଗତ ଆବାଳବୃଦ୍ଧବନିତା ସମସ୍ତେ ହିଁ ଉତ୍ସବର ମହାନନ୍ଦରେ ମତୁଆଲା ହୋଇ ଉଠନ୍ତି ।

ସମ୍ବାଦଦାତା : ତରୁଣ କୁମାର ପାଲ

ଆଶ୍ରମ ବାଳକ ଓ ବାଳିକାମାନଙ୍କର କ୍ରୀଡ଼ା ଓ ଆବୃତ୍ତି ପ୍ରତିଯୋଗିତା

ଗତ ୧୯ ନଭେମ୍ବର, ୨୦୧୮ ସକାଳ ୯ଟାରେ ଦାଁ-ହାଉସ ପ୍ରାଙ୍ଗଣରେ ଆଶ୍ରମ ବାଳକ-ବାଳିକାମାନଙ୍କର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୁଏ ଅଗଣିତ କ୍ରୀଡ଼ାମୋଦୀଙ୍କ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମାଧ୍ୟମରେ । ଉପସ୍ଥିତ ଦର୍ଶକବୃନ୍ଦ କ୍ରୀଡ଼ାପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କ କ୍ରୀଡ଼ାକୁଶଳତା ଦର୍ଶନ କରି ପ୍ରଭୂତ ଆନନ୍ଦ ଲାଭ କରନ୍ତି ।

ଗତ ୨୦ ନଭେମ୍ବର ଅପରାହ୍ଣ ଅଢ଼େଇଟାରେ ସତ୍‌ସଙ୍ଗ ଲାଇବ୍ରେରୀର ପ୍ରେକ୍ଷାଳୟରେ (ଅମରଦ୍ୟୁତି ବିଦିମନ୍ଦିରରେ) ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟବାଣୀ' । ବିଚାରକ ଥିଲେ ସର୍ବଶ୍ରୀ ମୁକୁଳ ରଞ୍ଜନ ଶୀଟ, ତରୁଣ କୁମାର ପାଲ ଓ ରଘୁନନ୍ଦନ ଦତ୍ତ ।

୨୧ ନଭେମ୍ବର ଅପରାହ୍ଣ ୨ଟାରେ ସତ୍‌ସଙ୍ଗ ଲାଇବ୍ରେରୀରେ ସମସ୍ତ ପ୍ରତିଯୋଗୀମାନଙ୍କୁ ପାରିତୋଷିକ ବିତରଣ କରନ୍ତି ସତ୍‌ସଙ୍ଗ ସହ-ସମ୍ପାଦକ ଶ୍ରୀଶିବାନନ୍ଦ ପ୍ରସାଦ ।

ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ ସୁଚାରୁ ଭାବେ ସୁସମ୍ପନ୍ନ କରନ୍ତି ସର୍ବଶ୍ରୀ ସୌରଭ ମୁଖାର୍ଜୀ, ପ୍ରଦୀପ୍ତ ହାଲଦାର, ଧୃତିସୁନ୍ଦର ରାୟ, ସନତ ସରକାର, ଗୋବିନ୍ଦ ସାହା, ତପଦ୍ୟୁତି ପାଲ, ଶୁଭବ୍ରତ ଦାସ, ବିଦିଶକାନ୍ତି ରାୟ ପ୍ରମୁଖ ।

ପ୍ରତିବେଦକ : ଶ୍ରୀତରୁଣ କୁମାର ପାଲ

ବିକଶଶ୍ରୀ

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୮ତମ ଜନ୍ମଦିବସ ଉଦ୍‌ଯାପନ

ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୮ତମ ଜନ୍ମଦିବସ ସାରାଦିନବ୍ୟାପୀ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧ୍ୟମରେ ସାଡ଼ମ୍ବରରେ ଉଦ୍‌ଯାପିତ ହେଲା ସତ୍‌ସଙ୍ଗ ଆଶ୍ରମ ଦେଓଘରଠାରେ ଗତ ତା୨୧.୧୧.୨୦୧୮ରିଖ, ବୁଧବାରରେ ।

ଏତଦ୍‌ଉପଲକ୍ଷେ ଠାକୁରବଙ୍ଗଳାର ପ୍ରବେଶଦ୍ୱାରରେ ଆମ୍ରପଲ୍ଲବ ଓ କଦଳୀବୃକ୍ଷ ସହ ମଙ୍ଗଳଘଟ ସ୍ଥାପିତ ହୁଏ । ଠାକୁରବଙ୍ଗଳାରେ ପରମଦୟାଳ ଶ୍ରୀଶ୍ରୀଠାକୁର, ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଆବାସଗୃହ ଏବଂ ଆମମାନଙ୍କର ନିତ୍ୟ ଆରାଧନାର ସ୍ଥଳଗୁଡ଼ିକ ଶୁଭ୍ର ପୁଷ୍ପମାଲ୍ୟରେ ସୁଶୋଭିତ କରାହୁଏ ।

ବ୍ରାହ୍ମମୁହୂର୍ତ୍ତରେ ଉଷାକୀର୍ତ୍ତନ ଦଳର ପ୍ରଭାତୀ କୀର୍ତ୍ତନର ସୁମଧୁର ସ୍ୱରର ଐକ୍ୟତାନ ଆଶ୍ରମ ପରିବେଶରେ ଏକ ଭକ୍ତିଭାବ-ସ୍ନିଗ୍ଧ ଆବେଶ ଖେଳାଇ ଦିଏ ।

ସକାଳ ୬ଟା ୪୫ମିଃ.ରେ ପୂଜ୍ୟପାଦ ବାବାଇଦା ନୂତନ ଅତିଥିଶାଳା ପ୍ରାଙ୍ଗଣରେ ପ୍ରତିଦିନ ଭଳି ନିର୍ଦ୍ଦିଷ୍ଟ ଆସନରେ ଉପବେଶନ କରନ୍ତି । ଭାଇ ଓ ମା'ମାନେ ସ୍ୱତନ୍ତ୍ର ପଂକ୍ତି ରଚନା କରି ତାଙ୍କୁ ପ୍ରଣାମ ନିବେଦନ କରନ୍ତି ।

ସକାଳ ସାଢ଼େ ୭ଟାରେ ଠାକୁରବଙ୍ଗଳାର ଚାଳଘରେ ସଙ୍ଗୀତାଞ୍ଜଳି ଅନୁଷ୍ଠାନ ହୁଏ । ସଙ୍ଗୀତରେ ଅଂଶଗ୍ରହଣ କରନ୍ତି— ଡ଼ଃ. ସ୍ୱପନ କୁମାର ମଣ୍ଡଳ, ଅନୁବ୍ରତା ଚକ୍ରବର୍ତ୍ତୀ, ମଧୁରିମା ବିଶ୍ୱାସ, ସଞ୍ଜୟ ଘୋଷ, ଦେବଦ୍ୟୁତି ଧର, ବନ୍ଦିତା ପାରମିତା ରାୟ, ଗୀତାଞ୍ଜଳି ମଲିକ୍, ଶ୍ରୀରୂପା କର, କୃତିଦୀପ୍ତ ବିଶ୍ୱାସ, ନିଖିଳ କୁମାର ଘଟକ, ବିରୂପାକ୍ଷ ରାୟ । ସଞ୍ଚାଳନା— ଶ୍ରୀତରୁଣ କୁମାର ପାଲ । ଶ୍ରୀଖୋଳ ଓ ଢ଼ୋଲ ସଙ୍ଗତ— ପ୍ରଦୀପ୍ତ ମଣ୍ଡଳ ଓ ଦୀପଜ୍ୟୋତି ଲାଲ । ଶବ୍ଦଗ୍ରହଣ— ପ୍ରଦ୍ୟୁତ୍ ଘାଣ୍ଟା ।

ସକାଳ ୮ଟା ୫୫ମିନିଟ୍‌ରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ସମବେତ ନାମଜପ ପରେ ଶ୍ରୀଶ୍ରୀଗୁରୁଗ୍ରନ୍ଥସାହେବଜୀ ଓ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ 'ସମ୍ବିତୀ' ଗ୍ରନ୍ଥର ରାଜନୀତି ଅଧ୍ୟାୟର ପ୍ରଥମ ବାଣୀଟି ପାଠ କରାହୁଏ ।

ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ସକାଳ ୧୧ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଫିଲାନ୍‌ଥ୍ରପୀ ସମ୍ମୁଖସ୍ଥ ମଣ୍ଡପରେ ଉପବେଶନ କରନ୍ତି । ଭକ୍ତବୃନ୍ଦ ତାଙ୍କ ଦର୍ଶନ ଓ ପ୍ରଣାମ କରି ଧନ୍ୟ ହୁଅନ୍ତି ।

ଆନନ୍ଦବଜାର : ଏହିଦିନ ମଧ୍ୟାହ୍ନ ଓ ରାତ୍ରରେ ଅଗଣିତ ଭକ୍ତବୃନ୍ଦ ପ୍ରସାଦ ଗ୍ରହଣ କରନ୍ତି । ତତ୍ତ୍ୱାବଧାନରେ ଥିଲେ ଶ୍ରୀରତନ ସରକାର ।

ଏହିଦିନ ମଧ୍ୟାହ୍ନରେ ସମସ୍ତ ଆଶ୍ରମିକଙ୍କୁ ଦ୍ୱିପ୍ରାହରିକ ଭୋଜନରେ ଆପ୍ୟାୟିତ କରାହୁଏ । ସେମାନେ ସମସ୍ତେ ହିଁ ଶ୍ରୀଶ୍ରୀବଡ଼ଦାଙ୍କ ଘରେ ଆନନ୍ଦବଜାରରେ ପ୍ରସାଦ ଗ୍ରହଣ କରି ତୃପ୍ତି ଲାଭ କରନ୍ତି । ଏହିଦିନ ଆନନ୍ଦବଜାରର ବିଶେଷତ୍ୱ ହେଲା— ଗୁଜରାଟର କାଠିଆବାଡ଼ରୁ ଆଗତ ୧୫ଜଣ ପାଚକ ସେମାନଙ୍କ ବିଶେଷ ରନ୍ଧନଶୈଳୀରେ ଆନନ୍ଦବଜାରର ରନ୍ଧନକାର୍ଯ୍ୟ ସୁସମ୍ପନ୍ନ କରନ୍ତି । ଆଜିର ଉପକରଣ ଥିଲା— ଫ୍ରାଏଡ଼ ରାଇସ, ସାଲାଡ଼, ମିଶା ତରକାରୀ, ଭେଣ୍ଡି ଭଜା, ମୁଗଡ଼ାଲି ଭଜା, ସୁଜିର ଡ଼ାଲିଆ ପ୍ରଭୃତି ।

ସନ୍ଧ୍ୟା ୪ଟା ୫୬ମିନିଟ୍‌ରେ ଠାକୁରବଙ୍ଗଳାରେ ବିନତି-ପ୍ରାର୍ଥନା, ସମବେତ ନାମଜପ, ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଶାଶ୍ୱତୀ' ଓ 'ଅନୁଶ୍ରୁତି' (୪ର୍ଥଖଣ୍ଡ) ପାଠ କରାହୁଏ । ତତ୍‌ପରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ଭଜନ ଓ କୀର୍ତ୍ତନରେ ଅଂଶଗ୍ରହଣ କରନ୍ତି— ସର୍ବଶ୍ରୀ ବିରୂପାକ୍ଷ ରାୟ, କ୍ଷିତି ପ୍ରଧାନ, ଜୟଦେବ ଶତପଥି, ରଚୀନନ୍ଦନ ଶତପଥି ଓ ଜୟ ଜୟ ରାମସିଂ ।

ସନ୍ଧ୍ୟାରେ ବତିଘରର ପରିଚାଳନାରେ ଆଲୋକମାଳାରେ ଝଲମଲ କରିଉଠେ ଆଶ୍ରମ ପ୍ରାଙ୍ଗଣ ।

ବିଚିତ୍ରାନୁଷ୍ଠାନ

ଗତ ତା୨୦.୧୧.୨୦୧୮ରିଖରେ ସନ୍ଧ୍ୟା ସାଢ଼େ ୭ଟାରେ ମନୋମୋହିନୀଧାମ ଉତ୍ସବ ମଞ୍ଚରେ ରବୀନ୍ଦ୍ର ନୃତ୍ୟନାଟ୍ୟ 'ମାୟାର ଖେଳ' ସାଫଲ୍ୟର ସହିତ ମଞ୍ଚସ୍ଥ କରନ୍ତି ଆଶ୍ରମିକ ବାଳିକା ଓ କିଶୋରୀମାନେ । କଳାକାରମାନଙ୍କ ଦ୍ୱାରା ପରିଶୀଳିତ ନୃତ୍ୟଶୈଳୀ ଓ ପ୍ରକାଶ ଭଙ୍ଗିମାରେ ମୁଗ୍ଧ ହୁଅନ୍ତି ଦର୍ଶକବୃନ୍ଦ । ନୃତ୍ୟନାଟ୍ୟରେ— ରତଦୀପା ବଡୁୟା, ଅନୁବ୍ରତା ଚକ୍ରବର୍ତ୍ତୀ, ମଧୁରିମା ବିଶ୍ୱାସ, ମଞ୍ଜରୀ ସେନଗୁପ୍ତ ଓ ପିୟାଲି । ନୃତ୍ୟଶୈଳୀ ପ୍ରଶଂସାର ପାତ୍ର ହୋଇଉଠେ ।

ଗତ ତା୨୧.୧୨.୨୦୧୮ରିଖରେ ସନ୍ଧ୍ୟା ୭ଟା

୧୫ମିଃ.ରେ ମନୋମୋହିନୀଧାମ ସ୍ଥିତ ଉତ୍ସବ ମଞ୍ଚରେ ଅଭିନୀତ ହୁଏ ଐତିହାସିକ ନାଟ୍ୟପାଲା 'ଶିବାଜୀ' । ମଞ୍ଚସ୍ଥ କରନ୍ତି ଆଶ୍ରମର ଯୁବକବୃନ୍ଦ । ଅସାଧାରଣ ନାଟ୍ୟଦକ୍ଷତାରେ କଳାକାରମାନଙ୍କର ପ୍ରାଣସ୍ପର୍ଶୀ ଅଭିନୟ ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରେ ।

ନାମ ଭୂମିକାରେ ପ୍ରଦୀପ ଚକ୍ରବର୍ତ୍ତୀଙ୍କ ଅଭିନୟ, ଆଲମନିର ଭୂମିକାରେ ସୌରଭ ମୁଖାର୍ଜ୍ଜୀଙ୍କ ଅଭିନୟ, ତାନହିର ଭୂମିକାରେ ଦେବନାଥ ତପାଦାର, ଜୟସିଂହଙ୍କ ଭୂମିକାରେ ଶ୍ରୀନନ୍ଦନ ପ୍ରାମାଣିକଙ୍କ ଅଭିନୟ ପ୍ରଶଂସାଯୋଗ୍ୟ ହୋଇଉଠେ । ଘୋଷଣାରେ ଥିଲେ କୃତିଦୀପ୍ତ ବିଶ୍ୱାସ । ଶବ୍ଦଗ୍ରହଣ— ଶ୍ୟାମାସାଉଣ୍ଡ, ଦେଓଘର ।

ଉଭୟଦିନର ଅନୁଷ୍ଠାନରେହିଁ ପରମପୂଜନୀୟା ବଡ଼ବୌଦି, ପୂଜନୀୟ ବାବାଇଦା, ପୂଜନୀୟା ବଡ଼ବୋହୂରାଣୀ, ପୂଜନୀୟ ଅବିନବାବୁ, ସୌମ୍ୟବାବୁ, ଋଭୁବାବୁ, ଅର୍ଣ୍ଣବାବୁ ପ୍ରମୁଖ ଏବଂ ଠାକୁର-ପରିବାରର ଅନ୍ୟାନ୍ୟଗଣଙ୍କ ଉପସ୍ଥିତି ଶ୍ରୋତୃବୃନ୍ଦ ଓ ଶିଳ୍ପିମାନଙ୍କୁ ବିଶେଷ ପ୍ରେରଣା ପ୍ରଦାନ କରେ ।

ସମ୍ବାଦଦାତା : ତରୁଣ କୁମାର ପାଲ

ସତ୍‌ସଙ୍ଗ ନଗରରେ ଉତ୍ସୃଜୀ ଆୟୋଜିତ
ଚିତ୍ରକଳା, ଫଟୋଗ୍ରାଫୀ ଓ ଭାସ୍କର୍ଯ୍ୟ ପ୍ରଦର୍ଶନୀ

ସୃଷ୍ଟିସୁଖର ଉଲ୍ଲାସରେ ରଙ୍ଗତୂଳୀର ଆଲୋକ ଛଡ଼ାଇ ଆନନ୍ଦ ତୈରବୀର ଆଣି ଉତ୍ସୃଜୀ ଶିଳ୍ପିଗୋଷ୍ଠୀଙ୍କ ଅଂଶଗ୍ରହଣରେ ଗତ ୧୯-ନଭେମ୍ବରରୁ ୨୨-ନଭେମ୍ବର ପର୍ଯ୍ୟନ୍ତ ଏକ ଅନବଦ୍ୟ ଚିତ୍ରକଳା, ଫଟୋଗ୍ରାଫୀ ଓ ଭାସ୍କର୍ଯ୍ୟ ପ୍ରଦର୍ଶନୀ ସୁସମ୍ପନ୍ନ ହେଲା ଦେଓଘର ସତ୍‌ସଙ୍ଗ ନଗରରେ କୋଇଲାଡ଼ିପୁରେ । ସେହିସଙ୍ଗେ ଉତ୍ସୃଜୀର ଏହି ନାନ୍ଦନିକ ଉଦ୍ୟୋଗ ଓ ପରିବେଷଣ ଦେଓଘର ବୁକୁରେ ୨୮ତମ ବର୍ଷରେ ପଦାର୍ପଣ କଲା । ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ପୂତ ଆଶୀର୍ବାଦ ଓ ପୂଜନୀୟ ବାବାଇଦାଙ୍କ ଐକାନ୍ତିକ ଉତ୍ସାହ ଓ ଅନୁପ୍ରେରଣାରେ ଏଥରର ଏହି ପ୍ରଦର୍ଶନୀ ଆହୁରି ବେଶୀ ବର୍ଣ୍ଣାଢ୍ୟ ଓ ବ୍ୟାପକ ଆକାର ଧାରଣ କରେ । ପ୍ରଦର୍ଶନୀକୁ କେନ୍ଦ୍ର କରି ଦେଓଘର ସହରର ସୃଜନଶୀଳ ମଣିଷଙ୍କ ମନରେ ଏକ ଆନନ୍ଦର ହିଲ୍ଲୋଳ ପ୍ରବାହିତ ହୁଏ । ପ୍ରତିଦିନ ହିଁ ସହର ଓ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ବୌଦ୍ଧିକ ମଣିଷ ଏହି ପ୍ରଦର୍ଶନୀରେ ଆସି ସବିଶେଷ ଆନନ୍ଦ ଲାଭ କରନ୍ତି ।

ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ୧୯-ନଭେମ୍ବର ଅପରାହ୍ଣ ୪ଟାରେ ଉତ୍ସୃଜୀ ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ବୋଧନ କରନ୍ତି ପୂଜନୀୟ ବିଙ୍କିଦା । 'ବନ୍ଦେ ପୁରୁଷୋତ୍ତମମ୍' ଧ୍ୱନି ମଧ୍ୟ ଦେଇ ଫିତା କାଟି ପୂଜନୀୟ ବିଙ୍କିଦା ପ୍ରଦର୍ଶନୀ କକ୍ଷରେ ପ୍ରବେଶ କରନ୍ତି ଏବଂ ପ୍ରତିଟି କକ୍ଷରେ ଶିଳ୍ପିମାନଙ୍କ ଶିଳ୍ପକର୍ମଗୁଡ଼ିକୁ ଆଗ୍ରହ ସହକାରେ ନିରୀକ୍ଷଣ କରନ୍ତି । ସେହି ସମୟରେ ତାଙ୍କ ସଙ୍ଗେ ପୂଜନୀୟ ଅର୍ଣ୍ଣବାବୁ ଓ ପୂଜନୀୟ ଅରଣିବାବୁ ବି ଉପସ୍ଥିତ ଥିଲେ । ଆନୁଷ୍ଠାନିକ ଉଦ୍‌ବୋଧନ ପରେ ସ୍ଥାନୀୟ ସାମ୍ବାଦିକମାନଙ୍କର ଏକ ପ୍ରଶ୍ନର ଉତ୍ତରରେ ପୂଜନୀୟ ବିଙ୍କିଦା କହିଲେ— ଉତ୍ସୃଜୀର ଏହି ପ୍ରଦର୍ଶନୀ ଗତ ୨୭ବର୍ଷ ଧରି ସଫଳଭାବେ ଚାଲି ଆସୁଛି । ଏବଂ ଏହି ପ୍ରଦର୍ଶନୀ ଏବେ ଦେଶର ବିଭିନ୍ନ ରାଜ୍ୟରେ ଖେଳେଇ ହୋଇ ଯିବାରୁ ଚିତ୍ରଶିଳ୍ପୀ, ଭାସ୍କର୍ଯ୍ୟଶିଳ୍ପୀମାନଙ୍କ ପାଇଁ ଏକ ବିରାଟ ମିଳନ ସ୍ଥଳ ହୋଇ ଉଠିଛି । ଏବଂ ଏହି ମିଳନ ଭୂମିର ମୂଳ କୀଳକେନ୍ଦ୍ର ହେଉଛନ୍ତି ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର । ଏହିସବୁ ଶିଳ୍ପୀମାନଙ୍କର ସୃଜନଶୀଳ ପ୍ରତିଭାର ପ୍ରତିଭାସ ଆମମାନଙ୍କ ଜୀବନକୁ ଉଦ୍ଦୀପ୍ତ କରେ— ଭଲ ଲାଗେ ।

ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ବି ଏହି ପ୍ରଦର୍ଶନୀ ଓ ଶିଳ୍ପିମାନଙ୍କର କର୍ମକୁଶଳତାରେ ଆନନ୍ଦ ପ୍ରକାଶ କରନ୍ତି । ପ୍ରଦର୍ଶନୀ ଚାଲୁଥିଲା ବେଳେ ପ୍ରତିଦିନ ହିଁ ସେ ଖବରାଖବର ନିଅନ୍ତି । ୨୧-ନଭେମ୍ବର ସକାଳେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ପ୍ରଦର୍ଶନୀରେ ଅଂଶଗ୍ରହଣକାରୀ କେତେଜଣ ଶିଳ୍ପୀଙ୍କ ସହିତ ଏହି ଶିଳ୍ପକର୍ମ ଓ ତା'ର ବୈଶିଷ୍ଟ୍ୟ ନେଇ ବେଶ୍ କିଛିକ୍ଷଣ କଥା ହୁଅନ୍ତି ଏବଂ ଇଷ୍ଟପ୍ରତିଷ୍ଠାରେ ଏହି ଚିତ୍ରଶିଳ୍ପକୁ କାର୍ଯ୍ୟରେ ଲଗାଇବାରେ ଗୁରୁତ୍ୱ ଆରୋପ କରନ୍ତି ।

ଚାରିଦିନ ବ୍ୟାପୀ ଏହି ପ୍ରଦର୍ଶନୀରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ମହାରାଷ୍ଟ୍ର, ରାଜସ୍ଥାନ ସହ ଦେଶର ବିଭିନ୍ନ ସ୍ଥାନରୁ ମୋଟ ୬୬ଜଣ ଚିତ୍ରଶିଳ୍ପୀ ଭାସ୍କର ଓ ଫଟୋଗ୍ରାଫର ସେମାନଙ୍କ ଶିଳ୍ପସୃଷ୍ଟିର ପସରା ନେଇ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରନ୍ତି । ଏ ମଧ୍ୟରେ ୧୨୫ଟି ଥିଲା ନାନା ଧରଣର ପେଣ୍ଟିଂ, ୨୦ଟି ଫଟୋଗ୍ରାଫୀ ଓ ୭ଟି ଭାସ୍କର୍ଯ୍ୟ ଚିତ୍ର । ପ୍ରଦର୍ଶନୀ ଚାଲୁଥିବା ସମୟରେ ପରମପୂଜନୀୟା ବଡ଼ବୌଦି, ପୂଜନୀୟା ବଡ଼ବୋହୂରାଣୀ, ପୂଜନୀୟ ଅବିନବାବୁ ସହ ଇଷ୍ଟ-ପରିବାରର ପ୍ରାୟଃ ସମସ୍ତେହିଁ ଏହି ପ୍ରଦର୍ଶନୀ ପ୍ରତ୍ୟକ୍ଷ କରିବାକୁ ଆସନ୍ତି ଏବଂ ଶିଳ୍ପୀମାନଙ୍କର ନାନ୍ଦନିକ କଳାନୈପୁଣ୍ୟରେ ଆନନ୍ଦ ଉପଭୋଗ କରନ୍ତି ।

ପ୍ରଦର୍ଶନୀଟି ରୂପରଙ୍ଗର ସମାହାରୀ ବୈଚିତ୍ର୍ୟରେ ଥିଲା ବ୍ୟଞ୍ଜନାଧର୍ମୀ ଓ ନାନ୍ଦନିକ ସୁଷମାମଣ୍ଡିତ । ଶିଳ୍ପୀଙ୍କର ପ୍ରଗାଢ଼ ଭାବ

(ଅବଶିଷ୍ଟାଂଶ ୨୦୬ ପୃଷ୍ଠାରେ)

ଠାକୁରାଣୀ ଛକ ସତ୍‌ସଙ୍ଗ କେନ୍ଦ୍ରର ଶୁଭ ଉଦ୍‌ବୋଧନ

ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭାଗମନରେ ଗତ ୨୫-ନଭେମ୍ବର ୨୦୧୮ରେ ହୁଗୁଳି ଜିଲ୍ଲାର ଠାକୁରଛକ ସତ୍‌ସଙ୍ଗ କେନ୍ଦ୍ରର ଶୁଭ ଉଦ୍‌ବୋଧନ ପର୍ବ ସୁସମ୍ପନ୍ନ ହେଲା ।

୨୪-ନଭେମ୍ବର ପ୍ରାୟଃ ସକାଳେ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା, ପରମପୂଜନୀୟା ବଡ଼ବୌଦି, ପୂଜ୍ୟପାଦ ବାବାଇଦା, ପୂଜନୀୟ ସିପାଇଦା ଓ ପୂଜନୀୟ ଅବିନବାବୁ କେତେଜଣ ଆଶ୍ରମକର୍ମୀ ସହିତ ଦେଓଘରରୁ କଲିକତା ଉଦ୍ଦେଶ୍ୟରେ ତିନୋଟି ମୋଟରଗାଡ଼ିରେ ଯାତ୍ରା କରନ୍ତି । ମଧ୍ୟପଥରେ ବୁଦବୁଦ ସତ୍‌ସଙ୍ଗ କେନ୍ଦ୍ରରେ କିଛି ସମୟ ବିଶ୍ରାମ ନେଇ କଲିକତା ସ୍ଥିତ ଷୋଡ଼ଶୀଭବନରେ ପହଞ୍ଚନ୍ତି ମଧ୍ୟାହ୍ନ ସୁଧା ।



ଉଦ୍‌ବୋଧନ ପରେ ମନ୍ଦିର ପ୍ରକୋଷ୍ଠରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା, ପରମପୂଜନୀୟା ବଡ଼ବୌଦି, ପୂଜ୍ୟପାଦ ବାବାଇଦା, ପୂଜନୀୟ ସିପାଇଦା, ବିଙ୍କିଦା, ବାବୁୟାବାବୁ, ଅବିନବାବୁ

ପରଦିନ ୨୫-ନଭେମ୍ବର ସକାଳ ପ୍ରାୟଃ ୭ଟା ୩୦ମିନିଟ୍‌ରେ କଲିକତାରୁ ଠାକୁରାଣୀ ଛକ ଯାତ୍ରାରମ୍ଭ ସମୟରେ ଯୋଗ ଦିଅନ୍ତି ପୂଜନୀୟ ବିଙ୍କିଦା ଓ ପୂଜନୀୟ ବାବୁୟାଦା (ଅନୀଶ ମୈତ୍ର) । ଏହା ଛଡ଼ା ବି ଥାଆନ୍ତି କେତେଜଣ କର୍ମୀ ଓ ପରିଜନ ସହ ସତ୍‌ସଙ୍ଗ-ସମ୍ପାଦକ ଶ୍ରୀକାର୍ତ୍ତିକ ଚନ୍ଦ୍ର ସରକାର । ପଥ ମଧ୍ୟରେ ଆବାସବାତା ସହରର ଅନ୍ନିକାଟ ଗଡ଼ବାଡ଼ି ସତ୍‌ସଙ୍ଗ ବିହାରର ଜାଗାଟି ପରିଦର୍ଶନ ପାଇଁ ଅଟକନ୍ତି । ଏହି ସମୟରେ ପୂଜନୀୟ ବାବାଇଦା ଏହି ଜାଗାଟି ବିଷୟରେ କିଛି କଥା ଶ୍ରୀଶ୍ରୀଦାଦାଙ୍କ ନିକଟରେ ନିବେଦନ କରନ୍ତି । ସେଠାକାର ଭାରପ୍ରାପ୍ତ କର୍ମୀ ସୁନୀଲ ସୋମଭାଇଙ୍କୁ ନିକଟକୁ ଡ଼ାକି କହନ୍ତି— 'ଆପଣ ପ୍ରାର୍ଥନା କରିଥିଲେ ତାହା ଆଜି ପୂରଣ ହେଲା ।' ଉଲ୍ଲେଖଯୋଗ୍ୟ ଏହି କେନ୍ଦ୍ରରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ପ୍ରଥମ ଶୁଭାଗମନ ।



ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କୁ ଭକ୍ତବୃନ୍ଦ ଦର୍ଶନ ଓ ପ୍ରଣାମ କରୁଛନ୍ତି

ଗରବାଡ଼ିରୁ ଯାତ୍ରାରମ୍ଭ କରି ଶ୍ରୀଶ୍ରୀଦାଦାଙ୍କ ଗାଡ଼ି ଠାକୁରାଣୀ ଛକ ସତ୍‌ସଙ୍ଗ କେନ୍ଦ୍ରରେ ପହଞ୍ଚେ ସକାଳ ୧୦ଟା ୩୫ମିନିଟ୍‌ରେ । ତାଙ୍କର ଶୁଭାଗମନରେ ଆକୁଳ ଆଗ୍ରହରେ ଅପେକ୍ଷମାଣ ଅଗଣିତ ନରନାରୀଙ୍କ ଅନ୍ତରରେ ଆନନ୍ଦର ହିଲ୍ଲୋଳ । ୧୦ଟା ୫୫ମିନିଟ୍‌ରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଓ ପରମପୂଜନୀୟା ବଡ଼ବୌଦିଙ୍କ ଉପସ୍ଥିତିରେ ବନ୍ଦେ ପୁରୁଷୋତ୍ତମମ୍' ଧ୍ୱନି, ଶଙ୍ଖଧ୍ୱନି ଓ ହୁଳହୁଳି ଧ୍ୱନି ଦେଇ ପୂଜ୍ୟପାଦ ବାବାଇଦା, ପୂଜନୀୟ ସିପାଇଦା, ପୂଜନୀୟ ବିଙ୍କିଦା, ବାବୁୟାଦା, ଅବିନବାବୁ ପରମପ୍ରେମମୟ

ଶ୍ରୀଶ୍ରୀଠାକୁର, ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା' ଓ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତିକୃତିର ଆବରଣ ଉନ୍ମୋଚନ କରନ୍ତି । ଏହାପରେ ହୁଏ ସମବେତ ବିନତି-ପ୍ରାର୍ଥନା ଓ ଜୟ ରାଧେ କୀର୍ତ୍ତନ ।

ପ୍ରାକ୍‌ପ୍ରତ୍ୟୁଷରୁ ହିଁ ଉତ୍ସବର ସୂଚନା ହୋଇଛି ନହବତ, ବେଦମାଙ୍ଗଳିକୀ ଓ ପ୍ରଭାତୀ କୀର୍ତ୍ତନ ମଧ୍ୟ ଦେଇ । ମାଇକି ଯୋଗେ ପଣ୍ଡିତ ବଳରାମ ଦାସଙ୍କ ଭଜନ ଓ ଦେଓଘରରୁ ଆଗତ ସ୍ୱପନ ମଣ୍ଡଳ ଓ ପ୍ରଦୀପ ଚକ୍ରବର୍ତ୍ତୀଙ୍କ ସୁମଧୁର ସଙ୍ଗୀତ ଓ ଛଡ଼ାର ଗାନ ଶ୍ରୋତାମାନଙ୍କ ଅନ୍ତରରେ ମଧୁର ଆବେଗ ସୃଷ୍ଟି କରେ । ଏ ମଧ୍ୟରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ସପରିବାର ଶୁଭାଗମନର ସୁସମ୍ବାଦ ଖେଳେଇ ଯାଇଛି ସର୍ବତ୍ର । ତେଣୁ ଦର୍ଶନ ଓ ପ୍ରଣାମ ପାଇଁ ଆଗେଇ ଆସନ୍ତି ଭକ୍ତ ଓ ଅନୁରାଗୀବୃନ୍ଦ ।

ଦିନ ସାଢ଼େ ୧୧ଟା ସୁଦ୍ଧା ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା ନିର୍ଦ୍ଦିଷ୍ଟ ମଣ୍ଡପରେ ଉପବେଶନ କରନ୍ତି । ଜନାକୀର୍ଣ୍ଣ ପ୍ରାଙ୍ଗଣ ମୁହୂର୍ତ୍ତକ ମଧ୍ୟରେ ଚଞ୍ଚଳ ହୋଇଉଠେ । ସୁଷ୍ଠୁଭାବେ ଦର୍ଶନ ଓ ପ୍ରଣାମ ଚାଲେ । ପାର୍ଶ୍ୱବର୍ତ୍ତୀ ଗ୍ରାମଗଞ୍ଜ ଏବଂ ବହୁ ଦୂରବର୍ତ୍ତୀ ସ୍ଥାନରୁ ଆଗତ ଦର୍ଶନପିପାସୁ ନରନାରୀଙ୍କ ମନପ୍ରାଣ ଆନନ୍ଦରେ ଭରିଉଠେ । ଶ୍ୱେତଶୁଭ୍ର ସୁସଜ୍ଜିତ ମନ୍ଦିର । ଚାରିତଳାରେ ଆଲୋକମାଳା ଓ ପୁଷ୍ପଦାମ ଶୋଭିତ ଶ୍ରୀଶ୍ରୀଠାକୁର, ଶ୍ରୀଶ୍ରୀବଡ଼ମା' ଓ ଶ୍ରୀଶ୍ରୀବଡ଼ଦାଙ୍କ ପ୍ରତିକୃତି । ତ୍ରିତଳରେ ଆଚାର୍ଯ୍ୟଭବନ ସହ ନାଟମଣ୍ଡପ । ଦ୍ୱିତଳରେ ଏବଂ ଏହାର ତଳେ ଅତିଥି ଆବାସ ଓ ଦୀକ୍ଷାଦାନ ଗୃହ । ଉତ୍ସବ ଉପଲକ୍ଷେ ସମ୍ମୁଖସ୍ଥ ରାସ୍ତାର ଅପରପ୍ରାନ୍ତର ପଡ଼ିଆରେ ଥିବା ପ୍ରଶସ୍ତ ପ୍ରାଙ୍ଗଣରେ ପ୍ରସାଦ ସେବନର ବ୍ୟବସ୍ଥା ଏବଂ ଉତ୍ସବମଞ୍ଚ ପ୍ରସ୍ତୁତ ହୋଇଛି ।

ଅପରାହ୍ଣ ୨ଟା ସମୟରେ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା କଲିକତା ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ଏଣେ ଅବ୍ୟାହତ ରହିଛି ଭକ୍ତମାନଙ୍କର ପ୍ରସାଦ ସେବନ । ଅନ୍ୟ ଦିଗରେ ଚାଲିଛି ମାତୃ-ସମ୍ମିଳନୀ । ଭଜନ-କୀର୍ତ୍ତନ, ସାଧାରଣ ସଭା ଓ ସଙ୍ଗୀତ ଅନୁଷ୍ଠାନ । ସନ୍ଧ୍ୟାବେଳେ ଅନୁଷ୍ଠିତ ହୁଏ କାୟିତି ଯାତ୍ରାଗୋଷ୍ଠୀ ନିବେଦିତ ଯାତ୍ରାପାଲା 'ମୀରାର ବନ୍ଧୂୟା' । ପ୍ରାୟଃ ୨୫ହଜାର ନରନାରୀ ଏହି ଉତ୍ସବରେ ଯୋଗଦାନ କରନ୍ତି । ବହୁ ମଣିଷ ଶ୍ରୀଶ୍ରୀଠାକୁରଙ୍କ ସତ୍‌ନାମ ଗ୍ରହଣ କରନ୍ତି ।

ନିବେଦକ : ଈଶୀପ୍ରସାଦ ଘୋଷ

(୨୦୪ ପୃଷ୍ଠାର ଅବଶିଷ୍ଟାଂଶ)

ଓ ଅନୁଭୂତି ସମ୍ବନ୍ଧରେ ଅଙ୍କନଶିଳ୍ପ ପ୍ରତ୍ୟେକଙ୍କ ଅନ୍ତଃସ୍ଥ ସତ୍ତାର ଚେତନାରେ ଆନ୍ଦୋଳନ କରେ । ଏ ପ୍ରସଙ୍ଗରେ ସମରେନ୍ଦ୍ର ରଞ୍ଜନ ସିଂଙ୍କ ଅଙ୍କିତ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଚିତ୍ରଟି ପ୍ରକୃତରେ ହିଁ ମନୋମୁଗ୍ଧକର ଏବଂ ଜୀବନ୍ତ ପ୍ରତିକୃତି ବୋଲି କୁହାଯାଇପାରେ । ଏକଦମ ସାଧାରଣ କାଗଜ ଉପରେ ଜଳରଙ୍ଗରେ ଶିଳ୍ପୀ ଯେଉଁ ରୂପ ଫୁଟାଇ ତୋଳିଛନ୍ତି ତା' ଗୋଟେକଥାରେ ଅନବଦ୍ୟ । ଏତଦ୍‌ଭିନ୍ନ ବୟେର ଶିଳ୍ପୀ ଫୁଲ୍ଲଚନ୍ଦ୍ର ମିସ୍ତ୍ରୀ 'କାଶ୍ୟପ' ଛଦ୍ମନାମରେ ମା'ର ଭଲପାଇବା ବା ପ୍ରେମର ଯେଉଁ ଭାବ ଓ ଭାଷା ଯେ ଶୈଳ୍ପିକ ଆଙ୍ଗିକ ଉପସ୍ଥାପନା କରିଛନ୍ତି ସେଥିରେ ମୁନ୍‌ସିୟାନାର ଛାପ ସ୍ପଷ୍ଟ । ପୃଥିବୀବ୍ୟାପୀ ଯେତେବେଳେ ବନ ସଂରକ୍ଷଣର ଆହ୍ୱାନ ଉଠିଛି ସେହି ଆହ୍ୱାନକୁ ଗୁରୁତ୍ୱ ଦେଇ ଭାସ୍କର୍ଯ୍ୟ ଶିଳ୍ପୀ ଅଭିଜିତ ଦାସଙ୍କ ଗୋଟେ ଦଗ୍ଧ କ୍ଷତବିକ୍ଷତ ବୃକ୍ଷର ଅବୟବରେ ଭାଷା ଫୁଟାଇଛନ୍ତି ଆର୍ତ୍ତ ଚିତ୍କାରରେ— 'ଆମମାନଙ୍କର ବି (ବୃକ୍ଷମାନଙ୍କର) ପ୍ରାଣ ଅଛି' । ଶୁଭେନ୍ଦୁ ମଣ୍ଡଳଙ୍କ ବ୍ରୋଞ୍ଜର କାର୍ଯ୍ୟ ବି କୃତିତ୍ୱର ସ୍ୱାକ୍ଷର । ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ସୁଦୂର ରାଜସ୍ଥାନରୁ ଆଗତ ରାମରତନ ବାବୁ । ସେ ତାଙ୍କ ନିଜ ହାତରେ ତିଆରି ବିଭିନ୍ନ ଧରଣର ରାଜସ୍ଥାନୀ ହସ୍ତଶିଳ୍ପର ପସରା ଓ ତୈଳଚିତ୍ର ନେଇ ଆସିଛନ୍ତି ।

ଏହି ପ୍ରଦର୍ଶନୀର ଏକ ଉଲ୍ଲେଖଯୋଗ୍ୟ ଆକର୍ଷଣ ଫଟୋଗ୍ରାଫୀ । ଏହି ଫଟୋଗ୍ରାଫ ଶିଳ୍ପର ବେଶ କେତେଜଣ ଶିଳ୍ପୀ ଦେଓଘର ସହରର । ବିଶେଷ କରି ରଞ୍ଜନ ମଣ୍ଡଳ, ବୈଦ୍ୟନାଥ ଡ଼ାର୍ମା। ଏମାନଙ୍କର ଛବି ଯେପରି ଯଥାର୍ଥହିଁ ସତ୍ୟ ଓ ସୁନ୍ଦରର ପ୍ରତିଭାସ । ପ୍ରଦର୍ଶନୀର ଆୟୋଜକମାନେ ୨୦ ନଭେମ୍ବରରେ ଶିଶୁ ଓ କିଶୋରମାନଙ୍କର ଯଥାକ୍ରମେ 'କ' ଓ 'ଘ' ଶ୍ରେଣୀଭିତ୍ତିକ 'ବସି ଆଙ୍କିବା' ପ୍ରତିଯୋଗିତାର ଆୟୋଜନ କରନ୍ତି । ପ୍ରଦର୍ଶନୀର ସମ୍ମୁଖରେ ବିଶାଳ ପ୍ରାଙ୍ଗଣରେ ଆୟୋଜିତ ଏହି ପ୍ରତିଯୋଗିତାର 'କ' ବିଭାଗରେ ୧୭୪ଜଣ ଓ 'ଘ' ବିଭାଗରେ ୫୨ଜଣ ଅଂଶ ଗ୍ରହଣ କରନ୍ତି । ପ୍ରତିଯୋଗିତାରେ 'କ' ବିଭାଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି ଯଥାକ୍ରମେ ଅନ୍ୱେଷା ଚକ୍ରବର୍ତ୍ତୀ, ରିୟା ସାହା ଓ ରଚୀକିରଣ ପୋଇ । 'ଘ' ବିଭାଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି ଯଥାକ୍ରମେ ଧୃତିସୁନ୍ଦର ରାୟ, ତ୍ରିଲୋକେଶ ରାୟସରକାର ଓ ମନଦୀପା କର୍ମକାର । ପ୍ରଦର୍ଶନୀର ତୃତୀୟ ଦିନ ଆଶ୍ରମର ପ୍ରବୀଣ କର୍ମୀ ଶ୍ରୀଯୁକ୍ତ ରତୀଶ ସେନଗୁପ୍ତ ଓ ଡ଼ଃ. ଅଜିତ କର । ପ୍ରତିଯୋଗିତାରେ ଉଭୟ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀମାନଙ୍କୁ ପୁରସ୍କୃତ କରନ୍ତି । ଏହାଛଡ଼ା ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାହୁଏ । ଏହି ପ୍ରଦର୍ଶନୀ ଉପଲକ୍ଷେ ନିର୍ମିତ ଅନୁଷ୍ଠାନ ମଞ୍ଚରେ ସାଂସ୍କୃତିକ ଅନୁଷ୍ଠାନ ବି ପରିବେଷିତ ହୁଏ । ଚାରିଦିନ ବ୍ୟାପୀ ଏହି ପ୍ରଦର୍ଶନୀ ଓ ସାଂସ୍କୃତିକ ଅନୁଷ୍ଠାନର ସଞ୍ଚାଳନାରେ ଥିଲେ ଶ୍ରୀଅପାର୍ଥିବ ରାୟଚକ୍ରବର୍ତ୍ତୀ । ସହଯୋଗିତାରେ ଥିଲେ— ଶ୍ରୀଫୁଲ୍ଲ ଚନ୍ଦ୍ର ମିସ୍ତ୍ରୀ ଓ ଶୁଭେନ୍ଦୁ ମଣ୍ଡଳ ।

ସମ୍ବାଦଦାତା : ରଘୁନନ୍ଦନ ଦତ୍ତ

ବହିର୍ଭାରତରେ ସତ୍‌ସଙ୍ଗ ଉତ୍ସବ

ନରୱେର ଓସ୍‌ଲୋଠାରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ

ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ଓ ପୂଜନୀୟ ସିପାଇଦାଙ୍କ ନିୟତ ପ୍ରେରଣାରେ ଗତ ୨୪ ନଭେମ୍ବର, ୨୦୧୮, ଶନିବାର ନରୱେ ରାଷ୍ଟ୍ରର ଓସ୍‌ଲୋ ସହରରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହୁଏ । ଉତ୍ସବର ସୂଚନାରେ ଭିନ୍ନ ବୟସର ୪୦ ଜଣ ବାଳକ ବାଳିକାଙ୍କର ଶ୍ରୀଶ୍ରୀଠାକୁରଙ୍କ ଜନ୍ମବାର୍ଷିକୀ କାର୍ଡ଼ ଡ଼ିଜାଇନ କରିବାର ଯତ୍‌ନଶୀଳ ପ୍ରୟାସ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପେଶାଦାର ଶିଳ୍ପୀ ଓ ଭକ୍ତଗଣ ଭକ୍ତିଗୀତି ଓ ନାନା ଶୈଳୀର ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରନ୍ତି ।

ସାନ୍ଧ୍ୟ ଅନୁଷ୍ଠାନରେ ସମବେତ ପ୍ରାର୍ଥନା ପରେ ଭଜନ-କୀର୍ତ୍ତନ ପରିବେଷିତ ହୁଏ । ସଦାଲୋଚନାରେ ଡ଼ାଃ. ଶ୍ରୀମତୀ ଅଳକା ଠାକୁର (ଯୁକ୍ତରାଜ୍ୟ), ଶ୍ରୀପ୍ରଶ୍ନଶାନ୍ତ ରାୟ (ଯୁକ୍ତରାଜ୍ୟ) ଓ ଦୀପକ କୁମାର ଦାସ ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତିର ଯୁଗରେ ଶ୍ରୀଶ୍ରୀଠାକୁରଙ୍କ ପ୍ରାସଙ୍ଗିକତା ଓ ତାଙ୍କର ଭାବାଦର୍ଶର ଅନୁଶୀଳନର ଅପରିହାର୍ଯ୍ୟତା ସମ୍ପର୍କରେ ନିଜ ନିଜ ଅଭିଜ୍ଞତା ଓ ଭାବନାର ଆଧାରରେ ବକ୍ତବ୍ୟ ରଖନ୍ତି ।

ଏହି ଉପଲକ୍ଷେ ସତ୍‌ସଙ୍ଗ ଯୁକ୍ତରାଜ୍ୟ ତରଫରୁ ପୂଜନୀୟ ବିଙ୍କିଦା ରଚିତ ଶ୍ରୀଶ୍ରୀଠାକୁରଙ୍କ ସଂକ୍ଷିପ୍ତ ଜୀବନ ଓ ଭାବାଦର୍ଶ ସମ୍ବଳିତ ପୁସ୍ତିକା 'Beckon of being and becoming' ପ୍ରକାଶ କରନ୍ତି ଶ୍ରୀରାଜର୍ଷି ରାୟ (ସ.ପ୍ର.ର., ଯୁକ୍ତରାଜ୍ୟ) ।

ଉତ୍ସବରେ ଦେଢ଼ଶତାଧିକ ଭକ୍ତ ଓ ଅନୁରାଗୀ ଯୋଗଦାନ କରନ୍ତି । ଉତ୍ସବର ସାଫଲ୍ୟରେ ସ୍ଥାନୀୟ ଲୋକଙ୍କର ସହଯୋଗିତା ଉଲ୍ଲେଖନୀୟ ।

ଉପସ୍ଥିତ ଭକ୍ତଜନ ପ୍ରସାଦ ସେବନ କରିବା ପରେ ଉତ୍ସବର ସମାପ୍ତି ଘଟେ । *ସମ୍ବାଦଦାତା : ଶ୍ରୀରାମକିଙ୍କର ଠାକୁର*

କାନାଡ଼ାରେ ଶ୍ରୀଶ୍ରୀଠାକୁରଙ୍କ ୧୩୧ତମ ଜନ୍ମୋତ୍ସବ
ତତ୍‌ସହ କାନାଡ଼ା-ସତ୍‌ସଙ୍ଗର ଷଷ୍ଠ ବାର୍ଷିକ ସମ୍ମେଳନ

ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ଗତ ୨୯ ସେପ୍ଟେମ୍ବର, ୨୦୧୮ ତାରିଖରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୩୧ତମ ଜନ୍ମୋତ୍ସବ ଓ ତତ୍‌ସହ କାନାଡ଼ା-ସତ୍‌ସଙ୍ଗର ଷଷ୍ଠ ବାର୍ଷିକ ସମ୍ମେଳନ ଅନୁଷ୍ଠିତ ହୁଏ କାନାଡ଼ାର ଟରେଣ୍ଟୋ ସହରରେ । ଉତ୍ସବର ସ୍ଥାନ ବଙ୍ଗଳାଦେଶ-କାନାଡ଼ା ହିନ୍ଦୁମନ୍ଦିର, ଇଷ୍ଟ ୟର୍କ, ଅଣ୍ଟାରିଓ, କାନାଡ଼ା ।

ଛୋଟବଡ଼ କେତୋଟି ପର୍ବର କାର୍ଯ୍ୟକ୍ରମର ସୂଚନାରେ ପ୍ରଥମ ପର୍ବରେ ଊଷାକୀର୍ତ୍ତନ ପରେ ପ୍ରାତଃକାଳୀନ ସମବେତ ପ୍ରାର୍ଥନା ହୁଏ ।

ଦ୍ୱିତୀୟ ପର୍ବରେ ସାନ୍ଧ୍ୟ କାର୍ଯ୍ୟକ୍ରମର ଆରମ୍ଭରେ ମାତୃ-ସମ୍ମିଳନୀରେ ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କ ଦିବ୍ୟଜୀବନର ଆଦର୍ଶରେ ନାରୀ ଜୀବନ ଗଠନର ସମ୍ପର୍କରେ ଆଲୋଚନା କରନ୍ତି ବିଦୁଳା ଘୋଷ । କୀର୍ତ୍ତନ, ଭକ୍ତିଗୀତି ଆଦିରେ ଥିଲେ— ସାନ୍ତ୍ୱନା ଦାସ କାନାଡ଼ା ଓ ୟୁକ୍ରସର ଭକ୍ତ ଏବଂ ୟୁଏସର ଭକ୍ତ ଏବଂ ଶିଳ୍ପିଗଣ ତଥା ରନ୍ୟା ବୋଷ, ସ୍ୱପ୍ନା ସରକାର, ଲତା ବିଶ୍ୱାସ, ଲିପି ଦେ, ପମ୍ପା ଦାସ, ଲୋପ ଦତ୍ତ, ମୌମିତା ଘୋଷ, ଇଲା ଦାସ, ପ୍ରଭା ଧର, ଶମ୍ପା ଦାସ, ବହ୍ନିଶିଖା ଚୌଧୁରୀ, ନାରାୟଣୀ ନାୟକ, ସାଗରିକା ଜେନା, ନିଶି ଚକ୍ରବର୍ତ୍ତୀ, ଜ୍ୟୋସ୍ନା ବିଶ୍ୱାସ, ଅଞ୍ଜନା ଦେ, ଆଭା ପୁରକାୟସ୍ଥ ପ୍ରମୁଖ । ଅତଃପର ଶିଶୁମାନଙ୍କ ଅନୁଷ୍ଠାନରେ ପ୍ରାର୍ଥନା, ବାଣୀପାଠ ଓ ଭକ୍ତିଗୀତି ପରେ ବାଳକବାଳିକାମାନେ ଶ୍ରୀଶ୍ରୀଠାକୁର ଓ ସତ୍‌ସଙ୍ଗ ସମ୍ପର୍କରେ ସେମାନଙ୍କ ବୋଧ ଓ ଅନୁଭବ ସମ୍ପର୍କରେ ଆଲୋଚନା କରନ୍ତି । ଅନୁଷ୍ଠାନଟି ସଞ୍ଚାଳନା କରନ୍ତି ଶ୍ରୀମତୀ ମୀରା ଦେ ଓ ଶ୍ରେୟା ସରକାର ।

ତୃତୀୟ ପର୍ବରେ ମୂଳ ଅନୁଷ୍ଠାନ ଆରମ୍ଭ ହେବାର ପ୍ରାକ୍‌କାଳରେ ପାପିୟା ଦାସଙ୍କର ପରିଚାଳନାରେ ସ୍ଥାନୀୟ କତିପୟ ଭକ୍ତଗଣ ଠାକୁର-ଭଜନ ଓ କୀର୍ତ୍ତନ ପରିବେଷଣ କରନ୍ତି । ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି ଅର୍ଙ୍କିତା ନାୟକ । ଅତଃପର ଯୋଗଦାନକାରୀ ସମସ୍ତ ବାଳକ-ବାଳିକାମାନଙ୍କ ହାତରେ ପାରିତୋଷିକ ତୋଳି ଦିଅନ୍ତି ମିହିର ଦାସ, ମନୋମୋହନ ଚୌଧୁରୀ, ମିଳନ ଦେ, ସ୍ୱପନ ଦାସ (ସମସ୍ତେ କାନାଡ଼ା-ସତ୍‌ସଙ୍ଗ ଉପଦେଷ୍ଟା ମଣ୍ଡଳୀର) ଏବଂ ଆମନ୍ତ୍ରିତ ସମ୍ମାନୀୟ ଅତିଥି ଶ୍ରୀଯୁକ୍ତ ମୁରାରୀଲାଲ ଥାପଲିୟାବ (ବାରିଷ୍ଟର ଓ ସଲିସେଟର) ।

ଅତଃପର ଶ୍ରୀଶ୍ରୀଠାକୁରଙ୍କ ଶୁଭ ୧୩୧ତମ ଜନ୍ମୋତ୍ସବର ଆନୁଷ୍ଠାନିକ ସୂଚନା ହୁଏ ମହମବତୀର ପ୍ରଜ୍ୱଳନ ମାଧ୍ୟମରେ । ପ୍ରାର୍ଥନା ପରେ ଶ୍ରୀଶ୍ରୀଠାକୁରଙ୍କ ବାଣୀଗ୍ରନ୍ଥରୁ ବାଣୀପାଠ ହୁଏ । ତପୂରେ ଆରମ୍ଭ ହୁଏ ଧର୍ମସଭା । ଆଲୋଚ୍ୟ ବିଷୟ :

'ଶ୍ରୀଶ୍ରୀଠାକୁରଙ୍କୁ ଅନୁସରଣ କରି କିପରି ମଣିଷ ଜୀବନରେ ପରିବର୍ତ୍ତନ ଆସେ । ଶ୍ରୀସତ୍ୟଜ୍ୟୋତିଃ ବୋସ (ସ.ପ୍ର.ଋ.), ଶ୍ରୀନନ୍ଦନ ପାଲ (ସ.ପ୍ର.ଋ.), ଶ୍ରୀସଞ୍ଜୀବ ଦାସ (ସ.ପ୍ର.ଋ.), ଶ୍ରୀବିପ୍ଳବପ୍ରିୟ ହାଲଦାର ଏ ବିଷୟରେ ବକ୍ତବ୍ୟ ରଖନ୍ତି । ଆମନ୍ତ୍ରିତ ସମ୍ମାନୀୟ ଅତିଥି ମିଃ. ନାଥରିୟାଲ ଏରସ୍କୁ (ଏମ.ପି.) କାନାଡ଼ା–ସତ୍‌ସଙ୍ଗର କର୍ମଧାରାର ପ୍ରଶଂସା କରି ସେ ସମ୍ପର୍କରେ ଶ୍ରୀଶ୍ରୀଠାକୁରଙ୍କ ନୀତି ତଥା ନିରାମିଷ ଆହାର ଉପରେ ଜୋର ଦିଅନ୍ତି । ସେ ସାଙ୍ଗରେ ନେଇ ଆସିଥିବା ଅନରେବଲ ଜଷ୍ଟିନ୍ ଟ୍ରୁଦିବ ପ୍ରାଇମିନିଷ୍ଟର, କାନାଡ଼ାଙ୍କର ଏହି କାର୍ଯ୍ୟକ୍ରମର ସାଫଲ୍ୟ କାମନାରେ ଶୁଭେଚ୍ଛା ବାର୍ତ୍ତା ପଢ଼ି ଶୁଣାନ୍ତି । ସେ ଆଗାମୀ ଏହି ସମ୍ମେଳନରେ ଯୋଗ ଦେବା ପାଇଁ ଇଚ୍ଛା ପ୍ରକାଶ କରନ୍ତି । ଶ୍ରୀଅମିତ ନାୟକ (ସେକ୍ରେଟାରୀ ସତ୍‌ସଙ୍ଗ, କାନାଡ଼ା) କାନାଡ଼ା ସତ୍‌ସଙ୍ଗର କର୍ମଧାରା ଉପରେ ଆଲୋକପାତ କରନ୍ତି ଏବଂ ଆଗାମୀ ଦିନର ପରିକଳ୍ପନା ଓ ଭାବନାର ଉଲ୍ଲେଖ କରନ୍ତି । ଶ୍ରୀଇମନ ଦାସ (ଉତ୍ସବ ସଂଯୋଜକ) ଉତ୍ସବରେ ସଂଶ୍ଳିଷ୍ଟ ସମସ୍ତ ବ୍ୟକ୍ତିମାନଙ୍କ ପ୍ରତି ଧନ୍ୟବାଦ ଜ୍ଞାପନ କରନ୍ତି । ଧର୍ମସଭାର ସଞ୍ଚାଳକ ଶ୍ରୀବିଜନ ଦେବରାୟ ମଞ୍ଚରେ ଉପସ୍ଥିତ ଅତିଥିଗଣଙ୍କର ପରିଚୟ କରାଇ ଦିଅନ୍ତି ଶ୍ରୋତାମାନଙ୍କ ନିକଟରେ ।

ଧର୍ମସଭା ପରେ ସାଂସ୍କୃତିକ ଅନୁଷ୍ଠାନ 'ଲହ ପ୍ରଣାମ'–ଶ୍ରୀଶ୍ରୀଠାକୁରଙ୍କ ବାଣୀର ଉଦ୍ଧୃତି ଦେଇ ଭକ୍ତିଗୀତି, କୀର୍ତ୍ତନ ଓ ନୃତ୍ୟ ପରିବେଷଣର ଅନୁଷ୍ଠାନରେ ଥିଲେ— ଶ୍ରୀପ୍ରବାଳ ଚୌଧୁରୀ । ବିଖ୍ୟାତ ଶିଳ୍ପୀ ଶ୍ରୀଦେବାଂଶୁ ଚକ୍ରବର୍ତ୍ତୀ ଏବଂ କାନାଡ଼ା ସତ୍‌ସଙ୍ଗର ଶିଳ୍ପୀ ଓ ଆମନ୍ତ୍ରିତ ଶିଳ୍ପିମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଶ୍ରୋତା/ଦର୍ଶକମାନଙ୍କୁ ଆନନ୍ଦିତ କରନ୍ତି । ଶ୍ରୀଶେଖର ସରକାର ଓ ସୁଦୀପ ପୁରକାୟସ୍ଥଙ୍କ ପରିଚାଳନାରେ 'ଯାଜନ ଚୌକି' ଓ ଶ୍ରୀଶ୍ରୀଠାକୁରଙ୍କ ବାଣୀପୁସ୍ତକ, ଫଟୋ ଓ ସାହିତ୍ୟର ସ୍ଟଲ ବସା ଯାଇଥିଲା । ପରିଶେଷରେ ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ଭୋଜନରେ ଆପ୍ୟାୟିତ କରାହୁଏ । ତତ୍ତ୍ୱାବଧାନରେ ଥିଲେ ଶ୍ରୀରତନ ଦେ ଓ ଶ୍ରୀଗୋପାଳ ବିଶ୍ୱାସ । ସ୍ଥାନୀୟ ଭକ୍ତଜନ ପଲକ ଦତ୍ତ, ପଲାସ ଦତ୍ତ, ସୌମେନ୍ଦ୍ର ଦେ, ଅତନୁ ଘୋଷ, ଚିତ୍ରସେନ ଜେନା, ଉତ୍ତମ ଘୋଷ, ସୁମନ ଦାସ ଏବଂ ଆହୁରି ଅନେକ ଭାଇ ଓ ମା'ମାନଙ୍କର ତଥା ସେମାନଙ୍କ ପରିବାରବର୍ଗ ସମ୍ମେଳନକୁ ଆନନ୍ଦମୟ କରି ତୋଳିବାରେ ଅକ୍ଲାନ୍ତ ପରିଶ୍ରମ କରନ୍ତି । ଏହି ଉତ୍ସବ ଅନୁଷ୍ଠାନରେ ଚାରି ଶତାଧିକ ଭକ୍ତ ଓ ଅନୁରାଗୀ ଯୋଗଦାନ କରନ୍ତି । ୨ ଜଣ ସଦ୍‌ଦୀକ୍ଷା ଗ୍ରହଣ କରନ୍ତି ।

ଉଲ୍ଲେଖଯୋଗ୍ୟ : ଏଥର ଉତ୍ସବର ଅନୁଷ୍ଠାନ ବୃଦ୍ଧିପର ହୋଇଛି । ଅନୁଷ୍ଠାନରେ ଅଂଶଗ୍ରହଣକାରୀଙ୍କ ନାମ ମଧ୍ୟ ଅନେକ ବଢ଼ିଛି । ଯେତେଟିକେ ସମ୍ଭବ କମାଇ ଲେଖାଗଲା । କମାଇବାକୁ ଗଲେ ଅନୁଷ୍ଠାନ ଓ ଅନୁଷ୍ଠାନରେ ଅଂଶଗ୍ରହଣକାରୀଙ୍କ ନାମ ବାଦ ଦେବାକୁ ହେବ । ନହେଲେ ସମ୍ବାଦ ପ୍ରକାଶ କରିବା ସମ୍ଭବ ନୁହେଁ ।

ସମ୍ବାଦଦାତା : ସଞ୍ଜୀବ ଦାସ

କୁଏତରେ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବ

ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଶୀର୍ବାଦରେ ଓ ପୂଜ୍ୟପାଦ ବାବାଇଦାଙ୍କ ଅନୁପ୍ରେରଣାରେ ଗତ ୨୩ ନଭେମ୍ବର, ୨୦୧୮, ଶୁକ୍ରବାର କୁଏତରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ଶୁଭ ୧୩୧ତମ ଜନ୍ମୋତ୍ସବ ଅନୁଷ୍ଠିତ ହୁଏ । ପାଞ୍ଚଜଣ ସହ–ପ୍ରତି–ରତ୍ୱିକ୍ (ସର୍ବଶ୍ରୀ ମନୋଜ ଜୟସ୍ୱାଲ, ଜଗଜ୍ୟୋତି ଦାସ, ଚିନ୍ତାମଣି ମହାପାତ୍ର, ପ୍ରଶାନ୍ତ କୁମାର ବେହେରା, ପବନ କୁମାର ବଂଶଲ) ଏବଂ ଦୁଇଜଣ ଯାଜକ (ଶ୍ରୀଚିତ୍ତ ଲେଙ୍କା, ଶ୍ରୀବିଶ୍ୱବାକ୍ଷ୍ୟ ପୂରଣ) ସହିତ ପାଞ୍ଚ ଶତାଧିକ ଭକ୍ତ ଓ ଅନୁରାଗୀ ଉତ୍ସବରେ ଯୋଗଦାନ କରନ୍ତି ।

୧୦ଟା ୩୦ମିଃ.ରେ ଉତ୍ସବର ଶୁଭାରମ୍ଭରେ ସମବେତ ବିନତି–ପ୍ରାର୍ଥନାନ୍ତେ 'ସତ୍ୟାନୁସରଣ' ଗ୍ରନ୍ଥରୁ ବାଣୀପାଠ ହୁଏ (ବଙ୍ଗଳା, ହିନ୍ଦୀ, ଓଡ଼ିଆ ଓ ଇଂରାଜୀରେ) । ଭାରତରୁ ଆଗତ ସର୍ବଶ୍ରୀଜଗଜ୍ୟୋତି ଦାସ, ଶାଶ୍ୱତ ଯୋଶୀ, ମନୋଜ ଜୟସ୍ୱାଲ ଜୀବନର ଉନ୍ନୟନରେ ଶ୍ରୀଶ୍ରୀଠାକୁରଙ୍କ ଅନୁଶାସନ ପାଳନ–ତତ୍ପରତା ସମ୍ପର୍କରେ ନିଜ ଅଭିଜ୍ଞତା ଓ ଅନୁଭବର ଆଧାରରେ ବକ୍ତବ୍ୟ ରଖନ୍ତି । ସେଇ ଏକ ସମୟରେ ଶ୍ରୀମତୀ ମଞ୍ଜୁଲତା ଦାସଙ୍କ ପରିଚାଳନାରେ ମାତୃ–ସମ୍ମିଳନୀ ଅନୁଷ୍ଠିତ ହୁଏ । ହିନ୍ଦୀ, ଓଡ଼ିଆ ଭଜନ ପରିବେଷିତ ହୁଏ ଏବଂ ରଞ୍ଜୁଲତା ମା' ଓ ଜୟସ୍ୱାଲ ମା' ଜୀବନର ସାର୍ବିକ ଉନ୍ନୟନରେ ଆଦର୍ଶ କେନ୍ଦ୍ରିକତା ସମ୍ପର୍କରେ ସେମାନଙ୍କ ନିଜ ଜୀବନର ଅଭିଜ୍ଞତା ଆଧାରରେ ବକ୍ତବ୍ୟ ରଖନ୍ତି ।

ଅପରାହ୍ଣ ୨ଟା ୩୦ମିଃ.ରେ ଶିଶୁମାନଙ୍କ ସାଂସ୍କୃତିକ ଯଥାକ୍ରମେ ତାନିଆର ବଂଶୀ, ଦେବୀକାର କଥକ ନୃତ୍ୟ, ଅମୃତ ଜେନାର ଶ୍ରୀଶ୍ରୀଠାକୁରଙ୍କ ବାଣୀ ଆବୃତ୍ତି ପରେ ନେହା, ପ୍ରସୁନ, ସ୍ମିତପ୍ରଜ୍ଞ ଓ ଅମୃତର ସୁନ୍ଦର ଏକ ଏକକ ନୃତ୍ୟ ଉପଭୋଗ କରନ୍ତି ଉପସ୍ଥିତ ଶ୍ରୋତା । ତାଙ୍କ ଶିଳ୍ପୀ ଦଳଙ୍କ ସହିତ ଶାଶ୍ୱତ ଯୋଶୀଙ୍କ ନୃତ୍ୟ ପରିବେଷଣ ସମସ୍ତଙ୍କୁ ମୁଗ୍ଧ କରେ ।

ସନ୍ଧ୍ୟା ପ୍ରାର୍ଥନା ସହିତ ଉତ୍ସବ ସମାପ୍ତ ହୁଏ । ୮୪ ଜଣ ସଦ୍‌ଦୀକ୍ଷା ଗ୍ରହଣ କରନ୍ତି । *ସମ୍ବାଦଦାତା : ପବନ କୁମାର ବଂଶଲ, ପ୍ରଶାନ୍ତ କୁମାର ବେହେରା, ଚିନ୍ତାମଣି ମହାପାତ୍ର*

ପରମପ୍ରେମମୟଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର
୧୩୧ତମ ଜନ୍ମୋତ୍ସବ ଓ ବାର୍ଷିକ ସତ୍‌ସଙ୍ଗର ଦିନସୂଚୀ
(ଓଡ଼ିଶାର ବିଭିନ୍ନ କେନ୍ଦ୍ର, ବିହାର, ମନ୍ଦିର ଆନୁକୂଲ୍ୟରେ)
(ସତ୍‌ସଙ୍ଗ ଦେଓଘର ଉତ୍ସବ ଅଫିସ କର୍ତ୍ତୃକ ଅନୁମୋଦିତ)

ମାସ ଓ ତାରିଖ	ବାର	ଉତ୍ସବ ସ୍ଥାନ
ନଭେମ୍ବର–୨୩	ଶୁକ୍ରବାର	ମୁଣ୍ଡଳି, ବଇଆନଡ଼ିହି
ନଭେମ୍ବର–୨୫	ରବିବାର	ଚୌଦ୍ୱାର, ଜଟଣୀ, ଏନ୍.ଟି.ପି.ସି. (ତେଲେସିଙ୍ଗା)
ଡ଼ିସେମ୍ବର–୧	ଶନିବାର	ମେରାମୁଣ୍ଡଳି
ଡ଼ିସେମ୍ବର–୨	ରବିବାର	ଢେଙ୍କାନାଳ, ବୟାଳିଶମୌଜା, ନାଲ୍‌କୋ
ଡ଼ିସେମ୍ବର–୫	ବୁଧବାର	ଭଣ୍ଡାରିପୋଖରୀ, କୁଜଙ୍ଗ, ମାର୍ଶାଘାଇ
ଡ଼ିସେମ୍ବର–୯	ରବିବାର	କଟକ (ବାଲିଯାତ୍ରା ପଡ଼ିଆ), ଏମ.ଭି ୧୩
ଡ଼ିସେମ୍ବର–୧୦	ସୋମବାର	କଣାସ
ଡ଼ିସେମ୍ବର–୧୫	ଶନିବାର	ପରଚିପାରା, ଉତ୍‌କେଲା
ଡ଼ିସେମ୍ବର–୧୬	ରବିବାର	**ସ୍ୱସ୍ତିତପା ମହୋତ୍ସବ** (ସ୍ଥାନ :ରାୟପୁର କେନ୍ଦ୍ର) (ଅଡ଼ଶପୁର, ଗୋବିନ୍ଦପୁର, ପହଙ୍ଗା, ବ୍ରାହ୍ମଣବାଟୀ, କସରଦା, ନିଆଳି), ଆମପାଣି, ବଡ଼ମ୍ବା, ଏରସମା
ଡ଼ିସେମ୍ବର–୧୭	ସୋମବାର	ଆଳି **ଡ଼ିସେମ୍ବର–୧୯** ବୁଧବାର – ରଘୁନାଥପୁର / **ଡ଼ିସେମ୍ବର–୨୨** ଶନିବାର ବେଲଗୁଣ୍ଠା
ଡ଼ିସେମ୍ବର–୨୩	ରବିବାର	ତୁରୁଡ଼ି, ଛେଣ୍ଡ, ମଦନପୁର, ବାଲିମେଳା, ଢ଼େଲାଙ୍ଗ, ନମତରା, ଭିଙ୍ଗାରପୁର, ଧାମନଗର, ରୋହିବାଙ୍କ, ଛତ୍ରପୁର
ଡ଼ିସେମ୍ବର–୨୫	ମଙ୍ଗଳବାର	ରାହାମା, ଖଳିସାହି, ଛତିଆ, ବଂଅରପାଳ, ପୁର୍ଲା, ଜହ୍ନପଙ୍କ, ମୁନିଗୁଡ଼ା, କଣ୍ଢାଶିରୀ
		ବର୍ଷ : ୨୦୧୯
ଜାନୁଆରୀ–୫	ଶନିବାର	ବୈତରଣୀ ରୋଡ଼
ଜାନୁଆରୀ–୬	ରବିବାର	ବାଲିଆପାଳ, ଧାମନଗର, ବନ୍‌ସଦା, ଜଗତ୍‌ପୁର, କରପଡ଼ା, ମଙ୍ଗଳପୁର, କଣଛନ୍ଦା, ପଦନୀପାଳ
ଜାନୁଆରୀ–୭	ସୋମବାର	ସୁନ୍ଦରଗଡ଼ **ଜାନୁଆରୀ–୯** ବୁଧବାର ସ୍ୱସ୍ତିବନ
ଜାନୁଆରୀ–୧୦	ଗୁରୁବାର	ମାନଧାତା **ଜାନୁଆରୀ–୧୧** ଶୁକ୍ରବାର ଦାରିଙ୍ଗବାଡ଼ି
ଜାନୁଆରୀ–୧୨	ଶନିବାର	ବାଲୁଙ୍ଗା, ଭଞ୍ଜନଗର
ଜାନୁଆରୀ–୧୩	ରବିବାର	ଉତ୍ତରଣ ଆଗମନୀ ସ୍ମୃତିମହୋତ୍ସବ, ଠାକୁରବାଡ଼ି, ପୁରୀ
ଜାନୁଆରୀ–୧୪	ସୋମବାର	ଟିଟିଲାଗଡ଼, କାକଟପୁର **ଜାନୁଆରୀ–୧୫** ମଙ୍ଗଳବାର ପଦ୍ମପୁର, ବଣାଇଗଡ଼
ଜାନୁଆରୀ–୧୬	ବୁଧବାର	ନାମ୍ପୋ **ଜାନୁଆରୀ–୧୭** ଗୁରୁବାର କଲମପୁର
ଜାନୁଆରୀ–୧୯	ଶନିବାର	ବଲାଙ୍ଗୀର, ଭୂଇଁପୁର, ବଙ୍ଗାରି
ଜାନୁଆରୀ–୨୦	ରବିବାର	ଯାଜପୁରରୋଡ଼, ଜୋରନ୍ଦା, କାକଟ, ଚିକିଟି, ଢ଼େଙ୍କାଓଷ୍ଟ, ଜଗନ୍ନାଥପ୍ରସାଦ, ପାରାଦ୍ୱୀପ, ତିର୍ତ୍ତୋଲ, ବୋରିକିନା, ବାଲିଆଷ୍ଟୋର, ନାଉଗାଁ, ଜୟପାଟଣା, କେସିଙ୍ଗା, ପଦ୍ମପୁର, ଲହୁଣି, ନୂଆଗାଁ, ଓଳାଭର, ବାଳକାଟି, ଏମ.ଭିୀ୧, ବିଶୋଇ, ଅମରଦା, ନୂଆପଡ଼ା, ଗଣିଆ, ନୟାଗଡ଼, ଜେକେପୁର, ଭୋଗରାଇ, ମିତ୍ରପୁର, ବିଲଣା, ଚରମ୍ପା, ବରଗଡ଼, ପରାସରା, ସାଲେପୁର, ନରସିଂହପୁର, ବାଙ୍କି, ଗୋଡ଼ା, ପୁଷ୍ପଗିରି(ଦିନ), ରାଉରକେଲା (ଇଷ୍ଟୀଦୀପନା ମହୋତ୍ସବ), ସ୍ୱସ୍ତିପାଳୀ ମହୋତ୍ସବ (ବଳଙ୍ଗା)
ଜାନୁଆରୀ–୨୨	ମଙ୍ଗଳବାର	ପାଲଲହଡ଼ା, କରଞ୍ଜିଆ
ଜାନୁଆରୀ–୨୩	ବୁଧବାର	ଜଳେଶ୍ୱର, ବାହାନଗା, ଇଛାପୁର, ବେତଡ଼ା, ପୁରୁଣା କଟକ, ଗଡ଼ହରିଶପୁର, ମଉଗଜପୁର, ଲାଞ୍ଜିଗଡ଼, କେଉଁଝର, ଗରଜଙ୍ଗା, ବନମାଳିପୁର, ବଡ଼ଡ଼ାଲିମା, ସରଣକୁଳ, ଚାଟିକଣା
ଜାନୁଆରୀ–୨୫	ଶୁକ୍ରବାର	ସାକ୍ଷୀଗୋପାଳ **ଜାନୁଆରୀ–୨୮** ସୋମବାର ଘଣ୍ଟେଶ୍ୱର, ପାଟବଣି

ଜାନୁଆରୀ–୨୯ ମଙ୍ଗଳବାର ସମ୍ବଲପୁର, ଅସୁରାଳି **ଜାନୁଆରୀ–୩୦** ବୁଧବାର ପାଇକମାଳ, ଭେଜିପୁଟ, ରନ୍‌ଗିରି
ଫେବୃଆରୀ–୧ ଶୁକବ୍ରାର ଜଗତ୍‌ସିଂହପୁର, ନରେନ୍ଦ୍ରପୁର
ଫେବୃଆରୀ–୨ ଶନିବାର ଗୋପୀନାଥପୁର, ପାଣିକୋଇଲି, ଅମିରାବାଦ, ଗୋପାଳପୁର, ଧର୍ମଶାଳା(ଜାଇକା)
ଫେବୃଆରୀ–୩ ରବିବାର ଅନୁଗୁଳ, କର୍ଦ୍ଦମା, ନୀଳଗିରି, ଦୁନ୍ଦକୋଟ, ସାହାପୁର, ଡୁଙ୍ଗୁରା ପଲ୍ଲୀ, କଣ୍ଢାକାଞ୍ଜି, ବଡ଼ମ୍ବା, ଜନାର୍ଦ୍ଦନପୁର, ଟାଙ୍ଗୀ, ବାବନ୍ଧ, ବଣସିଂ, ପିପିଏଲ, ଚଣ୍ଡୀଖୋଲ, ବ୍ରହ୍ମପୁର, ନୂଆପୋଖରୀ, ଧନିଶୋ, ଓକଲା, କାଲିମେଳା, କୁସୁମି, ଲକ୍ଷ୍ମୀପୁର, ଧାନଗଦି, ରିସିଡ଼ା, ପାଳପାଟଣା, ଯମପଡ଼ା, ମହୁଲିଡ଼ିଆ, ଶୁଳିଆପଦା, କରବର, ପାରଳାଖେମୁଣ୍ଡି, ଉଦଳା, ଫଟିଲାଇଜର, ରାସୋଳ, ଚନ୍ଦାହାଣ୍ଡି
ଫେବୃଆରୀ–୪ ସୋମବାର ଲହୁଣୀପଡ଼ା, ବାରକୋଟ **ଫେବୃଆରୀ–୫** ମଙ୍ଗଳବାର ପୋଲସରା, ଝାରସୁଗୁଡ଼ା, ବଳିଗଣ୍ଡ
ଫେବୃଆରୀ–୬ ବୁଧବାର ଆଠମଲ୍ଲିକ, ଅରଣ୍ଡୁଆ, ହିନ୍ଦୋଳ, ସେରଗଡ଼, ଗୋଡ଼ଭଗା
ଫେବୃଆରୀ–୭ ଗୁରୁବାର ବରମାଳ, ନୂଆଁଗାଁ, ଧରାକୋଟ, ବଲାଣି, ସୋନପୁର
ଫେବୃଆରୀ–୮ ଶୁକ୍ରବାର ନର୍ଲା, ଖମାର **ଫେବୃଆରୀ–୯** ଶନିବାର ଧାମରା, ଲଥାଙ୍ଗ, ବିରିଡ଼ି, ଗଡ଼ମଧୁପୁର, ଗୁଣୁପୁର, ବୁର୍ଲା
ଫେବୃଆରୀ–୧୦ ରବିବାର ଭୁବନେଶ୍ୱର, ସୁକିନ୍ଦା, ବ୍ରଜରାଜନଗର, ଧର୍ମଗଡ଼, ଦାମନଯୋଡ଼ି, ପାଟୁଙ୍ଗ, ଜରିମୂଳ, ରେଢୁଆ, ଜାଡ଼ିଡ଼ା, ମାଲକାନଗିରି, ରାୟରଙ୍ଗପୁର, ନବରଙ୍ଗପୁର, ହୀରାକୁଦ, ପୋଡ଼ାପଡ଼ା, ରେମୁଣା, ଖଇରା, ଭଦ୍ରକ, ପାଟଣାଗଡ଼, ରାଇକିଆ, ଆଠଗଡ଼, ଷଡ଼ଙ୍ଗୀ, ଭୁବନ, ଆସ୍କା, ଦେବଗଡ଼
ଫେବୃଆରୀ–୧୧ ସୋମବାର ବସ୍ତା, ପୁରୁଣା ତିଗିରିଆ, ବଡ଼ପାଳ **ଫେବୃଆରୀ–୧୨** ମଙ୍ଗଳବାରଶିମୁଳିଆ, ପଟ୍ଟାମୁଣ୍ଡାଇ
ଫେବୃଆରୀ–୧୫ ଶୁକ୍ରବାର ଆନନ୍ଦପୁର, ଦଶପଲ୍ଲା
ଫେବୃଆରୀ–୧୬ ଶନିବାର ସମଲ, ବାଲେଶ୍ୱର, ଚାନ୍ଦବାଲି, ଡେସିଙ୍ଗା, ବିଲହାଟ, ନାବୁଣୀ
ଫେବୃଆରୀ–୧୭ ରବିବାର କଙ୍କିଳି, ରେଙ୍ଗାଲୀ, ବାହାବଳପୁର, ତିହିଡ଼ି, ସିନ୍ଦେଇକେଲା, ବାଲିଗୁଡ଼ା, ରାମକୁମାରପୁର, ପାଞ୍ଚଗାଁ, ଦିଗପହଣ୍ଡି, ସୋରଡ଼ା, ଝଙ୍କଡ଼, ଉଦୟବଟ, କୁଆଖିଆ, ବନ୍ଧବାହାଲ, ଜୁନାଗଡ଼, ଚମ୍ପୁଆ, ଢେଙ୍କିକୋଟ, ଖୋର୍ଦ୍ଧା, କୋରାଫୁଟ, ଝରାଡ଼ିହି, ଡାବୁଗାଁ, ଆମ୍ବଦୋଳା, କୋଇଡ଼ା, ଦଶପଲ୍ଲା (ନୟାଗଡ଼), କଂସାର
ଫେବୃଆରୀ–୧୮ ସୋମବାର ଗୋପାଳପୁର, ଦଶବାଟିଆ, ଥର୍ମାଲ
ଫେବୃଆରୀ–୧୯ ମଙ୍ଗଳବାର ଖୁଣ୍ଟୁଣୀ **ଫେବୃଆରୀ–୨୦** ବୁଧବାର ଲଙ୍ଗଳେଶ୍ୱର, ବାସୁଦେବପୁର, ତାଳଚୁଆ
ଫେବୃଆରୀ–୨୨ ଶୁକ୍ରବାର ଯାଜପୁର, ଚିକିରି **ଫେବୃଆରୀ–୨୩** ଶନିବାର ବଛାଳ, ଜଗତସାହୁପାଟଣା, ପ୍ରୀତିପୁର
ଫେବୃଆରୀ–୨୪ ରବିବାର ବୌଦ୍ଧ, ଗୋପ, କାଂସ, କୋଳିଗାଁ, ନୂଆପୁର, ପାଳିଆବିନ୍ଧା, ବିରିଆଡ଼ିହା, ସାରଥ, ଫୁଲବାଣୀ, କୋଟଗଡ଼, ଜାତମୁଣ୍ଡିଆ, ପାତ୍ରପୁର, ବାଲିକଣି, ପୁରଣ, ବିଞ୍ଚାରପୁର, ବେଲପାହାଡ଼, ହରିଚନ୍ଦନପୁର, ବାମେବାରି, କରଡ଼ାପାଳ, ରାଜନଗର, ଖରିନାସି, ସୁନାବେଡ଼ା, ଜୟପୁର, ବାରିପଦା, ବମ୍ଭେଇକ, ଜାମଦା, ଖଡିଗୁଡ଼ା, ପୋଡ଼ଗାଁ, ରାୟଗଡ଼ା, ଡୁଙ୍ଗୁରିପାଲି, ରାଜଗାଙ୍ଗପୁର
ଫେବୃଆରୀ–୨୫ ସୋମବାର ସୋର, ନୀଳକ, ବାଲିପଦର, ରେଢ଼ାଖୋଲ
ଫେବୃଆରୀ–୨୬ ମଙ୍ଗଳବାର କଣ୍ଢାମାଳ, ତୁରା **ଫେବୃଆରୀ–୨୭** ବୁଧବାର ଆଳତି
ଫେବୃଆରୀ–୨୮ ଗୁରୁବାର ଗୋହିରାଟିକିରି, ହିନ୍ଦୋଳରୋଡ଼, ପରଜଙ୍ଗ, ବ୍ରହ୍ମବରଦା, ଗୋରୁମହିଷାଣି
ମାର୍ଚ୍ଚ–୧ ଶୁକ୍ରବାର କରଞ୍ଜମାଳ, ଜୋଡ଼ା, ହାଟଡ଼ିହି, ବାଣପୁର
ମାର୍ଚ୍ଚ–୨ ଶନିବାର ବାହାମିଆ, ବଡ଼ବିଲ, ଦଶରଥପୁର
ମାର୍ଚ୍ଚ–୩ ରବିବାର ନେମାଳ, ଛାନୁଆ, ମଞ୍ଜୁରୀରୋଡ଼, ତେଲାନ୍ତି, ସଇଁତଳା, ଜି.ଉଦୟଗିରି, ବଡ଼ସୁଆଁଳ, ଜିରାଳ, ମୁଖିଗୁଡ଼ା, ଶାଳବଣି, ସଦାଗାଁ, ନନ୍ଦପୁର (ବାଜପୁର), ବାଙ୍ଗିରିପୋଷି
ମାର୍ଚ୍ଚ–୪ ସୋମବାର ଧାନଘରପଡ଼ା **ମାର୍ଚ୍ଚ–୫** ମଙ୍ଗଳବାର ମଲିକାଦେଇପୁର, ବାଲିକୁଦା, ବହଳଦା
ମାର୍ଚ୍ଚ–୭ ଗୁରୁବାର ପଦ୍ମପୁର **ମାର୍ଚ୍ଚ–୮** ଶୁକ୍ରବାର ଚୁଡ଼ାକୁଟି
ମାର୍ଚ୍ଚ–୧୦ ରବିବାର ଶ୍ରୀରାମପୁର, ଖନ୍ତାପଡ଼ା, ଟିକାବାଲି, ସାଇଁବିରି, ଚିଲିଗୁଡ଼ା, ଡ଼ିମିରିଆ, ଚାନ୍ଦୋଳ, ଥେରୁବାଲି, କାଲଟା
ମାର୍ଚ୍ଚ–୧୬ ଶନିବାର ବଇଁଡ଼ା **ମାର୍ଚ୍ଚ–୧୭** ରବିବାର କେନ୍ଦ୍ରାପଡ଼ା, ନାରଙ୍ଗପୁର
ମାର୍ଚ୍ଚ–୨୦ ବୁଧବାର ବାଲିଖଣ୍ଡ
ମାର୍ଚ୍ଚ–୨୪ ରବିବାର ନୂଆଗାଁ **ମାର୍ଚ୍ଚ–୩୧** ରବିବାର ବନ୍ତ, ବଦଳିଗାଁ

ବୈବାହିକ ସ୍ତମ୍ଭ

ତେଲି ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୨୯ବର୍ଷ, ଉଚ୍ଚତା-୫'୮'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଯୁକ୍ତ୨, ବ୍ୟବସାୟରତ, ଯାଜକପାଞ୍ଜାଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ହୃଷୀକେଶ ସାହୁ, ଦହିଖିଆ, କାକଟପୁର, ପୁରୀ, ମୋ.-୯୪୩୭୨୮୨୬୧୯ L-216

ଗୁଡ଼ିଆ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୁଡ଼ିଆ, ଗୋତ୍ର-ନାଗ, ବୟସ-୨୯ବର୍ଷ, ଉଚ୍ଚତା-୫'୧୧'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଏମବିବିଏସ, କାର୍ଡ଼ିୟାଆନାଥେସିଆରେ ଡ଼ି.ଏମ, ଋଷିକେଶଠାରେ ଏମସ୍‌ରେ କାର୍ଯ୍ୟରତ ସ୍ୱଷ୍ଟ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଶ୍ରୀଚରଣ ସାହୁ, ବିଜୁପଟ୍ଟନାୟକ ଛକ, ତୁଳସୀପୁର, କଟକ, ମୋ.-୯୪୩୭୪୯୦୯୨୮ L-217

ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୩୦ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଟେକ, ବାଙ୍ଗାଲୋରରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଡ଼ାଃ. ଦାମୋଦର ବଳ (ସ.ପ୍ର.ଋ.), ନାଲ୍‌କୋନଗର, ଅନୁଗୁଳ, ମୋ.-୭୯୭୮୩୦୧୦୨୯ L-218

ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୨୬ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଏମଏ, ବିଇଡ଼ି, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଡ଼ାଃ. ଦାମୋଦର ବଳ (ସ.ପ୍ର.ଋ.), ନାଲ୍‌କୋନଗର, ଅନୁଗୁଳ, ମୋ.-୭୯୭୮୩୦୧୦୨୯ L-219

ବଢ଼େଇ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ବଢ଼େଇ, ଗୋତ୍ର-ହସ୍ତୀ, ବୟସ-୩୦ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକ କଳା, ପିଜିଡ଼ିସିଏ, ଗୃହକର୍ମନିପୁଣା, ସ୍ୱଷ୍ଟ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ଗନ୍ତାୟତ ମହାରଣା, ବରଗଡ଼ ବ୍ରିଟକଲୋନୀ, ଭୁବନେଶ୍ୱର, ମୋ.-୯୪୩୮୦୧୧୬୨୫ L-220

ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-କଶ୍ୟପ, ବୟସ-୩୧ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକୋତ୍ତର ବାଣିଜ୍ୟ, ପିଜିଡ଼ିସିଏ, ସରକାରୀ କଲେଜରେ ଅଧ୍ୟାପକଭାବେ କାର୍ଯ୍ୟରତ ସ୍ୱଷ୍ଟ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଦେବପ୍ରିୟ ବରାଳ, ନୂଆଗାଁ, ତରଭା, ଢ଼େଙ୍କାନାଳ, ମୋ.-୯୭୭୬୪୭୯୯୯୦ L-221

ଗୋପାଳ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗଉଡ଼, ଗୋତ୍ର-ନାଗ, ବୟସ-୨୭ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକୋତ୍ତର କଳା, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଗୁଣ୍ଡୁଚି ଚରଣ ଦାସ, ଫକୀରପୁର, ପଣ୍ଡାସାହି, ଜଗତ୍‌ପୁର, କଟକ, ମୋ.-୯୮୬୧୫୨୨୮୯୫ L-222

କରଣ ପାତ୍ରୀ ଆବଶ୍ୟକ

ଜାତି-କରଣ, ଗୋତ୍ର-ନାଗ, ବୟସ-୨୬ବର୍ଷ, ଉଚ୍ଚତା-୫'୭'', ଯୋଗ୍ୟତା-ବିଟେକ, ଇଲେକ୍ଟ୍ରିକାଲ, ପୁନେରେ ସଫ୍ଟୱ୍ୟାର ଇଞ୍ଜିନିୟରଭାବେ କାର୍ଯ୍ୟରତ ନିରାମିଷାଶୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : ଚୌଧୁରୀ ପ୍ରଭାସ ରଞ୍ଜନ ଦାସ, ସା./ପୋ.-କୋଟିଆ, ଭା.-କାଦୁଆପଡ଼ା, ଜି.-ଜଗତସିଂହପୁର, ମୋ.-୯୯୩୭୧୪୮୨୨୧ L-140

ଗୋପାଳ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୋପାଳ, ଗୋତ୍ର-ନାଗ, ବୟସ-୨୬ବର୍ଷ, ଉଚ୍ଚତା-୫', ଯୋଗ୍ୟତା-ସ୍ନାତକ କଳା, ପିଜିଡ଼ିସିଏ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ନରେନ୍ଦ୍ର କୁମାର ବାରିକ, ସା.-ରିଆ, ପୋ.-ସିମୁଳିଆ, ଜି.-ବାଲେଶ୍ୱର, ମୋ.-୯୧୭୮୫୬୮୩୩୫ L-146

ହାଡ଼ି ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ଶୂଦ୍ର, ଜାତି-ହାଡ଼ି, ଗୋତ୍ର-ସାଳ, ବୟସ-୨୮ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ସ୍ନାତକ ସଙ୍ଗୀତ, ସେଣ୍ଟ୍ରାଲ ସ୍କୁଲରେ ସଙ୍ଗୀତ ଶିକ୍ଷକଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ସୁରେନ୍ଦ୍ର ଗୋଛାୟତ, ସା./ପୋ.-ଦୋଳସାହି, ଜି.-ଭଦ୍ରଖ, ମୋ.-୭୨୦୫୪୦୭୮୪୬ L-162

ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-କୌଶିକ, ବୟସ-୩୦ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ଡ଼ାକ୍ତର, ଏମ.ଡ଼ି, ନିରାମିଷାଶୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : ଡ଼ାଃ. ଦେବରଞ୍ଜନ ମିଶ୍ର, କ୍ୱାଟରନଂ.-ଏ/୧୩୩, ସେକ୍ଟର-୧୭, ରାଉରକେଲା, ସୁନ୍ଦରଗଡ଼, ମୋ.-୮୮୯୫୫୦୧୧୨୩ L-167

ବୈଷ୍ଣବ ପାତ୍ରୀ ଆବଶ୍ୟକ

ଜାତି-ବେଙ୍ଗଲୀ ବୈଷ୍ଣବ, ଗୋତ୍ର-ଅଚ୍ୟୁତାନନ୍ଦ, ବୟସ-୩୦ବର୍ଷ, ଉଚ୍ଚତା-୬', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ସ୍ନାତକ ବାଣିଜ୍ୟ,

କମ୍ପାନୀରେ ସେଲ୍ସ ଅଫିସରଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଅସିତ ଅଧିକାରୀ, ଗ୍ରା.–ବୈଷ୍ଣବ ବିହାର, ଚୌଦ୍ୱାର, କଟକ L- 223

ବିପ୍ର ପାତ୍ର ଆବଶ୍ୟକ

ବର୍ଣ୍ଣ–ବିପ୍ର, ଜାତି–ବ୍ରାହ୍ମଣ, ଗୋତ୍ର–ଭରଦ୍ୱାଜ, ବୟସ–୨୪ବର୍ଷ, ଉଚ୍ଚତା–୫'୨'', ଦୈହିକରଙ୍ଗ–ଗୌର, ଯୋଗ୍ୟତା–ସ୍ନାତକୋତ୍ତର ବିଜ୍ଞାନ, ଏମଫିଲ, ଗୃହକର୍ମନିପୁଣା, ସ୍ୱଷ୍ଟ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ଶରତ କୁମାର ପଣ୍ଡା, ସାଲେପୁର, କଟକ, ମୋ.–୯୪୩୯୮୧୪୩୨୦/୭୮୭୩୯୧୦୩୪୬ L- 224

ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ–କ୍ଷତ୍ରିୟ, ଜାତି–ଖଣ୍ଡାୟତ, ଗୋତ୍ର–କାଶ୍ୟପ, ବୟସ–୩୩ବର୍ଷ, ଉଚ୍ଚତା–୫'୫'', ଦୈହିକରଙ୍ଗ–ସାବନା, ଯୋଗ୍ୟତା–ସ୍ନାତକ ବିଜ୍ଞାନ, ଡ଼ିପ୍ଲୋମା ଇଲେକ୍ଟ୍ରିକାଲ, ଭାରତୀୟ ବାୟୁସେନାରେ କାର୍ଯ୍ୟରତ ସ୍ୱଷ୍ଟ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ବିକ୍ରମ ଜେନା, ଇନ୍ଦୁମତୀ ପାଟଣା, ଘାସିପୁଟ, ବାଙ୍କୀ, କଟକ, ମୋ.–୮୪୫୬୮୪୧୫୬୬ L- 225

ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ–କ୍ଷତ୍ରିୟ, ଜାତି–ଖଣ୍ଡାୟତ, ଗୋତ୍ର–କାଶ୍ୟପ, ବୟସ–୨୯ବର୍ଷ, ଉଚ୍ଚତା–୫'୪'', ଦୈହିକରଙ୍ଗ–ଗୌର, ଯୋଗ୍ୟତା–ସ୍ନାତକୋତ୍ତର କଳା, ଗୃହକର୍ମନିପୁଣା, ସ୍ୱଷ୍ଟ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ବିକ୍ରମ ଜେନା, ଇନ୍ଦୁମତୀ ପାଟଣା, ଘାସିପୁଟ, ବାଙ୍କୀ, କଟକ, ମୋ.–୯୬୬୭୪୫୨୫୩୧ L- 226

ତନ୍ତୀ ପାତ୍ର ଆବଶ୍ୟକ

ଜାତି–ମାଟିବଂଶ ତନ୍ତୀ, ଗୋତ୍ର–ଆଦିସ, ବୟସ–୩୦ବର୍ଷ, ଉଚ୍ଚତା–୫'୧'', ଦୈହିକରଙ୍ଗ–ସାବନା, ଯୋଗ୍ୟତା–ସଂସ୍କୃତ ଆଚାର୍ଯ୍ୟ, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଜୟଦେବ ମାଟି, ସାମନ୍ତରାନଗର, ଗୋପୀନାଥପୁର, ପୁରୀ, ମୋ.–୭୦୦୮୩୭୨୩୦୧ L- 227

ମାହିଷ୍ୟ ପାତ୍ର ଆବଶ୍ୟକ

ବର୍ଣ୍ଣ–କ୍ଷତ୍ରିୟ, ଜାତି–ଖଣ୍ଡାୟତ ମାହିଷ୍ୟ, ଗୋତ୍ର–ଶାଣ୍ଡିଲ୍ୟ, ବୟସ–୨୩ବର୍ଷ, ଉଚ୍ଚତା–୫'୩'', ଦୈହିକରଙ୍ଗ–ଗୌର, ଯୋଗ୍ୟତା–ଯୁକ୍ତ୨ କଳା, ଆଜୀବନ ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ନିରଞ୍ଜନ ଜେନା (ସ.ପ୍ର.ର.), ସା.–ଗଡ଼ହରିଶପୁର, ପୋ.–ଓଲରା, ଜି.–ଜଗତସିଂହପୁର, ମୋ.–୯୯୩୭୯୨୩୯୧୩ L- 194

ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ–କ୍ଷତ୍ରିୟ, ଜାତି–ଖଣ୍ଡାୟତ, ଗୋତ୍ର–ନାଗ, ବୟସ–୨୯ବର୍ଷ, ଉଚ୍ଚତା–୫'୯'', ଯୋଗ୍ୟତା–ବି.ଟେକ, ବାଙ୍ଗାଲୋରରେ ସଫ୍ଟୱେର ଇଞ୍ଜିନିୟରଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : ରବୀନ୍ଦ୍ରନାଥ ମୁଦୁଲି (ଅଧ୍ୱର୍ଯ୍ୟୁ), ସା./ପୋ.–ଶୈଳଙ୍ଗ, ଭା.–ଘଷିପୁରା, ଜି.–କେଉଁଝର, ମୋ.–୯୪୩୮୨୪୦୬୫୪ L- 222

ସଦଗୋପ ପାତ୍ର ଆବଶ୍ୟକ

ଜାତି–ସଦଗୋପ, ଗୋତ୍ର–ରୁଦ୍ରାକ୍ଷ, ବୟସ–୨୨ବର୍ଷ, ଉଚ୍ଚତା–୫'୩'', ଦୈହିକରଙ୍ଗ–ସଫା, ଯୋଗ୍ୟତା–ବିସିଏ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ଅଶ୍ୱିନୀ କୁମାର ବାସୁରୀ, ବହରାଗୋଡ଼ା, ପୂର୍ବସିଂହଭୂମ, ମୋ.–୯୩୦୪୯୧୧୩୯ L- 217

କରଣ ପାତ୍ର ଆବଶ୍ୟକ

ଜାତି–କରଣ, ଗୋତ୍ର–ନାଗ, ବୟସ–୨୬ବର୍ଷ, ଉଚ୍ଚତା–୫'୫'', ଦୈହିକରଙ୍ଗ–ସଫା, ଯୋଗ୍ୟତା–ବି.ଟେକ(କମ୍ପ୍ୟୁଟର), ଆଜନ୍ମ ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

ଯୋଗାଯୋଗ : ଦୀପକ କୁମାର ମହାପାତ୍ର, ସା.–କେଓଲା, ପୋ.–ବହିଡ଼ାଗୁଡ଼ା, ଜି.–ପୂର୍ବସିଂହଭୂମ, ଝାଡ଼ଖଣ୍ଡ, ମୋ.–୭୦୦୪୯୦୫୫୨୯ L- 216

ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ–ବିପ୍ର, ଜାତି–ବ୍ରାହ୍ମଣ, ଗୋତ୍ର–କୌଣ୍ଡିନ୍ୟ, ବୟସ–୨୬ବର୍ଷ, ଉଚ୍ଚତା–୫'୫'', ଦୈହିକରଙ୍ଗ–ଗୌର, ଯୋଗ୍ୟତା–ଏମ.ବି.ଏ, ନିଜସ୍ୱ ବ୍ୟବସାୟରତ, ସ୍ୱଷ୍ଟ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : କେଶବ ଚନ୍ଦ୍ର ପାଣି (ସ.ପ୍ର.ର.), ସା./ପୋ.–ଦେବିଦ୍ୱାର, ଜି.–ଯାଜପୁର, ମୋ.–୯୦୪୦୮୮୩୩୦୯ L- 227

ଗୁଡ଼ିଆ ପାତ୍ରୀ ଆବଶ୍ୟକ

ବର୍ଣ୍ଣ–ବୈଶ୍ୟ, ଜାତି–ଗୁଡ଼ିଆ, ଗୋତ୍ର–ରୁଟେଶ୍ୱ, ବୟସ–୩୩ବର୍ଷ, ଉଚ୍ଚତା–୫'୯'', ଦୈହିକରଙ୍ଗ–ଗୌର, ଯୋଗ୍ୟତା–ସ୍ନାତକୋତ୍ତର ବିଜ୍ଞାନ, ସରକାରୀ ହାସପାତାଳରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : ଶିବଶଙ୍କର ପାତ୍ର, ସା.–ରାଇରଙ୍ଗପୁର, ମୟୁରଭଞ୍ଜ, ମୋ.–୯୪୩୭୫୫୯୧୨୭ L- 195

କୁମୁଟି ପାତ୍ରୀ ଆବଶ୍ୟକ

ବର୍ଣ୍ଣ–ବୈଶ୍ୟ, ଜାତି–କୁମୁଟି, ଗୋତ୍ର–ମାନ୍ତିକୁଲସ୍, ବୟସ–୨୮ବର୍ଷ, ଉଚ୍ଚତା–୫'୧୦'', ଯୋଗ୍ୟତା–ଏମବିଏ, କମ୍ପାନୀରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

ଯୋଗାଯୋଗ : ନିରଞ୍ଜନ ମାଲୁ, ସା./ପୋ.–ବରମୁଣ୍ଡା, ଭୁବନେଶ୍ୱର, ମୋ.–୯୮୬୧୦୪୦୩୯୩ L- 245

ବିଶେଷ ବିଜ୍ଞପ୍ତି

କେନ୍ଦ୍ର ବା ଶ୍ରୀମନ୍ଦିର ନିର୍ମାଣ ପ୍ରସଙ୍ଗରେ

ଇଷ୍ଟକାର୍ଯ୍ୟର ସୌକାର୍ଯ୍ୟାର୍ଥେ ସତ୍‌ସଙ୍ଗର କର୍ମିଗଣ ଓ ସତ୍‌ସଙ୍ଗିଗଣଙ୍କୁ ଜଣାଇ ଦିଆଯାଉଛି କି, ଯଦି ସେମାନେ କୌଣସି ସ୍ଥାନରେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମନ୍ଦିର, ସତ୍‌ସଙ୍ଗ କେନ୍ଦ୍ର ଅଥବା ସତ୍‌ସଙ୍ଗ ବିହାର ନିର୍ମାଣ କରିବାକୁ ଇଚ୍ଛୁକ ହୁଅନ୍ତି, ତେବେ ସେହି ଅଞ୍ଚଳର ସ୍ଥାନୀୟ କର୍ମିଗଣ ସମବେତଭାବେ ଇଷ୍ଟସ୍ୱାର୍ଥପ୍ରତିଷ୍ଠା ମାନସରେ ଶ୍ରୀମନ୍ଦିର ବା କେନ୍ଦ୍ର ନିର୍ମାଣ ପାଇଁ ଅବଶ୍ୟ ହିଁ ପ୍ରଥମେ ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶ୍ରୀଚରଣରେ ନିବେଦନ କରିବେ । ତାଙ୍କ ଆଶୀର୍ବାଦପ୍ରାପ୍ତ ହେବା ପରେ ଯେଉଁ ଜମିରେ ଶ୍ରୀମନ୍ଦିର ବା କେନ୍ଦ୍ର ନିର୍ମାଣ କରିବାର ସଙ୍କଳ୍ପ ନିଆ ହୋଇଛି, ସେହି ଜମି କ୍ରୟ ବା ଦାନ ଗ୍ରହଣର ପୂର୍ବେ ସେକ୍ରେଟାରୀ, ସତ୍‌ସଙ୍ଗଙ୍କ ନିକଟରେ ସେହି ଜମିର ବିଧିସମ୍ମତ ଯାବତୀୟ ତଥ୍ୟାଦି ଓ କାଗଜପତ୍ର ଦାଖଲ କରିବାକୁ ହେବ । ସତ୍‌ସଙ୍ଗ ସମ୍ପାଦକଙ୍କ ନିର୍ଦ୍ଦେଶାଦି ଯଥାଯଥ ପାଳନପୂର୍ବକ ଆଇନସମ୍ମତ ଉପାୟରେ ସେହି ଜମି କ୍ରୟ ବା ଦାନ ଗ୍ରହଣ କରାଯାଇପାରେ । ପୁନରାୟ ପ୍ରଧାନ ଆଚାର୍ଯ୍ୟଦେବଙ୍କ ଆଶୀର୍ବାଦପ୍ରାପ୍ତ ହୋଇ ତାଙ୍କ ନିର୍ଦ୍ଦେଶାନୁସାରେ ସତ୍‌ସଙ୍ଗ, ଦେଓଘରର ଇଞ୍ଜିନିୟରଦ୍ୱାରା ଅଙ୍କିତ ବା ଅନୁମୋଦିତ ନକ୍ସା ଅନୁଯାୟୀ ଶ୍ରୀମନ୍ଦିର ବା କେନ୍ଦ୍ର ନିର୍ମାଣ କରାଯାଇପାରେ ।

ସତ୍‌ସଙ୍ଗ କେନ୍ଦ୍ର, ଶ୍ରୀମନ୍ଦିର ନିର୍ମାଣ ଇତ୍ୟାଦି ପାଇଁ ସଂଗୃହୀତ ସମସ୍ତ ଅର୍ଘ୍ୟ ଅବଶ୍ୟହିଁ ଫିଲାନ୍‌ଥ୍ରପୀ ଅଫିସରେ ଜମା ଦେବାକୁ ହେବ । ପରେ ନିର୍ମାଣ କାର୍ଯ୍ୟରେ ବ୍ୟୟ ପାଇଁ ସତ୍‌ସଙ୍ଗ–ସମ୍ପାଦକଙ୍କ ସମ୍ମତିରେ ସେହି ଅର୍ଘ୍ୟ ଉଠାଇ ନିର୍ମାଣ କାର୍ଯ୍ୟରେ ବ୍ୟୟ କରାଯିବ । ସେହି ନିର୍ମାଣ କାର୍ଯ୍ୟର ହିସାବ ଯଥାଯଥଭାବେ ରଖି ତାହା ଫିଲାନ୍‌ଥ୍ରପୀ ଅଫିସରେ ନିର୍ଦ୍ଦିଷ୍ଟ ସମୟରେ ଦାଖଲ କରିବାକୁ ହେବ ।

ଶ୍ରୀମନ୍ଦିର ବା କେନ୍ଦ୍ର ନିର୍ମାଣର ଅର୍ଘ୍ୟ ସଂଗ୍ରହ ପାଇଁ ସତ୍‌ସଙ୍ଗ–ସମ୍ପାଦକଙ୍କ ବିନା ଅନୁମତିରେ କୌଣସିବି ରସିଦ୍ ବହି ଛପା ଯିବ ନାହିଁ ।

କୌଣସି ବି ସ୍ଥାନରେ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମୋତ୍ସବ ଇତ୍ୟାଦି ପାଳନ ପାଇଁ ସତ୍‌ସଙ୍ଗ–ସମ୍ପାଦକଙ୍କ ବିନା ଅନୁମତିରେ ରସିଦ୍ ବହି ଛପା ଯିବନି ଏବଂ ସଂଗୃହୀତ ଅର୍ଘ୍ୟର ଯାବତୀୟ ଆୟ ଓ ବ୍ୟୟର ହିସାବ ଫିଲାନ୍‌ଥ୍ରପୀ ଅଫିସରେ ଦାଖଲ କରିବାକୁ ହେବ ।

ସତ୍‌ସଙ୍ଗ, ଦେଓଘର, ତା୨୬।୧୦।୨୦୧୫ରିଖ ***ସେକ୍ରେଟାରୀ, ସତ୍‌ସଙ୍ଗ***

ସତ୍‌ସଙ୍ଗ ଦେଓଘରକୁ ଆଗମନକାରୀ ଭକ୍ତ–ଅନୁରାଗୀବୃନ୍ଦଙ୍କ ଜ୍ଞାତାର୍ଥେ ଜଣାଇ ଦିଆଯାଉଛି ଯେ, ଅତିଥିଶାଳାରେ ଅବସ୍ଥାନ ଓ ଆନନ୍ଦବଜାରରେ ପ୍ରସାଦ ସେବନ ପାଇଁ ପ୍ରତିପ୍ରତ୍ୟେକଙ୍କର ନିମ୍ନବର୍ଣ୍ଣିତ କୌଣସି ଗୋଟେ ସଚିତ୍ର ପରିଚୟ ପତ୍ର (Photo Identity) ଏବଂ ନିଜର ସାମ୍ପ୍ରତିକ ଅର୍ଘ୍ୟ–ପ୍ରସ୍ୱସ୍ତି ଅବଶ୍ୟହିଁ ସଙ୍ଗେ ଆଣିବେ ।

ସଚିତ୍ର ପରିଚୟ ପତ୍ର (Photo Identity) :

୧. Voter Identity Card ୨. Driving Licence (ସାମ୍ପ୍ରତିକ)

୩. PAN Card ୪. ଅନ୍ୟ କୌଣସି ବୈଧ ପରିଚୟ ପତ୍ର

– ସେକ୍ରେଟାରୀ, ସତ୍‌ସଙ୍ଗ

ସତ୍‌ସଙ୍ଗ, ଦେଓଘର, ୨୬/୧୦/୨୦୧୫

ବି.ଦ୍ର. : ACCOMMODATION ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କ ବିବେଚନାଧୀନ ଏବଂ ସ୍ଥାନ ସଙ୍କୁଳାନ ସାପେକ୍ଷ ।

ବିଶେଷ ବିଜ୍ଞପ୍ତି

ସତ୍‌ସଙ୍ଗ, ଦେଓଘରଠାରେ ଉତ୍ସବର ୧୫ଦିନ ଆଗରୁ **ACCOMMODATION** (ରହଣି ବ୍ୟବସ୍ଥା) ପାଇଁ ଯୋଗାଯୋଗ କରିବାକୁ ହେଲେ **9431384951** ଏହି ନମ୍ବରରେ ଫୋନ୍ କରିପାରନ୍ତି ।

ସମୟ :– ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ରାତି ୮ଟାରୁ ୯ଟା ଅବଧି ।

ONLINEରେ ଆବେଦନର ଠିକଣା :– **acco.satsang.org.in**

ସାଙ୍ଗରେ କୌଣସି ଯାନବାହନ ଥିଲେ ଅବଶ୍ୟହିଁ ଜଣାଇବାକୁ ହେବ ।

ସେକ୍ରେଟାରୀ, ସତ୍‌ସଙ୍ଗ
ସତ୍‌ସଙ୍ଗ, ଦେଓଘର
୨୬.୧୦.୨୦୧୫

ବି.ଦ୍ର. : **Accommodation** (ରହଣି ବ୍ୟବସ୍ଥା) ସମ୍ପୂର୍ଣ୍ଣ କର୍ତ୍ତୃପକ୍ଷଙ୍କ ବିବେଚନାଧୀନ ଏବଂ ସ୍ଥାନ ସଙ୍କୁଳାନସାପେକ୍ଷ

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶକ୍ରମେ ସ୍ଥିରୀକୃତ ଅଞ୍ଚଳଭିତ୍ତିକ ଆନନ୍ଦବଜାରର ପୂତ ଦାୟିତ୍ୱର ସୂଚୀ :

ଅନୁଷ୍ଠାନର ନାମ	ଅନୁଷ୍ଠାନ ସ୍ଥଳ	ତାରିଖ	ଆନନ୍ଦବଜାରର ଦାୟିତ୍ୱପ୍ରାପ୍ତ ରାଜ୍ୟ/ଜିଲ୍ଲା
୧– ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ୧୦୮ତମ ଜନ୍ମତିଥି ଉତ୍ସବ	ସତ୍‌ସଙ୍ଗ, ଦେଓଘର	୦୮।୧୨।୨୦୧୮	ମୁର୍ଶିଦାବାଦ ଜିଲ୍ଲା ସତ୍‌ସଙ୍ଗ
୨– ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ୧୦୮ତମ ଜନ୍ମମହୋତ୍ସବ ଏବଂ ତତ୍‌ସହ ୩୧୪ତମ ସର୍ବଭାରତୀୟ ସତ୍‌ସଙ୍ଗ ରତ୍ୱିକ୍–ସମ୍ମେଳନ	ଗୌହାଟୀ, ଆସାମ	୩୧।୧୨।୨୦୧୮ ୦୧।୦୧।୨୦୧୯	ମେଘାଳୟ ରାଜ୍ୟ ସତ୍‌ସଙ୍ଗ ନାଗାଲ୍ୟାଣ୍ଡ ରାଜ୍ୟ ସତ୍‌ସଙ୍ଗ

– ସମ୍ପାଦକ, ସତ୍‌ସଙ୍ଗ
ତା୩୧।୧୨।୨୦୧୭

Satsang - Communication Centre

ବ୍ୟକ୍ତିଜୀବନର ବିବିଧ ବିଷୟ ନେଇ ଜାଣିବାର ଆଗ୍ରହରେ ବା ସମଷ୍ଟି–ଜୀବନର କୌଣସି ସମସ୍ୟା, ସାଙ୍ଗଠନିକ କ୍ଷେତ୍ରରେବି ତଥ୍ୟ ଅନୁସନ୍ଧାନ ଓ ଜିଜ୍ଞାସା– ଏହିସବୁ ବ୍ୟାପାରରେ ଆମେ ଅନେକ ସମୟରେ ଚିହ୍ନାଜଣା ମଣିଷ ମାଧ୍ୟମରେ ନିଜର ଭାବ–ବିନିମୟ କରିଥାଉ । ଏବେଠାରୁ ଦେଓଘର ସତ୍‌ସଙ୍ଗ ଆଶ୍ରମରେ 'ଜନ–ସଂଯୋଗ କେନ୍ଦ୍ର' ବା Communication Centre ଖୋଲା ହୋଇଛି । ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ବିବିଧ ବିଷୟରେ ଆପଣମାନେ ଫୋନ୍ ମାଧ୍ୟମରେ ନିଜର ଭାବର ଆଦାନ–ପ୍ରଦାନ କରିପାରିବେ । ନମ୍ବରଟି ଆପଣମାନେ ନୋଟ କରି ଦେଇପାରନ୍ତି– ୧୮୦୦୩୪୫୦୧୨୨ ।

ରବିବାର ଏବଂ ଆଶ୍ରମର ଉତ୍ସବ ଅନୁଷ୍ଠାନ ଦିବସଗୁଡ଼ିକରେ କମ୍ୟୁନିକେଶନ ସେଣ୍ଟର ବନ୍ଦ ରହିବ ।

ଆଶ୍ରମ ସମ୍ବାଦ

ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ ନିବେଦନ କରୁଛନ୍ତି ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦା

'ସମସ୍ତେ ଭଲରେ ରୁହନ୍ତୁ । ସମସ୍ତଙ୍କୁ ଭଲରେ ରଖନ୍ତୁ । ସମସ୍ତେ ସମସ୍ତଙ୍କୁ ପ୍ରାଣଖୋଲି 'ଜୟଗୁରୁ' କହି ଭଲପାଇ କୁଣ୍ଢାଇ ଧରନ୍ତୁ । କେହି ଯେପରି ପର ନ ରହେ । ସମସ୍ତେହିଁ ଆପଣାର ଠାକୁରଙ୍କୁ ନେଇ । ଠାକୁରଙ୍କର ସ୍ୱାର୍ଥରେ ଆପଣାର । ନିଜ ସ୍ୱାର୍ଥରେ ଆପଣାର ନୁହଁନ୍ତି । ପାରିପାର୍ଶ୍ୱିକର ସେବା କରୁ କରୁ ସମସ୍ତଙ୍କୁ ଠାକୁରଙ୍କ ଚରଣକୁ ନେଇ ଆସନ୍ତୁ । ଭଲ ରହିବାର ଏଇଟା ହିଁ ପଥ । ଆଉ ପଥ ନାହିଁ ।'

ଗତ ୩୧୩ତମ ସର୍ବଭାରତୀୟ ରତ୍ୱିକ୍-ସମ୍ମେଳନରେ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶ୍ରୀମୁଖରୁ ସମବେତ କର୍ମୀଙ୍କ ଉଦ୍ଦେଶ୍ୟରେ ଉଦ୍ଧୃତ ବାକ୍ୟାବଳୀ ବ୍ୟକ୍ତ ହୋଇଥିଲା । ସେ ଏହିପରିଭାବେ ସତତ କର୍ମୀମାନଙ୍କୁ ଉତ୍ସାହିତ କରି ଚାଲନ୍ତି । ତାଙ୍କ ଉତ୍ସାହ ଓ ପ୍ରେରଣାରେ ପ୍ରବୁଦ୍ଧ ହୋଇ କର୍ମୀମାନେ ଇଷ୍ଟସ୍ୱାର୍ଥପ୍ରତିଷ୍ଠାରେ ସଙ୍କଳ୍ପବଦ୍ଧ ହୋଇଉଠନ୍ତି ।

ତା୧୦.୧୧.୨୦୧୮ରିଖ, ଶନିବାର : ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଶୁଭ ୮୬ତମ ଜନ୍ମତିଥି ସତ୍‌ସଙ୍ଗ ଦେଓଘରଠାରେ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧ୍ୟମରେ ହଜାର ହଜାର ଭକ୍ତ-ଦର୍ଶନାର୍ଥୀଙ୍କ ସମାବେଶରେ ସାଡ଼ମ୍ବରରେ ପାଳିତ ହେଲା । *(ସ୍ୱତନ୍ତ୍ର ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)*

୧୯ ନଭେମ୍ବରରୁ ୨୨ ନଭେମ୍ବର : ଏହି ଚାରିଦିନ ବ୍ୟାପୀ ଦେଶର ନାନା ପ୍ରାନ୍ତରୁ ଆଗତ ଶିଳ୍ପିମାନଙ୍କର ଅଂଶଗ୍ରହଣରେ ଆୟୋଜିତ ହେଲା ୨୮ତମ ଉତ୍ସୁଜୀ ଚିତ୍ରକଳା, ଫଟୋଗ୍ରାଫୀ ଓ ଭାସ୍କର୍ଯ୍ୟଶିଳ୍ପ ପ୍ରଦର୍ଶନୀ । *(ସ୍ୱତନ୍ତ୍ର ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)*

ତା୨୧.୧୧.୨୦୧୮ରିଖ, ବୁଧବାର : ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୮ତମ ଜନ୍ମଦିବସ ସତ୍‌ସଙ୍ଗ ଦେଓଘରଠାରେ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧ୍ୟମରେ ସାଡ଼ମ୍ବରରେ ପାଳିତ ହେଲା । *(ସ୍ୱତନ୍ତ୍ର ବିବରଣୀ ଅନ୍ୟତ୍ର ଦ୍ରଷ୍ଟବ୍ୟ)*

ସମ୍ବାଦ : କୃପାସିନ୍ଧୁ ରକ୍ଷିତ

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଭଲ ଅଛନ୍ତି । ଇଷ୍ଟ-ପରିବାରର ସମସ୍ତେ ମଧ୍ୟ ଭଲ ଅଛନ୍ତି ।

ଠାକୁରବଙ୍ଗଳାରେ ବର୍ତ୍ତମାନ ପ୍ରାତଃ ୫ଟା ୫୯ମିନିଟ୍‌ରେ ସମବେତ ବିନତି-ପ୍ରାର୍ଥନା ଅନୁଷ୍ଠିତ ହେଉଛି । ବାଣୀପାଠ କ୍ରମେ ପ୍ରଭାତ ସମୟରେ 'ସତ୍ୟାନୁସରଣ' ପରେ 'ଚଲାର ସାଥୀ'ରୁ ବାଣୀପାଠ ହେଉଛି । ଏହି ସମୟରେ ଠାକୁରବଙ୍ଗଳାରେ ପୂଜ୍ୟପାଦ ବାବାଇଦା ଓ ପୂଜନୀୟ ଶୁଭଦା ଉପସ୍ଥିତ ଥାଆନ୍ତି ।

ସନ୍ଧ୍ୟା ୪ଟା ୫୬ମିଃ.ରେ ବିନତି-ପ୍ରାର୍ଥନା ଏବଂ ଗ୍ରନ୍ଥପାଠକ୍ରମେ 'ଅନୁଶ୍ରୁତି' (୪ର୍ଥଖଣ୍ଡ) ଓ 'ଶାଶ୍ୱତୀ'ରୁ ବାଣୀପାଠ ହେଉଛି ।

ପୁରୁଷୋତ୍ତମଙ୍କ ପାଦପୀଠରେ ପ୍ରତ୍ୟହ ଭକ୍ତ-ଦର୍ଶନାର୍ଥୀମାନଙ୍କର ଆଗମନ ଅବ୍ୟାହତ ରହିଛି । ସମୟେ ସମୟେ ବିଶେଷ ବ୍ୟକ୍ତିମାନେ ମଧ୍ୟ ଆଗମନ କରନ୍ତି । ଗିରିଡ଼ିରୁ ଭାଗଲପୁର ଯାତ୍ରାପଥେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ସର-ସଙ୍ଘ-ଚାଳକ ଶ୍ରୀମୋହନ ଭାଗବତ ଗତ ୧୮ ନଭେମ୍ବରରେ ଆଶ୍ରମକୁ ଆସନ୍ତି । ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଓ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କୁ ଦର୍ଶନ କରି ସେ ବିଶେଷଭାବେ ତୃପ୍ତ ହୁଅନ୍ତି ।

ନିତ୍ୟ ପରମାରାଧ୍ୟ ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଭୋଗରାଗ ଯଥାରୀତି ନିବେଦିତ ହୋଇ ଚାଲିଛି ।

ଡ଼କ୍ଟର ନିରଞ୍ଜନ ମିଶ୍ର
ତା୨୮।୧୧।୨୦୧୮
ସତ୍‌ସଙ୍ଗ ନଗର, ଦେଓଘର



ସାଧାରଣତଃ ଏକ ଧାରଣା ରହିଛି— ଦୁନିଆରେ ସତ୍ ଓ ଅସତ୍ ସ୍ୱଭାବର ଏବଂ କିଛିଟା ସତ୍ କିଛିଟା ଅସତ୍— ଏହିପରି ତିନିପ୍ରକାର ଲୋକ ଅଛନ୍ତି । କିନ୍ତୁ ପୁରୁଷୋତ୍ତମଙ୍କ ଭାବାଦର୍ଶରେ ଏହା ଗ୍ରହଣୀୟ ନୁହେଁ । ତାଙ୍କ ଭାବାଦର୍ଶ କହେ—

ମଣିଷ ସତ୍‌ପ୍ରକୃତିସମ୍ପନ୍ନ ବି ହୁଏ-
ପୁନଶ୍ଚ ଅସତ୍‌ପ୍ରକୃତିସମ୍ପନ୍ନ ବି ହୋଇଥାଏ,
କିନ୍ତୁ କିଛିଟା ସତ୍, କିଛିଟା ଅସତ୍—
ଏହି ଧାରଣା ନିହାତି ହିଁ ଅଦ୍ଭୁତ;
ଯେ ପ୍ରବୃତ୍ତି ଗ୍ରାସ କରିଥାଏ
ଓ ସୁଯୋଗ ପାଇଲେହିଁ ଉତ୍ତେଜିତ ହୋଇଉଠେ
ତାହାହିଁ ନିୟାମକ ପ୍ରବୃତ୍ତି..... ।

ପ୍ରକୃତରେ ଦୁଇ ପ୍ରକାର ଲୋକ ଦେଖାଯାଆନ୍ତି— ଜଣେ ସତ୍ ଆଉ ଜଣେ ଅସତ୍ । ସତ୍ ଓ ଅସତ୍‌ର ମିଶାମିଶି ଓ ଫେଣ୍ଟାଫେଣ୍ଟି ଲୋକ ନଥା'ନ୍ତି । କାରଣ ପ୍ରତ୍ୟେକ ମଣିଷକୁ କୌଣସି ନା କୌଣସି ପ୍ରବୃତ୍ତି ଗ୍ରାସ କରି ରହିଥାଏ । ସୁଯୋଗ ପାଇଲେ ଉତ୍ତେଜିତ ହୋଇ ତାହା ଚିହିଙ୍କି ଉଠେ । ସେଇଟା ହିଁ ତା'ର ନିୟାମକ ପ୍ରବୃତ୍ତି । ତା'ର ଯେତେ ଭଲ ଗୁଣ ଥାଉ ବା ମନ୍ଦ ଗୁଣ ଥାଉ ସେସବୁ ସେହି ନିୟାମକ ପ୍ରବୃତ୍ତିର ହିଁ ଅନୁଚର୍ଯ୍ୟା କରିଥା'ନ୍ତି, ପୋଷଣ ଯୋଗାଇଥା'ନ୍ତି, ଖୋରାକ ଜୁଟାଇଥା'ନ୍ତି । କେହି ଯଦି ଅସତ୍‌ପ୍ରକୃତିସମ୍ପନ୍ନ ହୋଇଥାଏ ସେ ଯଦି କୌଣସିପ୍ରକାର ଭଲ ଗୁଣର ଅଭିବ୍ୟକ୍ତି ଦେଖାଏ ତେବେ ବୁଝିବାକୁ ହେବ ତା' ଦେଇ ସେ ତା'ର ପ୍ରକୃତ ଅସତ୍ ପ୍ରକୃତିକୁ ଲୁଚାଇବାକୁ ଚାହେଁ । ଦୃଷ୍ଟାନ୍ତସ୍ୱରୂପ ସର୍ପ ବିଭିନ୍ନ ପ୍ରକାର ଶାରୀରିକ ଚଟକଦାର ବିଚିତ୍ରତା ଦେଇ ନିଜର ବିଷାକ୍ତ ପ୍ରକୃତିକୁ ଗୋପନ କରି ଚାଲିବାକୁ ଚେଷ୍ଟା କରେ । ସୁଯୋଗ ପାଇଲେ ସେ ଫଣା ଟେକି ଦଂଶନ କରେ । ସେହି ଦଂଶନ ଦେଇ ନିଜ ଭିତରୁ ବିଷ ଅନ୍ୟ ଦେହକୁ ସଞ୍ଚାର କରେ । ସୁତରାଂ ଅସତ୍ ବ୍ୟକ୍ତିମାନେ ନାନାପ୍ରକାର ଭେଳିକିବାଜି ଦେଖାଇ ସତ୍ ହେବାକୁ ଚେଷ୍ଟା କରିଥା'ନ୍ତି । କିନ୍ତୁ ପ୍ରକୃତରେ ସେମାନେ ସତ୍‌ପ୍ରକୃତିସମ୍ପନ୍ନ ନୁହଁନ୍ତି । କାରଣ—

ଯେ କୌଣସି ଉତ୍ତେଜନା ଭିତର ଦେଇ ହିଁ ହେଉନା କାହିଁକି
ସତ୍-ପ୍ରକୃତି ସକ୍ରିୟ ହୋଇ ନିୟାମକ ହୋଇ ଉଠିଛି ଯେଉଁଠାରେ
ସେ ସତ୍ ଲୋକହିଁ..... । *(ଆର୍ଯ୍ୟ-ପ୍ରାତିମୋକ୍ଷ-୨୮୭୪)*

ଜଣେ ଅନେକ ଭଲ ଗୁଣ ନେଇବି ସାମଗ୍ରିକଭାବେ ଅସତ୍ ହୋଇପାରେ । ଆଉ ଜଣେ ତା'ର ଅନେକ ମନ୍ଦଗୁଣ ନେଇବି ସାମଗ୍ରିକଭାବେ ସତ୍ ହୋଇପାରେ । ଏପରି ଦେଖିବାକୁ ମିଳେ । ସତ୍‌ପ୍ରକୃତିସମ୍ପନ୍ନ ଯେଉଁମାନେ ସେମାନେ ସହଜରେ ହିଁ ସଦନୁବର୍ତ୍ତୀ ହୋଇଥା'ନ୍ତି । କିନ୍ତୁ ଅସତ୍‌ମାନେ ସତ୍‌ର ଆୟତ୍ତରେ ଆସିଲେବି ତା'କୁ ଉପେକ୍ଷା କରି ନିଜର ପ୍ରବୃତ୍ତି-ଚଳନାରେ ମସ୍‌ଗୁଲ ହୋଇ ଚାଲିବାକୁ ଚାହାଁନ୍ତି । କାରଣ ସେମାନଙ୍କର ସ୍ୱାଭାବିକ ସତ୍ତାର ବିଚ୍ଛିନ୍ନ ବିକେନ୍ଦ୍ରିକ ଅଭିଭୂତି ହେତୁ ଏପ୍ରକାର ହୋଇଥାଏ ସତ୍ତାପ୍ରୀତି ଥିବା ସତ୍ତ୍ୱେବି । ସଂଘାତ ସଂକ୍ଷୋଭିତ ହୋଇ ସତ୍ତାପ୍ରୀତି ସଂକ୍ଷୁଧ ହୋଇଉଠେ ଯେତେବେଳେ ସେତେବେଳେହିଁ ମଣିଷ ଆର୍ତ୍ତ ହୋଇଉଠେ, ଅର୍ଥାର୍ଥୀ ହୋଇଉଠେ, ଜିଜ୍ଞାସୁ ହୋଇଉଠେ ଆପୂରିତ ହେବାର ଉନ୍ମାଦନାରେ । ଇଷ୍ଟାର୍ଥପରାୟଣ ଆକଣ୍ଠ ସମ୍ବେଗର ଉଦ୍‌ଗତି ବି ହୋଇଥାଏ ସେତେବେଳେ ସୁକେନ୍ଦ୍ରିକ ପ୍ରବୃତ୍ତି-ସଂହତି ନେଇ । କାରଣ ସେ ସତ୍ତାକୁ ଭଲପାଏ, ଶ୍ରଦ୍ଧା କରେ । ଅସତ୍‌ପ୍ରକୃତିସମ୍ପନ୍ନ ମାନେ ଯଦି ପ୍ରକୃତରେ ସତ୍‌ପ୍ରକୃତିସମ୍ପନ୍ନ ହେବାକୁ ଚାହାଁନ୍ତି ତେବେ ତାହାର ମଧ୍ୟ ଉପାୟ ରହିଛି । ଆଉ ତାହା ହେଉଛି ଶ୍ରେୟକେନ୍ଦ୍ରିକ ହୋଇଉଠିବା । ସୁକେନ୍ଦ୍ରିକ ତଦର୍ଥପ୍ରାଣତାରେ ସକ୍ରିୟ ହୋଇଉଠିଲେ ସମ୍ବେଗସମୃଦ୍ଧ ପ୍ରେରଣା ନେଇ ସେତେବେଳେ ସେମାନଙ୍କର ଭଲ ବା ମନ୍ଦର ସେହି ଏପ୍ରକାର ଅଭିବ୍ୟକ୍ତି ରହେନା, ନବୀନ ସଙ୍ଗତି ନେଇ ନବୀନ ସମାବେଶରେ ସେହି ନବଜୀବନର ଅଧିକାରୀ ହୋଇଉଠନ୍ତି ସେମାନେ କ୍ରମଶଃ । ଯେଉଁମାନଙ୍କର ନିୟାମକ ପ୍ରବୃତ୍ତି ଅସତ୍ ସେମାନେ ସତ୍‌ମାର୍ଗୀ ହେବା ଦୁରୂହ ବ୍ୟାପାର । କିନ୍ତୁ ଜୀବନର ସଂଘାତରେ ପେଶି ହୋଇ ଯେତେବେଳେ 'ହା ହତୋସ୍ମି' ବୋଲି ଚିତ୍କାର କରନ୍ତି ସେତେବେଳେ ଯଦି ସଦ୍‌ଗୁରୁ ପୁରୁଷୋତ୍ତମଙ୍କର ଶରଣାପନ୍ନ ହୁଅନ୍ତି ଏବଂ ନିଜର ଜୀବନଚର୍ଯ୍ୟାକୁ ତତ୍‌ପଛାରେ ପରିଚାଳିତ କରନ୍ତି ତେବେ ସେମାନଙ୍କର ସତ୍‌ମାର୍ଗୀ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଉଠେ । ତେବେ ଏହା ହଠାତ୍ ବା ଗୋଟେ ଦିନରେ ହୁଏ ନାହିଁ । କ୍ରମଶଃ ସେମାନଙ୍କର ପରିବର୍ତ୍ତନ ହୋଇଚାଲେ । ପୁରୁଷୋତ୍ତମଙ୍କ ଅନୁସରଣ ବିନା କଦାପି ଅସତ୍ ବ୍ୟକ୍ତିର ସତ୍‌ପଥରେ ପଥିକ ହେବା ସମ୍ଭବ ନୁହେଁ— ଏହା ଧ୍ରୁବସତ୍ୟ । *– ବନ୍ଦେ ପୁରୁଷୋତ୍ତମମ୍*

Published and Printed by Sankar Sensarma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).



Art, Craft and Photography Exhibition
Group of Contemporary Artists

Postal Regd. No. CK(C)-28/2018-2020 R.N.I.-33516/80 URJANA, DECEMBER -2018
(Regd. to post without pre-payment), Date of Publication : 01.12.2018